ଉକ୍ତୀଜାଗୀ କମେ ନିଲାମ ବ୍ୟତୀତ କୌଣସି-ରୂପେ ବେଦଖଲ ହୋଇ ପାରିବେ ନାହିଁ । ନୂତନ ଖଜଣା ଆଇନରେ ଏହି ପ୍ରସ୍ତାବ ହୋଇ ଅଛି ଏବଂ ଗବର୍ଣ୍ଣମେଣ୍ଟଙ୍କୁ ଉଚିତ ଯେ ଆପଣା ଜମିଦାରୀରେ ଅଗ୍ରେ ସେ ବିଧି ପ୍ରଚଳିତ କରିବେ ଏହି ଯୁକ୍ତି ଅନୁସାରେ ଯୋତସ୍ୱତ୍ୱମାନ ଖୋସ କ୍ରୟବିକ୍ରୟଦ୍ୱାରା ହସ୍ତାନ୍ତର ହୋଇ ପାରିବ । କୌଣସି ଯୋତ ବଣ୍ଟନ କରିବା ବିଷୟରେ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ମଞ୍ଜୁରି ଆବଶ୍ୟକ ହେବ ଅର୍ଥାତ୍ ଯେଉଁଠାରେ କୌଣସି ଯୋତକୁ ବାଣ୍ଟି ଦେବାର ହେଲେ ଏକ୨ ଅଂଶୀ ଭାଗରେ ଏତେ ଅଳ୍ପ ଜମି ପଡ଼ିବ କି ଯହିଁରେ ସାଧାରଣ ପ୍ରକାରର କୃଷିକାରର ପରିବାର ନିର୍ବାହ ହୋଇ ପାରିବ ନାହିଁ ସେସ୍ଥଳେ ବଣ୍ଟନ ବିଷୟରେ ଉସ୍ତାନ ଦିଆଯିବ ନାହିଁ । ପରନ୍ତୁ ଯଦ୍ୟପିକ ବଣ୍ଟନର ବିଧିପ୍ରତି ଗବର୍ଣ୍ଣମେଣ୍ଟ ହସ୍ତକ୍ଷେପଣ କଲେ ନାହିଁ ମାତ୍ର ବନ୍ଧକର ବିଧି ଏକାବେଳକେ ରହିତ ହେଲା କେହି ପ୍ରଜା ଆପଣା କୃଷିଭୂମି ବନ୍ଧକ ଦେଇ ପାରିବ ନାହିଁ ଏ ନିୟମ ନୂତନ ଖଜଣା ଆଇନର ବିଧି ଅନୁସାରେ ହୋଇଅଛି ।

ଯୋତସ୍ୱତ୍ୱବାନ୍ ପ୍ରଜାଙ୍କ ସମ୍ପର୍କରେ ଆଉ କେତେଗୁଡ଼ିଏ ନିୟମ ହୋଇଅଛି ସେ ସମସ୍ତ ଲେଖିବାର ପ୍ରୟୋଜନ ନାହିଁ କେବଳ ନୋକସାନୀ ବିଷୟରେ ଯାହା ହୋଇଅଛି ତାହା ଜାଣିବାର ଯୋଗ୍ୟ ଅଟଇ ଏବଂ ତାହା ଏହି ଯେ ନୋକସାନୀ ଦେବା କଥା କେବଳ ଅନୁଗ୍ରହ ଅଟଇ ସୁତରାଂ ଏଥିର କୌଣସି ନିରିଖ ବନ୍ଦୋବସ୍ତ କାଗଜରେ ଲେଖିବା ଉଚିତ ନୁହଇ । ଓଡ଼ିଶାରେ ଏହା ଦେବା ଆବଶ୍ୟକ ବୋଲି ନିଶ୍ଚିତ ହୋଇଅଛି । ସୁତରାଂ ପଟ୍ଟାରେ ଏତିକି ଲେଖିଦେଲେ ଯଥେଷ୍ଟ ହେବ ଯେ ଆବଶ୍ୟକ ଦେଖାଗଲେ ବୋର୍ଡଙ୍କ ନିୟମାନୁସାରେ ଫସଲ ନୋକସାନୀ ହେତୁ ଖଜଣା ଛାଡ଼ ଦିଆଯାଇ ପାରିବ ।

କେଉଁ ଶ୍ରେଣୀର ପ୍ରଜାମାନେ ଯୋତ ସ୍ୱତ୍ୱ ପାଇବେ ତହିଁରେ ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି କି ଯେ କୌଣସି ପ୍ରଜା ଚାଷ କରିବା ମାନସରେ ଭୂମିରେ ବସତି କରିବ ସେ ଯେତେ କାଳ ଖଜଣା ଦେଉଥିବ ତେତେ କାଳ ଯୋତସ୍ୱତ୍ୱବାନ୍ ପ୍ରଜା ସ୍ୱରୂପ ସମସ୍ତ ପ୍ରକାରରେ ରକ୍ଷା ପାଇବାର ଯୋଗ୍ୟ ହେବ । କାଲପଟ୍ଟା ତୋଲା ଓ ତୋଲାପାହି ପ୍ରଜାମାନେ ଏ ସ୍ୱତ୍ୱ ପାଇବେ । ଲାଖରାଜଦାରର ରୟତ ଏବଂ ଟେକି-ଦାରଙ୍କ ବିଷୟରେ କିଛି ବିଧି ହୋଇ ନାହିଁ । ଜାଗିରଦାରର ରୟତ କାଲପଟ୍ଟାର ସିକମୀ ରୟତ ଏବଂ ଚଳନ୍ତି ରୟତଙ୍କୁ ଯୋତ ସ୍ୱତ୍ୱ ଦିଆ ଯିବ ନାହିଁ ଏମାନେ ଇଚ୍ଛାଧୀନ ପ୍ରଜା ।

ସକଳ ପ୍ରଜାଙ୍କଠାରୁ ଚାରିକିସ୍ତରେ ଖଜଣା ନିଆ ଯିବ ସେ କିସ୍ତମାନ ଡିସେମ୍ବରଠାରୁ ମାର୍ଚ୍ଚି ମଧ୍ୟରେ ପଡ଼ୁଅଛି ଏହିପରି ସରବରାକାରଙ୍କ ପ୍ରତି ଚାରିକିସ୍ତ ଫେବୃଅରୀଠାରୁ ମେ ମାସ ମଧ୍ୟରେ ଧାର୍ଯ୍ୟ ହୋଇଅଛି ।

କ୍ରମଶଃ

---

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କମିଶନର ସାହେବ ଏ ସପ୍ତାହରେ ପୁସଗ-ସ୍ତୁଙ୍କୁ ଫେରିଆସିବାର ଥିଲା । ମାତ୍ର ବର୍ତ୍ତମାନ ଶୁଣା ଯାଏ ଯେ ସେ ଆଗାମୀ ସପ୍ତାହରେ ଆସିବେ । ସମ୍ପ୍ରତି ଖୋରଧା ଅଞ୍ଚଳରେ ଅଛନ୍ତି ।

ଏଠାରେ ଗୋଟିଏ ଶୋକାବହ ଘଟନା ଘଟିଅଛି । ଗତ ମାସ ତା ୨୭ ରିଖରେ ବାବୁ ଶ୍ରୀନାଥଚନ୍ଦ୍ର ଡେପୋଟୀ କଲେକ୍ଟରଙ୍କର ଚାରିବର୍ଷ ବୟସ୍କ ପୁତ୍ର ଅନ୍ୟ ଏକ ଦଶବର୍ଷ ବୟସ୍କ ପିଲା ସଙ୍ଗେ କାଠଯୋଡ଼ୀ ନଦୀକୂଳକୁ ଚାଲି ଗଲା । ବାବୁଙ୍କ ବସା ନଦୀକୂଳରେ ଅଟଇ । ତାଙ୍କ ପୁତ୍ର ଅନ୍ୟ ପିଲାକୁ ମାରିବାରୁ ସେ ତାକୁ ପଥରବନ୍ଧ ଉପରୁ ପେଲି ଦେଲା ଯେ ବାବୁଙ୍କ ପୁତ୍ର ନଦୀରେ ପଡ଼ି ପଞ୍ଚତ୍ୱ ପାଇଲା । ସେଠାରେ ଆଉ ଦଶୋଟି ପାଞ୍ଚ ସାତବର୍ଷର ପିଲାଙ୍କ ଭିନ୍ନ ଅନ୍ୟ କେହି ନ ଥିଲେ । ସେମାନେ ସମସ୍ତେ ପଳାଇ ଯାଇ ଏ ଦୁର୍ଘଟନାକୁ ଗୋପନ ରଖିଲେ । ବାବୁ ଅନେକ ଅନୁସନ୍ଧାନରେ ଏହା ଅବଗତ ହୋଇ ପୁଲିସରେ ନରହତ୍ୟା ଦାବୀରେ ଇଜାହାର କଲେ ଓ ପୁଲିସ ତଦନ୍ତ କରି ସେ ପିଲାକୁ ଚାଲାଣ କଲେ । ଜଏଣ୍ଟମେଜିଷ୍ଟ୍ରର ସାହେବ ପିଲା ମୂଦାଲକୁ ଟ ୫୦ ଙ୍କାର ଜାମିନରେ ରଖି ମୋକଦମାର ତଦ୍ବିର କରୁଅଛନ୍ତି । ତାଙ୍କଠାରେ ପିଲା ମୂଦାଲ ଓ ଗୋଟିଏ ପିଲା ସାକ୍ଷୀ ଏ ସବୁ ସ୍ୱୀକାର କରିଅଛନ୍ତି ।

ଅସ୍ମମାନଙ୍କର କଲେକ୍ଟର ପଣି ସାହେବଙ୍କର ଗୋଟିଏ ଅତି ଦୟାର ଦୃଷ୍ଟାନ୍ତ ଶୁଣିଲୁ । ମାହାଙ୍ଗା ତହସିଲର କାନୁନଗୋ ସିରସ୍ତା ତଦନ୍ତରେ ପ୍ରକାଶ ହେଲା ଯେ ସେ ଅନେକ କର୍ମ ବାକି ରଖିଅଛି ଓ ଅନେକ କର୍ମ ଅଶୃଙ୍ଖଳାରେ କରିଅଛି ଏହା ଭିନ୍ନ ତହବିଲରୁ ଟ ୩୨୧ ଙ୍କା ଅତ୍ମସାତ କରିଅଛି । କାନୁନଗୋ ଟଙ୍କା ଦାଖଲ କରି ଦେବାରୁ ସାହେବ ସେ କେବଳ ଫୌଜଦାରୀ ଦଣ୍ଡରୁ ତାକୁ ମୁକ୍ତ ଦେଲେ ଏମନ୍ତ ନୁହେ ତାକୁ କର୍ମରେ ମଧ୍ୟ ରଖିଲେ । ଏଥିରୁ ସାହେବଙ୍କର ଦୟା ଓ ଉଦାରଭାବ ପ୍ରକାଶ ପାଏ ମାତ୍ର ଏପରି ଅତି ଦୟାରେ ଦୁଷ୍ଟ ଓ ମନ୍ଦ କର୍ମଚାରୀମାନେ ଉତ୍ସାହିତ ହୁଅନ୍ତି ।

ଅମ୍ଭେମାନେ ଶୁଣିଲୁଁ ଜଣେ ଗୌରବର୍ଣ୍ଣ ହାକମ ଗୋଟିଏ ମୋକଦ୍ଦମାରେ ପ୍ରତିବାଦୀ ସପକ୍ଷରେ କେତେକ ଯୁକ୍ତି କରିବାରୁ ବାଦୀର ଉକିଲ ଶେଷକୁ କାଟି ଦେଲେ । ତହୁଁ ହାକମ କହିଲେ ପ୍ରତିବାଦୀ ଅମ୍ଭ କୋଠିକୁ ଯାଇଥିଲା । ଏପରି ଯୁକ୍ତିକୁ ଅଛି କି ଉକ୍ତି ! ବାଦୀର ଉକିଲ ମୋକଦମା ଉଠାଇ ନେଇ ଅନ୍ୟ ଅଦାଲତରେ ପ୍ରତିକାର ଲୋଡ଼ିଲେ । ଯଦି ବାଦୀ ମଧ୍ୟ କୋଠିକୁ ଯାଇ ଥାନ୍ତା ତେବେ ହାକମ କଣ କରିଥାନ୍ତେ ବୋଧ ହୁଏ ଯେ ଆଗେ ଯାଇଥାନ୍ତା ତାହାର ପକ୍ଷ ଧରିଥାନ୍ତେ ।

୨ । ଯେଉଁ ସ୍ଥାନରେ ସର୍ପର ଅତ୍ୟନ୍ତ ପ୍ରାଦୁର୍ଭାବ, ସେଠାରେ ପ୍ରତ୍ୟହ ସନ୍ଧ୍ୟାସମୟରେ ନିୟମିତରୂପେ ନିମ୍ନଲିଖିତ, ଶାସ୍ତ୍ରୋକ୍ତ ଧୂପ ବ୍ୟବହାର କଲେ ନିଶ୍ଚୟ ସର୍ପ ଭୟରୁ ମୁକ୍ତିଲାଭ କରାଯାଇ ପାରେ । କେତେକ ବର୍ଷ ହେଲା ପରୀକ୍ଷାଦ୍ୱାରା ବିଶେଷରୂପେ ଜଣାଯାଇ ଅଛି ଯେ ଏହାଦ୍ୱାରା ଦୁଇଟି ବିଷୟ ସାଧିତ ହୁଏ । ପ୍ରଥମତଃ ସନ୍ଧ୍ୟାକାଳରୁ ଧୂପ ପ୍ରଦାନ କଲେ ସେହି ସମସ୍ତ ବନୌଷଧିର ଗନ୍ଧ ସମସ୍ତ ରାତ୍ରୀ ଗୃହ ମଧ୍ୟରେ ରହି ଯାଏ । ଏବଂ ସେଥିର ତୀକ୍ଷ୍ଣ ଗନ୍ଧ ସର୍ପ ଜାତିପକ୍ଷରେ ବିଷବତ୍ ହୁଏ ସେମାନେ ଅନତିବିଳମ୍ବେ ଗୃହ ପରିତ୍ୟାଗ କରି ପଳାୟନ କରନ୍ତି । ୨ୟତଃ ସେହି ଧୂପଦ୍ୱାରା ନିକଟସ୍ଥ ବାୟୁ ସର୍ବଦା ବିଶୁଦ୍ଧ ଥିବାରୁ ସ୍ୱାସ୍ଥ୍ୟରକ୍ଷା ପକ୍ଷରେ ବିଶେଷ ଉପଯୋଗୀ ହୁଏ ।

ଧୂପ ।

ଲକ୍ଷା, ଭଲସ୍ୱା, ଗୁଗ୍ଗୁଲ, ରକ୍ତଚନ୍ଦନ, ଶ୍ୱେତଅପରାଜିତା ଅର୍ଜ୍ଜୁନ ବୃକ୍ଷର ଫୁଲ ଓ ଫଳ, ବିଡଙ୍ଗ ଏବଂ ଶ୍ୱେତ ଝୁଣା ଏହି ସମସ୍ତଦ୍ରବ୍ୟ ସମ ଭାଗେ ଚୂର୍ଣ୍ଣକରି ଏକତ୍ର ମିଶ୍ରିତକରି ରାଖିବା ହେବ । ପାଠକମାନେ ପରୀକ୍ଷାକରି ଦେଖିବେ ଯେ, ଡାକ୍ତର ଯଦୁନାଥ ମୁଖୋପାଧ୍ୟାୟଙ୍କ ସ୍ୱାସ୍ଥ୍ୟରକ୍ଷା ନାମକ ପୁସ୍ତକର ଉପଦେଶାନୁଯାୟୀ କାର୍ବଲିକ ଏସିଡ ମିଶାଇବାଠାରୁ ଏହା କୌଣସି ଅଂଶରେ ନ୍ୟୂନ ନୁହେ । ଏବଂ ଏହା ବୋଲିବା ବାହୁଲ୍ୟ ଯେ, ମୂଷିକ ଓ ସର୍ବପ୍ରକାର କୀଟମାନଙ୍କପକ୍ଷରେ ମଧ୍ୟ ତାହା ଗୋଟିଏ ସାଂଘାତିକ ବିଷ ଅଟଇ ।

ପାଇକପଡ଼ାର କୁମାର କାନ୍ତିଚନ୍ଦ୍ର ସିଂହ ବାହାଦୁର କଲିକତାର ବିଜ୍ଞାନସଭାକୁ ଗୋଟିଏ ବୃହତ୍ ଦୂରବୀକ୍ଷଣ ଯନ୍ତ୍ର ଦାନ କରିଅଛନ୍ତି । ଜ୍ୟୋତିଷଶାସ୍ତ୍ର ଆଲୋଚନା ନିମିତ୍ତ ଏହା ଅତ୍ୟନ୍ତ ପ୍ରୟୋଜନୀୟ ଅଟଇ । ଏଥିର ମୂଲ୍ୟ ଟ ୭୦୦୦ ଙ୍କା । କୁମାରଙ୍କର ବିଜ୍ଞାନପ୍ରତି ଏପ୍ରକାର ଉତ୍ସାହ ଦେବା ବଡ଼ ପ୍ରଶଂସନୀୟ ଅଟଇ ।

ଦରଭଙ୍ଗାର ମହାରାଜା ଆପଣା ରହିବା ନିମିତ୍ତ ଗୋଟିଏ ବହୁବ୍ୟୟସାଧ୍ୟ ଅତ୍ୟନ୍ତ ସୁନ୍ଦର ଅଟ୍ଟାଳିକା ନିର୍ମାଣ କରିବାକୁ ଆରମ୍ଭ କରିଅଛନ୍ତି । ସମ୍ପ୍ରତି ଲେଫ୍ଟନାଣ୍ଟଗବର୍ଣ୍ଣର ମାନ୍ୟବର ଇଡେନସାହେବ ତାହାଙ୍କ ରାଜ୍ୟକୁ ଭ୍ରମଣ ନିମନ୍ତେ ଯାଇ ଥିଲେ ମହାରାଜାଙ୍କ ପ୍ରାର୍ଥନାମତେ ଉକ୍ତ ଗୃହର ଭିତ୍ତି ଦେଇ ଆସି ଅଛନ୍ତି । ଏହି ଉତ୍ସବ ଉପଲକ୍ଷରେ ଲୋକ ସମାରୋହ ହୋଇ ଥିଲା ଏବଂ ମହାରାଜାଙ୍କର ଯଥୋଚିତ ପ୍ରଶଂସାବାଦ ମାନ୍ୟବର ଇଡେନସାହେବ କରି ଥିଲେ ଓ ମହାରାଜା ମଧ୍ୟ ତହିଁର ସଦୁତ୍ତର ଦାନଦ୍ୱାରା ଆପଣା ବିଚକ୍ଷଣତା ଦେଖାଇଲେ । ଦରଭଙ୍ଗାର ମହାରାଜା ଶୀଘ୍ର ଜଣେ ବିଖ୍ୟାତ ଲୋକ ହେବାର ସମସ୍ତ ଲକ୍ଷଣ ଦେଖାଯାଏ ।

ଆଫଗାନ ଯୁଦ୍ଧକୁ ଯାଇଥିବା ଦେଶୀୟ ସେନାମାନଙ୍କୁ ମା ୭ ସର ଭତ୍ତା ଦିଆ ଯିବାର ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି । ଅଶ୍ୱାରୋହିମାନଙ୍କ କ୍ଷତିପୂରଣ ସ୍ୱରୂପ କେତେଲେଖାଏ ଟଙ୍କା ମିଳିବ ।

ଜୟପୁରର ମହାରାଜା ଆପଣା ଜ୍ୟେଷ୍ଠ ରାଣୀଙ୍କର ଗତ ବାର୍ଷିକ ଶ୍ରାଦ୍ଧରେ ୧୫୦୦୦ ବ୍ରାହ୍ମଣ ଭୋଜନ କରାଇ ଥିଲେ । ଏଠା ରାଜାମାନେ ଆପଣା ରାଣୀଙ୍କର ବାର୍ଷିକ ଶ୍ରାଦ୍ଧ ଏପରି କରନ୍ତି କି ?

ଆଗାମୀ ଅକ୍ଟୋବରମାସ ତା ୨୭ ରିଖରେ ଅସ୍ମମାନଙ୍କ ଲାଟସାହେବଙ୍କ ସହଧର୍ମିଣୀ ବିଲାତକୁ ଯାତ୍ରା କରିବେ ।

ବନାରସ ସହରରେ ଗ୍ୟାସ ଆଲୋକ ଦିଆ ଯିବାର ବନ୍ଦୋବସ୍ତ ହେଉଅଛି ଏଥି ପୂର୍ବେ ଉକ୍ତ ନଗରର ସଡ଼କ-

Split by PDF Splitter
Digitized by srujanika@gmail.com

ଆଜ୍ଞାରେ କେବଳ ବୃଥାରେ [illegible] ଷ୍ଟେସନାଲ ହୋଇଅଛି ।

ପୁରୀ ମ୍ୟୁନିସିପାଲ୍ଟି ଆଫିସରେ ସହରର ଶାନ୍ତିପାଇଁ ଏକ ନକ୍ସା [illegible] ଯେଉଁ ଘର ପ୍ରସ୍ତୁତ ହୋଇଅଛି ତହିଁର ଅବର ସେଠାରେ କ୍ରମଶଃ ବଢ଼ିବାର ଦେଖା ଯାଏ ମୋଫସଲର ଲୋକମାନେ ଟଙ୍କାରୁ ଏକଥାଡ଼େ ଲେଖାଏ କଣି ନେଇ ଯାଉ ଅଛନ୍ତି ।

ସନ ୧୮୬୮ ସାଲରେ ୧୩୫୭ ପାଲଟାହାଜ ଏବଂ ୧୩୦ ଟଁଅଲଜାହାଜ ସଇଜଖୁଲ ଓ ୧୮୬୯ ସାଲରେ ୧୫୬୩ ପାଲଜାହାଜ ଏବଂ ୪୭୮ ଟଁଅଲ ଜାହାଜ [illegible] ପଡ଼ଇ ଏଥିମଧ୍ୟରୁ ୫୬ ପାଲଜାହାଜ ଏବଂ ୧୮ ଟଁଅଲ ଜାହାଜ କେଉଁ ଅଛେ ବାସ୍ତ୍ୱ ସତ୍ତ ସେ ଅଦ୍ମାରିଙ୍କ ଉକ୍ତ ପାସ୍ତ୍ରଗମ ନାହିଁ ଗତ ବର୍ଷରେ ଅଧିକ ଜାହାଜ ନଷ୍ଟ ହେବାର କାରଣ କଅ ?

ନଗର ଜମିଦାରମାନେ ସଡ଼କର ବର୍ଷ [illegible] ଦେଉଛି ବୋଲାଉଥିଲେ । ସେଠା ବଜାରର ଗୋଟି ଉଠାଇ ନେବା ତହିଁ ପଦବର୍ତ୍ତରେ ଜମା ଅର୍ଥ କଦାର ପ୍ରଜାମାନେ ଗୋଡମାଳ ଥରସ୍ତ ହଉଅଛନ୍ତି । କୋଠି ବଢ଼ିବା ଅପେକ୍ଷା କଉଚବେକା କ ଏତେ ଷ୍ଟ୍ରୀ ଉଜ ? ଏଥିରୁ ବୋଧ ହୁଅଇ ଉକ୍ତ ସ୍ତିକ୍ ଅବଧି ଜଗାନ୍ତ କନ୍ଷ୍ଟ୍ରକ୍ଷନ୍ ଉଚିତ ।

ବମ୍ବେଇରେ ଯେଉଁ ପ୍ରଦର୍ଶନୀ ଗଲା ୬୧୮୦୦୦ଙ୍କା ଲେଖା ହୋଇଅଛି ତହିଁ ମଧ୍ୟରେ [illegible] ଏବଂ ଗର୍ଭଣ୍ଟଶରର ଠାବୁର ୧୧୦୦୦୦ଙ୍କା ଲେଖାଏ ହୋଇଅଛନ୍ତି ।

ରୁଶିଆ ଏବଂ ଚୀନ ମଧ୍ୟରେ ଯୁଦ୍ଧ ହେବାର ସମସ୍ତ ଲକ୍ଷଣ ଦେଖାଯାଏ ଏବଂ ଚୀନର ଲଙ୍କଦ୍ୱିପକୁ ଯୁଦ୍ଧଯୋଗ୍ୟ ସଥାବତ୍ରୁ ସମ୍ପାଦନ କରୁଅଛନ୍ତି । ଯୁଦ୍ଧ ଯେବେ ଘଟିବାଉ ହୁଅଇ ତେବେ ଘଲ ।

ବର୍ତ୍ତମାନ ବ୍ରହ୍ମରେ ଭାରତବର୍ଷର ସ୍ୱତନ୍ତ୍ର ବୃଦ୍ଧି ହେବାର ସମ୍ବାଦ ଅସୁଅଛି କେବଳ ପଞ୍ଜାବ [illegible] ତହିଁର ବଢ଼ାଇ ଦେଖାଏ ସେଠାରେ ବୃଷ୍ଟି [illegible] ହେବାରୁ କଥା ପଡ଼ଇ ବଅନ୍ନ ଅଧିକ ହେବାର ଆଶା ନାହିଁ ।

ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ଗ୍ରାହ୍ୟ ତାତଗଳର ଯନ୍ତ୍ରଣାରେ ପୀଡ଼ିତ ହୋଇଅଛନ୍ତି । ସେଇ ଏକ ପ୍ରକାର ଜ୍ୱର ବଦ୍ଧ ଜ୍ୱର ଅଛୁ ଏଥିପାଇଁ ସମସ୍ତ ପଣ୍ଡିତ ଅଛନ୍ତି ।

ବଙ୍ଗଳରେ ଏଥର ଉତ୍ତମ ବୃଷ୍ଟି ହେବାରୁ ସସ୍ୟ ଫସଲ ଭଲ ହୋଇନାହିଁ । ଅନେକ ସ୍ଥାନରୁ ପ୍ରାପ୍ତ ସମ୍ବାଦ ଲକ୍ଷ୍ୟରେ କଥା ଅଛି ଯେବେ ଭାଦ୍ରବର୍ଷ [illegible] ଏ ସମୟରେ ପିକ ହେବେ ଭଲ ହେବ । ଏଠାରେ ଏତେ ସୁଭିକ୍ଷ ଏଥର ଶସ୍ତା ଅଛି ।

ମାନ୍ୟବର ଲେଫ୍ଟନାଣ୍ଟଗବର୍ଣ୍ଣର ପଚ୍ଛିମ ଯାତ୍ରାରେ ଅଛ ଫଂଗଣ୍ୟର ସବର୍ଦ୍ଦନ କରିବାରୁ ଆସିଥିଲେ ସେଠାର ଅବସ୍ଥା ଦେଖି ଏମନ୍ତ ସନ୍ତୋଷ ହେଲେ ଯେ ସେଠା ହେଡମାଷ୍ଟର ବାବୁ [illegible] ଙ୍କୁ ଗୋଟିଏ ସୁନାର ଘଣ୍ଟା ପାରିତୋଷିକ ଦେବାପାଇଁ ମଞ୍ଜୁର କଲେ ।

ପାଟଣାର ଉଣ୍ଟ୍ରିସ ସ୍କୁଲ ଅର୍ଥାତ୍ ଶିଳ୍ପକାର୍ଯ୍ୟ ଶିକ୍ଷା ବିଦ୍ୟାଳୟରେ ବୃତ୍ତି ସ୍ଥାପନ ନିମନ୍ତେ ମହାରାଜ ସୁପ୍ରଫେସନରଙ୍କ ବାର୍ଷିକ ୬୦୦ଙ୍କା ଦାନ କରିବା ନିମନ୍ତେ ଅଙ୍ଗୀକାର କରି ଅଛନ୍ତି ।

ଗୁଅଲିଅରର ମହାରାଜା ଶ୍ରୀଯୁତ ମଥୁରା ଓ ବୃନ୍ଦାବନ ତୀର୍ଥ କରିବାକୁ ଅସିଥିଲେ ସେ ସେମାନଙ୍କ ଦେବାଳୟ ଓ ଦକ୍ଷିଣାରେ ୬୨୦୦୦୦ଙ୍କା ବ୍ୟୟ କରି ଅଛନ୍ତି । ମଥୁରାର କ୍ଷେତ୍ରନେମାନଙ୍କର ପଞ୍ଚମ ଦକ୍ଷିଣା ପଡ଼ିଥିଲା ।

ଉତ୍କଳ ।

ଜଣେ ବୃଦ୍ଧା ବଳ୍ପରେ ଥାଏ ପିଡ଼ା ଅବତୀର୍ଣ୍ଣ ହୁଏ । [illegible] ତହିଁର ଅର୍ଥ ପଶ୍ଚିମରେ ସେ ଜନ୍ମରେ ପିଡ଼ା ଦୁଇପ୍ରକାର ଅର୍ଥାତ୍ ସଂକ୍ରମିକ ଓ ଦୈଶିକ । ଯେଉଁ ପିଡ଼ା ଅନୁକ ଏକ ବ୍ୟକ୍ତି ସ୍ପର୍ଶ କରଯାଏ ଓ ତାହାର ସ୍ପର୍ଶରୁ ଅନ୍ୟ ଉପାସ୍ୟ କରନ୍ତେ ନ ପାରନ୍ତି ସେ ପିଡ଼ା ସଂକ୍ରମିକ ଓ ଯେଉଁ ପିଡ଼ା ଅଧିକ [illegible] ଓ ତାହାର ପୁତ୍ରମାନଙ୍କ ଉପାସ୍ୟ [illegible] ପିଡ଼ା ଦୈଶିକ । [illegible] ପିଡ଼ା [illegible] ଓ [illegible] ସେ [illegible] [illegible] ଓ [illegible] ଉତ୍ତମ [illegible] [illegible] ପିଡ଼ା [illegible] [illegible] ଦୁଇ [illegible] [illegible]

ପତ୍ର ପ୍ରେରିତ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ସାଧାରଣଙ୍କୁ ଅବଗତ ନାହିଁ ସେ ବାଲେଶ୍ୱର ଜିଲ୍ଲା ମଧ୍ୟରେ ଅଙ୍କୁଡ଼ା ପ୍ରଗଣା ଭୁକ୍ତ ନାମକ ଏକ ପ୍ରଧାନ ତାଲୁକ ଅଛି । ତାହାର ଜମିଦାର ଶ୍ରୀଯୁକ୍ତ ବାବୁ ଯୋଗେନ୍ଦ୍ରନାଥ ମଲ୍ଲିକ ଓଗେର । ମଲ୍ଲିକ ବାବୁମାନଙ୍କର ପଇତ ଏ ଜମିଦାରୀ ଋଣଗ୍ରସ୍ତ ହେବ ଜାଣିଲ, ଇଜାର ସେମାନଙ୍କର କେହି ଏଠାକୁ ଦେଖି ନ ଥିଲ ଯାହା କରିଛନ୍ତି କାରପରଦାଜ ନାଏବମାନେ ସେମାନଙ୍କ କାର୍ଯ୍ୟ କରି ଚାଲିଯାଉଥିଲେ । ବୃଦ୍ଧମାନଙ୍କ ନାଏବଙ୍କ ସମୟରେ ଗୁରୁବକାର ଟଙ୍କା ଦେଖି ଦିହାରୁ ଶ୍ରୀଯୁକ୍ତ ବାବୁ ନରେନ୍ଦ୍ରନାଥ ମଲ୍ଲିକ ଏଠାରୁ ଅଧିକ ଭ୍ରମ ନିବାସୀ ଶ୍ରୀଯୁକ୍ତ ବାବୁ ମଥୁରାମୋହନ ପାଢ଼ୀ ଓ ଶ୍ରୀଯୁକ୍ତ ବାବୁ ବ୍ରଜଭୂଷଣ ପାଢ଼ୀଙ୍କୁ (ଖଜଣାଦାର୍ ଟଙ୍କା ସେମାନଙ୍କଠାରୁ କରଜ ନେଇ) ଉକ୍ତ ତାଲୁକକୁ ୧୫ ବର୍ଷ ସକାଶେ ଇଜାରା ଦେଇ ଯାଇଅଛନ୍ତି । ଏତେ ଦିନେ ଅଙ୍କୁଡ଼ାର ଦଶା ଫେରିଲା; ସବୁ ପ୍ରଜାଙ୍କ ଦୁଃଖ କେହି ବୁଝି ନ ଥିଲେ । ତାହାର ଜମି କେଏ ଦଖଲ କରିବ ଅବାଦ କରିଲେ ତାହାର ପାଉନା କେଏ ଦେବ ନ ଥିଲେ କେଏ କାହା ସଙ୍ଗରେ ଠିକଣାର କର ମାଡ଼ ଖାଇ କାରପରଦାଜଙ୍କୁ ବହୁ ଦକ୍ଷିଣା ଦେଇ ଖଲାସ ଇତ୍ୟାଦ । ଅଲ୍ଲଜୁ ୮୦ ଦଳ ଦେଖ ଶ୍ରୀଯୁକ୍ତ ବାବୁ ବ୍ରଜଭୂଷଣ ପାଢ଼ୀ ମହାଶୟ ଦଖଲନାମା ଜାରି ଓ ମଫସଲ କାଗଜପତ୍ର ଲେଖା ସକାଶେ ଉପସ୍ଥିତ ଅଛନ୍ତି । ସେ ସକାଳ ସ ୮ ଘଣ୍ଟାଠାରୁ ଦ୍ୱିପ୍ରହର ଏକଘଣ୍ଟା ପର୍ଯ୍ୟନ୍ତ ଓ ସନ୍ଧ୍ୟାଠାରୁ ରାତ୍ରି ଦୁଇପ୍ରହର ପର୍ଯ୍ୟନ୍ତ ପ୍ରଜାମାନଙ୍କର ନାନାପ୍ରକାର ଫଇସଲ ଶୁଣି ଉଚିତ ବିଚାର ପୂର୍ବକ ମାମଲା ଫଇସଲ କରୁଅଛନ୍ତି । ପ୍ରତିଦିନ ପ୍ରାୟ ୩୪ ଶହ ଲୋକ କଚେରୀରେ ବିଚାର ସକାଶେ ଉପସ୍ଥିତ ହେଉଅଛନ୍ତି । ଏପରି ଅପକ୍ଷପାତ ବିଚାର ଜମିଦାରୀ କଚେରୀରେ ଦେଖା ନାହିଁ । ପ୍ରଜାମାନଙ୍କର କିଛି କଷ୍ଟ ନାହିଁ । ନିରୂପିତ ଦିନ ଓ ସମୟରେ ନିଷ୍ପତ୍ତି ମାମଲା ଫଇସଲ କରୁଅଛନ୍ତି । ସମସ୍ତ ପ୍ରଜାମାନେ ସନ୍ତୁଷ୍ଟ ଥିଲେ ଇତି ।

୧୮।୮।୮୦ କସ୍ୟ ଚିତ୍ପିଶାଚସ୍ୟ

ମୁକାମ ଅଙ୍କୁଡ଼ା ଶ୍ରୀ———

ବିଜ୍ଞାପନ ।

( ବଦ୍ଧିଷ୍ଣୁବର୍ଗ ପ୍ରେସ କୋ )

ଅମ୍ଭେମାନେ ଉପସ୍ଥିତ କମ୍ପାନୀର ଗୋଟିଏ ବ୍ରାଞ୍ଚ୍ କାରବାର ଆରମ୍ଭ କରି ସର୍ବସାଧାରଣଙ୍କୁ ଜଣାଉ ଅଛୁ ଯେ ଉକ୍ତ ଦୋକାନରେ ନାନାବିଧ ଦ୍ରବ୍ୟାଦି ସୁଲଭ ମୂଲ୍ୟରେ ବିକ୍ରୀ ହେବ । ଉଦ୍ଦେଶ୍ୟମାନେ ସମସ୍ତ ସମୟରେ ବଜାରର ପ୍ରଭାବ ଛାପ କରାଇ ଯାଇ ନାନାପ୍ରକାରରେ ପ୍ରଚାରଣ ଦେଇ ସେହିମାନଙ୍କ ମୂଲ୍ୟଧାର୍ଯ୍ୟ ଅମ୍ଭେମାନେ ଉକ୍ତ କାର୍ଯ୍ୟରେ ପ୍ରବୃତ୍ତ ହୋଇ ଜଣାଉଅଛୁଁ ଯେ ଅମ୍ଭମାନଙ୍କ ସଙ୍ଗରେ ଥରେ କାରବାର କରି ଦେଖନ୍ତୁ ପ୍ରବଳ ମୂଲ୍ୟ ଜାଣିବାକୁ ଇଚ୍ଛା କଲେ ପତ୍ରଦ୍ୱାରା ବିଷୟ ପ୍ରଶ୍ନ ଲକ୍ଷ୍ୟସ୍ଥିତ ସ୍ଥାନରେ ଉପସ୍ଥିତ ହେଲେ ଜାଣିପାରିବେ । ଇତି ।

| | |
|---|---|
| କଟକ ଚାନ୍ଦିଚୌକ ବଜାର । ୨।୯।୮୦ | ଶ୍ରୀ ଯୋଗେନ୍ଦ୍ରନାରାୟଣ ବନ୍ଦ୍ୟୋ ମେନେଜର |

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲି ବିବେଚିତ । କଲିକତାର ପ୍ରଧାନ ପ୍ରଧାନ ଡାକ୍ତରଖାନା ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା କୋମ୍ପାନିବାଗ୍ ଗାର୍ଡ଼େନର ସୁପରିଣ୍ଟେଣ୍ଡେଣ୍ଟଙ୍କ ଠାରେ ନିମ୍ନଲିଖିତ ଦରରେ ମିଳ ପାରେ ଯଥା;—

ତାଙ୍କଠାରୁ ସ୍ୱତନ୍ତ୍ର ୪ ଅଉନ୍ସକୁ ୬୧୬ଙ୍କା । ୮ଅଉନ୍ସର ୬୧୧ଙ୍କା । ୧୬ ଅଉନ୍ସକୁ ୨୦୮ । ମୂଲ୍ୟ ନଗଦ ।

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ବ୍ରଜବନ୍ଧୁ ଘୋଷ କଟକ ବଜାର | ୬୩୧ |
| ଚୌଧୁରୀ ବାସୁଦେବ ଦାସ " " | ୬୩୧ |
| ବାବୁ ବଳଦେବ ମିଶ୍ର " " | ୬୩୧ |
| ମୁନସି ସେଖ କାଦର " " | ୬୬୧ |
| ବାବୁ ଜଗବନ୍ଧୁ ପଟ୍ଟନାୟକ ଅନୁଗୁଳ ଅଞ୍ଚିନ | ୬୩୧ |
| ଶ୍ରୀ ସତ୍ୟ କଷ୍ଟେ ବାଲଦେବର କମ୍ପାନୀ | ୬୬୮/ |
| ଶ୍ରୀ ସତ୍ୟ କଷ୍ଟେ ବାନପା " | ୬୬୮/ |
| ବାବୁ ବାଉକାନାଥ ଦେ ବାଲେଶ୍ୱର ଅଞ୍ଚିନ | ୬୬୮/ |
| " ସୁଦର୍ଶନ ଦାସ କଟକ ବଜାର | ୬୬୧ |
| " ଦମଡ଼ବାହାଦୁର ସିଂହ ସୁତ କମ୍ପାନୀ | ୬୬୧ |
| ମୌଲବୀ ମହମ୍ମଦ ହୋସେନ କଟକ ବଜାର | ୬୬୧ |
| ବାବୁ ଶ୍ୟାମସୁନ୍ଦର ଦାସ କଟକ " | ୬୬୧ |

ଏହି ଉତ୍କଳଦୀପିକା ସହର କଟକ ଦରଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ | ସଂ ୩୭ ଖ୍ୟା

ତା ୧୧ ରଖ ମାହେ ସିପ୍ଟମ୍ବର ସନ ୧୮୮୦ ମସିହା । ମୁ । ଭାଦ୍ରବ ତା ୨୯ ଜ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୪୵

ଲାଇସେନ୍ସ ଟାକ୍ସଦ୍ୱାରା କି ପ୍ରକାର ଅତ୍ୟାଚାର ହେଉଅଛି ତହିଁର ଗୋଟିଏ ଉଦାହରଣ ଉତ୍କଳଦର୍ପଣରୁ ଉଦ୍ଧୃତ କଲୁଁ । ବାଲେଶ୍ୱର ମୋତିଗଞ୍ଜ ବଜାରର ତଳମହାନ୍ତି ନାମକ ଜଣେ କାପୁଡିଆ ଉପରେ ଟ ୫୦ ଙ୍କା ଟାକ୍ସ ବସିଲା । ସେ ଅକ୍ଷମ ଥିବାରୁ ଅପୀଲ କଲା ମାତ୍ର କେହି ଶୁଣିଲେ ନାହିଁ । ତହୁଁ ସେ ଅନାଶ୍ରୟ ହୋଇ ଅପଣା ଘରର ଦଶ ପନ୍ଦର ଟଙ୍କାର ସାମଗ୍ରୀ ବିକି ବଜାର ଦେଣ ପରିଶୋଧ କରି ଘରଛାଡି ପଳାୟନ କଲା ! ସାକ୍ଷାତ ଟାକ୍ସର ବନ୍ଦୋବସ୍ତ ଅତ୍ୟନ୍ତ କଠିନ ଓ ତାହା କଦାଚ ଭାରତବର୍ଷ ପକ୍ଷରେ ଉପଯୋଗୀ ନୁହଇ ମାତ୍ର ଗବର୍ଣ୍ଣମେଣ୍ଟ ତାହା ନ ମାନି ଏମନ୍ତ କରମାନ ରଖିଅଛନ୍ତି ବଡ ଦୁଃଖର ବିଷୟ ଅଟଇ ।

---

ଏବର୍ଷ ଏ ନଗରର ସଡକ ଇତ୍ୟାଦି ମରାମତି କାର୍ଯ୍ୟ ଉତ୍ତମରୂପେ ହେଉଅଛି । ଏସନ୍ତ କି ଗଳି ରାସ୍ତାମାନ ସୁଦ୍ଧା ମରାମତିରୁ ବାଦ ଯାଉ ନାହିଁ । ଅନେକ କଙ୍କରରାସ୍ତାର ଅବସ୍ଥା ଏ ବର୍ଷ ସୁଧୁରି ଅଛି ଓ କେତେକ ପକ୍କାସଡକ ମରାମତ ହୋଇଅଛି ମାତ୍ର ଆହୁରି କେତେକ ପକ୍କାସଡକ ମରାମତ କରିବାକୁ ବାକି ଅଛି ଓ ଏକ ଏକ ସ୍ଥାନରେ ନୂତନ ପକ୍କାସଡକ ପ୍ରସ୍ତୁତ ହେବାର ଆବଶ୍ୟକ । ଅର୍ଥାଭାବରୁ ଏ ସବୁ ଏ ବର୍ଷ ହୋଇପାରିଲା ନାହିଁ । ଜଏଣ୍ଟମେଜଷ୍ଟ୍ରେଟଙ୍କର ଏ ପକ୍ଷରେ ଯେପରି ସୁଦୃଷ୍ଟି ଅଛି ଭବିଷ୍ୟତରେ ସେ ସବୁ ହୋଇପାରେ । ନାଳଖୋଳା କର୍ମ ବିଶେଷରୂପେ ଲାଗି ଅଛି ଏ ହେତୁ ଏ ବର୍ଷ ଅଧିକ ବର୍ଷା ହେଲେହେଁ କାନ୍ଥ ଭାଙ୍ଗିବା ଓ ଗଡାଯିତରେ କଷ୍ଟ ପ୍ରାୟ ନାହିଁ । ଏହା ଜଏଣ୍ଟମେଜଷ୍ଟ୍ରେଟ ଶ୍ରୀଯୁକ୍ତ ଗଡ଼ଫ୍ରେ ସାହେବ ଓ ଓଭରସିୟର କ୍ଷେତ୍ରମୋହନ ବାବୁ ପ୍ରତି ପ୍ରଶଂସନୀୟ ଅଟଇ ।

---

ଶ୍ରୀଯୁକ୍ତ ଅଟବେ ସାହେବ କମନସ୍ ସଭାକୁ ଜଣାଇଅଛନ୍ତି କି ସେ ପାର୍ଲିମେଣ୍ଟରେ ତଳଲିଖିତ ପ୍ରସ୍ତାବ କରିବେ ଯଥା;—

ଭାରତବର୍ଷର ସମସ୍ତ ସରକାରୀ ଖର୍ଚ୍ଚା ଏବଂ ଭାରତବର୍ଷର ରାଜସ୍ୱରୁ ଇଂଲଣ୍ଡରେ ଯେଉଁ ଖର୍ଚ୍ଚା ଦିଆ ଯାଉଅଛି ତାହା ଅତ୍ୟନ୍ତ ଅଧିକ ଅଟଇ ଏବଂ ଭାରତବାସିଙ୍କ ହିତୋଦ୍ଦେଶରେ ଏ ସମସ୍ତ ଖର୍ଚ୍ଚା ଅଧିକ ପରିମାଣରେ ଊଣା କରିବା ଅତ୍ୟନ୍ତ ଆବଶ୍ୟକ ଅଟଇ । ଆଉ ଏକ ଜଣ ମେମ୍ବର ମାନସ କରଅଛନ୍ତି କି ଏ ପ୍ରସ୍ତାବ ସଙ୍ଗେ ଏହି କଥା ମିଶାଇବେ ଯେ କମ୍ପାନିଙ୍କ ପରବର୍ତ୍ତିରେ ଶ୍ରୀମତୀ ମହାରାଣୀଙ୍କ ଖାସ ଦଖଲ ହେଲାଦିନୁ ଭାରତବର୍ଷର ଶାସନ କାର୍ଯ୍ୟ କି ପ୍ରକାର ଚଳୁଅଛି ତହିଁର ଅନୁସନ୍ଧାନ ନିମିତ୍ତ ଭାରତବର୍ଷକୁ ଏକ ରାଜ କମିଶନ ପ୍ରେରିତ ହେଉ । ଆମ୍ଭେମାନେ ଏ ପ୍ରକାର ପ୍ରସ୍ତାବମାନ ହେବ ବୋଲି ଶୁଣି ଆନନ୍ଦିତ ହେଲୁଁ ଏବଂ ଆଶା କରୁଁ ଯେ ଏଥିରେ ଅନେକ ତର୍କବିତର୍କ ହେବ ମାତ୍ର ଶେଷଫଳ କି ହେବ ତାହା ଆଗଠାରୁ କୁହା ଯାଇ ନ ପାରେ ।

---

ଏ ସପ୍ତାହରେ କାନ୍ଦାହାରରୁ ଅତ୍ୟନ୍ତ ଆନନ୍ଦଜନକ ସମ୍ବାଦ ଆସିଅଛି । ଜେନରଲ ରବର୍ଟସ୍ ୟାଉବଖାନଙ୍କର ସେନାକୁ ଆକ୍ରମଣ ଓ ସମ୍ପୂର୍ଣ୍ଣରୂପେ ପରାଜୟ କରି ୨୭ ଗୋଟା ତୋପ ଏବଂ ଦଶହଜାର ସୈନ୍ୟ ବନ୍ଦିକରି ଅଛନ୍ତି । ଏ ଯୁଦ୍ଧ ଚଳିତମାସ ପ୍ରଥମ ତାରିଖ ବେଳ ଘ ୯-ଣ୍ଟା ସମୟରେ ଆରମ୍ଭ ହୋଇ ମଧ୍ୟାହ୍ନ ଘ ୧୨ ଣ୍ଟା ସମୟରେ ଶେଷ ହେଲା । ଶତ୍ରୁ ସେନା ବଡ଼ ବିକ୍ରମ ଦେଖାଇ ଥିଲେ ମାତ୍ର ବ୍ରିଟିସକେଶରୀ ସମ୍ମୁଖରେ ଆଫଗାନଙ୍କର ବଳ କେତେ ! ତିନଘଣ୍ଟାରେ ଛିନ୍ନଭିନ୍ନ ହୋଇ ପଳାଇଲେ । ୟାଉବଖାନ ଖାକରେଜ ନାମକ ସ୍ଥାନକୁ ପଳାୟନ କରି ଅଛନ୍ତି । ସେ ଧରାପଡିଥିଲେ ବଡ଼ ସୁଖ ହୋଇ ଥାନ୍ତା । ଜେନରଲ ରବର୍ଟସ୍ କାନ୍ଦାହାର ପ୍ରବେଶ ମାତ୍ରକେ ଏମନ୍ତ ଉତ୍କୃଷ୍ଟ ଜୟଲାଭ କରିବାଦ୍ୱାରା ଭାରି ପ୍ରଶଂସାର ଯୋଗ୍ୟ ହୋଇ ଅଛନ୍ତି । ପୁଣି ଏତେବଡ଼ ଜୟ ଅତି ଅଳ୍ପ କ୍ଷତିଦ୍ୱାରା ଲାଭ ହୋଇଅଛି । କାରଣ ଇଂରାଜଙ୍କର ସରଦାର ଓ ସୈନ୍ୟ ମିଶି ୨୫୦ ଜଣରୁ ଅଧିକ ମରାପଡି ନାହାନ୍ତି । ଏ ଯୁଦ୍ଧଦ୍ୱାରା ଇଂରାଜଙ୍କ ଗୌରବ ସମ୍ପୂର୍ଣ୍ଣ ରୂପେ ରକ୍ଷା ପାଇଲା ଏଥର ଆଫଗାନ ଯୁଦ୍ଧ ଶେଷ ହେଲେ ସମସ୍ତ ଉତ୍ତମ ହେବ ।

---

Digitized by srujanika@gmail.com

Split by PDF Splitter



ଇଂଲସ୍‌ମାନ ଲେଖିଅଛନ୍ତି କି ସନ ୧୮୭୮ ସାଲରେ ଲର୍ଡ ସାଲିସବରୀ ଯାହା ସିବିଲସର୍‌ଭିସରେ ପ୍ରବେଶ କରିବା ପ୍ରାର୍ଥିଙ୍କ ବୟସର ଊର୍ଦ୍ଧ୍ୱ ସଂଖ୍ୟା ବ ୨୧ ବର୍ଷଠାରୁ ବ ୧୯ ବର୍ଷକୁ ଊଣା କରି ଦେଲେ ଏଥିରେ ବଙ୍ଗାଳିମାନଙ୍କ ମଧ୍ୟରୁ ଯେଉଁମାନେ ସେ ପଦରେ ଭରତି ହେବାକୁ ଲୋଡ଼ୁ ଥିଲେ ତାହାଙ୍କ ପଥ ବନ୍ଦ ହେଲା । ଏବଂ ପଶ୍ଚାତ୍ତରେ ଏହାଦ୍ୱାରା କିଛି ଶିକ୍ଷା ରହିତ ହେଲା ନାହିଁ । ଇଂଲସ୍‌ମାନ ଯେ ଏତେ ଦିନରେ ଗବର୍ଣ୍ଣମେଣ୍ଟଙ୍କର ଏ ଗୁରୁତର ଭ୍ରମଟି ଦେଖି ପାରିଲେ ବଡ ସୁଖର ବିଷୟ ଅଟଇ ବାସ୍ତବରେ ସେ ନିୟମର ଏକମାତ୍ର ଫଳ କେବଳ ଭାରତବାସିଙ୍କୁ ସିବିଲସର୍‌ଭିସରେ ପ୍ରବେଶ କରି ନ ଦେବା ଭିନ୍ନ ଅନ୍ୟ କିଛି ନୁହଇ । ଗବର୍ଣ୍ଣମେଣ୍ଟଙ୍କର ଯେବେ ପ୍ରକୃତରେ ଭାରତବାସିଙ୍କ ସିଭିଲସର୍‌ଭିସରେ ଭରତି କରିବାର ଆପତ୍ତି ନାହିଁ ତେବେ ବୟସର ଊର୍ଦ୍ଧ୍ୱ ସଂଖ୍ୟା ବ ୧୯ ବର୍ଷ ବଦଳରେ ବ ୨୨ ବର୍ଷ କରି ଦେଉନ୍ତୁ ଏବଂ ଯେମନ୍ତ ବିଲାତରେ ତେମନ୍ତ ଭାରତବର୍ଷରେ ପରୀକ୍ଷା ଗ୍ରହଣ କରିବାର ନିୟମ କରି ଦେଉନ୍ତୁ ତାହା ହେଲେ କାହାର କିଛି କହିବାର ବାଟ ରହିବ ନାହିଁ ଓ ପ୍ରକୃତ ନ୍ୟାୟ ବିଚାର ହେବ ।

---

ପାଲଲହଡ଼ା ଓ କେଉଁଝରର ମଧ୍ୟରେ ଯେଉଁ ମୋକଦ୍ଦମା ଲାଗି ଥିଲା ଗବର୍ଣ୍ଣମେଣ୍ଟ ବଙ୍ଗାଳ ତାହା ନିଷ୍ପତ୍ତି କରି ଦେଇଅଛନ୍ତି । ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଓଡିଶା ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ମତରେ ଐକ୍ୟ ହୋଇ କହିଅଛନ୍ତି କି କେଉଁଝରର ମହାରାଜା ପାଲଲହଡ଼ାର ରାଜା ବାହାଦୁରଙ୍କଠାରୁ ଅଧିକା ଖଜଣା ନେଇ ନ ପାରନ୍ତି । ପାଲଲହଡ଼ା ରାଜା ଯେଉଁ କର ଦିଅନ୍ତି ତାହା ପେସ୍‌କସ୍ ଅଟଇ ସୁତରାଂ ଖଜଣା ବୃଦ୍ଧିର ନିୟମ ତହିଁ ପକ୍ଷରେ ଖଟି ନ ପାରେ । ଆମ୍ଭେମାନେ ଅବଗତ ହେଲୁଁ ଯେ ମହାରାଜା ଗବର୍ଣ୍ଣମେଣ୍ଟ ଇଣ୍ଡିଆରେ ଅପିଲ କରିବାକୁ ସ୍ଥିର କରି ତହିଁର ଉଦ୍ୟମ ଆରମ୍ଭ କରୁଅଛନ୍ତି । ଏଥିର କଲିକତାର ବାରିଷ୍ଟରମାନେ ବିଲକ୍ଷଣ ଲାଭ କରିବେ । ମୋକଦ୍ଦମାର ଫଳ ପରିଶେଷରେ ଯାହା ହେବାର ଥିବ ହେବ ସେଥିରେ ଆମ୍ଭମାନଙ୍କର ମତାମତ ପ୍ରକାଶ କରିବାର ଆବଶ୍ୟକ ନାହିଁ । ଗବର୍ଣ୍ଣମେଣ୍ଟ କାର୍ଯ୍ୟତଃ ପାଲଲହଡ଼ାକୁ ସ୍ୱାଧୀନ କରି ଦେଇଅଛନ୍ତି ମହାରାଜା ତାହା ରହିତ କରିବା ଚେଷ୍ଟାରେ ଯେତେ ଖର୍ଚ୍ଚ କରନ୍ତୁ ତେବେ ପରିଶେଷରେ ତାହା ପାଇବେ କି ନାହିଁ ସନ୍ଦେହ ସୁତରାଂ ଭୁଲା କଥା କରି ମାମଲା କରିବା ଶୋଭନୀୟ ନୁହଇ ।

---

ଘାଟ ଅତ୍ୟାଚାର କୌଣସିରୂପେ ବନ୍ଦ ହେବାର ନୁହେ । ଆମ୍ଭେମାନେ ବିଶ୍ୱସ୍ତସୂତ୍ରେ ଅବଗତ ହେଲୁଁ ଯେ ଯୋବରାଘାଟର ସେପାରରେ ମାଝିମାନେ ପ୍ରତିଜଣକେ ଏକପଇସା ବା ଅଧଲାଏ ଅଧିକା ନ ନେଲେ ନୌକାରେ କାହାରକୁ ଚଢ଼ାନ୍ତି ନାହିଁ । ପ୍ରତି ଗାଡିରେ ଏକଅଣାରୁ ଦୁଇଅଣା ପର୍ଯ୍ୟନ୍ତ ଓ କେବେ ତିନିଅଣା ନେଇଥାନ୍ତି । ଯଦି ବୋଲ ଲୋକେ କାହିଁକି ଏଥିର ଗୁହାରି ନ କରନ୍ତି । ଏଥକୁ ପଥିକମାନଙ୍କ ପକ୍ଷରେ ଗୁହାରି କରିବା ସହଜ କଥା ନୁହେ । ଜଏଣ୍ଟମେଜିଷ୍ଟ୍ରେଟ ସାହେବ ବୋଲନ୍ତି ପଥିକମାନଙ୍କ ଛଡା ମାଲିକମାନେ ଯେ ମକଦ୍ଦମାରେ ତାଙ୍କ ଠାରୁ ଆସନ୍ତି ସେମାନେ କାହିଁକି ଗୁହାରି ନ କରନ୍ତି । ଏଥିର କାରଣ ଏହି ଯେ ସେମାନେ ଏକ ମକଦ୍ଦମାରେ ବ୍ୟସ୍ତ ଥାନ୍ତି ପୁଣି ସାମାନ୍ୟ ବିଷୟରେ ଆଉ ଗୋଟିଏ ମକଦ୍ଦମା କରି ତହିଁର ପ୍ରମାଣ ଦେବା ଇତ୍ୟାଦି କାର୍ଯ୍ୟକୁ କଷ୍ଟଜନକ ବୋଧ କରି ତୁନି ହୋଇ ରହନ୍ତି । ଯଦି ଜଏଣ୍ଟମେଜିଷ୍ଟ୍ରେଟ କୌଶଳକ୍ରମେ ସେମାନଙ୍କୁ ପଚାରନ୍ତେ ତେବେ ଜାଣି ପାରନ୍ତେ । ଆମ୍ଭମାନଙ୍କ ବିବେଚନାରେ ଏ ଘାଟରେ ଯେପରି ଜଣେ କନଷ୍ଟେବଲ ଜଗି ଥାଏ ସେହିପରି ସେ ପାରରେ ଜଣେ କନଷ୍ଟେବଲ ନିଯୁକ୍ତ ରହିଲେ ମାଝିଙ୍କ ଅତ୍ୟାଚାର କିଛି ନିବାରଣ ହୋଇପାରେ । ପଥିକମାନେ ଅଧିକା ପଇସା ଦେବାକୁ କୁଣ୍ଠିତ ହେଲେ ମାଝିଙ୍କଠାରୁ ଯେ ଗାଳି ଓ ଧକ୍କା ଖାଆନ୍ତି ତାହା ପକ୍ଷରେ ତେଣିକି ଅବଶ୍ୟ ନିବାରଣ ହେବ । ମେଜିଷ୍ଟ୍ରେଟ ସାହେବ ଏଥି ପ୍ରତି ଉଚିତ ବିବେଚନା କରନ୍ତୁ ।

---

ବଙ୍ଗଳାର ଲୋକବିଶେଷ ଆପଣା ବ୍ୟୟରେ ଯେ ସମସ୍ତ ସାଧାରଣ ହିତକର କାର୍ଯ୍ୟ କରିଅଛନ୍ତି ତହିଁର ଏକ ତାଲିକା ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ମନ୍ତବ୍ୟ ସହିତ କଲିକତା ଗେଜେଟରେ ବାହାରିଅଛି । ତହିଁରୁ ଆମ୍ଭେମାନେ ଦେଖିଲୁଁ ଯେ ସନ ୧୮୭୯ ସାଲରେ ଲୋକମାନେ ୨୭୭ ଗୋଟି କାର୍ଯ୍ୟରେ ଟ ୨୮୭୭୨୪ ଙ୍କା ବ୍ୟୟ କରିଥିଲେ ଏବଂ ତହିଁ ପୂର୍ବବର୍ଷ ୩୩୫ ଗୋଟି କାର୍ଯ୍ୟରେ ଟ ୨୭୫୯୦୮ ଙ୍କା ବ୍ୟୟ କରିଥିଲେ । ଦୁଇବର୍ଷ ମଧ୍ୟରେ ତାରତମ୍ୟ ସାମାନ୍ୟ ଅଟଇ ।

କାର୍ଯ୍ୟର ପ୍ରକାର ଦୃଷ୍ଟିରେ ଜଣାଯାଏ ଯେ ସର୍ବାପେକ୍ଷା ଅଧିକ ଟଙ୍କା ପୁଷ୍କରିଣୀ ଖନନରେ ବ୍ୟୟ ହୋଇଅଛି ତହିଁ ତଳେ ସଡକ ଏବଂ ତହିଁ ତଳେ ଅନ୍ୟାନ୍ୟ କାର୍ଯ୍ୟ । ପୁଷ୍କରିଣୀରେ ଟ ୧୨୭୩୧୬ ଏବଂ ସଡକରେ ଟ ୩୫୪୯୮ ଙ୍କା ବ୍ୟୟିତ ହୋଇଥିଲା । ଏଥିରୁ ପାଠକମାନେ ଅବଶ୍ୟ ଅନୁମାନ କରି ପାରିବେ ଯେ ଏ ଦେଶରେ ପୁଷ୍କରିଣୀ ଏବଂ ସଡକର ଅଭାବ ଅଧିକ । ଏଥକୁ ରେଲୱେଦ୍ୱାରା ଅନେକ ସଡକ ହେଉଅଛି ମାତ୍ର ପୁଷ୍କରିଣୀ ଏକମାତ୍ର ଲୋକଙ୍କ ଦାନ ଉପରେ ନିର୍ଭର କରଇ । କେଉଁ ଜିଲାରେ କେତେ ଟଙ୍କା ଲୋକମାନେ ଏପ୍ରକାର କାର୍ଯ୍ୟରେ ବ୍ୟୟ କରିଅଛନ୍ତି ତହିଁର ତାଲିକାରୁ ଦେଖାଯାଏ ଯେ କଲିଗୋଡରେ ଟ ୪୪୦୦୦ ଙ୍କାର ଅର୍ଥାତ ସର୍ବାପେକ୍ଷା ଅଧିକ କାର୍ଯ୍ୟ ହୋଇଥିଲା ତହିଁ ତଳେ ପାବଣା, ରାଜସାହି, ଓ ଫରିଦପୁରବାସିମାନେ ସର୍ବାପେକ୍ଷା ଅଳ୍ପଟଙ୍କା ଅର୍ଥାତ କେବଳ ଟ ୩୪୦ ଙ୍କା ବ୍ୟୟ କରିଥିଲେ । ଓଡିଶାରେ କଟକବାସିମାନେ ଟ ୭୭୭ ପୁରୀବାସିମାନେ ଟ ୪୦୦ ଏବଂ ବାଲେଶ୍ୱରବାସିମାନେ ଟ ୭୫୦ ଙ୍କା ବ୍ୟୟ କରିଥିଲେ ।

---

### ଗବର୍ଣ୍ଣମେଣ୍ଟ ଜମିଦାର ।

ଶ୍ରୀଯୁକ୍ତ ବମସ୍ ସାହେବ ବାଲେଶ୍ୱରର କଲେକ୍ଟର ଥିଲା ବେଳେ ଜମିଦାରଙ୍କ ବିରୁଦ୍ଧରେ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ମତ ବାହାର ଥିଲା ତାହା କାହାରକୁ ଅବିଦିତ ନାହିଁ । ଜମିଦାରମାନେ ନିତାନ୍ତ ଅର୍ଥଶୋଷକ ଏବଂ ପ୍ରଜାପୀଡ଼କ ବୋଲି ପ୍ରକାଶ ପାଇଥିଲେ ଓ ସେମାନଙ୍କୁ ଶିକ୍ଷା ଦେବା ନିମିତ୍ତ ସେ ସମୟର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର କହିଥିଲେ କି ଖାସମହାଲ ଓ କୋର୍ଟ ଓ ନାବାଲଗ ମହାଲମାନ କି ଯାହା ସରକାରୀ କର୍ମଚାରିଙ୍କଦ୍ୱାରା ବୁଝାସୁଝା ହୁଅଇ ତାହାକୁ ଲକ୍ଷକରି ଜମିଦାରମାନେ ଶିଖିଲେ ସେମାନେ ପ୍ରଜା ପାଳିବା ଏବଂ ଆପଣା କର୍ତ୍ତବ୍ୟ ସାଧନ କରିବାକୁ ବିଲକ୍ଷଣରୂପେ ସକ୍ଷମ ହେବେ । ବାସ୍ତବରେ ଏତେବେଳେ ସୁଦ୍ଧା କି ଗଡ଼ଜାତ କି ମୋଗଲବନ୍ଦିରେ ଏକ ୨ ମୂର୍ଖ ଜମିଦାର ଅଛନ୍ତି ଯେ ସେମାନେ ଅଧିକ ଲାଭ କରିବା ମାନସରେ ଅତ୍ୟାଚାର କରି ବସନ୍ତି ଅଥବା ଅନ୍ୟାନ୍ୟ କାର୍ଯ୍ୟଦ୍ୱାରା ପ୍ରଜାଙ୍କୁ ପୀଡ଼ା-

Digitized by srujanika@gmail.com

Split by PDF Splitter



ହେଉ ଅଛନ୍ତି । କୌଣସି ଜମିଦାର ଏପରି କଲେ ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ତାହାର ରାଜ୍ୟ ଖାସକରି ଦେବାର ଧମକ ଦଅନ୍ତି । ଏହି ହେତୁ ଗଡ଼ଜାତର କୋଂଜକସ୍ଥଳରେ ସମ୍ପ୍ରତି ସରକାରୀ ମାନେଜର ନିଯୁକ୍ତ ହେଉ ଅଛନ୍ତି । ଫଳତଃ କେବଳ ମୂର୍ଖଜମିଦାର ପକ୍ଷରେ ଯେ ସମସ୍ତ ଦୋଷ ସମ୍ଭବ । ଯେଉଁଠାରେ ଗବର୍ଣ୍ଣମେଣ୍ଟ ସ୍ୱୟଂ ଜମିଦାର ସେଠା ପ୍ରଜାମାନେ ସୁଖୀ ହେବେ ଏହା ଯୁକ୍ତି ଯୁକ୍ତ ଅଟଇ । ମାତ୍ର କଟକ ଖାସମାହାଲର ବନ୍ଦୋବସ୍ତ ପ୍ରତି ଦୃଷ୍ଟି କଲେ ବାଧହୋଇ ସ୍ୱୀକାର କରିବାକୁ ହେଉଅଛି ଯେ ଗବର୍ଣ୍ଣମେଣ୍ଟ ଜମିଦାରଙ୍କୁ ଯେଉଁ କାର୍ଯ୍ୟ ସକାଶେ ଦୋଷୀ କରୁଥିଲେ ସ୍ୱୟଂ ତହିଁରୁ ମୁକ୍ତ ନାହାନ୍ତି । ବୋଧ ହୁଅଇ ତାହା ଜମିଦାର ନାମର ଗୁଣ ଅଟଇ ନୋହିଲେ ଏପ୍ରକାର ଘଟିବାର କାରଣ କି ? କଟକ ଖାସମହଲ ପକ୍ଷରେ ସେ ଜମିଦାର ହେବାରୁ ଏପରି ଘଟି ଅଛି । ଏପର୍ଯ୍ୟନ୍ତ ବର୍ତ୍ତମାନର ମହାରାଣୀଙ୍କ ଖତ ଖାସମାହାଲର କୌଣସି ପ୍ରଜା ଗବର୍ଣ୍ଣମେଣ୍ଟଙ୍କ ନାମରେ ନାଲିଶ କରି ନାହିଁ ସତ୍ୟ ମାତ୍ର ଏହା ବୋଲି ଯେ ସମସ୍ତ ପ୍ରଜା ଏ ବନ୍ଦୋବସ୍ତରେ ସନ୍ତୁଷ୍ଟ ଅଛନ୍ତି ଏପରି କଦାଚ ବୋଲିଯାଇ ନ ପାରେ । ଖଜଣା ଉସୁଲ କରିବା ରୀତିରୁ ତାହା ବିଲକ୍ଷଣ ପ୍ରକାଶ । କେହି୨ ଘର ଛାଡ଼ି ପଳାଇଲେଣି କେତେ ଲୋକ କ୍ଷମା ପାଇବାକୁ ପ୍ରାର୍ଥୀ ଏବଂ କେତେ ଲୋକର ଘରର ଦ୍ରବ୍ୟାଦି ନିଲାମଦ୍ୱାରା ଖଜଣା ଆଦାୟ ହେଉଅଛି । ଅଧିକ କର ବସି ନ ଥିଲେ କି ଏ ସମସ୍ତ ସମ୍ଭବ ଥିଲା । ଏପରି ଏହି ବନ୍ଦୋବସ୍ତ ହେତୁ ପ୍ରଜା୨ ମଧ୍ୟରେ ଯେ ସମସ୍ତ ମୋକଦ୍ଦମା ଛୋଟ ଓ ବଡ଼ ଅଦାଲତରେ ହୋଇଅଛି ବା ହେଉଅଛି ଗବର୍ଣ୍ଣମେଣ୍ଟଙ୍କୁ ତହିଁର ପ୍ରବର୍ତ୍ତକ ବୋଲିବାକୁ ହେବ । ଅପର ଜମିଦାର ଏଲାକାରେ ଏପ୍ରକାରେ ହୋଇ ଥିଲେ ହାକିମମାନେ କେତେ ବିରକ୍ତ ହୁଅନ୍ତେ କିନ୍ତୁ ଆପଣା ଏଲାକାରେ ହେଉଅଛି ବୋଲି ତହିଁ ପ୍ରତି ସେମାନଙ୍କ ଦୃଷ୍ଟି ପଡୁ ନାହିଁ । ଗବର୍ଣ୍ଣମେଣ୍ଟ କି ଖାସମହାଲ ପ୍ରଜାଙ୍କର ଦୁଃଖପ୍ରତି ଏକାବେଳକେ ବଧିର ହୋଇ ଅଛନ୍ତି ?

---

## ଖୋରଧା ବନ୍ଦୋବସ୍ତ ।

(ଗତ ପ୍ରକାଶିତ ଉତ୍ତାରୁ)

ପୂର୍ବେ ବଗିଚାମାନ ରାଜସ୍ୱରୁ ଛାଡ଼ ଥିଲା କିନ୍ତୁ ତହିଁରେ ଅନେକ ଲୋକ ଅନ୍ୟାୟ ଦଖଲ ସ୍ଥାପନ କଲେ । ଏ ବନ୍ଦୋବସ୍ତରେ କେବଳ ସାଧାରଣ କାର୍ଯ୍ୟ ଯଥା; ହାଟ ଦେବସ୍ଥାନ ଇତ୍ୟାଦି ନିମିତ୍ତ ଆବଶ୍ୟକଥିବା ବଗିଚାମାନ ଛାଡ଼ ଯାଇ ଆଉ ସମସ୍ତ ବଗିଚାରେ କର ବସିବ । ବଗିଚାମାନ ଗଛର କିସମ ଅନୁସାରେ ୯ ଶ୍ରେଣୀରେ ବିଭକ୍ତ ହୋଇ ଏହି ପରି ସର୍ବୋଚ୍ଚ ମାଣପ୍ରତି କର ନିର୍ଣ୍ଣୟ ହୋଇଅଛି ଯଥା;- ନଡ଼ିଆ ଓ ଗୁଆ ଗଛ ଟ ୨୩ ।୷ ଆମ୍ବ ପଣସ ଟ ୨ ।/ ଇତ୍ୟାଦି ।

ପୁଷ୍କରିଣୀ ଓ ମଚ୍ଛଦିଆ ସମ୍ପର୍କରେ ଏହି ନିୟମମାନ ହୋଇଅଛି କି ସାଧାରଣ ବ୍ୟବହାର ନିମିତ୍ତ ଥିବା ଜଳରେ କର ବସିବ ନାହିଁ ଅନ୍ୟାନ୍ୟ ସ୍ଥଳରେ ସାମାନ୍ୟ କର ବସିବ । ମଚ୍ଛଦିଆ ହେତୁ କେହି ଜଳ ଅବରୋଧ କରି ପାରିବ ନାହିଁ ।

ଚାଷଜମିର ଖଜଣା ଧାର୍ଯ୍ୟ ବିଷୟରେ ଶ୍ରୀଯୁକ୍ତ ଟେଲର ସାହେବ ଯେଉଁ ରୀତି ଅବଲମ୍ବନ କରିଅଛନ୍ତି ତାହା ନ୍ୟାୟ ସିଦ୍ଧ ବୋଧ ହେଉଅଛି ଏବଂ ପ୍ରଜାଙ୍କପ୍ରତି ତାହା ଅନ୍ୟାୟରୂପ କଠିନ ନୁହଇ ପୂର୍ବ ବନ୍ଦୋବସ୍ତରେ ଉତ୍ପନ୍ନର ଏକ ତୃତୀୟାଂଶ କର ସ୍ୱରୂପ ଗୃହୀତ ହୋଇ ଥିଲା ବର୍ତ୍ତମାନ ଏକ ଚତୁର୍ଥାଂଶ ସ୍ଥିର ହୋଇ ଅଛି ଏଥିର ଉଦ୍ଦେଶ୍ୟ ରାଜସ୍ୱ ଊଣା କରିବା ନୁହଇ ମାତ୍ର ବର୍ତ୍ତମାନର ଜମାବ ଅତ୍ୟନ୍ତ ଠିକ ଅନେକ ନୂଆ ଜମି ଆବାଦ ଏବଂ ଫସଲର ମୂଲ୍ୟ ବୃଦ୍ଧି ହୋଇ ଥିବାରୁ ଏପରି ହୋଇ ଅଛି । ଏପରି ଉଇଲକିନସନ୍ ସାହେବଙ୍କ ବନ୍ଦୋବସ୍ତ ସମୟରେ ଯେଉଁ କିସମ ଜମିର ଉତ୍ପନ୍ନ ପ୍ରତି ସରବେଶୀ ମାଣକୁ ମ ୦।୬।୩ ଧରି ଯାଇ ଥିଲା ବର୍ତ୍ତମାନ ତହିଁର ଉତ୍ପନ୍ନ ମ ୧।୪।୨୪ ଧରି ଯାଇଅଛି ଏବଂ ସେ ସମୟରେ ଟଙ୍କାକୁ ସେ ୧-୬୮ ର ଭିତ ଧରି ଯାଇଥିଲା ବର୍ତ୍ତମାନ ଟଙ୍କାକୁ ସେ ୮୦ ର ଧରି ଯାଇଅଛି ବାସ୍ତବରେ ପ୍ରଜାମାନେ ଏଥିରୁ ଉଚ୍ଚ ଭାଉରେ ବିକ୍ରୟ କରୁଅଛନ୍ତି ଏବଂ ଏଣିକି ଯେ ଏ ଦରରେ କୌଣସି କାଳରେ ଧାନ ପଡ଼ିଆ ଯିବ ତହିଁର ଆଶା ନାହିଁ ସୁତରାଂ ସମସ୍ତ ଇଷ୍ଟିମିଟ ପ୍ରଜାଙ୍କ ସପକ୍ଷରେ ଅଛି । ଏହି ପ୍ରକାରରେ ହିସାବ କଲେ ପ୍ରଥମ ଶ୍ରେଣୀର ଧାନ ଜମିର ନିରଖ ଟ ୨୯ ଙ୍କା ଓ ସପ୍ତମ ଶ୍ରେଣୀର ଟ ୦ ।୷ ୩ ହୋଇଅଛି ।

ପ୍ରଚଳିତ ନିରଖ ସଙ୍ଗେ ନୂତନ ବନ୍ଦୋବସ୍ତର ନିରଖକୁ ମେଳ କଲେ ଦେଖାଯାଏ ଯେ ସର୍ବୋଚ୍ଚ ବୃଦ୍ଧି ମାଣପ୍ରତି ଟ ୧ /୯ ଓ ସର୍ବ ନ୍ୟୂନ ଟ ୦ ।୷ ୩ ଅଟଇ । ଗଜେଟରେ ଏଥିର ବିସ୍ତାରିତ ତାଲିକା ଲେଖାଅଛି ଏଠାରେ ସେ ସମସ୍ତ ଉଦ୍ଧୃତ କରିବାର ପ୍ରୟୋଜନ ନାହିଁ । ଆମ୍ଭମାନଙ୍କ ବିବେଚନାରେ ନିରଖମାନ ଉତ୍ତମ ହୋଇଅଛି ଏବଂ ଏହାକୁ ମଞ୍ଜୁର କରି ଗବର୍ଣ୍ଣମେଣ୍ଟ ଆହୁରି ସୁବିଚାର ପୂର୍ବକ ଆଦେଶ କରି ଅଛନ୍ତି କି କୌଣସି ପ୍ରକାର ଖଜଣା ଦ୍ୱିଗୁଣରୁ ଅଧିକ ବୃଦ୍ଧି ହେବ ନାହିଁ ଏବଂ ଯେଉଁଠାରେ ହେଢ଼ାରୁ ଅଧିକ ବୃଦ୍ଧି ହେବ ସେଠାରେ ବନ୍ଦୋବସ୍ତ କର୍ତ୍ତା ସେ ଜମିକୁ ରସଦୀ ପ୍ରକାରରେ ରଖିବେ ଅର୍ଥାତ ବୃଦ୍ଧି ଜମା ଏକାବେଳକେ ନ ନେଇ କ୍ରମେ୨ ନେବେ । ଏହି ନୂତନ ବନ୍ଦୋବସ୍ତ ବ ୩୦ ବର୍ଷ ଅର୍ଥାତ ସନ ୧୯୧୦ ସାଲ ପର୍ଯ୍ୟନ୍ତ ପ୍ରବଳ ରହିବ ମାତ୍ର ବ ୧୫ ବର୍ଷ ଉତ୍ତାରୁ ନୂଆ ଆବାଦୀ ଜମିର ମାପ ହୋଇ ତହିଁ ଉପରେ ଉପର ଲିଖିତ ନିରଖରେ ଖଜଣା ବସିବ । ଟେଲର ସାହେବ ଯେ ସମସ୍ତ ଗ୍ରାମରେ ଏ ନିୟମ ପ୍ରଚଳିତ କରି ଫଳ ଦେଖି ଅଛନ୍ତି ଯଦ୍ୟପି ତହିଁ ଉପରେ ନିର୍ଭର କରି ଯାଇ ପାରେ ତାହା ହେଲେ ନୂତନ ବନ୍ଦୋବସ୍ତରେ ଶତକରା ଟ ୮୩୯ ଙ୍କା ଲେଖାଏ ଖଜଣା ବୃଦ୍ଧି ହେବ ମାତ୍ର ଏହା ଅନେକ ଜମି ନୂଆ ଆବାଦ ହୋଇଥିବା ହେତୁରୁ ନୋହିଲେ ଚାଷ ଜମି ଉପରେ ହାରାହାରି ଶତକରା ଟ ୫୩ ଙ୍କା ବୃଦ୍ଧି ହୋଇଅଛି । ଫସଲର ମୂଲ୍ୟ ବୃଦ୍ଧି ସଙ୍ଗେ ତୁଳନା କଲେ ଏ ଦରରେ କର ବୃଦ୍ଧି ଅତି କୋହଳ ଅଟଇ ଏବଂ ଏଥିର ଅନ୍ୟତର ପ୍ରମାଣ ଏହି ଯେ ଜମା ବେଶୀରେ ନୂତନ ବନ୍ଦୋବସ୍ତ ଚଳୁଥିବା ପ୍ରତ୍ୟକ୍ଷେ ଜମିର ମୂଲ୍ୟ ଶତକରା ଟ ୫୭୯ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବାର ଦେଖା ଯାଏ ।

---

# ସାପ୍ତାହିକ ସଂବାଦ ।

ଶ୍ରୀନାଥବାବୁଙ୍କ ପୁତ୍ରର ମୃତ୍ୟୁ ମକଦ୍ଦମାର ବୃତ୍ତାନ୍ତ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇ ଅଛୁଁ । ଗତ ମଙ୍ଗଳବାର ଜଏଣ୍ଟମେଜିଷ୍ଟ୍ରେଟ ତହିଁର ବିଚାର କରି ପିଲା ମୁହାଲକୁ ଖଲାସ ଦେଲେ । ପ୍ରଶଂସିତ ବାବୁ ମକଦ୍ଦମାରେ ବ୍ୟସ୍ତ ହୋଇ ବହୁ ଯତ୍ନ କରିଥିଲେ ଓ ତିନିଜଣ ପ୍ରଧାନ ଉକିଲ ଓ ମୁକ୍ତାର ନିଯୁକ୍ତ କରିଥିଲେ ଓ ଜଏଣ୍ଟମେଜିଷ୍ଟ୍ରେଟ ମଧ୍ୟ ନିଜେ ସ୍ଥାନୀୟ ତଦନ୍ତ କରିଥିଲେ । ମକଦ୍ଦମା ନିଷ୍ପତ୍ତି ଦିନ ଅନେକ ଲୋକ କଚେରୀରେ ରୁଣ୍ଡ ହୋଇଥିଲେ ଓ ଯେତେବେଳେ ଜଏଣ୍ଟମେଜିଷ୍ଟ୍ରେଟ ଖଲାସର ଆଜ୍ଞା ପ୍ରଦାନ କଲେ ସେତେବେଳେ ଦର୍ଶକମଣ୍ଡଳୀରୁ ଆନନ୍ଦ ଧ୍ୱନି ଉଠିଲା । ଏହାଙ୍କ ବିଚାର ଠିକ

Digitized by srujanika@gmail.com

Split by PDF Splitter



ଥିବାର ଯଥେଷ୍ଟ ପରିଚୟ ଅଛି । ଅସ୍ମାନଙ୍କ ବିବେଚନାରେ ମୁସ୍‌ମାନର ବୟସ ଓ ମକଦ୍ଦମାର ଅବସ୍ଥା ଦୃଷ୍ଟିରେ ଏମାନଙ୍କଦ୍ୱାରେ ବଡ଼ ଅପରାଧ ଘଟି ନାହିଁ ବାବୁଙ୍କ ପୁତ୍ରର ମୃତ୍ୟୁ ଦୈବାତ୍ ଘଟିଗଲା । ବୋଧହୁଏ ବାବୁ ଶୋକଭରରେ ବିବେଚନାଶୂନ୍ୟ ହୋଇ ଏମାନଙ୍କ ଉପରେ ଏତେ ବ୍ୟସ୍ତ ହେଲେ ।

ଏଠା ପାଣ୍ଡଲଖାଇର ଇଲାକାର ଜଣେ ମୋହରର ମାହାଫିଜଖାନାରୁ ଗୋପନୀୟ ସମ୍ବାଦ ଦେବା ଦୋଷରେ କର୍ମଚ୍ୟୁତ ହୋଇଛି । ଏଦୋଷ ନିବାରଣ ନିମନ୍ତେ ବାବୁ ପ୍ରାଣକୃଷ୍ଣ ରାୟ ଡେପୁଟୀ କଲେକ୍ଟର ମହାଫିଜଖାନାରେ ଦୁଇଜଣ ପିଅଦା ଜଗୁଆଳ ରଖି ଅଛନ୍ତି । ସେ ମୋହରର ସମ୍ବାଦ ଟିକିଏ କାଗଜରେ ଲେଖି ବାହାରକୁ ଫିଙ୍ଗି ଦେଲା ଓ ସମ୍ବାଦଗ୍ରାହୀତା କାଗଜ ଉଠାଇ ନେଲା ବେଳେ ଜଣେ ପିଅଦା ଦେଖି ତାକୁ ଧରନ୍ତେ ସେ ବ୍ୟକ୍ତି କାଗଜ ମୁହଁରେ ପୂରାଇ ଗିଳିବା ସମୟରେ ପିଅଦା ତାହାର ତଣ୍ଟି ଚିପି କାଗଜ ବାହାର କରି ଉପେଟଙ୍କୁ ଜଣାଇଲା । ମୋହରର ମାନିଲା ନାହିଁ ମାତ୍ର ଉପୋଷ୍ଟଙ୍କ ତଦନ୍ତରେ ଦୋଷ ପ୍ରମାଣ ହେବାରୁ ଉପର୍ଯ୍ୟୁକ୍ତ ଦଣ୍ଡ ପାଇଲା ।

କୁମାର ବୈକୁଣ୍ଠନାଥ ଦେଙ୍କ ସମ୍ପର୍କରେ ଅସ୍ମେମାନେ ଯେଉଁ ଜନରବ ଶୁଣିଥିଲୁ ଉତ୍କଳଦର୍ପଣ ବୋଲନ୍ତି କି " ତାହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ । ପୂର୍ବେ ନରମେନ ସାହେବ କୁମାରଙ୍କୁ ଯେଉଁ ମିଉନିସିପାଲଟିର ଚେଅରମେନର ଦେଢେକ କ୍ଷମତା ଦେଇ ଥିଲେ ତାହା ବେର୍ବଲ ଲୁକସାହେବ ଅପେ ନକେ ରଖିବାର ଅଭିପ୍ରାୟରେ ତାଙ୍କଠାରୁ ନେଇ ଅଛନ୍ତି କିନ୍ତୁ ସେ କଲିକତା ଯିବା ସମୟରେ ଏଜଇଣ୍ଟ ମାଜିଷ୍ଟ୍ରେଟର ଗୃର୍ଯ୍ୟ ମଧ୍ୟ ତାହାଙ୍କୁ ଦେଇ ଯାଇ ନାହାନ୍ତି କେବଳ ଖେତ୍ରସେସ ଓ ମିଉନିସିପାଲଟିର କର୍ମମାନ ତାଙ୍କ ଅନୁପସ୍ଥିତରେ ବନ୍ଦ ହୋଇ ନ ପାରିବାର ଜାଣି ମାଜିଷ୍ଟ୍ରେଟ ସାହେବଙ୍କୁ ଗୃର୍ଯ୍ୟ ଦେଇ ଆପଣାର କୌଣସି ଅବଶ୍ୟକୀୟ କାର୍ଯ୍ୟ ବଶତଃ କଲିକତାକୁ ଯାଇ ଅଛନ୍ତି । ବୋଧହୁଏ କୁମାରଙ୍କ ବିପକ୍ଷବର୍ଗ ଏରୂପ ଜନରବ ଉଠାଇ ଥିବେ ।" ଏଥିରୁ କି ଜନରବଟି ସମ୍ପୂର୍ଣ୍ଣ ମିଥ୍ୟା ଥିବାର ପ୍ରକାଶ ପାଇଲା ?

ଯାଜପୁର ନଗରରେ ଓଲାଉଠାରୋଗ ପ୍ରବଳ ଥିବାର ସମ୍ବାଦ ପାଇଅଛୁଁ ମାତ୍ର ଅଧିକାଂଶ ଲୋକ ଅରୋଗ୍ୟ ହୋଇ ଅଛନ୍ତି ।

ସ୍ୱଏଦନକର ଅଲି ନାମରେ ଏକ ବ୍ୟକ୍ତି ଯାଜପୁରର ଫୌଜଦାରୀରେ ନାଲିଶ କରିଅଛି କି ସେଠା ମୁନସଫିର ସାବକ ମୋହରର ପୁରୁଷୋତ୍ତମ ନାୟକ କି ସେ ବର୍ତ୍ତମାନ ବ'ଲେଶ୍ୱରକୁ ବଦଳି ହୋଇଅଛି ତାହାକଠୁ ପୁଙ୍କ ତାହା ନାମରୁ ଏକଟାମି ରଚିତ ଏକ ଉଜ୍ଜୀନାମା ମୋକଦ୍ଦମାରେ ଦାଖଲ କରି ତସରୂପ କରିଅଛି । ମୋକଦ୍ଦମା ବିଚାରାଧୀନରେ ଅଛି ।

ଅଏଲଣ୍ଡର ବିଦ୍ୟାଳୟ ଶିକ୍ଷକମାନେ ଏଠା ଅବଧାନଙ୍କ ପରି ପ୍ରତ୍ୟେକ ପିଲା ମୁଣ୍ଡରେ ବେତନ ପାନ୍ତି । ସମ୍ପ୍ରତି ସେଠା ଲୋକଙ୍କର ଅବସ୍ଥା ମନ୍ଦ ହେବାରୁ ଅଉ ପିଲାଙ୍କୁ ପଢ଼ାଇବାର ବେତନ ଦେଇ ପାରୁ ନାହାନ୍ତି ସୁତରାଂ ଶିକ୍ଷକମାନଙ୍କର ବଡ଼ କଷ୍ଟ ଉପସ୍ଥିତ ହୋଇଅଛି । ଗବର୍ଣ୍ଣମେଣ୍ଟରୁ ସାହାଯ୍ୟ ପାଇବା ନିମିତ୍ତ ଅଏଲଣ୍ଡର ମେମ୍ବରମାନେ ଅବେଦନ କରିବାର ଉଦ୍ୟମରେ ଅଛନ୍ତି ।

ଏକ ସମ୍ବାଦ ପତ୍ରରେ ଲେଖାଅଛି କି ଭାରତବର୍ଷରେ ମହାଜନମାନେ ଯେମନ୍ତ ଭଲ ତଲରେ ସୁଧ ନିଅନ୍ତି ଏମନ୍ତ କୌଣସିଠାରେ ନ ନେବା କଥା ସତ୍ୟ ନୁହଇ । ସମ୍ପ୍ରତି ଇଙ୍ଗଲଣ୍ଡର ଯୋଡ଼ଶାୟରର ବିଚାରାଳୟରେ ଏକ ମୋକଦ୍ଦମା ଚାଲିଅଛି ତହିଁରୁ ପ୍ରକାଶ ଯେ ଏକଜଣ ମହାଜନ ଆପଣା ଖାତକ ଉପରେ ବାର୍ଷିକ ଶତକଡ଼ା ୫ ୨୨୫ଙ୍କା ସୁଧ ବର୍ଷି ଇଥିଲା । ମନୁଷ୍ୟ ସ୍ୱଭାବ ସବୁଠାରେ ସମାନ ଲୋଭ ଲୋକ ସୁଯୋଗ ପାଇଲେ କୌଣସିଠାରେ ଛାଡ଼ ଦଅନ୍ତି ନାହିଁ ।

ହିନ୍ଦୁ ପେଟ୍ରିଅଟରେ ପାଠ କଲୁଁ ଯେ ରାଓ ବାହାଦୁର ଗୋପାଳହରି ଦେଶମୁଖ କି ଯେ ପୂର୍ବେ ନାସିକ ଜଜ୍ଜର ସେସନ୍ ଜଜ ଥିଲେ ସମ୍ପ୍ରତି ବମ୍ବେ ବ୍ୟବସ୍ଥାପକ ସଭାର ମେମ୍ବର ହୋଇ ଅଛନ୍ତି ।

ଉକ୍ତ ପତ୍ରରୁ ଜଣାଯାଏ ଯେ ନବାବ ଅମିର ଅଲିଙ୍କ ପୁତ୍ର କି ସେ ବର୍ତ୍ତମାନ ଇଂଲଣ୍ଡରେ ଓକାଲତୀ ଶିକ୍ଷା କରୁଅଛନ୍ତି ଏହି ବର୍ଷ ସିବିଲ ସରବିସରେ ପରୀକ୍ଷା ଦେବେ । ଯେବେ ଇଂଲଣ୍ଡରେ ପରୀକ୍ଷା ଦେଇ ପ୍ରକୃତ ସିବିଲିୟାନ୍ ହୋଇ ପାରନ୍ତେ ତେବେ ଅସ୍ମେମାନେ ବଡ଼ ଖୁସି ହୁଅନ୍ତୁ । ଲର୍ଡ ଲିଟନଙ୍କ ଉକ୍ତ ସିବିଲିୟାନ ହେବାଟା ବଡ଼ କଥା ନୁହଇ ।

ଗତମାସ ଶେଷଦିନ ବଙ୍ଗଳାର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ମାନ୍ୟବର ଇଡେନ ସାହେବ ମୋଫସଲ ଗସ୍ତ ଶେଷ କରି କଲିକତା ନଗରକୁ ଫେରି ଆସିଅଛନ୍ତି ।

ବେହାରର କଚେରିମାନଙ୍କରେ ନାଗରୀ ଅକ୍ଷର ପ୍ରଚଳିତ ହେବା ବିରୁଦ୍ଧରେ ପାଟନାର ମୁସଲମାନମାନେ ଲେଫ୍‌ଟନାଣ୍ଟ ଗବର୍ଣ୍ଣରଙ୍କ ନିକଟରେ ଦରଖାସ୍ତ କରିବାକୁ ଉଦ୍ୟମ କରୁଅଛନ୍ତି ।

ନେପାଳକୁ ରେଲ ବାଟ ଯିବାର ପ୍ରସ୍ତାବ ହୋଇଅଛି । ଆଗାମୀ ଶୀତକାଳରେ ଏଥିର କାର୍ଯ୍ୟ ଆରମ୍ଭ ହେବ ।

କଥିତ ହୁଅଇ ଯେ କାନ୍ଦାହାରକୁ ଚିରକାଳ ନିମିତ୍ତ ଗବର୍ଣ୍ଣମେଣ୍ଟ ଆପଣା ଦଖଲରେ ରଖିବାର ଉଚିତ ବୋଲି ଦଳଟିଏ ଭାରତବର୍ଷୀୟ ସଭା ବିଚାର କରି ଅଛନ୍ତି ।

୧ ସୁଲଭ ସମାଚାରରୁ ଅବଗତ ହେଲୁଁ ହାଡ଼କଟା ଗଳିରେ ଜଣେ ଭଦ୍ରଲୋକ ଅସମ୍ଭବ ମୋଟା ହୋଇ ଅଛନ୍ତି ତାହାଙ୍କର ଶରୀର କ୍ରମଶଃ ବୃଦ୍ଧି ହେଉଅଛି । ଅହାର କରି ତାଙ୍କର କ୍ଷୁଧା ନିବୃତ୍ତି ହୁଏ ନାହିଁ ତାହାଙ୍କ ନିମନ୍ତେ ପତ୍ନୀ ରାତ୍ର ଅହାର ଯୋଗାଇବାକୁ ହୁଏ, ନଚେତ ପଳାଇ କରି ଅସ୍ଥିର ହୁଅନ୍ତି । ଡାକ୍ତରମାନେ କହନ୍ତି ଏ ସଙ୍କଟ ପୀଡ଼ାରୁ ବଞ୍ଚିବାର କୌଣସି ଆଶା ନାହିଁ ।

୨ ବିଲାତରେ ଏକପ୍ରକାର ବନ୍ଧୁକ ପ୍ରସ୍ତୁତ ହୋଇଅଛି ଯେ ୧୫ ମିନିଟ ମଧ୍ୟରେ ୫୦୦୦ ଗୁଳି ଉଦ୍‌ଗାର କରାଯାଇ ପାରେ । ସଭ୍ୟତା ପ୍ରଭାବରେ ମନୁଷ୍ୟ ବଧ କରିବାର ମତଲବ ବେଶ ବାହାର ହେଉଅଛି ।

୧ ଏଡୁକେସନ ଗେଜେଟରୁ ଅବଗତ ହେଲୁଁ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ଏବ ଫାଷ୍ଟଆର୍ଟ ପରୀକ୍ଷା ଅଗାମୀ ତା ୨୯ ଡିସେମ୍ବର ସୋମବାର ଓ ବି, ଏ, ପରୀକ୍ଷା ତା ୩ ଜାନୁଆରୀ ସୋମବାର ଦିନ ଅରମ୍ଭ ହେବ ।

୨ ଇଟାଲିଦେଶୀୟ ଜଣେ କୃଷକ ଶ୍ରେଣୀର ଲୋକ ଗୋଟିଏ ନୂତନ ପ୍ରକାର ବାଦ୍ୟଯନ୍ତ୍ର ପ୍ରସ୍ତୁତ କରି ଅଛନ୍ତି ଯେଥିରେ [illegible] ସ୍ୱର ବା ସୁର ଉତ୍ପାଦିତ ହୁଏ ।

୩ ଅନେକ ପ୍ରକାରେ କାଗଜଦ୍ୱାରା ସ୍ତ୍ରୀବୃନ୍ଦ ନାନାପ୍ରକାର ବର୍ଣ୍ଣ ବା ତମଦ୍ଦୁଲ୍ୟ ପଦାର୍ଥ ପ୍ରସ୍ତୁତ ହେଉଅଛି । କେଉଁଠାରେ ସେହି ରକମ ଚାଲୁ ହୋଇଥାଏ । ଏଥିରେ ଜୋତା ପ୍ରସ୍ତୁତ ହେଉଅଛି ।

୪ । ଅଫଗାନ ଯୁଦ୍ଧରେ ହତଶତ୍ରୁ ସୈନିକମାନଙ୍କର ଓ ସେମାନଙ୍କ ପରିବାର ବର୍ଗଙ୍କର ସାହାଯ୍ୟ ଚାନ୍ଦା ଯେଉଁ ଗୃହାର ଅନୁଷ୍ଠାନ କରି ହୋଇଅଛି, ସେହି ଗୃହାରେ ରଜ-ନରିଲ୍ ରୁପ ୫୦୦୦ ଟଙ୍କା ଦାନ କରି ଅଛନ୍ତି ।

ଏଥର ଚୀନ ଉପକୂଳରେ ଭୟାନକ ଜଳପ୍ଲାବନ ହୋଇଅଛି । କ୍ୟାଣ୍ଟନରେ ଦଶ ହଜାରରୁ ଅଧିକ ଲୋକ ଜଳମଗ୍ନ ହୋଇଅଛନ୍ତି । ହଜାର ୨ ସ୍ତୁପରେ ପାଇଅଛି ଶିଙ୍ଗାପୁରରେ ସେଥି ରଙ୍ଗି ବନ୍ୟା ହୋଇଅଛି ।

ଅସ୍ତାର ନୂତନ ଷ୍ଟେସନ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଅଛି ଏଥିରେ ତୁମିଲିଷ୍ଟ ଟଙ୍କାର ଉପରି ବ୍ୟୟ ହୋଇ ଥିବାର କଥିତ ହୁଅଇ । ଗୋଟିଏ ଘରରେ ଏତେ ବ୍ୟୟ ସାମାନ୍ୟ କଥା ନୁହଇ ।

ପାଟଣା ନଗ୍ରାରେ ପୋଷ୍ଟଫିସ ଷ୍ଟାମ୍ପ ସଙ୍କାନ୍ତ ଭାରି ଚୋରି ଧରାପଡ଼ିଥିବାରୁ ତହିଁର ତଦନ୍ତ ହେଉଅଛି ।

ଗତ ଜୁଲାଇ ମାସରେ ନେପାଳରେ ଭାରି ସଢ଼ ସହ ବର୍ଷା ଓ ବନ୍ୟା ହୋଇଥିଲା ଏଥିରେ କେତେକ ପ୍ରାଣୀ ନଷ୍ଟ ହୋଇଅଛନ୍ତି ।

ଭାଗ୍ୟ ନଗରର ଅଧିଷ୍ଠ କର୍ମଗୃହଙ୍କ ଦୁଃଖ ତଦନ୍ତ ନିମନ୍ତେ ମହାମାନ୍ୟ ଲଟସାହେବ ନାନସ ପ୍ରକାଶ କରି ଅଛନ୍ତି । ସମସ୍ତଙ୍କର ଦୁଃଖ ବୁଝିବାର ତାଙ୍କର କର୍ତ୍ତବ୍ୟ ।

ଅଲହାବାଦ ନଗରରୁ ଓଲାଉଠା ଯାଇ ନାହିଁ ବର୍ତ୍ତମାନ ବନ୍ଦୀ ମଧ୍ୟରେ ପ୍ରବେଶ କରି ଅଛି ଶେଷ ଲୁଣା ହୋଇ ନାହିଁ ।

ଏଥର ଶ୍ରୀଯୁକ୍ତ ରସମ୍ବୁ ସାହେବ ବାରିଷ୍ଟର ଠାକୁର ଆଇନଅଧ୍ୟାପକ ପଦରେ ନିଯୁକ୍ତ ହୋଇଅଛନ୍ତି ଏହାଙ୍କର ଦୃଷ୍ଟାନ୍ତ ଯେଉଁ ପ୍ରାର୍ଥୀ ହୋଇଥିଲେ ତାହାଙ୍କ ନାମ ଉପେନ୍ଦ୍ର-ନାଥ ମିତ୍ର ସେ ବର୍ତ୍ତମାନ ହାଇକୋର୍ଟରେ ଓକାଲତି କରୁଅଛନ୍ତି ।

ଗତ ତା ୧୧ ଦିନରେ ଅଲହାବାଦରେ କ୍ରମାଗତ ୨୪ ଘଣ୍ଟା କାଳ ବୃଷ୍ଟି ହୋଇଥିଲା ।

ମୁରଗୀ ଖାଇବା ଅପରାଧରେ ଦସ୍ତୁସିଙ୍ଗ ହୋଇ ଅନେକ ଲୋକ ସେମାନଙ୍କ ଗୋଡ଼ରେ ପଗଡ଼ୀ ବାନ୍ଧି ସେମାନଙ୍କ ମୁଣ୍ଡ ତଳକୁ କରି ବାଡ଼ରେ ଝୁଲାଇ ସେଣ୍ଟ ମାରି କହିବାରି ମାଜିଷ୍ଟ୍ରେଟ ଏହିରୂପ ନିଷ୍ଠୁରତା ନିମନ୍ତେ ସମ୍ପ୍ରତି ୧୬ ଜଣ ଲୋକଙ୍କୁ ୫୦ । ଲେଖାଏଁ ଜରିମାନା କରିଅଛନ୍ତି ।

ବଙ୍ଗର ଅଞ୍ଚଳର ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ପୂଜାରୁ ସୁଖ ଉଠାଇ ଦେବା ପାଇଁ ବିଶେଷ ଚେଷ୍ଟା କରୁଅଛନ୍ତି । ତଥାପି ଏବେ ମଧ୍ୟ ପ୍ରତିବର୍ଷରେ ସାତେ ବାଇଲଷ ମହଣ ବାରୁଦ ପ୍ରସ୍ତୁତ ହୁଅଇ । ଯେତେ ଦିନ ମନୁଷ୍ୟଙ୍କ ହୃଦୟରେ ଯୁଦ୍ଧ ଉତ୍ସାହ ଥିବ ତେତେ ଦିନ କାହାର ସାଧ୍ୟ ଅଛି ଯେ ଲଢ଼ାଇ ନିବାରଣ କରି ପାରିବ ।


ବିଜ୍ଞାପନ ।

# ପ୍ରେମତରୀ ।

ମୂଲ୍ୟ ... ... ... ... ୫୦ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଏବ ଓଟକଲେଜର ପଣ୍ଡିତ ଶ୍ରୀ ରାମପ୍ରସାଦ ମୁହୂର୍ତ୍ତୀଙ୍କ ନିକଟରେ ପ୍ରାପ୍ତବ୍ୟ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି କହନ୍ତି । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ଟୋଷ୍ଟାଫିସକୁ ସାର୍ଜନ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଚଲରିଷିତ ଦରରେ ମିଳି ପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍‌ସର ୫୮୦ । ୮ ଅଉନ୍‌ସର ୫୧୧୯୦ । ୧୬ ଅଉନ୍‌ସକୁ ୨୦୩ । ମୂଲ୍ୟ ନଗଦ ।


☞ ଏହି ଉତ୍କଳଦୀପିକା ସଦର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଅତିରିକ୍ତ

ଉତ୍କଳଦୀପିକା ତା୧୧ଖ ମାହେ ସିପ୍ତମ୍ବର ସନ ୧୮୮୦ ମସିହା ।

ପ୍ରେରିତପତ୍ର ।

ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ !

ଆପଣ ଅନୁଗ୍ରହପୂର୍ବକ ନିମ୍ନଲିଖିତ ବିଷୟଟିକୁ ଆପଣଙ୍କ ଉତ୍କଳ ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ପ୍ରକାଶ କଲେ ଚିରବାଧିତ ହେବୁଁ ।

ଆପଣଙ୍କୁ ଓ ଆପଣଙ୍କ ପାଠକବର୍ଗର ଅଧିକାଂଶ ବ୍ୟକ୍ତିଙ୍କୁ ଜ୍ଞାତ ଅଛି ଯେ ପଠନାକାଙ୍କ୍ଷୀ ନିଃସ୍ୱ ବାଳକଙ୍କ ସ୍କୁଲଗୃହ ନିର୍ମାଣାର୍ଥେ କେତେକ ଦେଶହିତୈଷୀ ବିଦ୍ୟୋତ୍ସାହୀ ଭଦ୍ରବ୍ୟକ୍ତି ମହୋଦୟମାନଙ୍କର ସମ୍ମୁଖରେ ବିଷୟ ନିବେଦନାର୍ଥେ ଆବେଦନପତ୍ର ପ୍ରେରଣ କରି ଯାଇଥିଲା, ତତ୍ପଠନାନ୍ତେ ସମ୍ଭ୍ରାନ୍ତ ଭଦ୍ରବ୍ୟକ୍ତି ମହାଶୟମାନେ ଅଲ୍ପଶିକ୍ଷିତରେ ଯେଉଁ ଭେଟ (ସ୍ୱୀକୃତ ଦାନ) ପ୍ରେରଣ କରିଅଛନ୍ତି ତାହା କୃତଜ୍ଞତାପୂର୍ବକ ସ୍ୱୀକାର କରି ଯାଉଅଛି । ପୁନଶ୍ଚ ଏଥିଦ୍ୱାରା ନିବେଦନ ଏହି ଯେ ଆଉ ଯେଉଁ ଭଦ୍ରଜନମାନେ ଭେଟ ଦେବାକୁ ସ୍ୱୀକୃତ ହୋଇଅଛନ୍ତି, ତାହା ସେମାନେ ସ୍ମରଣ କରି ପଠାଇବାଦ୍ୱାରା ଅତିବାଧିତ କରିବେ, ଏମାନଙ୍କ ଭିନ୍ନ ଉକ୍ତ ଧର୍ମାର୍ଥ କାର୍ଯ୍ୟ ନିମିତ୍ତେ ଦେଶୀୟ କିମ୍ବା ବିଦେଶୀୟ ଭଦ୍ର ଓ ଧନାଢ୍ୟ ଯେ କୌଣସି ବ୍ୟକ୍ତି କିଛି ଦାନ କରିବେ ତାହା କୃତଜ୍ଞତା ସହ ଗୃହୀତ ହେବ । ଇତି ।

ଆପଣଙ୍କ ନିତାନ୍ତ ବାଧ୍ୟ
ଶ୍ରୀ ଦାଶରଥି ରାଉତ
ବାପଟିଷ୍ଟ ଜେନେରେଲ୍ ସ୍କୁଲ ସମ୍ପାଦକ

ଭେଟ ଦେବା ବ୍ୟକ୍ତିଙ୍କ ନାମ ।

| | | |
|---|---|---|
| ଶ୍ରୀ ମହାରାଜା । ବ । କେଉଁଝର | ଟ | ୧୦୦୯ |
| ଶ୍ରୀ ରାଜା । ବ । ଅଠଗଡ | ଟ | ୫୦୯ |
| ଶ୍ରୀ ରାଜା । ବ । ପାଲଲହଡା | ଟ | ୧୦୯ |
| ଶ୍ରୀ ବାବୁ ଜନ ଶାମଶୋନ ରାଉତ | ଟ | ୩୦୯ |
| ଶ୍ରୀ ମହମ୍ମଦ ହାଜ ହୁସେନ ଓରଫ ପାଠାଣ ସାହେବ | ଟ | ୧୦୯ |
| ଶ୍ରୀ ମହମ୍ମଦ ହବିବ | ଟ | ୧୦୯ |
| ଶ୍ରୀ ବାବୁ ବୈଦ୍ୟନାଥ ତ୍ରିପାଠୀ ଜେଲର | ଟ | ୫୯ |
| " ଡାନିଏଲ ସାହୁ ସବ ଓବରସିୟର | ଟ | ୭୯ |
| " ଅଭିମ ପାତ୍ର ଡେପୁଟୀ ଜେଲର | ଟ | ୫୯ |
| " ଉଦଟ ପାତ୍ର ବା, ଜେ, ସ୍କୁଲ ୨ ୟ ମାଷ୍ଟର | ଟ | ୫୯ |
| " ଦାଶରଥିରାଉତ ବା, ଜେ, ସ୍କୁଲ ହେଡମାଷ୍ଟର | ଟ | ୧୦୯ |
| ଶ୍ରୀ ମହମ୍ମଦ ହାଜ ସାବୁସିଦ ଲେଦା, | ଟ | ୫୯ |
| ଶ୍ରୀ ବାବୁ ତମନା ଜ ଯାତକ | ଟ | ୫୯ |

---

ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟ ସମାନୁକୂଳେଷୁ ।

ମହାଶୟ !

ଆଜରେ ପୁଣି ଏ ଅଧୀନ କେତେକ ପଂକ୍ତି ଘେନି ଆପଣଙ୍କ ପତ୍ରିକାର ଦ୍ୱାରଦେଶରେ ଅତିଥିଭାବରେ ଦଣ୍ଡାୟମାନ ହୋଇଅଛି । ଏହା ଆପଣଙ୍କର ଚିତ୍ତ ମନୋରଞ୍ଜକ ନୋହିଲେ ମଧ୍ୟ ଅତିଥିଭାବରେ ଏକପାର୍ଶ୍ୱରେ ସ୍ଥାନଦାନ ଦେଇ କୃତାର୍ଥ କରନ୍ତୁ ।

ଏହି ଉତ୍କଳ ପ୍ରଦେଶରେ ବିଶେଷରେ ଏହି କଟକ ଜିଲାରେ କେତେକ ସୁବିଖ୍ୟାତ ଜମିଦାର ପ୍ରଭୃତି ଧନମାନଙ୍କୁ କ୍ରମେ୨ ନଷ୍ଟ ହେବାର ସଦାସର୍ବଦା ଦେଖା ଯାଉଅଛି । ଏହାର କାରଣ ଏ ଅଧୀନ ସ୍ଥୂଳବୁଦ୍ଧିରେ ବିବେଚନା କରିଅଛି ଯେ ଏ ସେମାନଙ୍କର କିଛି ନିଜ ଦୋଷ ଏବଂ ଅବଶିଷ୍ଟ କର୍ମଚାରୀମାନଙ୍କଦ୍ୱାରା, ଯେଉଁମାନେ ଏହାକୁ ରଖିଥିଲେ ସେମାନେ ତାହାଙ୍କର ଚତୁରତା ଓ କାରପଣଦ୍ୱାରା ଉପାର୍ଜନ କରି ମଧ୍ୟ ରଖିଗଲେ । ମାତ୍ର ତାହାଙ୍କର ମାନବଲୀଳା ସମ୍ବରଣ ସମୟରେ ଉକ୍ତ ଲୀଳା ମଧ୍ୟ ତାହାଙ୍କ ସହିତରେ ଗମନ କଲା ତାହାଙ୍କର ଉତ୍ତରାଧିକାରମାନେ ପ୍ରାୟ କେତେକ ପରିଣତ ବୟସ୍କ ହେଉନ୍ତୁ ଅବା ଅପରିଣତ ବୟସ୍କ ହେଉନ୍ତୁ ( କେହି କେହି କ୍ଷମା ଭିନ୍ନ ) ସେମାନଙ୍କୁ ସେମାନଙ୍କ କର୍ମଚାରୀମାନେ ଯେ ଆଡ଼କୁ ଚଳାଇବେ ଅବା ଯେପରି ସେମାନେ (କର୍ମଚାରୀମାନେ) କାର୍ଯ୍ୟ କଲେ ତହିଁରେ କେହି ଦୃଷ୍ଟିପାତ କରିବାକୁ ନାହିଁ ।

ଯଦି ଜମିଦାରମାନେ କର୍ମଚାରୀମାନଙ୍କଠାରୁ ନିୟମିତ ମାସକୁମାସ ମାସ୍ତବାର ଆୟବ୍ୟୟ ପ୍ରଭୃତି ନେଉଥାନ୍ତେ ଏବଂ ଜମିଦାର ସମ୍ପର୍କୀୟ ମକଦମାମାନ ସ୍ୱୟଂ ତଦନ୍ତ କରୁଥାନ୍ତେ ଏବଂ ମାସକରେ ଥରେ ଦୁଇଥର କଚେରୀ ସନ୍ଦର୍ଶନ କରି ସେମାନଙ୍କର ଦୋଷଗୁଣ ଦେଖାଉଥାନ୍ତେ ତାହାହେଲେ ଅବଶ୍ୟ ସୁଶୃଙ୍ଖଳାରେ କାର୍ଯ୍ୟ ଚଳୁଥାନ୍ତା । ପୁନଶ୍ଚ ସେମାନେ ପାଶ୍ଚାତ୍ୟାନୁକରଣରେ ଯେପରି କୋଟ, ପେଣ୍ଟୁଲନ ପ୍ରଭୃତି ଧାରଣ କରୁଅଛନ୍ତି ସେହିରୂପ ଆପଣାର କାର୍ଯ୍ୟ ବୁଝୁ ନାହାନ୍ତି, ଦୁଃଖର ବିଷୟ !

୨୨ । ୮ । ୮୦ } କଟକ } ଆପଣଙ୍କର
ଶ୍ରୀ ଦାମୋଦର ନନ୍ଦ ।

---

ଶ୍ରୀଲ ମହାମାନ୍ୟବର ପରମପୂଜନୀୟ ଶ୍ରୀଯୁତ
ଉତ୍କଳଦୀପିକା ସମ୍ପାଦକ ମହାଶୟ
ଉଦାରଚରିତେଷୁ

ସବିନୟଂ

ମହାଶୟ ! ଆପଣଙ୍କ ଉତ୍କଳଦୀପିକାରେ ଅଗଷ୍ଟମାସ ତା ୧୪ ରିଖ ପତ୍ରରେ ଯେଉଁ ସକଳ ପ୍ରଶ୍ନ ଦେଇଥିଲେ ତାହା ଅବଗତ ହୋଇ ସପ୍ରମାଣ କରି ଉତ୍ତର ଲେଖୁଅଛୁଁ ଅନୁଗ୍ରହକରି ଆଗତ ସପ୍ତାହର ଉକ୍ତ ଦୀପିକାରେ ସ୍ଥାନ ପ୍ରଦାନ କରି ଚିରବାଧିତ କରିବାହେବେ ।

ବ୍ୟବସ୍ଥା

ବ୍ରାହ୍ମଣାଃ ସସ୍ତ୍ରୀକାଃ ପ୍ରବସେୟୁର୍ବା ନବେତି ପ୍ରଶ୍ନସ୍ୟୋତ୍ତରଂ ଯଥା;—

ତୀର୍ଥଯାତ୍ରା ବିନା ସକଳତ୍ର ବିପ୍ରା ନ ପ୍ରବସନ୍ତୁ ଇତ୍ୟତ୍ର ପ୍ରମାଣଂ ଆଗ୍ନିରଖଣ୍ଡେ । ତୀର୍ଥଯାତ୍ରାଂ ବିନା ବିପ୍ର ସକଳତ୍ରେ ନ ତ ପ୍ରୟାତୁ । ଇତି । ପ୍ରୟାଦିତ ସ୍ଥାନାନ୍ତରଂ ନ ଗଚ୍ଛେତୁ । କିନ୍ତୁ ଶ୍ରୀ ପୁରୁଷୋତ୍ତମ ବାରାଣସ୍ୟାଦ୍ୟତୀର୍ଥ କ୍ଷେତ୍ରବାସୋକ୍ତେଃ ସର୍ବତୀର୍ଥେଷ୍ୱପି ଗନ୍ତବ୍ୟମିତି ସ୍ମୃତ୍ୟନ୍ତର ପ୍ରାମାଣ୍ୟଂ

ରାଜକାର୍ଯ୍ୟବଶାତ୍ ବିଦେଶେ ନିବସନ୍ତୁ ସକ-

Split by PDF Splitter
Digitized by srujanika@gmail.com

Split by PDF Splitter



ନହେଷୁ ବପ୍ରେଷୁ ଜାବାତ୍ୟନ୍ତି ବା ନବେତି ପ୍ରଶ୍ନସ୍ୟୋତ୍ତରଂ ।

ରାଜକାର୍ଯ୍ୟବଶାଦ୍‌ବିପ୍ରାଣାଂ ସକଳତ୍ରାଣାଂ ସ୍ଥାନାନ୍ତରାବସ୍ଥିତତ୍ୱେଽପି ନ ବାଚ୍ୟେତ୍ୟାହୁଃ । ତତ୍ର ପ୍ରମାଣଂ । ତତ୍ରୈବ ଯଥା;—

ରାଜକାର୍ଯ୍ୟବଶାଦ୍‌ବିପ୍ରାଃ ପ୍ରବସନ୍ତି ଯଦା ତଦା ।
ନ ତେନ ଦୋଷମିତ୍ୟାହୁ ରାଜାଧୀନା ଯତଃ ପ୍ରଜାଃ

ତର୍ହି ପତ୍ନୀଂ ବିନା ପ୍ରବସନ୍ତୁ ତତ୍ର କା ହାନିରିତି ନ ବାଚ୍ୟଂ । ଯତଃ ପ୍ରବାସେ ସ୍ଥିତାନାଂ ପତ୍ନୀଶୂନ୍ୟତଯା ଦ୍ୱିଜାତ୍ୟାଶ୍ରମଗୃହେଽତ ଧର୍ମାଣା ମୁଚ୍ଛେଦଃ ସ୍ୟାଦତଃ ପ୍ରବାସେଽପି ପତ୍ନ୍ୟା ସହାବସ୍ଥିତତ୍ୱେ ନ ପ୍ରବାସଦୋଷ ଦୁଷ୍ଟିତତ୍ୱାଭାବାତ୍ ତତ୍ର ପତ୍ନ୍ୟା ସହଗମନମୂଲ୍ୟେୟଂ । ଗୃହିଣୀ ଗୃହମୁଚ୍ୟତେ । ସକଳଧର୍ମ ସହଚର୍ଯ୍ୟା ସ୍ୱପତିହାର୍ଯ୍ୟା ଭାର୍ଯ୍ୟେତ୍ୟାର୍ଯ୍ୟାଣାଂ ମର୍ଯ୍ୟାଦେତି ନ୍ୟାଯ୍ୟାତ୍ ।

ବ୍ରାହ୍ମଣାନାଂ ସ୍ୱଲଶାସ୍ତ୍ରାଧ୍ୟାପତ୍ୟେ ସେବକତ୍ୱ କର୍ମଣି ଚ ଅଧିକୃତତ୍ୱେ କା ହାନ୍ୟତେତି ପ୍ରଶ୍ନସ୍ୟୋତ୍ତରଂ ଯଥା;—

ବ୍ରାହ୍ମଣାନାଂ ପ୍ରଶ୍ନୋକ୍ତ କର୍ମଣି ନାଧିକାରଃ । ତତ୍ର ପ୍ରମାଣଂ ଶ୍ରୀମଦ୍ଭାଗବତେ ଯଥା;—

ଇଜ୍ୟାଧ୍ୟୟନ ଦାନାନି ବିହିତାନି ଦ୍ୱିଜନ୍ମନାଂ ।
ଜନ୍ମ କର୍ମାବଦାତାନାଂ କ୍ରିୟାଶ୍ଚାଶ୍ରମଚୋଦିତାଃ ।

ଇତି । ଅନ୍ୟତ ଯଜନଂ ଯାଜନଂ ତୈବାଧ୍ୟୟନାଧ୍ୟାପନେ ତଥା । ଦାନଂ ପ୍ରତିଗ୍ରହଶ୍ଚେତି ଷଟ୍‌କର୍ମାଣି ଦ୍ୱିଜନ୍ମନାଂ ॥ ଏତତ୍କର୍ତ୍ତୃମଶକ୍ତେ ଗତ୍ୟନ୍ତରମପୀଷ୍ୟତେ । ଋତାମୃତାଭ୍ୟାଂ ଜୀବେତ ମୃତେନ ପ୍ରମୃତେନ ବା ॥ ସତ୍ୟାନୃତେନ ବା ଜୀବେନ୍ନଶ୍ୱବୃତ୍ତ୍ୟା କଦାଚନ । ଋତ ମୁଞ୍ଛଶିଳଂ ପ୍ରୋକ୍ତମମୃତଂସ୍ୟାଦଯାଚିତଂ । ମୃତଂ ନିତ୍ୟଂ ହି ଯାଚ୍ଞାର୍ବୈ ପ୍ରମୃତଂ କର୍ଷଣଂ ସ୍ମୃତଂ ॥ ସତ୍ୟାନୃତଂ ତୁ ବାଣିଜ୍ୟଂ ଶ୍ୱବୃତ୍ତିର୍ନୀଚସେବନଂ । ବର୍ଜୟେତ୍ତାଂ ସଦା ବିପ୍ରୋ ରାଜନ୍ୟସ୍ତୁ ଜୁଗୁପ୍ସିତାମିତି । ତତ୍ର ମନୁଶ୍ଚ । ସୀଦନ୍ ବିପ୍ରୋ ବଣିଗ୍‌ବୃତ୍ତ୍ୟା ନ ଶ୍ୱବୃତ୍ତ୍ୟା କଦାଚନେତି । ଶୁନୋବୃତ୍ତିରବବୃତ୍ତିରତି । ନୀଚସେବାବଚ୍ଛେଦକତ୍ୱଂ ଶ୍ୱବୃତ୍ତିତ୍ୱମିତି ନିଷ୍କର୍ଷଃ । ଅତଏବ ପ୍ରଶ୍ନୋକ୍ତ କର୍ମଣଃ । ବ୍ରାହ୍ମଣାନାଂ ବଧେୟ କର୍ମାଭିରକ୍ତତ୍ୱାଦକର୍ତ୍ତବ୍ୟତ୍ୱମିତି ସର୍ବାନ୍ତମସ୍ମାକଂ ।

ପ୍ରସୂତସ୍ୟ ବାଳକସ୍ୟ ଜନ୍ମକାଲାଦ୍ଗର୍ଭାଧାନ ଦିବସାଦ୍‌ବା ଗଣନୀୟଂ ବୟଃ ପ୍ରମାଣମିତି ପ୍ରଶ୍ନସ୍ୟୋତ୍ତରଂ । ଗର୍ଭାଧାନ ଦିବସାଦେବ ଜାତସ୍ୟ ପୁତ୍ରସ୍ୟ ବୟଃ ପ୍ରମାଣଂ ପରିଗଣିତବ୍ୟଂ ନ ଭୂଜନୁତଃ । ତତ୍ର ପ୍ରମାଣଂ ଗଦାଧରପଦ୍ଧତୌ । ଯଥା;—ଶ୍ରୁତସେକାତ୍ପ୍ରଭୃତ୍ୟେବ ସମ୍ୟଃ ପରିଗଣିତମିତି ବଚନାତ୍ । ଇତି । କମର୍ଥକଂ ବହୁନାଲଂ ।

ବଶମ୍ବଦ

ଶ୍ରୀ ଯୋଗିମିଶ୍ର ଶର୍ମା

ଶ୍ରୀ ନୀଳକଣ୍ଠ ସଦସ୍ୟ ଶର୍ମାଣି

ପୁଷ୍ପ ଗାର ନରସିଂହପୁର

ପତ୍ରିତମାନେ କେବଳ ତତ୍ତ୍ୱ ପ୍ରମାଣଗୁଡ଼ିକ ବସ୍ତୁତରେ ଉଦ୍ଧୃତ ନ କରି ଓ ମତାମତ ପ୍ରଚଳିତ ଭାଷାରେ ଲେଖିପଠାଇଲେ ସର୍ବସାଧାରଣଙ୍କ ବୁଝିବା ପକ୍ଷରେ ସୁବିଧା ହୁଅନ୍ତା । ସମ୍ପାଦକ

* ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ
ସଂ ୩୮ ଖ୍ୟା

ତା ୧୮ ରଖ ମାହେ ସିପ୍ଟମ୍ବର ସନ ୧୮୮୦ ମସିହା । ମୂ । ଆଶ୍ୱିନ ବ ୪ ରୁ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୯

ରୁଷିୟା ଚୀନ ମଧ୍ୟରେ ସମସ୍ତ ବିବାଦ ମୀମାଂସା ହୋଇ ନୂତନ ସନ୍ଧିପତ୍ର ଲେଖାପଢି ହୋଇଅଛି । ଅବିଳମ୍ବେ ତାହା ସ୍ୱାକ୍ଷରିତ ହେବା ନିମିତ୍ତ ପେକିନ ନଗରକୁ ଆସିବ । ଏ ସନ୍ଧି-ଦ୍ୱାରା ଗୋଟିଏ ଭୀଷ ଯୁଦ୍ଧ ଓ ତଦ୍ଦ୍ୱାରା ମହା-ଜୀବ ନାଶ ସ୍ଥଗିତ ହେଲା ବଡ଼ ସୁଖର ବିଷୟ ଅଟଇ । ଏଥର ସନ୍ଧିଟି ଦୀର୍ଘକାଳ ସ୍ଥାୟୀ ହେଉ ।

---

କାନ୍ଦାହାର ଯୁଦ୍ଧରେ ଜୟଲାଭ କରିବାରୁ ଜେନରଲ ରବର୍ଟସ୍‌ଙ୍କ ପ୍ରଶଂସା ଓ ମର୍ଯ୍ୟାଦାର ସୀମା ନାହିଁ ଶ୍ରୀମତୀ ମହାରାଣୀ ଶୀଘ୍ର ଏହାଙ୍କୁ ଗୋଟିଏ ଉଚ୍ଚପଦ ଦେବାକୁ ମନସ୍ଥ କରି ଅଛନ୍ତି ଏବଂ ମାନ୍ଦ୍ରାଜର ବର୍ତ୍ତମାନ ସୈନ୍ୟା-ଧ୍ୟକ୍ଷ ସର ନେବିଲ ଚେମ୍ବରଲେନ ଆଗାମୀ ଫେବୃଏରୀ ମାସରେ କର୍ମତ୍ୟାଗ କଲେ ଉକ୍ତ ପଦରେ ସର ରବର୍ଟସ୍ ନିଯୁକ୍ତ ହେବାର ସ୍ଥିର ହୋଇଅଛି । ଅସାଧାରଣ କାର୍ଯ୍ୟ ଲାଭ କରି-ବାର ପାରିତୋଷିକ ଏତେ ଶୀଘ୍ର ସମସ୍ତଙ୍କ କପାଳରେ ଘଟଇ ନାହିଁ ।

---

ପୁଣି ଏକ ବୃହତ୍ ଦରବାରର କଥା ଏ ହାର ନାମ ଲର୍ଡ ରିପନଙ୍କର ପ୍ରଥମ ଦରବାର ହେବ । ସିମଲାରୁ ତାରଯୋଗେ ସମ୍ବାଦ ଆସିଅଛି ଯେ ଆଗାମୀ ନବେମ୍ବର ମାସ ତା ୧୦ ରଖରେ ଲାହୋରଠାରେ ଏ ଦରବାର ହେବ ଏବଂ ତହିଁର ଉଦ୍ୟମ ଆଜଠାରୁ ଲାଗିଲାଣି । ପଞ୍ଜାବ ଏଲାକାର କେତେଜଣ ବଡ଼ ରାଜା ଏବଂ ସୀମା ପ୍ରଦେଶର ଦରବାରମାନଙ୍କୁ ଆମନ୍ତ୍ରଣ ହେବ । ବୋଧ ହୁଅଇ ଅଫଗାନସ୍ଥାନ ସମ୍ପର୍କରେ ଏ ଦରବାରର ଆବଶ୍ୟକ ହୋଇଅଛି । କିନ୍ତୁ ଲର୍ଡ ଲିଟନଙ୍କ ଦରବାର ପରି ଅନର୍ଥକ ଗୁଡ଼ିଏ ଟଙ୍କା ବ୍ୟୟ କଲେ ଦରବାରର ସୁଖସାକ ଟାକ୍‌ସ ବାଟେ ବାହାରି ଯିବ ।

---

ଲିବରଲ୍ ଗବର୍ଣ୍ଣମେଣ୍ଟଙ୍କଠାରୁ ଆମ୍ଭେମାନେ ଯେସମସ୍ତ ଉପକାର ପାଇବାର ଆଶା କରିଥିଲୁଁ ତହିଁ ମଧ୍ୟରେ ଲାଇସେନ୍‌ସ୍ ଟାକ୍‌ସଟି ଉଠିଯିବା ପ୍ରଧାନ ଥିଲା କିନ୍ତୁ ସେ ଟାକ୍‌ସ ଉଠି ଯିବାର ତେଣିକି ଥାଉ କଲିକତର ସେକ୍ରେଟରୀଙ୍କ କହିବାରୁ ଜଣାଯାଏ ଯେ ଏହା ଚିରସ୍ଥାୟୀ ହୋଇ ରହିବ ଏବଂ ଚାକରିର ବେତନ ଓ ଅନ୍ୟାନ୍ୟ ଆୟ ଯାହା ବର୍ତ୍ତମାନ ଛାଡ଼ ଅଛି ତହିଁ ଉପରେ ମଧ୍ୟ ଟାକ୍‌ସ ବସିବ । ଆଫଗାନ ଯୁଦ୍ଧର ବ୍ୟୟ ପୂର୍ଣ୍ଣ କରିବା କାରଣ ଏପରି ପ୍ରସ୍ତାବ ହୋଇଅଛି । ଭାରତ-ବାସିଙ୍କ କପାଳରେ ସୁଖ ନାହିଁ ତାହା ନ ହେଲେ ଯେଉଁ ଲିବରଲ୍ ଦଳଭୁକ୍ତ ପ୍ରଧାନ ଲୋକମାନେ ଏ ଟାକ୍‌ସ ବିରୁଦ୍ଧରେ ଏତେ କଥା କହିଥିଲେ ସେ କି ଏହାକୁ ଚିରସ୍ଥାୟୀ କରିବାକୁ ମନ କରାନ୍ତେ । ନୂତନ ଗବର୍ଣ୍ଣର ଜେନରଲ ଏବିଷୟରେ କି ବିଚାର କରନ୍ତି ଦେଖିବାରେ ଆସିବ ।

---

ପାର୍ଲିମେଣ୍ଟ ସଭାର ଗୋଟିଏ ଅଧିବେଶନ ଗତମାସ ତା ୭ ରଖରେ ବନ୍ଦ ହେଲା । ଲର୍ଡ ଚାନସଲର ଶ୍ରୀମତୀ ମହାରାଣୀଙ୍କର ବକ୍ତୃତା ପାଠ କରିଥିଲେ । ତହିଁରେ ଭାରତବର୍ଷ ସମ୍ପ-ର୍କରେ ଲେଖା ଅଛି କି ଆଫଗାନସ୍ଥାନର ଉତ୍ତରଭାଗରୁ ବାହାରି ଆସିବାର ସମସ୍ତ ବନ୍ଦୋ-ବସ୍ତ ହୋଇଅଛି ଏବଂ ଯଦ୍ୟପି କି ଆୟୁବଖା-ନଙ୍କର ବିରୁଦ୍ଧ ନିମିତ୍ତ ଦକ୍ଷିଣଭାଗରେ କାନ୍ଦାହାରକୁ ରକ୍ଷାକରିବା ନିମିତ୍ତ ସୈନ୍ୟ ପଠାଇବାର ପ୍ରୟୋଜନ ହୋଇଥିଲା ମାତ୍ର ଜେନରଲ ରବର୍ଟସ୍ ଉତ୍କୃଷ୍ଟ ଜୟଲାଭ କରି ଥିବାରୁ ଆଉ ଯୁଦ୍ଧର ପ୍ରୟୋଜନ ନାହିଁ । ଅତଏବ ଶ୍ରୀମତୀ ମହାରାଣୀ ଭରସା କରନ୍ତି କି ଶୀଘ୍ର ଏ ଯୁଦ୍ଧ ଶେଷ ହେବ । ଭାରତବର୍ଷର ହିସାବରେ ଗୁରୁତର ଭୁଲ ବାହାରି ଥିବାରୁ ସେଠା ଆୟବ୍ୟୟର ପ୍ରକୃତ ଅବସ୍ଥା ଅବଧି ଜଣାପଡ଼ି ନାହିଁ ଏହା ଜଣା ଗଲାଠାରୁ ତଦ-ନୁସାରେ କାର୍ଯ୍ୟ କରିବାକୁ ହେବ ମାତ୍ର ଆଫ-ଗାନ ଯୁଦ୍ଧରେ ଯାହା ବ୍ୟୟ ହୋଇଅଛି ତହିଁର ଉପଯୁକ୍ତ ଅଂଶ ଇଂଲଣ୍ଡ ଦେବାକୁ ଯେଉଁ ଅଙ୍ଗୀକାର କରିଅଛନ୍ତି ତାହା ଅଳ୍ପକାଳ ମଧ୍ୟରେ ପୂର୍ଣ୍ଣ ହେବ । ଏରୂପେ ଦେଖାଯାଏ ଯେ ଶ୍ରୀମ-ତୀ ମହାରାଣୀଙ୍କର ଭାରତବର୍ଷ ପ୍ରତି ଏଥର ସୁଦୟା ହୋଇଅଛି ।

---

Digitized by srujanika@gmail.com

Split by PDF Splitter



ପଟ୍ଟୁଆସ୍ତି ବିଷୟରେ ଯେ ନୂତନ ନିୟମାବଳୀ ପ୍ରସ୍ତୁତ ହୋଇଅଛି ତହିଁରେ ଗୋଟିଏ ଉତ୍ତମ ଓ ନ୍ୟାଯ୍ୟ ବିଧି ହୋଇଅଛି । ତାହା ଏହି ଯେ ଯେଉଁ ମହାଲମାନଙ୍କରେ ପୂର୍ବ ବନ୍ଦୋବସ୍ତ ସମୟରୁ ପଟ୍ଟୁଆସ୍ତି ଅଛନ୍ତି ସେ ମହାଲମାନଙ୍କର ଭବିଷ୍ୟତ ବନ୍ଦୋବସ୍ତରେ ପଟ୍ଟୁଆରମାନେ ଖାରଜ ହେବେ ଓ ସେମାନଙ୍କ ଜାଗୀର ବାଜ୍ୟାପ୍ତ ହେବା ଯେ ପର୍ଯ୍ୟନ୍ତ ସେମାନେ ରହିବେ ଓ ଯେ କର୍ମମାନ କରିବେ ଓ ଯେ କାଗଜପତ୍ର ସରକାରରେ ଦାଖଲ କରିବେ ତହିଁର ବିଧିମାନ ପୂର୍ବବତ୍ ହୋଇଅଛି । ପଟ୍ଟୁଆସ୍ତି ସମୂଳେ ଉଠିଯିବା କଥାଟି ଜମିଦାରଙ୍କପକ୍ଷରେ ଶୁଭ ସମ୍ବାଦ ଅଟଇ ଓ ଯେଉଁ ମହାଲମାନଙ୍କରେ ବର୍ତ୍ତମାନ ପଟ୍ଟୁଆସ୍ତି ଅଛନ୍ତି ସେଥିର କାଗଜ ପଟ୍ଟୁଆସ୍ତିଦ୍ୱାରା ଦାଖଲ ହେବାର ବିଧି ହୋଇ ନ ଥିଲେ ଆହୁରି ଭଲ ହୋଇଥାନ୍ତା । କାରଣ ସେ କାଗଜମାନ ଅନର୍ଥକ ଓ କଷ୍ଟଦାୟକ ଅଟେ ଓ ଜମିଦାରଙ୍କଠାରୁ ପଟ୍ଟୁଆସ୍ତି କାଗଜ ନ ନେଲେ କିପରି ଦାଖଲ କରିବ ସୁତରାଂ ସେ ମହାଲମାନଙ୍କର ଜମିଦାରମାନେ କଷ୍ଟ ଓ ଖର୍ଚ୍ଚାରୁ ରକ୍ଷା ପାଇ ନ ପାରିବେ । ପୂର୍ବେ ପଟ୍ଟୁଆରମାନେ ଏ କାଗଜ ଦାଖଲ କରୁଥିଲେ ମାତ୍ର ରିକେଟସାହେବ ଓ ଶୋର ସାହେବ ତହିଁର ଅକର୍ମଣ୍ୟତା ଓ ନିଷ୍ଫଳତା ବିଷୟ ଗବର୍ଣ୍ଣମେଣ୍ଟରେ ଜଣାଇ ସନ ୧୮୬୦ ସାଲରୁ ତାହା ରହିତ କରାଇଥିଲେ । ସେ କାଗଜ ସେହିପରି ରହିତ ରହିବାର ଉଚିତ ଓ ଏତେଦିନ ପଟ୍ଟୁଆରମାନେ ଯେପରି ମାହାଲିଆ ଜାଗୀର ଖାଉଥିଲେ ସେହିପରି ଖାଇବାର ଭଲ ଏ କାଗଜ ଦାଖଲର ନିୟମ ଭଲ ନୁହେ ।

---

ଓଡ଼ିଶା ନାଳମାନଙ୍କରେ ଆଦାୟ ହେବା ମାସୁଲର ନୂତନ ଦର ଗଜେଟରେ ବାହାରି ଅଛି । ଏବଂ ଏ ଦର ଗତ ଅଗଷ୍ଟମାସ ତାଂ ୧ରଖଠାରୁ ପ୍ରଚଳିତ ହେବାର ଆଜ୍ଞା ଅଛି । ଅମ୍ଭେମାନେ ଦେଖିଲୁଁ ଯେ ନୌକାର ବୋଝାଇ ଉପରେ ଯେଉଁ ଦରରେ ପୂର୍ବେ ମାସୁଲ ନିଆଯାଉଥିଲା ତାହା ଠିକ ରହିଅଛି । କେବଳ ପୂର୍ବର ଦରରେ ଯେ ସମସ୍ତ ଦୋଷ ଥିଲା ତହିଁ ମଧ୍ୟରୁ କେତେଟା ସଂଶୋଧନ ହୋଇଅଛି ଯଥା ଭେଳା କରି ନେବା ବାଉଁଶ ଗୋ ୧୦୦ ଟାକୁ ପୂର୍ବେ ଟ ୦୵ ଥିଲା ବର୍ତ୍ତମାନ ଦୁଇ ପଇସା ହୋଇଅଛି ଓ କାଠଭେଳା ଉପରେ ପୂର୍ବେ ସରୁ ଓ ମୋଟ କାଠର ମାସୁଲ ଏକସମାନ ଥିଲା ବର୍ତ୍ତମାନ କାଠର ମୋଟ ଅନୁସାରେ ଗୋଟଟାକୁ ଟ ୦୯ଠାରୁ ଦୁଇ ଅଣା ପର୍ଯ୍ୟନ୍ତ ହୋଇଅଛି । କେବଳ ହାତ ୪ଠାରୁ ଅଧିକ ଲମ୍ବ ଦ୍ୱିଗୁଣା ଉପରେ ଟ ୦୵୫ ହୋଇଅଛି । ଏପରି ଖାଲି ନୌକାର ମାସୁଲ ପୂର୍ବେ ମାପ ଅନୁସାରେ ନିଆଯାଉଥିଲା ବର୍ତ୍ତମାନ ତହିଁର ସ୍ୱତନ୍ତ୍ର ଏକ ଭଡ଼ା ଅର୍ଥାତ ବର୍ଷାକାଳରେ ଟ ୦। ଏବଂ ଅନ୍ୟ କାଳରେ ଟ ୦୵ ହୋଇଅଛି । ଅମ୍ଭେମାନେ ଆଶା କରୁଁ ଯେ ଏତଦ୍ଦ୍ୱାରା କାଠ ବାଉଁଶ ଇତ୍ୟାଦି ଅଧିକ ପରିମାଣରେ ନାଳରେ ଗତାୟାତ କରିବ କିନ୍ତୁ ଆଉ ଗୋଟିଏ ଅଭାବ ରହିଗଲା । ଅତି ସାମାନ୍ୟ ମୂଲ୍ୟର ଦ୍ରବ୍ୟ ଯଥା ଛଣ କୁଟା ପନ ପଲବା ଇତ୍ୟାଦି ପକ୍ଷରେ ଅନ୍ୟାନ୍ୟ ଦ୍ରବ୍ୟ ପରି ମାସୁଲ ନେବାର ନିୟମ ଭଲ ହୋଇନାହିଁ । ପ୍ରଥମରେ ଏପ୍ରକାର ଦ୍ରବ୍ୟ ବୋଝାଇ ହେବା ନୌକାକୁ ଖାଲି ନୌକା ମଧ୍ୟରେ ଧରିଥିଲେ ବଡ଼ ଭଲ ହୋଇଥାନ୍ତା । ପଶ୍ଚାତ୍ ଏଥିର କାରବାର ବିସ୍ତାର ହେଲେ କିଛି ଅଧିକା ମାସୁଲ ନେବା ଅନ୍ୟାଯ୍ୟ ହୋଇଥାନ୍ତା ନାହିଁ । କର୍ତ୍ତୃପକ୍ଷୀୟମାନେ ଏବିଷୟର ବିଚାର କଲେ ନାଳର କାର୍ଯ୍ୟକାରିତା ବୃଦ୍ଧି ହେବ ।

---

### କାବୁଲ ସମାଚାର ।

ଇଂରାଜ ସେନା କାବୁଲରୁ ବାହାରି ଆସିଲାରୁ ସେଠାର ସମ୍ବାଦରେ କାହାରି ମନ ନିବେଶ ହେଉ ନାହିଁ । ବାସ୍ତବରେ ସାଧାରଣଙ୍କ ଜାଣିବା ଯୋଗ୍ୟ କୌଣସି ବ୍ୟାପାର ସେଠାରେ ଘଟୁ ନାହିଁ । ଅମୀର ଅବଦୁଲ ରହମାନଖାଁ ଅବସର କ୍ରମେ ଆପଣା ରାଜତ୍ୱ ଦୃଢ଼ କରିବାରେ ଲାଗିଅଛନ୍ତି ।

ବର୍ତ୍ତମାନ ସର୍ବସାଧାରଣଙ୍କ ମନ ଦକ୍ଷିଣ ଅଫଗାନସ୍ଥାନରେ ରହିଅଛି । କାନ୍ଦାହାରକୁ ଜେନରଲ ରବର୍ଟସ ଆସିବା ମାତ୍ରକେ ଆୟୁବ ଖାନଙ୍କୁ ଯେଉଁ ଶିକ୍ଷା ଦେଲେ ତାହା ଗତ ସପ୍ତାହରେ ଲେଖି ଅଛୁଁ । ଆୟୁବ ଖାନଙ୍କ ପକ୍ଷରେ ଜେନରଲ ରବର୍ଟସ୍ ସାକ୍ଷାତ୍ କାଳସ୍ୱରୂପ ବୋଲିବାକୁ ହେବ । ସେ ଦୁଇଦିନ ଯୁଦ୍ଧରେ ଆୟୁବଖାନଙ୍କର ସମସ୍ତ ସେନା ଛିନ୍ନଭିନ୍ନ କରି ଦେଲେ । ମଇ ଦଶହଜାର ଅଫଗାନୀ ସୈନ୍ୟ ଇଂରାଜମାନେ ବନ୍ଦ କରିଥିବାର ସମ୍ବାଦଟି ଅମୂଳକ ବୋଧ ହେଉଅଛି । ଯାହାହେଉ ପ୍ରଶଂସିତ ଜେନରଲଙ୍କ ବିକ୍ରମଦ୍ୱାରା ଆୟୁବ ଯେ କାନ୍ଦାହାର ଗଡ଼ ହିରାତକୁ ପଳାୟନ କରିଅଛନ୍ତି ତହିଁରେ ସନ୍ଦେହ ନାହିଁ । କଥିତ ହୁଅଇ ତାହାଙ୍କ ସଙ୍ଗେ ତାହାଙ୍କର ପ୍ରଧାନ ସୈନିକ କର୍ମଚାରୀମାନେ ଏବଂ ଅଳ୍ପଶତ ହସ୍ତୀ ଘୋଡ଼ା ସୁଆର ଏବଂ ଗୋଟିଏ ମାତ୍ର ତୋପ ଅଛି । ଅନ୍ୟ ସୈନ୍ୟ ସମସ୍ତ ତାହାଙ୍କୁ ଛାଡ଼ି ପଳାଇଅଛନ୍ତି । ହିରାତରେ ସେ ପ୍ରବେଶ ନ ହେଉଣୁ ସେଠା ସୈନ୍ୟମାନେ ବିଦ୍ରୋହୀ ହୋଇ ଆପଣା ସର୍ଦାରକୁ ମାରି ପକାଇ ଅଛନ୍ତି ଏବଂ ଏଣେ ଆୟୁବଙ୍କୁ ଧରିବା ନିମିତ୍ତ ଶ୍ରୀମତୀ ମହାରାଣୀଙ୍କଠାରୁ ଆଜ୍ଞା ଆସିବାର କଥିତ ହୁଅଇ ସୁତରାଂ ଆୟୁବଙ୍କର କୌଣସିଠାରେ ସ୍ୱାଗତ ଦେଖା ଯାଉ ନାହିଁ ଏବଂ ଆମ୍ଭମାନଙ୍କ ବିବେଚନାରେ ତାହାଙ୍କ ଗିରଫ୍ତାରର ଚେଷ୍ଟା କରିବା ଭାରି ଆବଶ୍ୟକ ଅଟଇ । କାନ୍ଦାହାରଟି ଇଂରାଜଙ୍କ ଅଧିକାର ମଧ୍ୟରେ ଆସିଲା ଏଥର ତହିଁ ପ୍ରତି କି ସୁବିଧାନ ହେବ ଜାଣିବା ନିମନ୍ତେ ସମସ୍ତେ ବ୍ୟସ୍ତ ଏବଂ ଭାରି ସମ୍ଭବ ଯେ ଅଳ୍ପକାଳ ସେ ପକ୍ଷରେ ଗବର୍ଣ୍ଣମେଣ୍ଟଙ୍କର ମନସ୍ଥ ପ୍ରକାଶ ପାଇବ । ଜଣେ ସରଦାରକୁ ଏଥିରେ ରାଜା କରିବା ବନ୍ଦୋବସ୍ତ ଫଳପ୍ରଦ ହେଲା ନାହିଁ ସ୍ୱୟଂ ଅଧିକାର କଲେ ବହୁତ ବ୍ୟୟ ଲାଗିବ କାରଣ ଅନ୍ତତଃ ଦଶହଜାର ଫୌଜ ସେ ଦେଶର ଶାସନ ନିମିତ୍ତ ଦରକାର ଓ ତାହା ସେ ଅଥବା ଭାରତବର୍ଷ ଦେବାକୁ କୌଣସି ମତେ ସକ୍ଷମ ନୁହନ୍ତି । ଏହିପରି ବିଷମସମସ୍ୟା ପଡ଼ିଅଛି ।

— * —

### ସଙ୍ଗୀତ ।

ଗତ ସପ୍ତାହରୁ ଏ ନଗରରେ ଗଣେଶ ପୂଜାର ଧୂମ ଲାଗିଅଛି । ଗଣେଶଙ୍କ ସଂଖ୍ୟା ଅଧିକ ସୁତରାଂ ତଦୁପଲକ୍ଷରେ ଆମୋଦ ପ୍ରମୋଦ ବୃଦ୍ଧି ହେବାର ଦେଖା ଯାଏ । ଏ ନଗରରେ ସାନ ବଡ଼ ଗଣେଶ ପ୍ରତିମା ଦେଖିଲେ ବଙ୍ଗଳାର ଦୁର୍ଗୋତ୍ସବର କାଣ୍ଡ ମନେ ପଡ଼ଇ । ଏମନ୍ତ ଚଟଶାଳୀ ନାହିଁ ଯେ ସେଠାରେ ଗଣେଶଙ୍କର ଗୋଟିଏ ପ୍ରତିମା ବସି ନାହିଁ ଏବଂ ଅନେକ ଗୃହସ୍ଥ ଆପଣା ପିଲାଙ୍କ ଅଥବା ଅବଧାନଙ୍କ ଅନୁରୋଧରେ ଗୋଟିଏ ଲେଖାଏ ଗଣେଶ ପ୍ରତିମା ବଜାରରୁ କିଣିନେଇ ପୂଜା କରୁଅଛନ୍ତି । ଗଣେଶ ପୂଜାର ବୃଦ୍ଧିରେ କେବଳ କୁମ୍ଭାର ଓ ଚିତ୍ରକାରଙ୍କର ବ୍ୟବସାୟ ବୃଦ୍ଧି ହୋଇଅଛି ଏମନ୍ତ ନୁହେ ନାନା ପ୍ରକାର ନୃତ୍ୟ ଗୀତ ବ୍ୟବସାୟିଙ୍କର ଗୋଟିଏ ନୂତନ ଅର୍ଜନର ପଥ ଫିଟିଅଛି । ଏହି ଶେଷୋକ୍ତ ବ୍ୟବସାୟର ଅବସ୍ଥା ଦେଖି ଆମ୍ଭମାନଙ୍କର

Digitized by srujanika@gmail.com

Split by PDF Splitter



ହର୍ଷବିଷାଦ ଜାତ ହୋଇଅଛି । ହର୍ଷର କାରଣ ଏହି କି ସଙ୍ଗୀତ ଯେ ଆମୋଦ ପ୍ରମୋଦର ଏକମାତ୍ର ନ ହେଲେ ମଧ୍ୟ ପ୍ରଧାନ ଅଙ୍ଗ ଅଟଇ ଏ କଥା ଅବଶ୍ୟ ସମସ୍ତଙ୍କ ମନରେ ଜାଗ୍ରତ ରହି ଅଛି କାରଣ ଯେଉଁଠାରେ ପୂଜାବିଧି ଅଛି ସେଠାରେ ନୃତ୍ୟ ଗାନ ଭିନ୍ନ ଅନ୍ୟ ଚର୍ଚ୍ଚା ଦେଖାଯାଏ ନା । ବାସ୍ତବରେ ସଙ୍ଗୀତ ଯେ ଚିତ୍ତବିନୋଦର ପ୍ରଧାନ କାରଣ ଏବଂ ଏହି ହେତୁ ଅତି ପ୍ରାଚୀନ କାଳରୁ ଦେବତାଠାରୁ ଇତର ମନୁଷ୍ୟ ପର୍ଯ୍ୟନ୍ତ ଏହାର ଚର୍ଚ୍ଚାକରି ଆସୁ ଅଛନ୍ତି ଏବଂ ବିଜ୍ଞଋଷିମାନେ ଏ ବିଦ୍ୟାର ଉନ୍ନତି ନିମିତ୍ତ ଯଥୋଚିତ ଯତ୍ନ ଓ ଚେଷ୍ଟା କରି ପୃଥିବୀ ମଧ୍ୟରେ ଭାରତବର୍ଷର ସଙ୍ଗୀତର ଉତ୍କୃଷ୍ଟତା ସ୍ଥାପନ କରି ଯାଇ ଅଛନ୍ତି । ଏପରି ସଙ୍ଗୀତର ଯେତେ ଅଧିକ ଚର୍ଚ୍ଚା ହୁଅଇ ତେତେ ଆନନ୍ଦର ବିଷୟ ମାତ୍ର ବିଷାଦର ବିଷୟ ଏହି ଯେ ଶାସ୍ତ୍ରକାରମାନେ ସଙ୍ଗୀତର ଉତ୍କର୍ଷସାଧନ ନିମିତ୍ତ ଯେ ସମସ୍ତ ନିୟମ ନିର୍ଦ୍ଦିଷ୍ଟ କରିଯାଇ ଅଛନ୍ତି ଏବଂ ଯେ ସବୁ କ୍ରିୟା-ଦ୍ୱାରା ସଙ୍ଗୀତ ଆନନ୍ଦମୟ ହୁଅଇ ସେ ସମସ୍ତ ଜାଣିବା ଓ ତଦନୁସାରେ ଅଭ୍ୟାସ କରିବାକୁ କେହି ଯତ୍ନ ନ କରିବାରୁ ଏହାଦ୍ୱାରା ଯେତେ ଦୂର ଆନନ୍ଦ ଲାଭ କରିବା ସମ୍ଭବ ତାହା ଘଟନା ହୋଇ ପାରୁ ନାହିଁ । ସଙ୍ଗୀତଶାସ୍ତ୍ର ଅତି ଦୁରୂହ ଅଳ୍ପ ଆୟାସରେ ସାଧ୍ୟ ହେବାର ନୁହଇ । ସୁତରାଂ ଶାସ୍ତ୍ରର ନିୟମାନୁସାରେ ସଙ୍ଗୀତବିଦ୍ୟାରେ ନିପୁଣହେବା ଲୋକ ଅଳ୍ପ ଦେଖି ପଡନ୍ତି ଏ ବ୍ୟବସାୟକୁ ବର୍ତ୍ତମାନ ଯେଉଁମାନେ ଏ ପ୍ରଦେଶରେ ଅବଲମ୍ବନ କରିଅଛନ୍ତି ସେମାନଙ୍କର ନା ବିଦ୍ୟା ନା ସଙ୍ଗତ ନା ଉଚ୍ଚାକାଙ୍କ୍ଷା ଅଛି । ସେମାନେ କେବଳ ସାମାନ୍ୟରେ ପେଟ ପାଳିବା ନିମିତ୍ତ କୌଣସି ମତେ ଏକ ଅରକଠାରୁ ଶିକ୍ଷାକରି ଏକ ପଞ୍ଝା ଦକ୍ଷିଣୀ ବା ଦୁମ୍ପ୍ତି ନାଟୂଆ ପିଲା ଛୁଡାକରି ଯାତ୍ରାପର୍ବ ସମୟରେ ତାହାଙ୍କୁ ଘେନି ଭଦ୍ରଲୋକଙ୍କ ପ୍ରାୟ ଦ୍ୱାରେ ଦ୍ୱାରେ ବୁଲନ୍ତି ଏବଂ ଲୋକଙ୍କର ରୁଚି ମଧ୍ୟ ଉନ୍ନତ ଓ ମାର୍ଜ୍ଜିତ ହୋଇ ନ ଥିବାରୁ ତାହା ଶୁଣି ତୃପ୍ତି-ଲାଭ କରନ୍ତି । ଏହିରୂପେ ପ୍ରକୃତ ସଙ୍ଗୀତ କାହାକୁ ବୋଲାଯାଏ ତାହା ଏକାବେଳକେ ଲୋପ ହେବାର କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଲୋକେ କେବଳ ମୋଟ ଫଳକୁ ଲକ୍ଷକରି ଗଣ୍ଡଗୋଳରେ ଆମୋଦ ଅନୁଭବ କରନ୍ତି । ସଙ୍ଗୀତର ପ୍ରଧାନଅଙ୍ଗମାନ ଅର୍ଥାତ ସ୍ୱର ତାଳ ଲୟ କସ ଓ ସେ ସମସ୍ତ କି ପ୍ରକାର ମିଶିଲେ ପ୍ରକୃତ ସଙ୍ଗୀତର ମୋହିନୀଶକ୍ତି ପ୍ରକାଶ ପାଏ ଓ କି ହେତୁରୁ ଏଥିର ବିକୃତ ଜାତ ହୋଇ ବିପରୀତ ଫଳ ଘଟାଏ ଯେଉଁ-ମାନେ ଏହା ବୁଝିପାରନ୍ତି ସେହିମାନେ ଯଥାର୍ଥ ଶ୍ରୋତା ଏବଂ ଯେଉଁମାନେ କ୍ରିୟାଦ୍ୱାରା ଏହା ଦେଖାଇ ପାରନ୍ତି ସେହିମାନେ ଗାୟକ କିନ୍ତୁ ଏପ୍ରକାର ଶ୍ରୋତା ଓ ଗାୟକ ବର୍ତ୍ତମାନ ଦେ-ଖିବା ବିରଳ । ବର୍ତ୍ତମାନର ଶ୍ରୋତାମାନେ କଣ୍ଠ, ରୂପ ବୟସ, ଅଙ୍ଗଭଙ୍ଗୀ ବନ୍ଧ ଏବଂ ଗୀତର ଭାବ କବିତ୍ୱ ଇତ୍ୟାଦି ଯହିଁରେ ଯାହାର ରୁଚି ତାହା ଯେପରିମାଣରେ ଯେଉଁ ନାଟୂଆପିଲାଠାରେ ଦେଖନ୍ତି ସେ ପରିମାଣରେ ତାହାଠାରେ ପ୍ରସନ୍ନ ହୁଅନ୍ତି । ଏସମସ୍ତ ଯେ ସଙ୍ଗୀତର ଅନ୍ତର୍ଗତ ନୁହଇ ଏହା ଆମ୍ଭେମାନେ ବୋଲୁନାହୁଁ । ବାସ୍ତବରେ ଏମାନ ସଙ୍ଗୀତକୁ ଲୋଡା ମାତ୍ର ଏଥି ଉପରେ ଯାହା ସଙ୍ଗୀତର ପ୍ରଧାନ ଅଙ୍ଗ ବୋଲି ବ୍ୟକ୍ତ ହୋଇଅଛି ତାହା ବିନା ପ୍ରକୃତ ସଙ୍ଗୀତର ସୁଖଲାଭ ହୁଅଇ ନାହିଁ । ଚୂର ପାଞ୍ଚଜଣ ମିଶି ଯେ ଯାହା ଶକ୍ତିଅନୁସାରେ ଉଚ୍ଚ ସ୍ୱରରେ ଗାୟନ କରି ପାରିଲେ ଏବଂ ବାଦ୍ୟକ ତହିଁ ସଙ୍ଗରେ ଯଥେଚ୍ଛା ବଳରେ ମୃଦଙ୍ଗର ଶବ୍ଦ ବାହାର କରି ପାରିଲେ ଉତ୍ତମ ସଙ୍ଗୀତ ହେଲା ଏ ପ୍ରଦେଶର ସଙ୍ଗୀତ ବ୍ୟବସାୟିଙ୍କଠାରେ ଏଥିରୁ ଅଧିକ କିଛି ଦେଖାଯାଉ ନାହିଁ । ସଙ୍ଗୀ-ତର ଏତାଦୃଶ ଦୁରବସ୍ଥା ଦେଖି ବଙ୍ଗଳା ଓ ପଶ୍ଚିମର ଲୋକ କି ଯାହାଙ୍କ ମଧ୍ୟରେ ସଙ୍ଗୀତର ଉନ୍ନତପ୍ରକାର ଚର୍ଚ୍ଚା ଅଛି ସେମାନେ ଯେ ଉପ-ହାସ କରିବେ ଏଥିରେ ବିଚିତ୍ର କି ଅଛି । ବାସ୍ତବରେ ସଙ୍ଗୀତର ଏପରି ଦୁରବସ୍ଥା ଅତି ଦୁଃଖର ବିଷୟ ଅଟଇ ଅସ୍ମଦ୍ଦେଶୀୟଙ୍କୁ ଏଥିପ୍ରତି ବେଳେ ବେଳେ ଦୃଷ୍ଟି କରିବା ଏବଂ ଏଥିର ଉନ୍ନତିର ଚେଷ୍ଟା କରିବା ଉଚିତ ଏହିକଥା ସର୍ବସାଧାର-ଣଙ୍କୁ ପୁନଃ ପୁନଃ ସ୍ମରଣ କରାଇ ଦେବାର ଇଚ୍ଛା ରଖୁଁ ।

---

## ମୟୂରଭଞ୍ଜର ଶାସନପ୍ରଣାଳୀ ।

ଗତ ମୟୂରଭଞ୍ଜ ପତ୍ରିକାରେ ଲେଖାଅଛି କି "ଆମ୍ଭେମାନେ ମୟୂରଭଞ୍ଜ ରାଜ କଚେରିର ସମ୍ମୁଖରେ ମାସମଧ୍ୟରେ ଅନେକ ଥର ପଲ ପଲ ଗୋରୁ, ମହିଷ, ଛାଗ ପ୍ରଭୃତି ପାଳିତ ଓ ବ୍ୟବ-ହାର୍ଯ୍ୟ ପଶୁ ପୁଣି କଂସା ବାସନ, ଲୁଗାପଟା ପେଡି ପେଟେରା ପ୍ରଭୃତି ଉଲ୍ଲମନ୍ଦ ଓ ନୂତନ ପୁରାତନ ଗୃହସାମଗ୍ରୀ ପ୍ରକାଶ୍ୟରେ ବିକ୍ରୟ ନିଲାମ ହେଉଥିବାର ଦେଖୁ ଅଛୁଁ । ଏମନ୍ତ କି ଏକ ଏକ ଜଣଙ୍କର ଏକାବେଳକେ ସର୍ବନାଶ ହୋଇ ଯାଉଅଛି । ଶୁଣିଲୁଁ ମହାରାଜାଙ୍କ ରାଜସରକା-ରର ଅନାଦାୟୀ ରାଜସ୍ୱ ନିମନ୍ତେ ସରଦାର ଓ ମହାଲଦାର ପ୍ରଭୃତିଙ୍କ ଉପରେ କଲେକ୍ଟରୀ ବିଭାଗରୁ ଏହିପରି ବିଧାନଦ୍ୱାରା ଟଙ୍କା ଆଦାୟ ହେଉଅଛି । ଅନ୍ୟାନ୍ୟ ଲୋକଙ୍କର ଦେଣ ନିମନ୍ତେ ମଧ୍ୟ ଏହିପରି ଦେଣଦାରମାନଙ୍କର ସମସ୍ତ ଦ୍ରବ୍ୟ ବିକ୍ରୀତ ହୋଇ ଟଙ୍କା ଆଦାୟ ହେଉଅଛି; ଏପରି କାରବାର ଏଠା ମହାଜନ ଖାତକ ଏବଂ ମହାରାଜା ଓ ତଦୀୟ ସରଦାର ପ୍ରଭୃତି କର୍ମଚାରିଙ୍କ ମଧ୍ୟରେ ନିୟତ ଚାଲୁଅଛି ।" ଋଣ ପରିଶୋଧ ନିମିତ୍ତ ଖାତକର ଗୃହସାମଗ୍ରୀ ସମୟେ ସମୟେ ନିଲାମ କରାଇବାର ଆବଶ୍ୟକତା ଦେଖା ଯାଏ ଏବଂ ଏ ରୀତି ସର୍ବତ୍ର ପ୍ରଚ-ଳିତ ଅଛି । କିନ୍ତୁ ଖଜଣା ଆଦାୟ ନିମିତ୍ତ ବହୁ-ସଂଖ୍ୟକ ପ୍ରଜାଙ୍କର ଉପରେ ଲିଖିତ ପ୍ରକାର ଦ୍ରବ୍ୟାଦି ବିକ୍ରୟ ହେବା ଅସାଧାରଣ ଅଟଇ ଏବଂ ଏକଥା କଦାଚ ସୁଶାସନର ପରିଚାୟକ ନୁହଇ । ଆମ୍ଭେମାନେ କି ଗଡ଼ଜାତ କି ମୁଗଲବନ୍ଦିରେ ଦେଖୁଁ ଯେ ପ୍ରଜାମାନେ ଖଜଣା ଦେବାକୁ ସର୍ବଦା ତତ୍ପର କେହି ବାକିଦାର ହେବାକୁ ସୁଖ ପାଆନ୍ତି ନାହିଁ ଏବଂ ଅକର୍ତ୍ତବ୍ୟରେ କେହି ବାକିଦାର ହେଲେ ଭୂମ୍ୟଧିକାରୀ ତାହା ଋହି ସମ୍ପୂର୍ଣ୍ଣ ଆଦାୟ କରିବାକୁ ମଧ୍ୟ ତ୍ରୁଟି କରନ୍ତି ନାହିଁ । ଏହା ବୋଲି ଯେ ବାକି ଖଜଣାର ନାଲିଶ ଆଦୌ ହୁଅଇ ନାହିଁ ଏମନ୍ତ ନୁହେ । ଅଧିକାଂଶ ବାକି ଖଜଣା ନାଲିଶର ମୂଳ ଅନ୍ୟ ପ୍ରକାର ବିବାଦ ଅଟଇ ଏବଂ ମାମଲାଦ୍ୱାରା ସେ ବିବାଦର ମୀମାଂସା ହୋଇ ଗଲେ ପ୍ରଜା କୌ-ଣସିରୂପେ ଆପଣା ଦେଣା ପରିଶୋଧ କରେ ସେଥିପାଇଁ ତାହାର ଦ୍ରବ୍ୟାଦି ନିଲାମ ହେବା ଅତି ବିରଳ । ବିଶେଷ ଗଡ଼ଜାତରେ ଶୁଣିଅଛୁଁ ଯେ ପ୍ରଜା ବାକିଦାର ହେଲେ ସେ ଆପଣା ଭୂମିରୁ ବଞ୍ଚିତ ହୁଅଇ ଅନ୍ୟ ଲୋକ ତାହାର ବାକି ଆଦାୟ କରି ସେ ଭୂମିକୁ ପ୍ରାପ୍ତ କରଇ । ମୟୂରଭଞ୍ଜରେ ଯେ ପ୍ରକାର ନିଲାମର କଥା ଉପରେ ଲେଖାଅଛି ତହିଁରୁ ଅନୁମାନ ହୁଅଇ ଯେ ସେଠା ପ୍ରଜାଙ୍କ ଉପରେ ଏତେ ଅଧିକ କର ବସିଅଛି ଯେ ତାହା ସେମାନେ ଦେବାକୁ ଅକ୍ଷମ ଅଥବା କୌଣସି କାରଣରୁ ଆପଣା ଉଚିତ ଦେଣ ନ ଦେବାକୁ ମେଳ କରିଅଛନ୍ତି ।

Digitized by srujanika@gmail.com

ପ୍ରଥମ କାରଣ ସମ୍ପର୍କରେ ପତ୍ରିକାରେ ଲେଖା-ଅଛି କି ଯଦ୍ୟପି ମହାରାଜା ମାଗଣପଞ୍ଚା ଇତ୍ୟାଦି ଅନେକ ପ୍ରକାର ସାମୟିକ କର ଉଠାଇ ଦେଇ କେବଳ ଭୂମିର ଉର୍ବରତା ଅନୁସାରେ କର ବସାଇ ଅଛନ୍ତି ମାତ୍ର ପୂର୍ବେ ଏକ୨ ପ୍ରକାରୁ ମୋଟରେ ଯେତେ ଦେଣ ପଡ଼ୁଥିଲା ବର୍ତ୍ତମାନର ଜମା ତହିଁରୁ ଅଧିକ ବୋଲି ଯାଇ ନ ପାରେ । ଏଥିରୁ ଏମନ୍ତ ଅର୍ଥ କରିବା ଅସଙ୍ଗତ ନୁହଇ ଯେ ମହାରାଜା କେବଳ ପ୍ରକାଶ୍ୟରେ ମାଗଣ ଇତ୍ୟାଦି ଉଠାଇ ଦେଇଅଛନ୍ତି ମାତ୍ର କାର୍ଯ୍ୟତଃ କିଛି ପରିତ୍ୟାଗ କରି ନାହାନ୍ତି ସୁତରାଂ ତଦ୍ଦ୍ୱାରା ପ୍ରଜାଙ୍କର କର ଭାର କୌଣସିରୂପେ ଊଣା ହୋଇ ନାହିଁ । ବରଂ ମାଗଣ ଇତ୍ୟାଦି କି ଯାହା କେବେ୨ ଦେବାକୁ ହେଉଥିଲା ବର୍ତ୍ତମାନ ଜମା ମଧ୍ୟରେ ଆସି ନିୟମିତରୂପେ ଆଦାୟ ହେବାରୁ ପ୍ରଜାଙ୍କୁ ଅଧିକ ବାଧୁଅଛି । ଏ ପ୍ରକାର ଅନୁମାନଦ୍ୱାରା ପ୍ରଜାଙ୍କର ମେଳ କରିବାର ମଧ୍ୟ କାରଣ ହେଉ ନାହିଁ । ଗଡ଼ଜାତ ପ୍ରଜାମାନେ ସଚରାଚର ମେଳ କରନ୍ତି ସତ୍ୟ ମାତ୍ର କୌଣସି ଅତ୍ୟାଚାର ବିନା ମେଳ ସମ୍ଭବ ନୁହଇ । ଉଚିତ ବ୍ୟବସ୍ଥା ବିରୁଦ୍ଧରେ ମେଳ କରିବାର ଉଦାହରଣ ଅତ୍ୟନ୍ତ ବିରଳ । ବାସ୍ତବରେ ତାହା ଗଡ଼ଜାତ ସରଳ ପ୍ରଜାଙ୍କ ସ୍ୱଭାବ ବିରୁଦ୍ଧ ଅଟଇ । ଅତଏବ ସ୍ପଷ୍ଟ ଜଣା ଯାଉଅଛି କି ମହାରାଜାଙ୍କର ପ୍ରଜା ପାଳନ ରୀତିରେ ବିଶେଷ ଦୋଷ ଅଛି ଓ ଯେବେ ତାହା ହେଲା ତେବେ ମହାରାଜାଙ୍କର ଦାନରେ ଯେତେ ସୁଖ୍ୟାତି ଶୁଣାଯାଏ ସେ ସମସ୍ତ ଅସାର ବୋଲିବାକୁ ହେବ । ପ୍ରଜାଙ୍କୁ ସୁଖରେ ରଖିବା ରାଜାର ସର୍ବପ୍ରଧାନ କାର୍ଯ୍ୟ ଏବଂ ତହିଁପାଇଁ ରାଜ୍ୟର ଅଭ୍ୟନ୍ତରୀଣ ଶାସନ ପ୍ରଣାଳୀ ସର୍ବାଗ୍ରେ ସଂଶୋଧନ ଓ ଉନ୍ନତ କରିବା ଉଚିତ । ପ୍ରଜାଙ୍କୁ କଷ୍ଟ ଦେଇ ଅର୍ଥ ଲାଭ କରି ସେ ଅର୍ଥକୁ ଯେତେ ଉତ୍କୃଷ୍ଟ ବିଷୟରେ ଦାନ କଲେ ସୁଦ୍ଧା ତହିଁରେ ଐହିକ ବା ପାରତ୍ରିକ ଉପକାର କିଛି ନାହିଁ । ମୟୂରଭଞ୍ଜର ମହାରାଜା ନାନାପ୍ରକାର ଦାନ ଓ ସତ୍କାର୍ଯ୍ୟଦ୍ୱାରା ପ୍ରଶଂସାଭାଜନ ହୋଇ ଓଡ଼ିଶାର ଗୌରବର ସ୍ଥଳ ହୋଇଅଛନ୍ତି ତାହାଙ୍କ ରାଜକାର୍ଯ୍ୟରେ କୌଣସି ଗୁରୁତର ଦୋଷ ଦେଖିଲେ ସ୍ୱଭାବତଃ ଆମ୍ଭମାନଙ୍କର ମନଃକ୍ଷୋଭ ଜାତ ହୁଅଇ କାରଣ ତାହାଙ୍କର କେବଳ ଉତ୍ତରୋତ୍ତର ପ୍ରଶଂସା ଶୁଣିବାର ଆମ୍ଭେମାନେ ପ୍ରାର୍ଥୀ । ଅତଏବ ମହାରାଜାଙ୍କୁ ବସ୍ତୁର ଅନୁରୋଧ କରୁ ଅଛୁଁ ଯେ କ୍ଷଣମାତ୍ର ବିଳମ୍ବ ନ କରି ପ୍ରଜାଙ୍କ ଉପରେ ଉଚିତ କର ଧାର୍ଯ୍ୟ କରିବା ଏବଂ ତାହା ସୁନିୟମରେ ଆଦାୟ କରିବାର ବନ୍ଦୋବସ୍ତ କରନ୍ତୁ ଯେମନ୍ତ କି କର ଆଦାୟ ସକାଶ ପ୍ରଜାଙ୍କର ସର୍ବନାଶ ଘଟଣା ହୋଇ ନ ପାରେ ।

—*—

# ସାପ୍ତାହିକ ସଂବାଦ ।

ଡାଲଲଖାରଣ ମକଦ୍ଦମା ସମ୍ପର୍କରେ ଏଠା କଲେକ୍ଟର ମାହାଫିଜ୍‌ଖାନାରୁ ଶୀଘ୍ର ସମ୍ବାଦ ଦେବାର କେତେକ ଦୃଷ୍ଟାନ୍ତ ପ୍ରାଣକୃଷ୍ଣ ବାବୁ ଡେପୋଟୀ କଲେକ୍ଟରଙ୍କଦ୍ୱାରା କଲେକ୍ଟର ସାହେବଙ୍କ ଗୋଚରରେ ଆସିବାରୁ ସେ ତାହା ନିବାରଣର ଏହି ଉପାୟ କରି ଅଛନ୍ତି କି ସିରସ୍ତାଦାର ମାହାଫିଜ୍‌ଖାନାରେ ଘ ୧୨ ଘଣ୍ଟା ସମୟରେ ସମ୍ବାଦ ଦରଖାସ୍ତମାନ ନେଇ ମାହାଫିଜ୍‌କୁ ଦେବେ ଓ ମାହାଫିଜ୍ ସେହିଦିନ ସମ୍ବାଦ ଲେଖି ଦରଖାସ୍ତମାନ ସିରସ୍ତାଦାରଙ୍କ ନିକଟକୁ ପଠାଇ ଦେଇବୁ ସିରସ୍ତାଦାର ସେହିଦିନ ପ୍ରାର୍ଥିମାନଙ୍କୁ ସମ୍ବାଦ ଦେବେ ଏକ ଦିନରେ ସମ୍ବାଦ ପାଇବାର ପ୍ରାର୍ଥନା ହେଲେ ନିୟମିତ ଫିସ ୪ଂ। ଛଡ଼ା ଅତିରିକ୍ତ ୪ଂ। ପଡ଼ଇ ଦ୍ୱିଗୁଣ ଫିସ୍‌ରେ ତତ ଦିନେ ସମ୍ବାଦ ମିଳଇ ଏହାହିଁ ଶୀଘ୍ର ସମ୍ବାଦର ମୂଳ କାରଣ, ଏହେତୁ କଲେକ୍ଟର ସାହେବ ଡାଲଲଖାରଣ ମୋକଦ୍ଦମା ସମ୍ପର୍କରେ ଅତିରିକ୍ତ ଫିସ୍ କାଟି ଦେଇ ୪ଂ। ଫିସରେ ଏକଦିନରେ ସମ୍ବାଦ ଦେବାର ବନ୍ଧ କରି ଅଛନ୍ତି । ଏହା ଅତି ଉତ୍ତମ ହୋଇଅଛି ଓ ଏଥିରେ ସରକାରଙ୍କର କ୍ଷତି ନ ହୋଇ ଲାଭ ହେଉଅଛି । ଏହା ହୋଇଥିଲେ ଯନ୍ତ୍ରାରେ ମୃତ୍ତା ପଡ଼ିଥିବାର ପ୍ରାଣକୃଷ୍ଣ ବାବୁଙ୍କ କଟକଣାରେ ମାହାଫିଜ ଖାନାର କେତେକ ପ୍ରତାରକ ଜଣେ ଲେଖା ଧରି ପଡ଼ିଥାନ୍ତେ ।

ଆମ୍ଭମାନଙ୍କର ଏକଟିଂ କମିଶନର ଶ୍ରୀଯୁତ ମେଟ୍‌କାଫ୍ ସାହେବ ଘୋଡ଼ାରୁ ପ୍ରତ୍ୟାଗମନ କରି ଗତ ମଙ୍ଗଳବାର ଏଠାରେ ପ୍ରବେଶ ହେଲେ ।

ଏ ସପ୍ତାହରେ ଉତ୍ତମ ବର୍ଷା ହୋଇଅଛି । ଏଥିରେ ଶୀଘ୍ର ଜଣା ନ ହେବାରୁ ଅଧିକ ବୃଷ୍ଟି ହେବାର ସମ୍ଭାବନା ଅଛି ଓ ନଦୀମାନ ବଢ଼ିବାର ଆରମ୍ଭ ହୋଇଅଛି । ଯେବେ ଏସମୟରେ ଅଧିକ ନଦୀ ବଢ଼ି ହେବ ତେବେ ଅଧିକ ଲୋକସାନ ହେବ ।

କଟକର କେତେ୨ ଭେଷ୍ଟୀଙ୍କ ନାମରେ ଦୁଇ ଖଣ୍ଡ ପତ୍ର ପାଇଥିବାର ହିନ୍ଦୁ ପେଟ୍ରିଅଟ ଲେଖି ଅଛନ୍ତି । ତାହା ବନ୍ଧୁବରରେ ବି କଥାମାନ ସେଥିରେ ଲେଖାଥିଲା ପ୍ରକାଶ ନାହିଁ କେବଳ ସମ୍ପାଦକ ଏତକ କହୁଅଛନ୍ତି କି ଅନେକ ଗୁରୁତ୍ୱ କଥା ଲେଖାଅଛି । କେହାମି ବାଲମାନେ କେବଳ ଖୋଲସ୍ତ ହାକିମଙ୍କଠାରେ ଦରଖାସ୍ତ କରି କ୍ଷାନ୍ତ ନାହାନ୍ତି ।

ଶୁଣୁଅଛୁଁ ଯେ ବାଲେଶ୍ୱରର ପୁଲିସ ସୁପ୍ରିଣ୍ଟ ସାହେବ ମନୁଷ୍ୟଙ୍କର ଅନଧିକାର ପ୍ରବେଶ ଅପେକ୍ଷା ଗୋରୁଙ୍କ ଅନଧିକାର ପ୍ରବେଶ ନିବାରଣ ପ୍ରତି ଅଧିକ ଯତ୍ନବାନ୍ ହୋଇଅଛନ୍ତି । ତାହାଙ୍କର କୋଠି ହତା ଘାସବାଗରେ ମେସ ଥିବାରୁ ଚତୁର୍ଦ୍ଦିଗର ଗୋରୁ ଅନଧିକାର ପ୍ରବେଶ କରନ୍ତି । କୋଠିରେ ପହରା ଦେଉଥିବା ପାଦିକମାନେ ସେମାନଙ୍କୁ ଧରି ଆଣେ ବାଲେଶ୍ୱରର କାଞ୍ଜିହାଉସରେ ଦେଉଥିଲେ ତହିଁରେ ଫଳ ନ ହେବାରୁ ଭଦ୍ରକ କାଞ୍ଜିହାଉସକୁ ପଠାଇବାର ବନ୍ଦୋବସ୍ତ ହୋଇଅଛି ସେ ଦଉଥ୍ୟାଳ ଗୋସ୍ୱାମିମାନେ ଅଧିକ ଖର୍ଚ୍ଚାନ୍ତ ଭୟରେ ବିଶେଷ ସାବଧାନ ହେବେ । ତଦନନ୍ତରରେ ହେତେଗୋଟା ଗୋରୁ ଭଦ୍ରକରୁ ଫେରିତ ହେବାରେ ଗୋସ୍ୱାମିମାନେ ଫୌଜଦାରୀରେ ନାଲିଶ କରିଅଛନ୍ତି ଏବଂ ମୋକଦ୍ଦମା ଶ୍ରୀ ଗୋପାଳବାବୁ ଡେପୁଟୀଙ୍କ ବିଚାରାଧୀନରେ ଅଛି । ପୁଲିସ ସାହେବଙ୍କ ଅନେକ କୌଶଳରେ ବାଲେଶ୍ୱରର ଗୋରୁଗୁଡ଼ାକ ମନୁଷ୍ୟ ହୋଇଯିବେ ।

ପଞ୍ଚାମୃତଗଡ଼ର ୨ମାଇଲ ଅନ୍ତରରେ ଅମ୍ବେର ନାମକ ଗୋଟିଏ ଗ୍ରାମ ଅଛି ସେଠାରେ ଲୋକନାଥ ମହାପାତ୍ର ନାମକ ଜଣେ ଭଦ୍ରଲୋକର ଗୃହରେ ଏହିମାସ ତା ୭ ଦିନରେ ଗୋଟିଏ ଶିଶୁକନ୍ୟା ଜାତ ହୁଏ ତାହାର ବାହୁ ଖନରୁ ଯୋଡ଼ିଏ ହାତ ବାହାରି ଅଛି ଏପରି ତାହାର ୪ଟା ହାତ ୪ଟା ଗୋଡ଼ ୨ଟା ମୁଣ୍ଡ ମାତ୍ର ପେଟ ଗୋଟିଏ । କନ୍ୟାଟି ମୃତାବସ୍ଥାରେ ଜନ୍ମ ହୋଇଥିଲା ବର୍ତ୍ତମାନ ପ୍ରସୂତି ଜୀବିତା ଅଛି ।

ଜନରବ ଶୁଣାଯାଏ ଯେ ପଟାଇତ ବାବୁଙ୍କ ଅଫିସରେ ବୋର୍ଡ ଅଙ୍କ ଦେଇ ଅଛନ୍ତି କି ସେମାନେ ଉକ୍ତୋକ୍ତ ଗଡ଼ା ଫର୍ଦ୍ଦରେ ସ୍ୱାକ୍ଷର କରିଥିଲେ ସେସମସ୍ତ କାଲିକ୍ଟରର ସାକ୍ଷ ସୁଦ୍ଧା ହୋଇ ବୋର୍ଡକୁ ପଠାଗଲେ ତହିଁ ବୁଝିଲେ ଅଫିସ ନଷ୍ଟ ହେବ ।

କ୍ଷେତ୍ର ବ୍ରାହ୍ମଣୀର ବଢ଼ି ଏପରି ପ୍ରବଳ ହୋଇଥିଲା ଯେ ସ୍ୱାଭାବିକ ଯେପରି ବଢ଼ି ହୋଇଥାଏ ତାହା ଅପେକ୍ଷା ୬ । ୭ ଫିଟ ଉନ୍ନତ ହୋଇଥିଲା ଏଠା ଲୋକମାନେ କହନ୍ତି ଯେ ପୂର୍ବରେ ଏପରି ବଢ଼ି ହେଉଥିଲା ମାତ୍ର ଅଳ୍ପକାଳ ଜାଗାର ଗଡ଼ବଗ ବନ୍ଦ ହେବାରେ ଆଉ ବୌଦ୍ଧରକୁ ପାଣି ବାହାର ଯାଇ ପାରୁ ନାହିଁ । ପାଟମାନଙ୍କ ମଧ୍ୟରୁ ପାଣି ବାହାରିବାର କୌଣସି ଉପାୟ ନାହିଁ । ସୁତରାଂ ଅନେକ ଦଣ୍ଡ ଓ ବାରଖେତ ନଷ୍ଟ ହୋଇଅଛି ।

ଅଦାଲତର ସର୍ପକ୍ଷୁଟୀରେ ଅନ୍ୟାନ୍ୟ ମହକୁମାର କର୍ମଚାରୀମାନେ ଆସି ଦେବାରୁ ଏବର୍ଷ ଅଦାଲତ ଅମଲଙ୍କ ଦଶହରା ଛୁଟୀ ଟା ଶେଷ ହେବାର ଦେଖାଯାଉ ନାହିଁ । ସାମୟିକ ନକସାମାନ ଠିକରୂପେ ଦାଖଲ ନ ହେଲେ କାହାରିକୁ ଛୁଟୀ ମିଳିବ ନାହିଁ ବୋଲି ଜଜ ଅଦାଲତରୁ ଆଜ୍ଞା ପ୍ରଚାରିତ ହୋଇଅଛି ଏବଂ ହାଇକୋର୍ଟଙ୍କର ମତ ମଧ୍ୟ ଏହିପ୍ରକାର ଅଟଇ ।

ଅମେରିକାରେ ଏପରି କଳର ଗାଡ଼ି ପ୍ରସ୍ତୁତ ହୋଇଅଛି କି ତାହା ଏକ ମିନିଟରେ ଏକ ମାଇଲ ବାଟ ଚାଲିପାରେ ଏବଂ ଏହାର କଳ କୌଶଳ ଏପରି ଯେ ଏହାର ବେଗ ଇଚ୍ଛାନୁସାରେ ଅଧିକ ବା ଊଣା ହୋଇ ପାରେ । କେହି୨ ଗଣିତଜ୍ଞ ଏ କଳର ଅବସ୍ଥା ଦେଖି ବିବେଚନା କରନ୍ତି ଯେ ପାଞ୍ଚବର୍ଷ ମଧ୍ୟରେ ଏହାର ବେଗ ଏତେ ଅଧିକ ହୋଇ ପାରିବ କି ଘଣ୍ଟାକେ ୧୦ ମାଇଲ ବାଟ ଗଡ଼ି ପାରିବ । କ୍ରମେ ମନୁଷ୍ୟ ବନ୍ଦୁକ ଗୁଳି ଭାବରେ ଯିବା ଆସିବା କରିବେ ।

---


ବିଜ୍ଞାପନ ।

---

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଦରଖାସ୍ତ କରିଲେ ମିଳି ପାରେ ଯଥା;—

ଡାକମାସୁଲ ସହିତ ୪ ଆଉନ୍‌ସର ଟିଣ ୪ଙ୍କା । ୮ ଆଉନ୍‌ସର ଟ୧୬ଙ୍କା । ୧୬ ଆଉନ୍‌ସର ୨୦୩। ମୂଲ୍ୟ ନଗଦ ।


---

ଏହି ଉତ୍କଳଦୀପିକା କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter
REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୯ ଗ | ତା ୨୫ ରଶ ମାହେ ସିପ୍ଟମ୍ବର ସନ ୧୮୮୦ ମସିହା । ମୁ। ଅଶ୍ୱିନ ଦ ୧୨ ଜ ସନ ୧୨୮୮ ସାଲ ଶନବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ସଂ ୩୯ ଖ୍ୟା | | ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୪୯
| | ମଫସଲପାଇଁ ଡାକମାସୁଲ ଟ ୧୫୵

ଏ ସପ୍ତାହରେ କାବୁଲର କିଛି ବିଶେଷ ସମ୍ବାଦ ନାହିଁ । କାନ୍ଦାହାରରେ ଇଂରାଜମାନେ ଆଧିପତ୍ୟ ବିସ୍ତାର କରୁଅଛନ୍ତି ଏବଂ ଶ୍ରୀଯୁକ୍ତ ଗ୍ରାପୃଲସାହେବ ସେଠାର ସମସ୍ତ ବ୍ୟାପାରର ତତ୍ତ୍ୱାବଧାରଣ ନିମିତ୍ତ ପ୍ରେରିତ ହୋଇ ଅଛନ୍ତି । ଆୟୁବ୍‌ଖାଁନ ହିରାତରେ ପହୁଞ୍ଚିବା ନ ପହୁଞ୍ଚିବାର ଜଣାଯାଇ ନାହିଁ ଏବଂ ତାହାଙ୍କୁ ଧରିବାସକାଶେ ମଧ୍ୟ କୌଣସି ଚେଷ୍ଟା ହେବାର ଦେଖାଯାଉ ନାହିଁ । ବାସ୍ତବରେ ଏ ସପ୍ତାହରେ ସମସ୍ତ ଚୂପଚୂପ ।

---

ଅସ୍ତ୍ର ଶସ୍ତ୍ର ଆଇନାନୁସାରେ ଜାରିହୋଇଥିବା ନିୟମାବଳିରେ ବିଧାନ ଅଛି କି ବନ୍ୟ ପଶୁଙ୍କୁ ମାରିବା କାରଣ ଯେଉଁମାନେ ଅସ୍ତ୍ର ଓ ବାରୁଦ ଇତ୍ୟାଦିର ପଟ୍ଟା ନେବେ ସେମାନଙ୍କଠାରୁ ରସୁମ ନିଆଯିବ ନାହିଁ । ଏହି ନିୟମାନୁସାରେ ପଟ୍ଟା ଦେବାପକ୍ଷେ ଯେମନ୍ତ କୌଣସି ପ୍ରକାର ଅସଙ୍ଗତ ବାଧା ଦିଆ ନ ଯାଏ ଏଥିପାଇଁ ଗବର୍ଣ୍ଣରଜେନରଲ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କୁ ସତର୍କକରି ଦେଇ ଅଛନ୍ତି । ଆମ୍ଭେମାନେ ବୋଧକରୁଁ ଯେଉଁମାନେ ବନ୍ୟପଶୁଙ୍କ ଅତ୍ୟାଚାରରୁ କ୍ଷେତକୁ ରକ୍ଷାକରିବା ସକାଶେ ଅସ୍ତ୍ର ରଖିବାର ଆବଶ୍ୟକ ଜ୍ଞାନ କରନ୍ତି ସେମାନେ ମଧ୍ୟ ଏହି ନିୟମାନୁସାରେ ବିନା ଫିସରେ ପଟ୍ଟା ପାଇ ପାରିବେ ।

—*—

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି କେଟ ବ୍ରାହ୍ମଣୀ କୂଳଠାରୁ ପତ୍ରପୁର ଘାଟ ପର୍ଯ୍ୟନ୍ତ ବାଟଟି ଏମନ୍ତ ଅସ୍ଥି ଚର୍ମସାର ହୋଇଅଛି ଯେ ସେ ବାଟରେ ଚାଲିବାର କଠିନ ଓ ତହିଁସଙ୍ଗେ ସେ ପଚାରୁ ଅଛନ୍ତି ଯେ ସେ ଅଞ୍ଚଳର ଲୋକମାନେ ରୋଡ଼ସେସ୍ ଦିଅନ୍ତି ନାହିଁ କି ? ରୋଡ଼ସେସ୍ ନ ଦେଇ କେଉଁଆଡ଼େ ଯିବେ । ଆମ୍ଭମାନଙ୍କର ହାକିମ ଓ ରୋଡ଼ସେସ୍ କର୍ମଚାରୀମାନେ ପଥକର ଉସୁଲ କରିବାକୁ ଯେମନ୍ତ ତତ୍ପର ସେ ଟଙ୍କାର ଉଚିତ ବ୍ୟୟ କରିବାକୁ ତେମନ୍ତ ନୁହନ୍ତି । ଯେଉଁ କାର୍ଯ୍ୟ ସକାଶେ ଲୋକଙ୍କୁ ନାନାପ୍ରକାର କଷ୍ଟ ଦେଇ କର ଆଦାୟ କରୁଅଛନ୍ତି ଯେବେ ତାହାକୁ ନ୍ୟାୟ ଓ ସୁବିଚାରପୂର୍ବକ ବ୍ୟୟ କରନ୍ତେ ତେବେ କର ଦେବାକୁ ଲୋକେ ଯେତେ ପୀଡ଼ାଜନକ ମନେ କରନ୍ତି ଏବଂ ତଦ୍ୱାରା ଯେ ପରିମାଣରେ ରାଜଭକ୍ତି ଊଣା ହୁଅଇ ତେତେ ହୁଅନ୍ତା ନାହିଁ ।

---

ବାବୁ ବଳରାମ ଘୋଷ ବାଙ୍କି ତହସିଲକଚେରିକୁ କେବଳ ଇନଚାର୍ଜ ହୋଇ ଯାଇଥିଲେ । ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଗେଜେଟରେ ଦେଖାଗଲା ଯେ ତାହାଙ୍କୁ ମୁନସଫି ଫଉଜଦାରୀ ଏବଂ ଖଜଣା ସମ୍ପର୍କୀୟ ମୋକଦ୍ଦମାମାନ ବୁଝିବାର କ୍ଷମତା ଦିଆଯାଇଅଛି ଅଥଚ ସେ ଏକଟିଂ ନିଯୁକ୍ତ ନ ହୋଇ ପୂର୍ବପ୍ରାୟ ଇଞ୍ଚାର୍ଜ ରହିଅଛନ୍ତି । ବୋଧ ହୁଅଇ ଏକଟିଂ ଓ ଇଞ୍ଚାର୍ଜରେ ବେତନର କିଛି ତାରତମ୍ୟ ନାହିଁ । ଯାହା ହେଉ ବାବୁଙ୍କୁ ମାମଲା ବୁଝିବାର କ୍ଷମତା ଦିଆ ଯିବାରୁ ଲୋକେ ଅନୁମାନ କରୁଅଛନ୍ତି କି ଅସଲ ତହସିଲଦାର ଶ୍ରୀନାଥ ବାବୁଙ୍କର ଆଉ ବାଙ୍କିର ବାହୁଡାବଢେ ହେବ ନାହିଁ ମାତ୍ର ତାହାଙ୍କ ବିରୁଦ୍ଧର ମୋକଦ୍ଦମାରେ କିଛି ହୁକୁମ ହୋଇ ନାହିଁ ଏବଂ ଏଥିମଧ୍ୟରେ ଯେ, ହେବ ଏମନ୍ତ ସମ୍ଭାବନା ନାହିଁ କାରଣ ଶୁଣୁଅଛୁଁ ଯେ ଏଥିମଧ୍ୟରେ ଆହୁରି ଦୁଇ ଏକନମ୍ବର ଗୁରୁତର ମୋକଦ୍ଦମା ତାହାଙ୍କ ନାମରେ ଉପସ୍ଥିତ ହୋଇ ତାହାଙ୍କୁ ଜବାବ ତଲବ ହୋଇଅଛି । ଏ ସମସ୍ତ ବୁଝାସୁଝା ହେବାକୁ ଅବଶ୍ୟ ସମୟ ଲାଗିବ ।

---

ଏ ନଗରରେ କେତେକ ଗୋଟା ଟାଟି ପାଏଖାନା ଜନସାଧାରଣଙ୍କ ପାଇଁ ପ୍ରସ୍ତୁତ ହୋଇଅଛି । ଶୁଣାଯାଏ ଏହିପରି ଗୋ ୪୦ ଟା ପାଏଖାନା ପ୍ରସ୍ତୁତ କରିବାର ମ୍ୟୁନିସିପାଲିଟି ପ୍ରସ୍ତାବ କରିଅଛନ୍ତି । ଏ ପାଏଖାନାମାନ ନିତାନ୍ତ ଆବଶ୍ୟକ । କାଠଯୋଡି ନଦୀକୂଳ ଅତି ସୁରମ୍ୟ ସ୍ଥାନ ଓ କଟେଶ୍ୱର ଯିବାର ଗୋଟିଏ ପଥ । ଗ୍ରୀଷ୍ମ ଋତୁରେ ସନ୍ଧ୍ୟାସମୟରେ ସେଠାରେ ବୁଲିବାର ଅତି ଆରାମକର ମାତ୍ର ଲୋକେ ତହିଁର ଦୁଇପାର୍ଶ୍ୱରେ ମଇଳା କରୁଥିବାରୁ ଭାରି ଦୁର୍ଗନ୍ଧ ହୁଅଇ । ସେ ଅଞ୍ଚଳରେ ଦୁଇତିନି ଗୋଟା ପାଏଖାନା ଆବଶ୍ୟକ ଓ ଯେପରି ଲୋକେ ନଦୀକୂଳ ବାଲି ବା ବାଟପା-

Digitized by srujanika@gmail.com

Split by PDF Splitter



ର୍ଶରେ ମଇଳା ନ କରନ୍ତି ସେପରି ଚଉକଣୀ ମଧ୍ୟ ଆବଶ୍ୟକ । ପ୍ରସ୍ତୁତ ହୋଇଥିବା ପାଏଖାନାରେ କଣ୍ଟ ଦୋଷ ଦେଖାଯାଏ । ଗୋଟିଏ ପାଏଖାନାରେ ୧୦।୧୧ କୋଠରି ହୋଇଅଛି ମାତ୍ର ସେ ସବୁକୁ ଏକବାଟ ଓ ଏକ ପରଦା ଏ ହେତୁ କେହି ମଝିକୋଠରିକୁ ଗଲାବେଳେ ଅନ୍ୟ କୋଠରିରେ ଥିବା ଲୋକମାନଙ୍କୁ ଦେଖିବ । ପ୍ରତ୍ୟେକ କୋଠରିର ପୃଥକ ପରଦା ଓ ବାଟ ଏବଂ ସ୍ତ୍ରୀ ପୁରୁଷଙ୍କର ପୃଥକ ପାଏଖାନା ଆବଶ୍ୟକ । ଜଏଣ୍ଟମେଜିଷ୍ଟ୍ରର ସାହେବ ଏଥିର ବ୍ୟବସ୍ଥା କରନ୍ତୁ ।

———

ପୁଣି ଗଙ୍ଗାମନ୍ଦର ପୁଷ୍କରିଣୀ ମାତି ଉଠିଲାଣି । ଗତ ଦୁଇ ସପ୍ତାହରୁ ପ୍ରଖର ରୌଦ୍ର ହେବାରୁ ଏ ପୁଷ୍କରିଣୀର ଜଳରେ ଉତ୍ପନ୍ନ ହୋଇଥିବା ଶୀଳଦଳ ପଚି ଯାଇ ଏମନ୍ତ ଦୁର୍ଗନ୍ଧ ଜାତ କରୁଅଛି ଯେ ତହିଁର ଚତୁଃପାର୍ଶ୍ୱର କେତେ ଦୂର ଯାଏ ଲୋକଙ୍କର ବାଟରେ ଚାଲିଯିବା କଷ୍ଟଜନକ ହୋଇଅଛି । ଯେ ଅଞ୍ଚଳରେ ଯାହାଙ୍କର ଘର ତାହାଙ୍କର କଥା କସ । ବାୟୁଯୋଗେ ସେ ଦୁର୍ଗନ୍ଧ ବହୁତଦୂର ଯାଏ ଭ୍ରମଣ କରୁଅଛି । ଅଦାଲତ କଚେରୀରେ ଏଥିପାଇଁ ବସିବାର କଠିନ । ଆମ୍ଭେମାନେ ଏ ପୁଷ୍କରିଣୀର ଦୁରବସ୍ଥାର କଥା ଅନେକଥର ସ୍ୱାସ୍ଥ୍ୟ ହାକିମ ଏବଂ ମ୍ୟୁନିସିପାଲିଟିର ଗୋଚରରେ ଆଣି ତହିଁର ପ୍ରତୀକାର ପ୍ରାର୍ଥନା କରିଅଛୁଁ ମାତ୍ର ସେ କଥାକୁ କେହି ଘେନା କରୁନାହାନ୍ତି ତାହାଙ୍କ ସ୍ୱାସ୍ଥ୍ୟେନ୍ଦ୍ରିୟ ତ ଏମନ୍ତ ଅସାଡ଼ ହୋଇଅଛି ଅଥବା ସେମାନେ ତ ସରକାରଙ୍କର ଏତେ ହିତାକାଂକ୍ଷୀ ଯେ ସରକାରୀ ଟଙ୍କା ବ୍ୟୟ ହୋଇଯିବା ଭୟରେ ପ୍ରଜାଙ୍କ କ୍ଲେଶପ୍ରତି ବଦ୍ଧମାତ୍ର ଦୃଷ୍ଟି କରୁ ନାହାନ୍ତି । ଯେବେ ଏ ପୁଷ୍କରିଣୀକୁ ରୀତିମତ ସଂସ୍କାର କରିବାକୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କର ଏତେ ଡର ତେବେ ଆପାତତଃ ମ୍ୟୁନିସିପାଲିଟିରୁ କେତେ ଗୁଡ଼ିଏ କୁଲି ଏହାକୁ ପରିଷ୍କାର ରଖିବା ନିମିତ୍ତ ନିଯୁକ୍ତ ହେଉନ୍ତୁ । ଏଥି ଉତ୍ତାରୁ ଏ ବର୍ଷାକୁ ବାଷ୍ପ ହେତୁ ଜେଲଖାନାରେ ପୀଡ଼ା ଉପସ୍ଥିତ ହେଲେ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କର ଚୈତନ୍ୟ ଉଦୟ ହେବ ।

—*—

## ଗଣେଶ ପୂଜା ।

ଗଣେଶଚତୁର୍ଥୀଠାରୁ ଏ ପୂଜା ଆରମ୍ଭ ହୋଇ ଗତ ବୁଧବାର ଶେଷ ହେଲା । ଏଥି ମଧ୍ୟରେ କେତେ ଗଣେଶଙ୍କର ବିସର୍ଜନ ହୋଇଥିଲା ବଳୁ ବାକି ଯେତେ ପ୍ରତିମା ଥିଲେ ଏହିଦିନ ସମସ୍ତେ ପାଣିକୁ ଗଲେ । ଏରୂପେ କେତେ ଗଣେଶ ପୂର୍ଣ୍ଣ ଦ ୧୫ ଦିନ ସ୍ଥିତ ହେଲେ । ଏତେ ଦୀର୍ଘକାଳ ଗଣେଶଙ୍କର ସ୍ଥିତ କରିବା ବିଧି କି ଅବିଧି ଶାସ୍ତ୍ରଜ୍ଞମାନେ ତହିଁର ଉତ୍ତର ଦେବାକୁ ସକ୍ଷମ ମାତ୍ର ଆମ୍ଭେମାନେ ସମ୍ବାଦପତ୍ରରେ ପାଠ କରିଅଛୁଁ ଯେ ଗୁର୍ଜ୍ଜରାତ ପ୍ରଭୃତି ଦେଶ କି ଯେଉଁଠାରେ ଗଣେଶ ପ୍ରତିମା ପୂଜାର ବହୁଳ ଆଡମ୍ବର ସେଠାରେ ଏତେ ଦୀର୍ଘକାଳ ପ୍ରତିମା ରହନ୍ତି ନାହିଁ । ଚତୁର୍ଥୀଦିନ ଗଣେଶଙ୍କର ପୂଜା ଓ ତହିଁ ଆରଦିନ ବିସର୍ଜନ ସୁତରାଂ ଗଣେଶଙ୍କ ସ୍ଥିତି କେବଳ ଦେଡ଼ଦିନ ଏହି ନିୟମ ଅଧିକାଂଶ ପ୍ରଚଳିତ ମାତ୍ର କେହି୨ ଗଣେଶଙ୍କୁ ପାଞ୍ଚରାତ୍ରି ଅଥବା ଦଶରାତ୍ରି ରଖନ୍ତି ଏ ମତରେ ଗଣେଶଙ୍କର ଊର୍ଦ୍ଧ୍ୱ ସ୍ଥିତିକାଳ ଦଶରାତ୍ରିରୁ ଅଧିକ ନୁହଇ ମାତ୍ର ଏ ନଗରରେ ଇଚ୍ଛା ମତେ ଲୋକେ ଦ ୧୫ ଦିନ କିମ୍ବା ତହିଁରୁ ଅଧିକ ରଖନ୍ତି । ଅନ୍ୟ କୌଣସି ପ୍ରତିମା ପୂଜାରେ ଏ ପ୍ରକାର ସ୍ୱେଚ୍ଛାଚାରିତା ଲକ୍ଷିତ ହୁଅଇ ନାହିଁ । ଏହା ଯେବେ ଶାସ୍ତ୍ରାନୁମୋଦିତ ହେବେ ଗଣେଶଙ୍କ ସ୍ଥୂଳ ଶରୀର ପକ୍ଷରେ ଏହା ଉପଯୋଗୀ ଅଟଇ କାରଣ ମୋଟା ବ୍ୟକ୍ତି କୌଣସି ନିୟମାଧୀନରେ ଗତି କରି ପାରଇ ନାହିଁ ।

କଥିତ ହୁଅଇ ଯେ ଏକଦିନ ଗଣେଶଠାକୁର ଆପଣାର ପ୍ରିୟ ମୂଷିକ ବାହନରେ ଜ୍ୟୋତ୍ସ୍ନା ରାତ୍ରରେ ଭ୍ରମଣ କରୁଥିଲେ । ମୂଷା କୌଣସି କାରଣ ବଶତଃ କିଛି ଦ୍ରୁତଗାମୀ ହେବାରୁ ଗଣେଶ ସମ୍ଭାଳି ନ ପାରି ପଡି ଗଲେ ଓ ଚନ୍ଦ୍ର ତାହା ଦେଖି ହାସ୍ୟ କଲେ । ଏଥିରେ ଗଣେଶ ଲଜ୍ଜିତ ଓ କୁପିତ ହୋଇ ଚନ୍ଦ୍ରଙ୍କୁ ଅଭିଶାପ ଦେଲେ କି ଯେ ତାହାଙ୍କୁ ଦେଖିବ ତାହାର ଅମଙ୍ଗଳ ହେବ । ଚନ୍ଦ୍ର କାତର ହୋଇ ବହୁତ ବିନୟ କରିବାରୁ ଉକ୍ତ ଶାପଟି କେବଳ ଗଣେଶ ଚତୁର୍ଥୀପ୍ରତି ସ୍ଥିର ରହି ଆଉ ସବୁ ରାତ୍ରରେ ସର୍ବାଂଶେ ଛଡ଼ ହେଲା । ଏହି ହେତୁରୁ ଉକ୍ତ ଚତୁର୍ଥୀର ଚନ୍ଦ୍ରକୁ ନଷ୍ଟଚନ୍ଦ୍ର ବୋଲାଯାଏ ଏ ଦିନ ଯେ ଚନ୍ଦ୍ର ଦେଖିବ ତାହାର ବର୍ଷକଯାକ ମଙ୍ଗଳ ହେବ ନାହିଁ ବଳୁ କୌଣସି ଲୋକକୁ ବିରକ୍ତ କରି ତାହାଠାରୁ ଗାଳି ଖାଇଲେ ସେ ଦୋଷ କଟି ଯିବ । ଏଥିପାଇଁ ସେ ରାତ୍ରରେ ଢେଲାବୃଷ୍ଟି ଓ ଶ୍ଳେଷ ଇତ୍ୟାଦିଦ୍ୱାରା ଲୋକେ ଗାଳି ଖାଇବାକୁ ଶୁଭକର ମଣନ୍ତି ।

———

## କଟକ ଖାସମହାଲ ବନ୍ଦୋବସ୍ତ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ପାଠକମାନଙ୍କୁ ଜଣାଉ ଅଛୁଁ ଯେ ଏତେଦିନେ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର ଇଡନ ସାହେବଙ୍କର କଟକ ଖାସମହାଲର ବନ୍ଦୋବସ୍ତ ଉପରେ ଦୃଷ୍ଟି ପଡ଼ିଅଛି ଏବଂ ତହିଁପାଇଁ ବୋର୍ଡ଼ଙ୍କୁ ଜବାବଦିହିରେ ଆଣିଅଛନ୍ତି । ଭୂମି ଖଜଣା ସମ୍ପର୍କରେ ବୋର୍ଡ଼ଙ୍କ ଗତବର୍ଷର କାର୍ଯ୍ୟପଣୀ ସମାଲୋଚନା କରିବା ସମୟରେ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସାହେବ ଦେଖିଲେ ଯେ କଟକ ଖାସମହାଲର ନୂତନ ବନ୍ଦୋବସ୍ତରେ ଚାରିଗୁଣ ଜମା ବୃଦ୍ଧି ହୋଇଅଛି । ଏକାବେଳକେ ଏତେ ଜମାବୃଦ୍ଧି ହେବା ଭାରି ଅସାଧାରଣ କଥା ଓ ବୋର୍ଡ଼ ଏହା କପରି ମଞ୍ଜୁର କଲେ ତହିଁର ସବିଶେଷ ବୃତ୍ତାନ୍ତ ଜଣାଇବା କାରଣ ତାହାଙ୍କପ୍ରତି ଆଦେଶ ହୋଇଅଛି । ଆମ୍ଭେମାନେ ଆଶା କରୁଁ ଯେ ବୋର୍ଡ଼ ଏ ବିଷୟରେ ତରତରିଆ ନ କରି ବାହୁଲ୍ୟ ରିପୋର୍ଟ କରିବେ ଏବଂ ତାହା ହେଲେ ଗବର୍ଣ୍ଣମେଣ୍ଟ ଚାରିଗୁଣ ଜମା ବୃଦ୍ଧି ଦେଖି ଯେତେ ଚମକିତ ହୋଇଅଛନ୍ତି ତହିଁର ଚତୁର୍ଗୁଣ ଚମକିତ ହେବେ । କାରଣ ଚାରିଗୁଣ ଜମାବୃଦ୍ଧି ସାଧାରଣ କଥା ବହୁତ ସ୍ଥଳରେ ଆଠ ଦଶ ଅଥବା ପନ୍ଦର ଷୋଳଗୁଣ ଜମାବୃଦ୍ଧି ଦେଖି ପାରିବେ । ଶ୍ରୀଯୁକ୍ତ ଟମସ୍ ସାହେବ କଲେକ୍ଟର ଖାସମହାଲ ବନ୍ଦୋବସ୍ତର ପ୍ରସ୍ତାବ କରିବା ବେଳେ ଅଠେଇହଜାର ଟଙ୍କା ଜମା ସ୍ଥଳେ ଷାଠିଏ ହଜାର ପାଇବାର ଅନୁମାନ କରିଥିଲେ ଶ୍ରୀଯୁକ୍ତ ରେବେନସା ସାହେବ କମିଶନର ତହିଁରୁ ଟ ୨୦୦୦୦୲ଙ୍କା କାଟି ଦେଇ ଟ ୪୦୦୦୦୲ଙ୍କା ଅର୍ଥାତ ଚଳିତ ଜମାର ଗୁ ୧୭ଣ ସ୍ଥିର କଲେ । ବନ୍ଦୋବସ୍ତ ଶେଷରେ କେବଳ ଟ ୧୦୦୦୦୲ଙ୍କା ଅନେକ କଷ୍ଟରେ କସିଲା ଏବଂ ତହିଁରେ ମଧ୍ୟ ଏକ୨ ଲୋକ ଉପରେ ୧୫।୧୬ ଗୁଣ ଜମା ହୋଇଗଲା । ପ୍ରଜାମାନେ କାତର ହୋଇ ଆପଣା ଦୁଃଖ କମିଶନର ଓ ବୋର୍ଡ଼ଙ୍କୁ ଜଣାଇଲେ ମାତ୍ର ଗରିବଙ୍କ ଗୁହାରି କିଏ ଶୁଣିଅଛି ? ସେ ସମସ୍ତ ଦରଖାସ୍ତ ଯାକ ମତେ ନାମଞ୍ଜୁର ହେଲା । ସୁତରାଂ ପ୍ରଜାମାନେ ନିରୁପାୟ ହୋଇ ତୁନି ହୋଇ ରହିଲେ ଏତେବେଳେ ଘରେ ବସି କାନ୍ଦୁଅଛନ୍ତି ଏବଂ ହାକିମମାନେ କଷ୍ଟର ସହିତ ସେମାନଙ୍କଠାରୁ ଖଜଣା ଆଦାୟ କରୁଅଛନ୍ତି । କେତେ କଷ୍ଟରେ ଖଜଣା ଆଦାୟ ହେଉଅଛି

Digitized by srujanika@gmail.com

Split by PDF Splitter



ତାହା ମଧ୍ୟ ଗବର୍ଣ୍ଣମେଣ୍ଟଙ୍କର ବୁଝିବା ଉଚିତ । ବନ୍ଦୋବସ୍ତର ଆଉ ସମସ୍ତ ଦୋଷ ଆମ୍ଭେମାନେ ପୁନଃ୨ ବର୍ଣ୍ଣନା କରୁଅଛୁଁ ଏବଂ ତଦ୍ଦ୍ୱାରା ପ୍ରଜାମାନେ ଯେପରିମାଣରେ ଦୁଃଖ ଭୋଗ କରୁଅଛନ୍ତି ଗବର୍ଣ୍ଣମେଣ୍ଟ ଯେବେ ବୋର୍ଡ ଓ ବଡ଼ ଅଦାଲତ ଏବଂ କଲେକ୍ଟରୀ ଖାସମହାଲ ଇଲାକାରେ ହୋଇଥିବା ମକଦ୍ଦମାମାନଙ୍କର ବିବରଣ ବୁଝିବେ ତେବେ ଅନାୟାସରେ ଜାଣିପାରିବେ ।

---

### ନାଲ କୌ୨ ସ୍ଥଳେ କାଳ ।

ଏ ଶିରୋନାମରେ କେହି୨ ବିଶେଷତଃ କର୍ତ୍ତୃପକ୍ଷୀୟମାନେ ଚକିତ ହୋଇ ଆମ୍ଭମାନଙ୍କୁ ନାଲର ବିରୋଧୀ ମନେ କରିବେ । ବାସ୍ତବରେ ଆମ୍ଭେମାନେ ନାଲର ବିରୋଧୀ ନୋହୁଁ ତହିଁର ଉପକାରିତା ଆମ୍ଭେମାନେ ବୁଝି ଅଛୁଁ ଓ ପ୍ରତ୍ୟକ୍ଷ ଦେଖୁ ଅଛୁଁ । ମାତ୍ର ସକଳ ସ୍ଥଳେ ସେପରି ଉପକାର ହେଉ ନାହିଁ । କୌ୨ଠାରେ ନାଲ ଯୋଗେ ଉପକାର ହେବା ଦୂରେ ଥାଉ ଅପକାର ହେଉଅଛି । ନାଲର ସୃଷ୍ଟି ଆରମ୍ଭ ସମୟରେ ଲୋକେ କହୁଥିଲେ ନାଲ ଦେଶକୁ କାଳ ହେବ । କିନ୍ତୁ କେତେଦିନେ ସ୍ଥାନେ୨ ନାଲର ଉପକାରିତା ପ୍ରତ୍ୟକ୍ଷ ହେବାରୁ ସେ ପ୍ରବାଦ ରହିତ ହୋଇଥିଲା କେବଳ ନାଲ ସମ୍ପର୍କୀୟ ଅଧଃସ୍ଥ କର୍ମଚାରୀଙ୍କ ଅତ୍ୟାଚାରର ଗୁହାରି କେବେ୨ ଶୁଣିବାରେ ଆସୁଥିଲା । ବର୍ତ୍ତମାନ କେତେକ ବର୍ଷ ହେଲା କେତେକ ସ୍ଥାନରେ ନାଲ ଯୋଗେ ଅନିଷ୍ଟ ଘଟିବାରୁ ସେ ସ୍ଥାନମାନଙ୍କରେ ପୂର୍ବ ପ୍ରବାଦ ଅର୍ଥାତ୍ ନାଲ ଦେଶକୁ କାଳ କଥା ଉଠି ଅଛି ।

ଉଲ୍ଲିଖିତ ଅନିଷ୍ଟ ବିଶେଷରେ ପଟ୍ଟାମୁଣ୍ଡାଇ ନାଲ ଯୋଗେ ଘଟୁଅଛି । ସୁକନଇର ପାଣି ପୂର୍ବେ ବିରୂପାରେ ପଡୁଥିଲା ଉକ୍ତ ନାଲ ଯୋଗେ ତାହା ଅବରୋଧ ହେବାରୁ ବାଉକମାଷ୍ଟରୀ କର୍ମଚାରୀମାନେ ନୂଆଗାଁ ଓ ଜଙ୍କୋଟି ନିକଟରେ ସୁକନଇରୁ ଗୋବରୀ ନଦୀକୁ ନାଲ କାଟି ଦେବାରେ ସେହିପଥରେ ସୁକନଇର ପାଣି ଗୋବରୀକୁ ଆସୁଅଛି ସୁତରାଂ ଗୋବରୀ ଉଛୁଳିତ ହୋଇ ନୂଆଗାଁ ଜଙ୍କୋଟି କରିଦିଆ ବିରିଓ ଉସମା କଏରପୁର ଗୋଲକ ଗୋବିନ୍ଦପୁର, ଅଲଯୋଡ଼ା, ଚୁଁଅପଚି, ମନପୁର, ବଇଁଚୁଆ ଇତ୍ୟାଦି ଅନେକ ମଉଜାର ଫସଲ ନଷ୍ଟ କରୁଅଛି । ଏ ମଉଜାମାନ ମାଡ଼କନ୍ଦ ଲଗର ଓ ସୁଙ୍ଗଡା ପ୍ରଗନାର ଅଟଇ ଓ ଏପରି କ୍ଷତି ତିନି ଚାରିବର୍ଷ ହେଲା ହେଉଅଛି । ଏ ବିଷୟ କର୍ତ୍ତୃପକ୍ଷଙ୍କ ଗୋଚରରେ ଆସିବାରୁ ସେମାନେ ଏଥିର ପ୍ରତିକାର ସ୍ୱରୂପ ଗୋବରୀନଦୀ ମଧ୍ୟସ୍ଥ ମଟ୍ଟିଦିଆ ବନ୍ଧମାନ ଉଠାଇ ଦେଇ ଅଛନ୍ତି । କିନ୍ତୁ ଗୋବରୀନଦୀ ପ୍ରଶସ୍ତ ନୁହେଁ ତାହା ସାମାନ୍ୟ ନାଲ ସ୍ୱରୂପ ଅଟଇ ତହିଁ ମଧ୍ୟସ୍ଥ ବନ୍ଧମାନ ଉଠାଇ ଦେଲେହେଁ ତହିଁରେ ଶୁକନଇର ପାଣି ବାହାରି ଯାଇ ପାରୁ ନାହିଁ ଓ ଉଛୁଳିତ ହୋଇ ଫସଲର ବିଶେଷ କ୍ଷତି କରୁଅଛି । ଏ ବର୍ଷର କ୍ଷତି ବିଶେଷ ଓ ଖେଦଜନକ ଅଟଇ । ଏ ବର୍ଷ ପ୍ରଥମରୁ ସୁଯୋଗ ହୋଇଥିବାରୁ ଫସଲର ଅବସ୍ଥା ଅତ୍ୟୁତ୍ତମ ହୋଇଥିଲା ଓ ଲୋକେ ସମ୍ପୂର୍ଣ୍ଣ ଫସଲ ପ୍ରାପ୍ତିର ଆଶା କରି ଆନନ୍ଦିତ ଥିଲେ ଏମନ୍ତ ସମୟରେ ବିଶେଷ ବର୍ଷା ଯୋଗେ ଶୁକନଇର ପାଣି ଗୋବରୀଦ୍ୱାରା କ୍ଷେତରେ ପ୍ରବେଶ ହୋଇ ଉପର୍ଯ୍ୟୁକ୍ତ ଓ ଅନ୍ୟାନ୍ୟ ମଉଜାର ଫସଲ ନଷ୍ଟ କରି ଦେଇଅଛି । ହର୍ଷ ବିଷାଦରେ ଚିତ୍ତ ଯେପରି ବ୍ୟାକୁଳିତ ହୁଅଇ ତାହା ସହଜେ ପାଠକମାନେ ହୃଦୟଙ୍ଗମ କରି ପାରନ୍ତି ବର୍ତ୍ତମାନ ସେ ମଉଜାମାନଙ୍କର ପ୍ରଜାବର୍ଗଙ୍କର ସେହି ଅବସ୍ଥା ଘଟିଅଛି ଓ ଏ ବର୍ଷ ସେମାନେ ଯେ ବିଶେଷକଷ୍ଟରେ ଦିନପାତ କରିବେ ଏହା ବୋଲିବା ବାହୁଲ୍ୟ ।

ଆମ୍ଭେମାନେ ଶୁଣିଲୁଁ ସେ ମଉଜାର ପ୍ରଜାମାନେ ଏ ବିଷୟରେ କଲେକ୍ଟର ସାହେବଙ୍କଠାରେ ଅନେକ ଦରଖାସ୍ତ ଦେଇଅଛନ୍ତି ଓ ସାହେବ ପ୍ରଶଂସିତ ତଦନ୍ତ ନିମନ୍ତେ ଦରଖାସ୍ତମାନ କାନୁନଗୋ ଇଠାକୁ ପଠାଇ ଅଛନ୍ତି । ପ୍ରଜାମାନେ ଏ ବର୍ଷର ଜଳକର ଓ ରାଜସ୍ୱର କ୍ଷମା ପ୍ରାର୍ଥନା କରିଅଛନ୍ତି ଓ ଭବିଷ୍ୟତକୁ ଫସଲ ରକ୍ଷାପାଇଁ ପଟ୍ଟାମୁଣ୍ଡାଇ ନାଲରେ ସାଇଫନ ପୋଲର ପ୍ରସ୍ତାବ କରିଅଛନ୍ତି । ସେମାନେ କହନ୍ତି ସୁକନଇର ପାଣି ପୂର୍ବବତ୍ ବିରୂପାକୁ ନ ଗଲେ ସେମାନଙ୍କ ଫସଲ କଦାପି ରକ୍ଷା ହୋଇ ନ ପାରିବ । ମାତ୍ର ଆମ୍ଭେମାନେ ଅବଗତ ହୋଇ ଅଛୁଁ ଯେ କର୍ତ୍ତୃପକ୍ଷଙ୍କର ଏପରି ମତ ନୁହେ । ଆମ୍ଭମାନଙ୍କ ବିବେଚନାରେ ଏହା ସେମାନଙ୍କର ଭ୍ରମ ଅଟଇ ଯେ ସ୍ଥଳେ ଗୋବରୀ ନଦୀ ଯୋଗେ ସୁକନଇର ପାଣି ନିର୍ଗତ ହୋଇ ନ ପାରିଲା ସେ ସ୍ଥଳେ ତହିଁର ପୂର୍ବମାର୍ଗକୁ ଫିଟାଇବାର ଆବଶ୍ୟକ । ପଟ୍ଟାମୁଣ୍ଡାଇ ନାଲରେ ସାଇଫନ୍ ପୋଲ ହେଲେ ଅନେକ ଖର୍ଚ୍ଚ ପଡ଼ିବ ସତ୍ୟ ମାତ୍ର ଫସଲର କ୍ଷତି ଦୃଷ୍ଟିରେ ସରକାର ସେ ଖର୍ଚ୍ଚ ସହିବାର ଉଚିତ ଓ ଆବଶ୍ୟକ । ଅତଏବ ଆମ୍ଭେମାନେ ଅନୁରୋଧ କରୁଅଛୁଁ ଯେ କଲେକ୍ଟର ସାହେବ ଓ କମିଶ୍ନର ସାହେବ ଏଥିର ବିହିତ ବିବେଚନା କରନ୍ତୁ ।

ଫସଲ କ୍ଷତିର ଆଉ ଗୋଟିଏ କାରଣ ଏହି ଯେ କ୍ଷେତମାନଙ୍କରେ ଶାଖାନାଲ ଓ କେନାଲ ଅନେକ ଥିବାରୁ ସୁକନଇ ଓ ଗୋବରୀ ଅତିରିକ୍ତ ପାଣି ବିଲରେ ପ୍ରବେଶ ହେଲେ ସହଜରେ ବାହାରି ଯାଇ ନ ପାରି ଫସଲ ସଡ଼ାଇ ଦିଏ । କୌଣସି୨ଠାରେ ଶାଖାନାଲ ତଳେ ପୋଲ ହୋଇଅଛି ମାତ୍ର ସେ ସବୁ କ୍ଷୁଦ୍ର ଥିବାରୁ ତହିଁରେ ପାଣି ଶୀଘ୍ର ବାହାରି ଯାଇ ନ ପାରେ ଓ ସ୍ଥାନେ୨ ନାଲ ବନ୍ଧ କାଟି ଦେବାର ଆବଶ୍ୟକ ହୁଏ । ଆମ୍ଭେମାନେ ଶୁଣିଲୁଁ ଓ୍ୱାଲି ସାହେବ ଏ ସବୁ ବିଷୟର ତଦନ୍ତ ନିମନ୍ତେ ମୋଫସଲ ଯାଇ ଅଛନ୍ତି ଓ ଭରସା କରୁଁ ଯେ ସେ କେବଳ ଖର୍ଚ୍ଚାପ୍ରତି ଦୃଷ୍ଟି ନ ରଖି ପଟ୍ଟାମୁଣ୍ଡାଇ ନାଲରେ ସାଇଫନ୍ ପୋଲ ଓ ସ୍ଥାନେ୨ ଶାଖାନାଲରେ ବଡ଼୨ ପୋଲ ପ୍ରସ୍ତୁତର ପ୍ରସ୍ତାବ କରି ଭବିଷ୍ୟତରେ ଦୁଃଖୀ ପ୍ରଜାଙ୍କ ଫସଲ ରକ୍ଷା କରାଉନ୍ତୁ ।

---

ଜାଜପୁରରୁ ନିମ୍ନଲିଖିତ ସମ୍ବାଦମାନ ପ୍ରାପ୍ତ ହୋଇଅଛୁଁ ।

ବର୍ତ୍ତମାନ ବୃଷ୍ଟି ଏକାଦିନ ବନ୍ଦ ନ ହେବାରୁ ଫସଲ ପ୍ରାୟ କିଛି କ୍ଷତି କରୁଅଛି ଓ ଗତବର୍ଷ ଝଡ଼ ମହର୍ଘ ଯୋଗୁଁ ଏ ନଗରର ଅଧିକାଂଶ ଲୋକ ଆପଣା୨ ଗୃହମାନ ଛପରବନ୍ଦ କରାଇବାକୁ ଅକ୍ଷମ ହୋଇଥିଲେ ଏପ୍ରକାର ଗୃହଗୁଡ଼ିକ ବହୁ ଜଳବୃଷ୍ଟିରେ ଭଗ୍ନାବସ୍ଥା ପ୍ରାପ୍ତହୋଇଅଛି । ଏବର୍ଷ ଏନଗରରେ ଅନେକଗଣେଶ ପ୍ରତିମା ହୋଇଥିଲେ ମାତ୍ର କୌଣସିଠାରେ ଉତ୍ତମ ମଜଲିସ ଇତ୍ୟାଦି ହୋଇ ନ ଥିଲା କୌଣସି ଗଣେଶ ମଧ୍ୟ ଉତ୍ତମ ତାଳ କର୍ମରେ ସୁସଜ୍ଜିତ ହୋଇ ନ ଥିଲେ । ଏ ନଗରରେ ବଙ୍ଗ ଦେଶୀୟ ଦୋକାନୀମାନେ ଶୁନିଆଦିନ ନୂତନ ଖାତା ପୂଜା ଉପଲକ୍ଷରେ ଆପଣା୨ ଦୋକାନ ଗୃହମାନ ସୁସଜ୍ଜିତ କରି ଗରିବ ବ୍ରାହ୍ମଣ ପ୍ରଭୃତିଙ୍କୁ ମିଠେଇ ଓ ପଇସା ବିତରଣ କରିଥିଲେ । ଏଠା ମୁନସଫି ସାବେକ ତସ୍ତିକାର ମୋହରିର ଶ୍ରୀ ବାବୁ ପୁରୁଷୋତ୍ତମ ନାୟକ ଓ ଅନ୍ୟ ଏକଜଣ ମୁଦାଲା ବିରୁଦ୍ଧରେ ଯେଉଁ ମକଦ୍ଦମା ଏଠା ଫଉଜଦାରୀ ଅଦାଲତରେ ଚଳୁଥିଲା ତହିଁରେ ଶ୍ରୀଯୁକ୍ତ ବାରୋ ସାହେବ ଉଭୟ ପକ୍ଷରୁ ଉପଯୁକ୍ତ ପ୍ରମାଣ ନେଇ ପୁରୁଷୋତ୍ତମ ନାୟକଙ୍କୁ ନିର୍ଦ୍ଦୋଷିରୂପେ ଖଲାସ ଦେଇ ଅଛନ୍ତି ଓ ଦେଓସର ମୁଦାଲାର ଦୋଷ ସପ୍ରମାଣ ହେବାରୁ ତାକୁ ଦୌରା ସୁପୋର୍ଦ କରିଅଛନ୍ତି । ହିରୋଡନ ଚକ୍ରବର୍ତ୍ତୀ ନାମକ ଏ କଚେରିର ଜଣେ ପିଅଦା ମାସ କୋର୍ଟଫି ଏକଶତ ପ୍ରକାରର ବ୍ୟବହାର କରି ସରକାରୀ ନିଶାଦ ବାବତ ଟ ୧୧ ଙ୍କା ଆତ୍ମସାତ କରିଥିବା ଅପରାଧରେ ତାହା ପ୍ରତି ଛଅମାସ କାରାବାସ ଦଣ୍ଡାଜ୍ଞା ହୋଇଅଛି ।

---

Digitized by srujanika@gmail.com

Split by PDF Splitter



# ସାପ୍ତାହିକ ସମ୍ବାଦ ।

ଅସ୍ମେମାନେ ନିମ୍ନଲିଖିତ ପୁସ୍ତକମାନ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଯଥା ବଡନଗ୍ରରର ଅଦ୍ୟପର୍ବ ପ୍ରଥମକାଣ୍ଡ ବାଲେଶ୍ୱର ଉତ୍କଳ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ପ୍ରବନ୍ଧମାଳା ମଧୁସୂଦନ ରାଓ କର୍ତ୍ତୃକ ରଚିତ ଏବଂ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ।

ଏସପ୍ତାହର ପ୍ରଥମରେ ଭାରି ଖରା ଓ ଗ୍ରୀଷ୍ମ ହୋଇଥିଲା, ଶେଷ ଦିନଦିନ ବୃଷ୍ଟି ହେବାରୁ ଶୀତଳ ହୋଇଅଛି ଓ କୃଷି ପକ୍ଷରେ ବଳୁଷ୍ଟ ସଙ୍ଗମରେ ଉତ୍ତମ ହୋଇଅଛି । ଭାରତବର୍ଷର ସବୁ ଅଞ୍ଚଳରୁ କୃଷିର ଅବସ୍ଥା ଉତ୍ତମ ଥିବାର ସମ୍ବାଦ ଆସୁଅଛି ବଡ ସୁଖର ବିଷୟ ଅଟଇ ।

ବସନ୍ତ ରୋଗରେ ଏ ଜିଲ୍ଲାରେ ଗତ ଜାନୁଏରି ଫେବ୍ରୁଏରି ଓ ମାର୍ଚ୍ଚ ମାସରେ ଜ ୧୯୩୭ ଣ ମୃତ୍ୟୁ ଲଭିଅଛନ୍ତି । ତହିଁ ପଶ୍ଚାତ ମାସର ମୃତ୍ୟୁ ସଂଖ୍ୟା ଅସ୍ମେମାନେ ଅବଗତ ହୋଇ ନାହୁଁ । ତିନ ମାସରେ ଦୁଇ ସହସ୍ର ମୃତ୍ୟୁ ଘଟିବା ପ୍ରତ୍ୟକ୍ଷେ ଲକ୍ଷ୍ୟକରି ଏ ରୋଗର ପ୍ରତାପ ନିବାରଣ ସକାଶେ କର୍ତ୍ତୃପକ୍ଷମାନେ ଇଂରେଜୀ ଟୀକା ଅଧିକ ପ୍ରଚାର କରିବାର ଚେଷ୍ଟା କରୁ ନାହାନ୍ତି ବଡ ଆଶ୍ଚର୍ଯ୍ୟର ବିଷୟ ଅଟେ ।

ବର୍ଷାକାଳରେ ପଟ୍ଟାମୁଣ୍ଡାଇସ୍କୁଲର ଚତୁର୍ଦ୍ଦିଗରେ ଜଳ ପରିପୂର୍ଣ୍ଣ ହୋଇ ଗୋଟିଏ ପଦ୍ମପୋଖରୀ ହୁଏ ତହିଁରେ ଅନେକ ଦିନ ହେଡ଼ପଣ୍ଡିତଙ୍କ ବସାରେ ସ୍କୁଲର କାର୍ଯ୍ୟ ସମ୍ପନ୍ନ ହୁଏ ଯଦି ଗୋଟିଏ କାଠର କିମ୍ବା ଅନ୍ୟପ୍ରକାର ସେତୁ ନିର୍ମାଣ ହୁଅନ୍ତା ତେବେ ବାଳକମାନଙ୍କର ଏ କଷ୍ଟ ନିବାରଣ ହୋଇ ସ୍କୁଲର କାର୍ଯ୍ୟ ସୁନ୍ଦରରୂପେ ଚଳନ୍ତା ବଡ ଦୁଃଖର ବିଷୟ ଯେ ସ୍କୁଲ ସମ୍ପାଦକ ଏ ବିଷୟରେ ଭ୍ରୂକ୍ଷେପ ସୁଦ୍ଧା କରନ୍ତି ନାହିଁ । ବନ୍ୟା ସମୟରେ ସେଠି ୫ । ୭ ଫିଟ ପାଣି ଓ ଅନ୍ୟ ସମୟରେ ୨ । ୩ ଫିଟ ପାଣି ଥାଏ ।

ଜଣେ ତେଲଙ୍ଗାଣୀ କପ୍ତାନ ବୁଲକ ସାହେବଙ୍କଦ୍ୱାରା ତାହାର ପୁତ୍ର ଜାତ ହୋଇଥିବା ଜଣହାରରେ ସାହେବଙ୍କଠାରୁ ଖୋରାକି ପାଇବା ଦାବୀରେ ଫଉଜଦାରୀରେ ନାଲିଶ କରିଥିଲା ମାତ୍ର ପ୍ରଚୁର ପ୍ରମାଣ ଅଭାବେ ନାଲିଶ ଡିସ୍‌ମିସ ହେଲା । ତେଲଙ୍ଗାଣୀ ନିତାନ୍ତ କାଳୀ ହେଲେହେଁ ତାହାର ପିଲାଟି ଇଂରେଜ ପିଲାପରି ଦିଶୁଅଛି ।

ରଣପୁରର ମାନେଜରଙ୍କ ନାମରେ ରାଜା ଓ ପ୍ରଜାମାନେ ଗଡଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଗୁହାରି କରୁଅଛନ୍ତି । ପୁଣି ପ୍ରଜାମାନେ ମାରିବାର କାରଣ କି ? ଏଥିର ଉତ୍ତମ ତଦାରକ କରିବାର ଉଚିତ ।

କୁଜଙ୍ଗର ମାନେଜର ପୁଣି ହଇକରରେ ପଡିଅଛନ୍ତି । ଶୁଣାଯାଏ ଯେ ତାହାଙ୍କର ତହବିଲ ଓ କାଗଜପତ୍ର ହୋରକ କରିବା କାରଣ ପୁଲିସ ମଦତ ଯାଉଅଛି । ମାମଲାଟା କଣ ଠିକ ବୁଝା ଯାଉ ନାହିଁ । ଏ କର୍ଷଟା ମାନେଜର ଓ ତହସିଲଦାରଙ୍କ ପକ୍ଷରେ ଅତ୍ୟନ୍ତ ଅଶୁଭକର ବୋଲିବାକୁ ହେବ

ସନ ୧୮୬୮ ସାଲରେ ଏ ଜିଲ୍ଲାରେ ଜ ୪୦୪୧୧ ଣ ନାନାବିଧ ରୋଗରେ କାଳ ଗ୍ରାସରେ ପତିତ ହୋଇଥିଲେ ମାତ୍ର ସନ ୧୮୭୯ ସାଲରେ ମୃତ୍ୟୁ ସଂଖ୍ୟା ୩୦୨୧୧ । ଏଥିରୁ ପ୍ରକାଶ ଯେ ଲୋକଙ୍କ ସ୍ୱାସ୍ଥ୍ୟ ସନ ୧୮୭୯ ରେ ଅତି ଉତ୍ତମ ଥିଲା ଏଥିର କାରଣ ଏହି ନିର୍ଦ୍ଦିଷ୍ଟ ହୋଇଅଛି ଯେ ପୂର୍ବାପେକ୍ଷା ଖାଦ୍ୟ ସାମଗ୍ରୀ ବହୁତ ଶସ୍ତା ହୋଇ ଥିବାରୁ ଅନାହାର କା ଅପଥ୍ୟ ଭୋଜନ ତ୍ରାସ ହେବାରୁ ରୋଗ ଓ ମୃତ୍ୟୁର ହ୍ରାସ ହୋଇଅଛି । ଠିକ କଥା ମାତ୍ର ବର୍ଷ ଶେଷରୁ ବସନ୍ତ ରୋଗ ଜାତ ହୋଇ ଏବର୍ଷ ଅନେକ ଲୋକର ପ୍ରାଣ ନେଲା ।

ଗତ ସୁବର୍ଣ୍ଣରେଖାର ବନ୍ୟାଜଳ ନଦୀ କୂଳରେ କାଇଥପାଳ ଗ୍ରାମଠାରୁ ପ୍ରାୟ ୨୪ । ୨୫ ପର ଉପରେ ଥିଲା ଏବଂ ସୁବର୍ଣ୍ଣରେଖାର ନିକଟସ୍ଥ ଜଗନ୍ନାଥ ସଡକର ସ୍ଥାନେ ସ୍ଥାନେ ଭାଙ୍ଗି ଯାଇ ଅଛି ।

କାଶୀମୋ ଇଲାକାର ଜଣେ ଜମିଦାରଙ୍କ ସହିତ ପ୍ରଜାମାନଙ୍କର ଅମେଳ ହେବାରୁ ସେମାନେ ଜମିଦାରଙ୍କୁ ଭୟାନକରୂପେ ପ୍ରହାର କରି ଅଛନ୍ତି । ଜମିଦାରଙ୍କ ପ୍ରାଣର ଆଶା ନାହିଁ । ଏବଂ ବର୍ତ୍ତମାନ ମୋକଦ୍ଦମା ତଦନ୍ତ ହେଉଅଛି ।

ପଟ୍ଟାମୁଣ୍ଡାଇର କେଟକଡ଼ାକ୍ତର ଶ୍ରୀଯୁକ୍ତ ବାବୁ ବଳରାମ ଘୋଷ କହୁଅଛନ୍ତି ଯେ ଅଠଅଗଡ଼ା ଅନ୍ତର୍ଗତ ରାଜନଗର ଆଉଟପୋଷ୍ଟ ନିକଟରେ ବ୍ୟାଘ୍ରର ଅତ୍ୟାଚାର ବଡ଼ ଉପ୍ରତ ଆରମ୍ଭ ହୋଇଅଛି ଏମନ୍ତ କି ସନ୍ଧ୍ୟାସମୟରେ କ ରାତ୍ରିରେ ଅନେକ ଗୋରୁ ବାଛୁରୀମାନଙ୍କୁ ଟାଣିନେଇ ଯାଉଅଛି । ଅସ୍ତ୍ର ଶସ୍ତ୍ର ନୂତନ ଆଇନ ସଙ୍ଗେ ଏଥିର ବିଶେଷ ସମ୍ବନ୍ଧ ଥିବାପରି ଜଣାଯାଏ । ମାଜିଷ୍ଟ୍ରେଟ ଏଥିର ପ୍ରତିବିଧାନ କରନ୍ତୁ ।

ପଟ୍ଟାମୁଣ୍ଡାଇ ବଜାର ନିକଟରେ ସ୍ୱନବାଇବାଟ ଏପରି ଦୁର୍ଗନ୍ଧମୟ ଓ କଦର୍ଯ୍ୟ ହୋଇଅଛି ଯେ ପଥିକମାନଙ୍କର ବିଲକ୍ଷଣ କଷ୍ଟ ହୁଏ । ଏଠା ପୁଲିସର ଏ ବିଷୟରେ ବଡ଼ ଯତ୍ନ କରିବାର ଦେଖାଯାଏ ନା ।

ପଟ୍ଟାମୁଣ୍ଡାଇର ଯେଉଁଠାରେ ହାଟ ହେଉଥିଲା ବର୍ତ୍ତମାନ ଯାହା ନଦୀରେ ଭଙ୍ଗିଯାଇଅଛି ଏବଂ କେନ୍ଦ୍ରୁଟସାହି ଓ ବଜାରରେ ହାଟ ଅତି କଷ୍ଟରେ ବସୁଅଛି ଏଠା ଜମିଦାର ଶୀଘ୍ର ଅନ୍ୟତ୍ର ହାଟ ବସାଇଦେଲେ ସାଧାରଣ ବ୍ୟବସାୟ ବାଣିଜ୍ୟର ଅନେକ ସୁବିଧା ହେବ ।

ଆମ୍ଭମାନଙ୍କ ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ଉପରେ ଏଥିମଧ୍ୟରେ ଗୋଟିଏ ଭାରି ଦୁଃଖ ପଡିଗଲା । ବଦସ୍ୱାନ ଉଡନ ସାହେବ କରସିଇଙ୍ଗରେ ଶିକାର କରିବାକୁ ଯାଇଥିଲେ । ବାଟ ମଧ୍ୟରେ ଗୋଟିଏ ସାପ ଦେଖିବାରୁ ବନ୍ଧୁକ ବୁଲାଇ ତାହାକୁ ମାରିବାକୁ ଚେଷ୍ଟାକଲେ । ବନ୍ଧୁକରେ ଗୁଳି ପଡିଥିବା ହେବାରୁ ଧକ୍କା ବାଜ ବନ୍ଧୁକ ଫାଟିଯାଇ ସାହେବଙ୍କ ପେଟରେ ଗୁଳି ପୂରିଗଲା ଓ ଦୁଇ ଘଣ୍ଟା ସମୟରେ ତାହାଙ୍କର ପ୍ରାଣ ବାହାରି ଗଲା ।

ଗବର୍ଣ୍ଣର ଜେନେରଲଙ୍କ ଷ୍ଟାଫର ଜଣେ ସଭ୍ୟ ସର୍ ଏଡୱାର୍ଡ଼ ଜନ୍‌ସନ୍ ଇସ୍ତଫା ଦେବାରୁ ସର୍ ଡୋନାଲ୍ଡ଼ ଷ୍ଟୁଆର୍ଟ ସାହେବ ନିଯୁକ୍ତ ହୋଇ ଅଛନ୍ତି ।

ମେଦିନୀପୁରଠାରୁ ଉଲୁବାଡ଼ିଆ ପର୍ଯ୍ୟନ୍ତ କାଳରେ ଗତାୟାତ କରିବା ସକାଶେ ସର୍ ଆର୍ଥରକଟନ୍ କାମକ ଜାହାଜ ଷୋନ କାଳକୁ ଆସୁଅଛି ଏବଂ ବାଇକମାନ୍ତରେ ମହଲୁମ୍ବାର ଦୁଇଖଣ୍ଡ ବୋଟ ନିର୍ମାଣ ହେଉଅଛି । ଓଡ଼ିଶା କାଳରେ ସରକାରୀ ଜାହାଜଦ୍ୱାରା ଲାଭ ହେବାର ଦେଖି ଗବର୍ଣ୍ଣମେଣ୍ଟ ସମସ୍ତ କାଳରେ ଜାହାଜ ଚଳାଇବାର ନିୟମ କରୁ ଅଛନ୍ତି । ବଡ ସୁଖର ବିଷୟ ଅଟଇ ।

ରୁଷୀୟ ଦେଶର ରାଜମନ୍ତ୍ରୀବର୍ଗ ପରିବର୍ତ୍ତନ ହୋଇଅଛି । ସମସ୍ତ ବିଭାଗର ମନ୍ତ୍ରୀତ୍ୱରେ ନୂତନ ଲୋକମାନେ ନିଯୁକ୍ତ ହୋଇ ଅଛନ୍ତି । ସମ୍ଭବ ହୁଅଇ ଏହି ମନ୍ତ୍ରୀଙ୍କଦ୍ୱାରା ରୁଷୀୟର ରାଜନୀତି ସଂଶୋଧିତ ହେବ ।

ଡାକଘରକୁ ମନିଅର୍ଡ଼ରର କାର୍ଯ୍ୟ କରିତ ହୋଇ ଦିବାରୁ ମନିଅର୍ଡ଼ରର ସଂଖ୍ୟା ଓ ଆୟ ବହୁତ ବୃଦ୍ଧି ହୋଇଅଛି । ଗତ ଫେବ୍ରେକ ମାସରେ ପ୍ରାୟ ପ୍ରତିମାସ ୬୫୦୦୦ ଠାରୁ ୮୦୦୦୦ ପର୍ଯ୍ୟନ୍ତ ମନିଅର୍ଡ଼ର ହେଉଅଛି ଏସବୁ ମନିଅର୍ଡ଼ରର ମୂଲ୍ୟ ପ୍ରାୟ ୩୨ ଲକ୍ଷ ଟଙ୍କା ହେବ । ଏଥିର କମିଶନସ୍ୱରୂପ ମାସକୁ ପ୍ରାୟ ଟ ୩୦୦୦୦୯ ଙ୍କା ଆୟ ହେଉଅଛି । ଡାକଘରର ମନିଅର୍ଡ଼ରଦ୍ୱାରା ବାସ୍ତବରେ ସର୍ବସାଧାରଣଙ୍କର ବହୁତ ଉପକାର ହୋଇଅଛି ।

ଲଣ୍ଡନରେ ଜଣେ ଋଣଗ୍ରସ୍ତ ଲୋକ ଆପଣା ମହାଜନମାନଙ୍କୁ ଡକାଇ କହିଲା କି ଆମ୍ଭକୁ ଗୋଟିଏ ଖେଷାରତର ମୋକଦ୍ଦମା କରିବାର ଅଛି ତହିଁରେ ଆମ୍ଭର ପଚିଶ ହଜାର ଟଙ୍କା ଲାଭ ହେବ ମାତ୍ର ଆମ୍ଭ ନିକଟରେ ଖର୍ଚ୍ଚ ନାହିଁ ତୁମ୍ଭେମାନେ ଋଣ ଦେଇ ଦିଅ । ମହାଜନମାନେ ଅଗତ୍ୟା ସ୍ୱୀକୃତ ହେଲେ । ଅଙ୍କରେ ଗୋଡ ପଶିଲା ଭଳି ।

ଲମିର ଅବଦୁଲ ରହମାନ ଶେରପୁର ପରିତ୍ୟାଗ କରି କାବୁଲ ନଗରେ ଅବସ୍ଥିତ କରି ଅଛନ୍ତି ।

ପେଟ୍ରୋଲିୟମ ନାମରେ ଏକ ଦ୍ରବ୍ୟ ଅଛି ଶ୍ୱାସ ରୋଗରେ ତାହାର ଧୂଆଁ ପରମ ଔଷଧ ଅଟଇ । ଜଣେ ଲୋକ ଏହା ପରୀକ୍ଷା କରି ଦେଖି ଅଛନ୍ତି ।

ସୁପର ଇଣ୍ଡାପର ବିଷୟକ ଆଇନ ସଭାରେ ଜାରି ହୋଇ ଥିବାରୁ ତହିଁ ବିରୁଦ୍ଧରେ ଅନେକ ଲୋକ ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ନିକଟରେ ଦରଖାସ୍ତ କରିଥିଲେ । ଗୟାଜିଲ୍ଲା ବଡ଼ ବଡ଼ ଜମିଦାର ଏବଂ ଅନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦରଖାସ୍ତକାରୀଙ୍କ ମଧ୍ୟରେ ଥିଲେ ମାତ୍ର ଫଳ କିଛି ହେଲା ନାହିଁ । ଗବର୍ଣ୍ଣମେଣ୍ଟ ଧାର୍ଯ୍ୟମତେ ନାମଞ୍ଜୁର କରି ଦେଇ ଦରଖାସ୍ତକାରୀଙ୍କୁ ତହିଁର ସମ୍ବାଦ ଦେଲେ । ଲୋକଙ୍କ ଇଚ୍ଛା ବିରୁଦ୍ଧରେ ଏହି ପ୍ରକାର ସାମାନ୍ୟ ଆର୍ଥିକ ବିଷୟରେ ଗବର୍ଣ୍ଣମେଣ୍ଟ ଅନେକ ଦୃଢ଼ ଅଟନ୍ତି ।

ହିବେକେଟର ମହଲରୁ ପ୍ରାୟ ତିନିଲକ୍ଷ ଟଙ୍କା ମୂଲ୍ୟର ଅଳଙ୍କାରାଦି ଚୋରି ଯାଇଅଛି । ସେଠାରେ ତହସିଲଦାରଙ୍କ କଚେରୀ ଅଛି ସେ କେବଳ ଦୁଇ ଚାରିଟା ଲଙ୍କା ବାକ୍ସ ପାଇ ଅଛନ୍ତି । କୌଣସି ମୂଲ୍ୟବାନ୍ ଚୋରା ମାଲ ପାଇ ଯାଇ ନାହିଁ ।

## ବିଜ୍ଞାପନ ।

ଜିଲେ ମେଦିନୀପୁରର ଶ୍ରୀଯୁତ ଜଜ ସାହେବଙ୍କ ଅଦାଲତରୁ ଯେହେତୁ ଜଗ କଟକ ମୌଜେ କଟକା ନିବାସୀ ସାନବର୍ତ୍ତି ସାମନ୍ତ ପୁତ୍ର ମଥୁରାସିଂହ ମେଦିନୀପୁରରେ ସର୍ବଧାରଣ ହୋଇ ମରିଯାଇ ଅଛି ଅତଏବ ଏଦ୍ୱାରା ପ୍ରକାଶ କରା ଯାଉଅଛି କି ଯଦି କୌଣସି ବ୍ୟକ୍ତି ମୃତ ବ୍ୟକ୍ତିର ତ୍ୟାଗୀୟ ମାଲ ପ୍ରତି କିଛି ଦାବି ରଖୁଥାଏ କିମ୍ବା ତାହାର ୱାରିସ ଓ ହକଦାର ଥିବ ତେବେ ସେ ବ୍ୟକ୍ତି ବିଜ୍ଞାପନ ଜାରି ତାରିଖରୁ ମାଂ ୨ ଦୁଇ ମିଆଦ ମଧ୍ୟରେ ଆପଣା ଦାବି ଜଜ ମେଦିନୀପୁର ଶ୍ରୀଯୁତ ଜଜସାହେବଙ୍କ ଅଦାଲତରେ ଅଗତ କରି ପ୍ରମାଣ କରାଇଲେ ଉକ୍ତ ମାଲ ତାକୁ ସମର୍ପିବା ପ୍ରତି ବହୁତ ହୁକୁମ ହେବ ଉକ୍ତ ମିଆଦ ମଧ୍ୟରେ ଦାବି ଅଗତ ନ ହେଲେ ପଶ୍ଚାତ ତାହାର ଆପତ୍ତି ଗ୍ରାହ୍ୟ ହେବ ନାହିଁ ତା ୨୪ ଋତ ସନ ୧୮୮୦ ମସିହା ।

By order of the Court
J. Douglas Bayly
*Chief Clerk.*

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରୁଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳ ପାରେ ଯଥା;—

ଡାକମାସୁଲ ସହିତ ୪ ଆଉନ୍‌ସର ଟ ୭।୦ ଙ୍କା । ୮ ଆଉନ୍‌ସର ଟ ୧୪।୦ ଙ୍କା । ୧୬ ଆଉନ୍‌ସର ୨୮ । ମୂଲ୍ୟ ନଗଦ ।

ଏହି ଉତ୍କଳଦୀପିକା ସହର କଟକ ତେଲେଙ୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଗ
ସଂ ୪୦ ଖ୍ୟା

ତା ୨ ରଖ ମାହେ ଅକ୍ଟୋବର ସନ ୧୮୮୦ ମସିହା । ମୂ । ଆଶ୍ୱିନ ତ ୧୯ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୷

ପୁଣି ବାର୍ଷିକ ଶାରଦୀୟ ପୂଜା ଉପସ୍ଥିତ ଏବଂ ତଦାନୁସଙ୍ଗିକ ଆମୋଦ ପ୍ରମୋଦ ଭାବମାନ ଲୋକଙ୍କ ମନରେ ସଞ୍ଚାରିତ ହେଲା । ଅଦାଲତ କଚେରି କାଲଠାରୁ ବନ୍ଦ ଏବଂ ଅନ୍ୟାନ୍ୟ ଅଫିସମାନ ଆଗାମୀ ଶୁକ୍ରବାରଠାରୁ ଦ ୮ ନ ବନ୍ଦ ହେବ । ଆମ୍ଭେମାନେ ମଧ୍ୟ ନିୟମିତରୂପେ ଏହି ଉତ୍ସବକାଲରେ ଅବସର ପାଇବା କାରଣ ପାଠକଙ୍କଠାରେ ପ୍ରାର୍ଥୀ ଓ ଭରସା କରୁଁ ସଦୟା ପୂର୍ବକ ସେମାନେ ତାହା ଦାନ କରିବେ । ଆଗାମୀ ଶନିବାର ଆମ୍ଭେମାନେ ପାଠକଙ୍କ ସଙ୍ଗେ ସାକ୍ଷାତ କରି ଏକସପ୍ତାହ ବିଦାୟ ଗ୍ରହଣ କରିବୁଁ ଓ ତହୁଁ ଉତ୍ତାରୁ ଏ ମାସ ତା ୨୩ ରିଖଠାରୁ ନିୟମିତରୂପେ ଆପଣା କର୍ମରେ ନିଯୁକ୍ତ ହେବୁଁ ।

---

ବାବୁ ଶ୍ରୀନାଥଭଦ୍ରଙ୍କ ପୁତ୍ରର ମୃତ୍ୟୁଘଟିତ ମୋକଦ୍ଦମାରେ ଜଏଣ୍ଟ ମାଜିଷ୍ଟ୍ରେଟ ପିଲା ଆସାମିକୁ ଖଲାସ ଦେଇ ଥିବାର ଏଥିପୂର୍ବେ ପାଠକଙ୍କୁ ଜଣାଇ ଅଛୁଁ । ବାବୁ ଅପିଲ କରିବାରୁ ଜଜ ସାହେବ କେତେ ଜଣ ସାକ୍ଷିର ଜୋବାନବନ୍ଦୀ ଓ ଆସାମିର ଜବାବ ନେଇ ମୋକଦ୍ଦମା ଦୌରା ସୁପର୍ଦ୍ଦ କରିବାକୁ ଆଜ୍ଞା ଦେଲେ ତଦନୁସାରେ ଜଏଣ୍ଟ ମାଜିଷ୍ଟ୍ରେଟ କାର୍ଯ୍ୟକାରକ ହୋଇ ଆସାମିକୁ ହାଜତକୁ ପଠାଇଅଛନ୍ତି । ଆଗାମୀ ଦୌରାର ବୈଠକରେ ଏଥିର ବିଚାର ହେବ । ଅଳ୍ପବୟସ୍କର ପିଲା ଉପରେ ମନୁଷ୍ୟବଧର ଅଭିଯୋଗ ହେବା ଅସାଧାରଣ କଥା ବୋଲି ଲୋକେ ଏଥିରେ ଆଶ୍ଚର୍ଯ୍ୟ ହୋଇ ବିଚାରର ଫଳକୁ ଚାହିଁ ରହିଅଛନ୍ତି ।

---

ଦେବାନୀ ଅଦାଲତର ଅମଲାଙ୍କର ନୂତନ ବନ୍ଦୋବସ୍ତ ଯେ ଯହିଁ ସକାଶେ ପ୍ରାୟ ଦୁଇବର୍ଷ ହେବ କର୍ମଚାରୀମାନେ କାତର ଥିଲେ ଗତ କାଲଠାରୁ ଏଠା ଅଦାଲତରେ ଜାରି ହୋଇଅଛି ଏବଂ ଏହି ମାସ ମଧ୍ୟରେ ମୋଫସଲର କଚେରିମାନଙ୍କରେ ଜାରି ହେବ । ଏ ବନ୍ଦୋବସ୍ତକୁ ଅମଲାମାନେ ଯେତେ ଭୟ କରୁଥିଲେ ତେତେ ଅନିଷ୍ଟ ହୋଇ ନାହିଁ । ଅଥଚ କେବଳ ଏକାଉଣ୍ଟେଣ୍ଟ ଛଡା ଆଉ କୌଣସି ଅମଲାର ବେତନବୃଦ୍ଧି ହୋଇ ନାହିଁ ଅମଲାଙ୍କ ବେତନ ଓ ଶ୍ରେଣୀରେ କେତେକ ଫେର ବଦଳ ହୋଇଅଛି ମୋଟରେ ଜଜ ସାହେବଙ୍କ ମହକୁମାରୁ ତିନିଜଣ ମୋହରିର କଟି ଯାଇଅଛନ୍ତି ଏବଂ ପୁଣି ଯାଜପୁରରେ ଜଣେ ଲେଖାଏ ଏକାଉଣ୍ଟେଣ୍ଟ ଅଧିକା ନିଯୁକ୍ତ ହୋଇଅଛନ୍ତି । ଏ ବ୍ୟବସ୍ଥାରେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଲାଭ ହୋଇ ନାହିଁ ମାତ୍ର ଅମଲାଙ୍କ ଉପରେ ବିସ୍ତର କର୍ମ ଲଦା ଯାଇଅଛି । ଗରିବଙ୍କ ଉପରେ ସମସ୍ତଙ୍କର ଚେଷ୍ଟା ।

— ✻ —

ଗତ କେତେକ ମାସ ହେଲା ଏଠାରେ ବେନାମୀ ଦରଖାସ୍ତର ବଡ ପ୍ରାଦୁର୍ଭାବ ହୋଇଅଛି । ପୂର୍ବେ ହାକମମାନଙ୍କର ବେନାମୀପ୍ରତି ଆଦୌ ଆସ୍ଥା ନ ଥିବାରୁ କେହି ତହିଁରେ ପ୍ରବୃତ୍ତ ହେଉ ନ ଥିଲେ । ସମ୍ପ୍ରତି ହାକମମାନେ ତାହା ଶୁଣୁଥିବାର ଦେଖି ବେନାମୀବାଲାଙ୍କର ସାହସ ବଢିଅଛି । ଅନେକ ଆମଲା ଓ ଅତହିତ-ଶ୍ରେଣୀର ହାକମଙ୍କ ନାମରେ ଅନେକ ପ୍ରକାର ଦରଖାସ୍ତ ପଡଥିଲା ତହିଁ ମଧ୍ୟରେ କେତେଗୁଡାଏ ଦରଖାସ୍ତ ଏକାପ୍ରକାରର ମଧ୍ୟ ଦେଖା ଯାଇଥିଲା । କଏ ଏପରି ଦରଖାସ୍ତ ଦେଉଅଛି ଏହା ଯେନି ଲୋକେ ନାନାପ୍ରକାର ଆନ୍ଦୋଳନ କରୁଥିଲେ । ଏଥି ମଧ୍ୟରେ ଏକଖଣ୍ଡ ଦରଖାସ୍ତ ଢେଙ୍କାନାଳର ବନମାଳୀ ବାବୁଙ୍କ ନାମରେ ଥିଲା ସେ ଅନୁସନ୍ଧାନଦ୍ୱାରା ଦରଖାସ୍ତ ଲେଖକ ବାଙ୍କୀର ଏକବ୍ୟକ୍ତି ଥିବାର ନିଶ୍ଚୟ କରି କମିଶନରଙ୍କୁ ରିପୋର୍ଟ କରିବାରେ ଗତ ବୁଧବାର ତାହାର ଜବାନବନ୍ଦୀ ହୋଇଥିଲା । ଶୁଣିଲୁଁ ଯେ ସେ ଏହି ଦରଖାସ୍ତକୁ ଅସ୍ୱୀକାର କଲା ମାତ୍ର ତହସିଲଦାର ଶ୍ରୀନାଥ ବାବୁଙ୍କ ଆଦେଶମତେ କେତେ ଖଣ୍ଡ ବେନାମୀ ଦରଖାସ୍ତ ଲେଖି ପଠାଇଥିବାର ସ୍ୱୀକାର କଲା । ଏ ବ୍ୟକ୍ତି ତହସିଲଦାରଙ୍କର ଜଣେ ଚାକର ଥିଲା କଥିତ ହୁଅଇ ଯେ ଅନେକ ବେନାମୀ ଦରଖାସ୍ତ ପଡିଲେ ତହିଁରେ ହାକମମାନେ ଆଉ ଆସ୍ଥା କରିବେ ନାହିଁ ଏହି ଉଦ୍ଦେଶରେ ଶ୍ରୀନାଥ ବାବୁ ଏପରି କରାଇଥିଲେ ତାହା ହୋଇଥିଲେ ଏହାକୁ ଅବଶ୍ୟ ଅପୂର୍ବମାୟା ବୋଲିବାକୁ ହେବ ମାତ୍ର ବର୍ତ୍ତମାନ ଆମ୍ଭମାନଙ୍କର କିଛି କହିବାର ଉଚିତ ନୁହଇ। ଆମ୍ଭେମାନେ ଏତକ

Digitized by srujanika@gmail.com

Split by PDF Splitter



ପ୍ରାର୍ଥନା କରୁଁ ଯେ କମିଶ୍ନର ସାହେବ ଏଥିର ଉତ୍ତମ ବିଚାର କରିବେ ।

---

ପୁରୀରୁ ଏକବ୍ୟକ୍ତି ହିନ୍ଦୁପେଟ୍ରିଅଟକୁ ଲେଖି ଅଛନ୍ତି କି ପୁରୀ ନଗରର ଉନ୍ନତି ସକାଶେ ଅର୍ଥ ସଂଗ୍ରହ କରିବା ନିମିତ୍ତ ଉକ୍ତ ନଗରରେ ଉଭୟ ପଥକର ଏବଂ ପ୍ରଦେଶୀୟକର ଅଥବା ମ୍ୟୁନିସିପାଲିଟି ଆଇନ ଜାରି କରିବା କାରଣ ଶ୍ରୀଯୁକ୍ତ କମିଶନର ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଥିଲେ ତଦନୁସାରେ ଉକ୍ତ ନଗରରେ ପ୍ରଥମଶ୍ରେଣୀର ମ୍ୟୁନିସିପାଲିଟି ନିୟମ ଜାରି କରିବାକୁ ଗବର୍ଣ୍ଣମେଣ୍ଟ ସ୍ଥିର କରି କଲିକତା ଗେଜେଟରେ ବିଜ୍ଞାପନ ଦେଲେ ଏବଂ ମାଜିଷ୍ଟ୍ରେଟଙ୍କଠାରୁ ସେ ବିଷୟରେ ଲୋକଙ୍କର ମତ ଜାଣିବାର ପ୍ରାର୍ଥନା କଲେ । ଏ ପତ୍ର ପାଇବା ପୂର୍ବ ମାଜିଷ୍ଟ୍ରେଟ ସାହେବ ସେଠା ଲୋକଙ୍କର ଗୋଟିଏ ସଭା କରିଥିଲେ । ସଭାରେ ପ୍ରାୟ କୋଡିଏ ଲୋକ ଉପସ୍ଥିତ ଥିଲେ ତହିଁ ମଧ୍ୟରୁ ସରକାରୀ କର୍ମକାରକମାନେ ଏ ପ୍ରସ୍ତାବର ସପକ୍ଷ ଏବଂ ଅନ୍ୟ ଲୋକମାନେ ବିପକ୍ଷରେ ମତ ଦେଲେ ଏବଂ ମାଜିଷ୍ଟ୍ରେଟ ମଧ୍ୟ ବିପକ୍ଷ ଦଳରେ ମିଶିଲେ । ଏଥିରୁ ବୋଧ ହୁଅଇ ଯେ ଏ ପ୍ରସ୍ତାବଟି ସମ୍ପ୍ରତି କାର୍ଯ୍ୟକାରକ ହେବ ନାହିଁ ଏବଂ ଆମ୍ଭମାନଙ୍କ ବିବେଚନାରେ ତାହା ନ ହେବା ଉଚିତ କାରଣ ପତ୍ରପ୍ରେରକ ଲେଖିଅଛନ୍ତି କି ମାଜିଷ୍ଟ୍ରେଟଙ୍କ ହାତରେ ବର୍ତ୍ତମାନ ବାର୍ଷିକ ଟ ୨୦୦୦୦ ଙ୍କା ପଡିଅଛି ଅର୍ଥାତ ବସାଘର ଆୟ ଟ ୧୧୦୦୦ ଏବଂ ସରକାରୀ ଜମିର ଖଜଣା ଓ ଚୌକିଦାରୀ ଟାକ୍ସ ଟ ୯୦୦୦ ଙ୍କା ଏବଂ ଏ ଟଙ୍କା କେବଳ ବରବାଦ ହେଉଅଛି ଅର୍ଥାତ ବ୍ୟୟର ଅନୁପାତରେ କାର୍ଯ୍ୟ ହେଉ ନାହିଁ । ବାସ୍ତବରେ ପୁରୀ ନଗରଟି ଅତ୍ୟନ୍ତ ଅପରିଷ୍କାର ଏବଂ ଅସ୍ୱାସ୍ଥ୍ୟକର ଅଟଇ ସେଠାରେ ପୀଡା ବୃଦ୍ଧି ହେବା ଏଥିର ପରିଚୟ ଦେଉଅଛି । କିନ୍ତୁ ବାର୍ଷିକ କୋଡିଏ ହଜାର ଟଙ୍କାରେ ଯେ କାର୍ଯ୍ୟ ନ ହେବ ଏମନ୍ତ ନୁହେ । ବିବେଚନାପୂର୍ବକ ଖର୍ଚ୍ଚ କଲେ ଏଥିରେ ଅନେକ କାର୍ଯ୍ୟ ହେବ କିନ୍ତୁ ନୂଆ କର ବସାଇ ଅଧିକ ଟଙ୍କା ହାକିମଙ୍କ ହାତରେ ଦେଲେ ସେ ଟଙ୍କା କେତେ ଅନର୍ଥକ ପ୍ରକାରରେ ଖର୍ଚ୍ଚ ହୋଇ ଯାଏ ଓ ପରିମିତ ବ୍ୟୟର ନିୟମ ରହି ପାରଇ ନାହିଁ ।

---

### ଓଡ଼ିୟାଙ୍କ ସ୍ୱଭାବ ଓ ଟାକ୍ସ ।

'ଓଡ଼ିୟା ଏସା ହାତୀ ନେହିଁ, ବିନା ମାରସେ ଦେତା ନେହିଁ' ଏ ଗୋଟିଏ ପ୍ରଚଳିତ ପ୍ରବାଦ କେବେ କେଉଁ କଥାରୁ ଏହାର ଉତ୍ପତ୍ତି ହେଲା ଆମ୍ଭେମାନେ ନ ଜାଣୁ । ବୋଧ ହୁଅଇ ମୁସଲମାନ କିମ୍ବା ମରହଟ୍ଟାଙ୍କ ରାଜ୍ୟ ସମୟରେ ମୋଫସଲର ରାଜକର୍ମଚାରୀମାନେ ଓଡ଼ିୟାଙ୍କୁ ମାରପିଟ କରି ଇଚ୍ଛା ମତେ ଟଙ୍କା ନେଉଥିବାରୁ ସେମାନଙ୍କର ଉକ୍ତରୂପ ବିଶ୍ୱାସ ହୋଇଥିଲା ଓ ଆପଣା ସଙ୍ଗି କର୍ମଚାରୀଙ୍କ ଶିକ୍ଷା ନିମିତ୍ତ ଉକ୍ତ ବାକ୍ୟଟି ଗଠନ କରିଥିଲେ । ବାସ୍ତବରେ ଓଡ଼ିୟାମାନେ ଅତ୍ୟନ୍ତ ଦରିଦ୍ର ଓ ଦୁର୍ବଳ ତେଣୁ ଅତ୍ୟନ୍ତ ସହିଷ୍ଣୁ ରାଜକର୍ମଚାରୀମାନେ ଯେତେ ପ୍ରକାର ପୀଡ଼ନ କରୁଥିଲେ ତହିଁରେ ପାଟି ନ ଫିଟାଇ ସହି ରହୁଥିଲେ । ଅଦ୍ୟାପି ଓଡ଼ିୟାମାନଙ୍କର ସେହି ସ୍ୱଭାବ ଅଛି କିନ୍ତୁ ଇଂରାଜଙ୍କ ଶାସନ ପ୍ରତାପରେ ପୂର୍ବ ପରି ମୋଫସଲର କର୍ମଚାରୀଙ୍କର ସ୍ୱେଚ୍ଛାଚାରିତା ପ୍ରକାଶ ପାଇବାର ଉପାୟ ନ ଥିବାରୁ ସେମାନଙ୍କୁ ତେତେ ପୀଡା ସହିବାକୁ ହେଉ ନାହିଁ । କେବଳ ଟାକ୍ସସ୍ୱରୂପ ସରକାରୀ ତନ୍ତ୍ର ଏକମାତ୍ର ଲୋକଙ୍କ ଦୁଃଖ ଏବଂ ଟାକ୍ସ ବନ୍ଦୋବସ୍ତ ଓ ଆଦାୟ କରିବା ନିୟମଦ୍ୱାରା ତାହା ଚତୁର୍ଗୁଣ ପରିମାଣରେ ଅନୁଭୂତ ହେଉଅଛି । ଏପରି ହେଲେ ସୁଦ୍ଧା ଲୋକେ ପୂର୍ବ ସହିଷ୍ଣୁତାକୁ ଅବଲମ୍ବନ କରି କୌଣସିମତେ ସକଳ ପ୍ରକାର କର ଆଦାୟ କରୁଅଛନ୍ତି । କଦାଚ ପ୍ରତିବାଦ କରିବାକୁ କିମ୍ବା ଅକାରଣ ହେଲା କହିବାକୁ ମନ ବଳାଉ ନାହାନ୍ତି । ତଥାଚ କେହି୨ ଇଂରାଜ ହାକିମ ଯେ ଉପର ଲିଖିତ ପ୍ରବାଦଟିକୁ ବିସ୍ମୃତ ହୋଇ ନାହାନ୍ତି ବଡ ଦୁଃଖର ବିଷୟ ଅଟଇ । ଗତବର୍ଷର ପଥକର ବିଜ୍ଞାପନରୁ ଆମ୍ଭେମାନେ ତହିଁର ପରିଚୟ ପାଇଅଛୁଁ । କଟକର ଏକଟିଂ କଲେକ୍ଟର ଶ୍ରୀଯୁକ୍ତ ହାଣ୍ଡେଲି ସାହେବ ଉକ୍ତ ବିଜ୍ଞାପନୀରେ ପଥକର ବାକି ପଡିବାର କାରଣ ଏହିପରି ଗବର୍ଣ୍ଣମେଣ୍ଟଙ୍କୁ ବୁଝାଇ ଦେଇ ଅଛନ୍ତି କି ରୋଡ଼ସେସ ଅସନ୍ତୋଷଜନକ ହୋଇ ଥିବାରୁ ବାକି ପଡିଅଛି ଏମନ୍ତ ନୁହେ କେବଳ ଓଡ଼ିୟାଙ୍କ ସ୍ୱଭାବ ଯେ ଅତ୍ୟନ୍ତ ତମ୍ବି ନ ହେଲେ କଦାଚ ଆପଣା ଦେୟ ଆଦାୟ କରିବେ ନାହିଁ ।

ଆମ୍ଭେମାନେ ଅନୁମାନ କରୁଁ କି କମିଶ୍ନର ଓ ଗବର୍ଣ୍ଣମେଣ୍ଟ ଏ କୈଫିୟତରେ ସନ୍ତୁଷ୍ଟ ହୋଇଅଛନ୍ତି କାରଣ ଏ ପ୍ରସଙ୍ଗରେ ସେମାନେ କିଛି ଲେଖି ନାହାନ୍ତି ମାତ୍ର ଏ କୈଫିୟତ କେତେଦୂର ସଙ୍ଗତ ତାହା ପାଠକମାନେ ବିବେଚନା କରିବେ । ସରକାରୀ ହାକିମମାନେ ଲୋକଙ୍କ ମନୋଭାବ ବିଲକ୍ଷଣ ଜାଣୁ ଥିବାର ଦମ୍ଭ କରନ୍ତି ଏବଂ ଆମ୍ଭେମାନେ ତହିଁରେ ପ୍ରତିବାଦ କରିବାକୁ ଇଚ୍ଛା ନ କରୁଁ । ଏତିକି ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଛି କି ଭାରତବର୍ଷର ଆଉ ସମସ୍ତ ଲୋକ ଆନନ୍ଦଚିତ୍ତରେ କେହି ମାଗିବା ପୂର୍ବରୁ ଟାକ୍ସ ଇତ୍ୟାଦି ଦାଖଲ କରି ଦିଅନ୍ତି କେବଳ ଓଡ଼ିୟାମାନଙ୍କ ସକାଶେ ବଳପ୍ରୟୋଗ ପ୍ରୟୋଜନ ହୁଅଇ । ଆଉ ରୋଡସେସକୁ ଯେ ଲୋକେ ସୁଖ ପାଆନ୍ତି ଏହା ଆମ୍ଭେମାନେ ବିଶ୍ୱାସ ନ କରୁଁ । ଅନ୍ୟାନ୍ୟ ଟାକ୍ସ ପରି ରୋଡସେସକୁ ମଧ୍ୟ ଲୋକେ ତନ୍ତ୍ର ମଧ୍ୟରେ ଗଣନ୍ତି ତେବେ ପ୍ରଜାଙ୍କୁ ଅସନ୍ତୋଷ କରି ଯେଉଁ ଟଙ୍କା ଗୃହୀତ ହୁଅଇ ଯେବେ ତହିଁର ଉଚିତ ବ୍ୟୟ ହେଉ ଥାଆନ୍ତା ଓ ତହିଁର ଫଳ ସେମାନେ ପ୍ରତ୍ୟକ୍ଷ କରୁଥାନ୍ତେ ତେବେ ଅନେକ ସାନ୍ତ୍ୱନା ଲଭନ୍ତେ ମାତ୍ର ଟଙ୍କା ବ୍ୟୟ ବିଷୟରେ ସେପରି ସୁବ୍ୟବସ୍ଥା ହେବାର ଦେଖା ଯାଉ ନାହିଁ । ଯେଉଁ କାର୍ଯ୍ୟରେ ବ୍ୟୟ କରିବା ଭାରି ଆବଶ୍ୟକ ତାହା ନ ହୋଇ ପାଞ୍ଚରକମରେ ଖର୍ଚ୍ଚ ହୋଇ ଯିବାରୁ ଲୋକେ ତାହାକୁ ଅପବ୍ୟୟ ମଧ୍ୟରେ ଜ୍ଞାନ କରନ୍ତି । ଦଶଗୋଟା ନାମମାତ୍ର ସଡକରୁ ଗୋଟାଏ ଉତ୍ତମ ପକ୍କା ସଡକ ଭଲ କିନ୍ତୁ ସେ ଦିଗକୁ କାହାର ମନ ଯାଉ ନାହିଁ । ଜିଲ୍ଲା ହାକିମ ଅଥବା ରୋଡସେସ କମିଟୀ ଏକାବେଳକେ ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କାହାରି ମନ ରଖି ପାରୁ ନାହାନ୍ତି ।

---

### ନଇନତାଲର ଦୁର୍ଘଟନା ।

ବରେଲୀଠାରୁ ୧୦୦ ମାଇଲ ଉତ୍ତର କମାଂଉନଜିଲ୍ଲାରେ ନଇନିତାଲ ବୋଲି ଏକ ନଗର ଅଛି । ନଗରଟି ଅତି ଉଚ୍ଚ ପର୍ବତ ଉପରେ ସ୍ଥିତ ତେଣୁ ଏ ଗୋଟିଏ ସ୍ୱାସ୍ଥ୍ୟକରସ୍ଥାନ ବୋଲି ପ୍ରସିଦ୍ଧ ସିମଲାପରି ଏଠାରେ ଇଂରାଜମାନେ ବିସ୍ତର ବାସ କରନ୍ତି ଏବଂ ଇଂରାଜଙ୍କ ସୁବିଧା କାରଣ ହୋଟେଲ ଲାଇବ୍ରେରି ଇତ୍ୟାଦି ଗୃହମାନ ଅଛି । ଗତ ମାସ ତା ୧୬ ରିଖ ଶୁକ୍ରବାର ଅପରାହ୍ନକାଳରେ ସେଠାରେ ବୃଷ୍ଟି ଆରମ୍ଭ ହେଲା ଏବଂ କ୍ରମଶଃ ତାହା ବୃଦ୍ଧି ହେବାର ଦେଖା ଗଲା । ଲୋକେ ମନେ କଲେ ଯେ ଏହି ବୃଷ୍ଟି ଏ ବର୍ଷର ଶେଷବୃଷ୍ଟି ହେବ ।

Digitized by srujanika@gmail.com

Split by PDF Splitter



ଶୁକ୍ରବାର ଓ ଶନିବାର ଅବିରତ ମୂଷଳଧାରରେ ବୃଷ୍ଟି ହେଲା ଏମନ୍ତ କି ସ ୪୦ ଘଣ୍ଟା ମଧ୍ୟରେ ୨୫ ଇଞ୍ଚ ଜଳ ପଡ଼ିବାର ବୃଷ୍ଟିପରିମାପକ ଯନ୍ତ୍ରରେ ଦେଖା ଗଲା । ଏପ୍ରକାର ଘୋରବୃଷ୍ଟିରେ ସେ ସ୍ଥାନର ଅବସ୍ଥା କିପରି ହେଲା ତାହା ପାଠକମାନେ ବୁଝି ପାରିବେ । ବାସ୍ତବରେ ବାଟ ସବୁ ପାଣିନାଳପରି ହୋଇଗଲା ଏବଂ ଏମନ୍ତ ବେଗରେ ତହିଁ ମଧ୍ୟ ଦେଇ ଜଳ ଦୌଡ଼ିଲା ଯେ ଲୋକଙ୍କର ଯିବା ଛାଡ଼ ହେଲା । କିନ୍ତୁ ଏଥି ଉତ୍ତାରୁ କି ଦୁର୍ଘଟନା ହେବ ତାହା କେହି ସେତେବେଳ ପର୍ଯ୍ୟନ୍ତ କଳ୍ପନାରେ ସୁଦ୍ଧା ଜାଣି ନ ଥିଲେ । ଶନିବାର ଦିନ ପୂର୍ବାହ୍ଣରେ ହୋଟେଲ ଘରର କିଛି ଅଂଶ ଭାଙ୍ଗି ପଡ଼ିଲା ଓ ସେ କଥା ନଗରର ଚାରିଆଡ଼େ ପ୍ରଚାର ହେଲା । ଏହି ଭଗ୍ନାଂଶର ମାଲମସଲା ଉଠାଇବା ପାଇଁ ସେଠାର ଅସିଷ୍ଟାଣ୍ଟ କମିଶନର ଟେଲର ସାହେବ କେତେ ଜଣ ପୁଲିଶ ଓ ମଜୁର ଘେନି ସେ ସ୍ଥାନକୁ ଗଲେ । ତାହାଙ୍କଦ୍ୱାରା କର୍ମ ନିର୍ବାହ ହେବା କଠିନ ଦେଖି ପଲଟନର ସାହାଯ୍ୟ ନେବାକୁ ହେଲା । ଯେତେବେଳେ ସିପାହି ପୁଲିଶ କୁଲି ମଜୁରମାନେ କର୍ମ କରୁଥିଲେ ସେତେବେଳେ ଅକସ୍ମାତ ବଜ୍ରଧ୍ୱନିରେ ନଗରସ୍ଥ କମ୍ପମାନ ହେଲା ଏବଂ ମୃତ୍ତିକା ଆଦି ଜଳ ସଙ୍ଗରେ ମିଶି ଚତୁର୍ଦ୍ଦିଗରେ ବିସ୍ତାର ହୋଇ ଯାଇ ଅନ୍ଧକାର ହୋଇ ଗଲା । ଲୋକେ କ୍ଷଣକାଳ ସ୍ତମ୍ଭୀଭୂତ ହୋଇ ରହିଲେ ତହିଁ ଉତ୍ତାରୁ ଜଣା ଗଲା ଯେ ଏକ ବୃହତ ଅତଡ଼ା ପର୍ବତରୁ ଖସିପଡ଼ି ହୋଟେଲ ଲାଇବ୍ରେରି ଆସେମ୍ବ୍ଲିରୁମ ଇତ୍ୟାଦି ଅଟ୍ଟାଳିକାମାନ ତହିଁରେ ଥିବା ଲୋକଙ୍କ ସହିତ ଏକାବେଳକେ ପୋତି ପକାଇଲା । ଯେଉଁମାନେ ପୂର୍ବର ମାଲମସଲା ଉଠାଇବାରେ ନିଯୁକ୍ତ ଥିଲେ ସେମାନଙ୍କର ମଧ୍ୟ ସେହି ଦଶା ଘଟିଲା । ଆସପାଶର ଦୋକାନ ବସାଘର ଇତ୍ୟାଦି ଅନେକ ପୋତିହୋଇ ପଡ଼ିଲା ଏବଂ ତହିଁରେ କେତେ ଲୋକ ନଷ୍ଟ ହେଲେ ତାହାର ସଂଖ୍ୟା ହେବା ଦୁଃସାଧ୍ୟ । ଅତଡ଼ା ଏତେ ବହଳରେ ପଡ଼ିଥିଲା ଯେ ଦଶ ପନ୍ଦର ଫୁଟ ପର୍ଯ୍ୟନ୍ତ ଖୋଳିବାରେ ସୁଦ୍ଧା ଶେଷ ପାଇଁ ନ ଗଲା । ଏ ଦୁର୍ଘଟନାର କିଛିକ୍ଷଣ ଉତ୍ତାରୁ ଚତୁର୍ଦ୍ଦିଗରୁ ଲୋକେ ସେଠାରେ ଜମା ହେଲେ ଏବଂ ପୋତି ହୋଇ ପଡ଼ିଥିବା ଲୋକଙ୍କୁ ଖୋଳି ବାହାର କରିବାର ଚେଷ୍ଟା ହେଲା ମାତ୍ର ଏତେ ମାଟି ଖୋଳିବା ସହଜବ୍ୟାପାର ନୁହଇ ତଥାପି ଦୟାର୍ଦ୍ର ଲୋକମାନେ ପ୍ରାଣପଣେ ଚେଷ୍ଟା କରି କେତେଗୁଡ଼ିଏ ଶବ ବାହାର କଲେ । ଅବଧି ମୃତସଂଖ୍ୟା ସମ୍ପୂର୍ଣ୍ଣରୂପେ ଜଣା ଯାଇ ନାହିଁ । ଚିହ୍ନିତ ଇଂରାଜଙ୍କ ମଧ୍ୟରୁ ପ୍ରାୟ ଜ ୩୫ ଣ ହତ ହେବାର ଜଣା ଯାଇଅଛି ଏବଂ ଘଟନା ସମୟରେ ପୁଲିଶ ସିପାହି ଓ ମଜୁର ପ୍ରାୟ ୮୦ ଜଣ କର୍ମ କରୁଥିଲେ । ସର୍ବସୁଦ୍ଧା ଜ ୨୦୦ ଣ ଅତଡ଼ା ତଳେ ପଡ଼ି ମରି ଯାଇଥିବାର ଅନୁମାନ କଲେ ଅଧିକ ହେବ ନାହିଁ । ଭୂତତ୍ତ୍ୱବିତମାନେ ସେଠା ପାହାଡ଼ର ଅବସ୍ଥା ଆଲୋଚନା କରି ନିର୍ଣ୍ଣୟ କରିଅଛନ୍ତି କି ଏଣିକି ନଇନିତାଲରେ ବାସ କରିବା ନିରାପଦ ନୁହଇ ଏବଂ ସେ ନଗର ପରିତ୍ୟାଗ କରିବା ବିହିତ ବୋଲି ଏତେବେଳେ ସମସ୍ତଙ୍କ ମନରେ ପ୍ରତୀତ ହୋଇଅଛି ।

---

# ସାପ୍ତାହିକ ସଂବାଦ ।

ଆଗାମୀ ମଙ୍ଗଳବାର ଶ୍ରୀଯୁକ୍ତ କମିଶନର ସାହେବ ଏଠାରୁ କଲିକତାକୁ ଯାତ୍ରା କରିବେ ଓ ଏହିମାସ ତା ୧୩ ରିଖରେ ସେଠାରେ ଶ୍ରୀଯୁକ୍ତ ସ୍ମିଥ୍ ସାହେବଙ୍କୁ ଚାର୍ଜ ଦେବେ । ବୋଧ ହୁଅଇ ଦଶହରା ଛୁଟୀ ଉତ୍ତାରୁ ସ୍ମିଥ୍ ସାହେବ ଏଠାରେ କରେଷ କରିବେ ।

ଏ ସପ୍ତାହରେ ଆଦୌ ବୃଷ୍ଟି ହୋଇ ନାହିଁ ଏବଂ ଆକାଶର ଅବସ୍ଥା ଏପରି ହୋଇଅଛି କି ଯେମନ୍ତ ଆଉ ବୃଷ୍ଟି ହେବ ନାହିଁ । କେବଳ ଗ୍ରୀଷ୍ମ ଛଡ଼ ନ ଥିବାରୁ ତହିଁର ଆଶା ଅଛି । ଫଳତଃ ଏଥିମଧ୍ୟରେ ଦୁଇ ତିନଥର ବୃଷ୍ଟି ନ ହେଲେ ଫସଲ ପ୍ରତି ଅନିଷ୍ଟକାରିକ ହେବ ।

ଏ ନଗର ହାଟଗଡ଼ାସାହିରେ ଜଣେ ଦରଜି ଏକ ଭ୍ୟାଲର ପିଲାକୁ ଏମନ୍ତ ଏକ ପଟକନ ଦେଇଥିଲା ଯେ ତହିଁରେ ତାହାର ହାଡ଼ ଭଙ୍ଗି ଯାଇଥିଲା । ସେହି ଆଘାତରେ ସେ ଦ ୧୮ ଜରେ ମରିଯିବାରୁ ପୁଲିସ ତଦାରଖ କରି ଆସାମିକୁ ଚାଲାନ କରିଅଛନ୍ତି ।

ଏସପ୍ତାହରେ ଅଫଗାନ ସ୍ଥାନରୁ କୌଣସି ବିଶେଷ ସମ୍ବାଦ ଆସି ନାହିଁ । କାନ୍ଦାହାରରେ ଆଉ କିଛି ଗୋଳମାଳ ନାହିଁ ଏବଂ ଆୟୁବ ଖାଁ କେଉଁଆଡ଼େ ଗଲେ କିଛି ଶୁଣା ନାହିଁ ।

ପୁରୀର ବିଖ୍ୟାତ ମହନ୍ତ ନାରାୟଣ ଦାସ ସ୍ୱର୍ଗାରୋହଣ କରିଅଛନ୍ତି । ଏହାଙ୍କର ଯେପରି ନାମ ଥିଲା ଶେଷ ପର୍ଯ୍ୟନ୍ତ ତାହା ରକ୍ଷା କରି ପାରିଲେ ନାହିଁ ଏହେତୁ ସର୍ବସାଧାରଣ ଯେତେ ଦୁଃଖ ପ୍ରକାଶ କରନ୍ତେ ତାହା କରି ନାହାନ୍ତି ।

ଏ ନଗରର ଦୁଇ ଏକ ମାଇଲ ଦୂରସ୍ଥ କାନୁଆଣ୍ଡ ଗ୍ରାମରେ ଜଣେ ବିଧବା ତାହା ଜମିଦାରକୁ ଖଜଣା ଇତ୍ୟାଦି ନ ଦେବାରୁ ଜମିଦାରଙ୍କ ଆଜ୍ଞାକ୍ରମେ ବିଧବା ଗୃହଦ୍ୱାରରେ ମନୁଷ୍ୟ ମୁଣ୍ଡ ଟଙ୍ଗା ହୋଇଥିଲା ଏବଂ ପ୍ରତିଦିନ ନାନା ପ୍ରକାର ଅତ୍ୟାଚାର ହେଉଥିଲା । ଏଠା କଲେକ୍ଟର ସାହେବଙ୍କଠାରେ ବିଧବା ଦରଖାସ୍ତ ଦେବାରୁ ସାହେବ ତାହା ଘରଠାକୁ ଯାଇ ମନୁଷ୍ୟମୁଣ୍ଡ ଟଙ୍ଗା ହୋଇଥିବାର ଦେଖି ବିଧବାକୁ ସେହି ମୁଣ୍ଡ ଆଣିବାକୁ ଆଦେଶ ଦେଲେ କିନ୍ତୁ ବିଧବାର ଜାତି ଯିବାର କହିବାରୁ ସାହେବ ନିଜେ ସେହି ମୁଣ୍ଡକୁ ଆଣି ଜମିଦାରକୁ ଗିରଫ୍‌ତାର କରିବା ନିମନ୍ତେ ପୁଲିସକୁ ଆଦେଶ କଲେ । ମୋକଦ୍ଦମା ତଦନ୍ତ ହେଉଥିବାର ଶୁଣିଲୁଁ । ଉ, ଦ,

୧ । ସୁଲଭସମାଚାରରୁ ଜ୍ଞାତ ହେଲୁଁ ଯେ ଭାଦ୍ର ମାସରେ ଗୋରୁ ପ୍ରସବ କଲେ କୁସଂସ୍କାରବଶ ଲୋକମାନେ ତାହାର ଦୁଗ୍ଧ ଅଶୁଦ୍ଧ ବୋଲି ତାହାକୁ ଦାନ କରନ୍ତି । ପରିବାର ମଧ୍ୟରେ କୌଣସି ନାରୀ ଭାଦ୍ରମାସରେ ସନ୍ତାନ ପ୍ରସବ କଲେ ସେମାନେ କିରୂପ ବ୍ୟବସ୍ଥା କରନ୍ତି !

୨ । କଲିକତାର ପ୍ରଧାନ ମାଜିଷ୍ଟ୍ରେଟ ମାର୍ସଡେନ୍ ଓ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ ବି ଏଲ ଗୁପ୍ତ ସ୍ୱାକ୍ଷର କରି ପୁଲିସ କୋର୍ଟରେ ଏକ ଇସ୍ତାହାର ଜାରି କରି ଦେଇଅଛନ୍ତି ଯେ ମକଦ୍ଦମାର ଦଲାଲ ଆଉ କୋର୍ଟରେ ପ୍ରବେଶ କରି ପାରିବେ ନାହିଁ, ଯଦି ପ୍ରବେଶ କରନ୍ତି ତେବେ ପୁଲିସଦ୍ୱାରା ସେମାନଙ୍କୁ ବାହାର କରି ଦିଆ ଯିବ । ଏହି ଆଜ୍ଞା ପ୍ରଚାର କରିବାର ଭଲ ହୋଇଅଛି । ଦଲାଲମାନେ ବଡ଼ ହକ୍ କରନ୍ତି ।

୩ । ନାଇନିତାଲରେ ପେରି ସାହେବ ପାହାଡ଼ି ସ୍ତ୍ରୀଲୋକକୁ ଖୁନ କରିଥିଲେ ତାହାର ମକଦ୍ଦମା ନାଇନିତାଲରେ ହେଉଥିଲା ଏଲାହାବାଦରୁ ହାଇକୋର୍ଟର ଜଜ ସେଠାକୁ ଯାଇଥିଲେ । ବିଚାରରେ ତାହାର ଯାବଜ୍ଜୀବନ ଦ୍ୱୀପାନ୍ତର ହୋଇଅଛି ସାହେବ ପରେ ଶେଷରେ ଆପଣାକୁ ନିର୍ଦ୍ଦୋଷୀ ବୋଲି କାକୁତି ମିନତି କରିଥିଲେ ।

୪ । ଋଷିୟାନଙ୍କ ସଙ୍ଗରେ ଟର୍କୋମ୍ୟାନମାନଙ୍କର ବେଶ ଲଢ଼ାଇ ଆରମ୍ଭ ହୋଇଅଛି । ଟର୍କୋମେନମାନେ ରୁଷମାନଙ୍କୁ ଏକାବେଳକେ ତଡ଼ି ଦେଇଅଛନ୍ତି । ମାର୍ଭଠାରୁ ୧୫ ହଜାର ରୁଷସୈନ୍ୟ ଯାଇଅଛନ୍ତି ।

୫ । ସିବିଲିୟାନ କୃଷ୍ଣଗୋବିନ୍ଦ ଗୁପ୍ତ ଗ୍ଲାସଗୋ ବିଶ୍ୱବିଦ୍ୟାଳୟର ତତ୍ତ୍ୱଶାସ୍ତ୍ରରେ ଏମ୍ ବି ଓ ସି ଏମ୍ ଉପାଧି ପାଇଅଛନ୍ତି ।

୬ । ଲଣ୍ଡନର ବିଶ୍ୱବିଦ୍ୟାଳୟରେ ଏଥର ଏଣ୍ଟ୍ରାନ୍ସ ପରୀକ୍ଷାରେ ଜ୧୪ଣ ସର୍ବଶ୍ରେଷ୍ଠ ଓ ପାରିତୋଷିକ ପାଇବାର ଉପଯୁକ୍ତ ହୋଇଅଛନ୍ତି ତହିଁମଧ୍ୟରେ ଜ୫ଣ ସ୍ତ୍ରୀଲୋକ ଅଛନ୍ତି ଏଥର ଜ୧୮ଣ ସ୍ତ୍ରୀଲୋକ ଅନାର ପାଇଅଛନ୍ତି । ବିଲାତରେ ସ୍ତ୍ରୀ ଶିକ୍ଷାର କ୍ରମଶଃ ଉନ୍ନତି ହେଉଅଛି ।

ଜୟପୁରର ମହାରାଜା ଗତମାସ ତା ୧୮ ରିଖରେ ମାନବଲୀଳା ଶେଷ କଲେ । ସେ କିଛିଦିନ ପୂର୍ବରୁ ପୀଡ଼ିତ ଥିଲେ ଏବଂ ମୃତ୍ୟୁର ଦୁଇଦିନ ପୂର୍ବରୁ ତାହାଙ୍କ ଶରୀର ତୁଲରେ ରୁପା ଏବଂ ତହିଁ ଆରଦିନ ସୁନା ବ୍ରାହ୍ମଣମାନଙ୍କୁ ଦାନ ହୋଇଥିଲା । ମହାରାଜାଙ୍କର ପୁତ୍ର ନାହିଁ । ମହାରାଜାଙ୍କ ମୃତ୍ୟୁ ସାଧାରଣ ଦୁଃଖର ବିଷୟ ଅଟଇ କାରଣ ସେ ରାଜା ଉନ୍ନତଚେତା ଥିଲେ ଏବଂ ଦେଶର ବହୁତ ଉନ୍ନତି କରି ଅଛନ୍ତି ।

ଗତମାସ ତା ୧୯ ରିଖରେ ହିନ୍ଦନ ନଦୀ ଅତ୍ୟନ୍ତ ବୃଦ୍ଧି ହୋଇଥିଲା ଏଥିରେ ଗାଜିପୁର ଓ ଦିଲ୍ଲୀ ମଧ୍ୟରେ ଥିବା ରେଲବାଟ ଭାସି ଗଲା । ପ୍ରାୟ ଫୁ ୫୦୦ ଟ ବନ୍ଧ ଭାଙ୍ଗି ଯାଇଅଛି । ରେଲବାଟ ପାରିରେ ପହଁରିବାକୁ ଚେଷ୍ଟା କରି ଜଣେ ଇଂରାଜ ମରି ପଡ଼ିଲା ଏବଂ ଆଉ ଏକଜଣ ଗୋଟାଏ ଗଛରେ ରହି ବଞ୍ଚିଲା । ଇଂରାଜମାନେ କାହିଁରେ ହାତ ନ ଦେଇ ନାହିଁ ।

ଡେଲିନ୍ୟୁସ ଶୁଣିଅଛନ୍ତି କି ମେଦିନୀପୁର ବାଟେ ହୁଗଳିଠାରୁ କଟକ ପର୍ଯ୍ୟନ୍ତ ଡାକ ଯିବାଆସିବାର ନିୟମ ଆହୁରି ଭଲ କରିବାର ପ୍ରସ୍ତାବ ହୋଇଅଛି ଏବଂ ଶ୍ରୀଯୁକ୍ତ ଓବେଷ୍ଟର ସାହେବ ଏ କାର୍ଯ୍ୟରେ ନିଯୁକ୍ତ ହୋଇ ଅଛନ୍ତି । ଏଥିସଙ୍ଗେ ବାକି ଡାକ ଆସିବାର ସୁବନ୍ଦୋବସ୍ତ ହେଲେ ବଡ଼ ସୁନ୍ଦର ହୁଅନ୍ତା ।

Digitized by srujanika@gmail.com

Split by PDF Splitter

78



ସେ ଦିନ ଉତ୍ତରପଡାରେ ବାବୁ ଉଦୟଚାନ୍ଦ ବାନର୍ଜ୍ଜୀଙ୍କ ସ୍ତ୍ରୀ ସନ୍ଧ୍ୟାସମୟରେ ଛଣଗଦାରୁ କୁଟା କାଣିବାବେଳେ ସେଠାରେ ଲୁଚି ରହିଥିବା ଏକ ସାପ ତାହାଙ୍କୁ କାମୁଡି ଦେଲା । ସ୍ତ୍ରୀଲୋକଟି ସେହିଠାରେ ପଡିଗଲା ଏବଂ ଅଳ୍ପକାଳରେ ତାହାର ପ୍ରାଣ ବାହାରି ଗଲା । ଛଣଗଦା ସାପର ବସା ଏଥିରେ ଅନେକ ସ୍ତ୍ରୀ ଏହିପ୍ରକାରେ ମରି ପଡିବାର ସମୟ ୨ ରେ ଶୁଣାଯାଏ ।

ଉଷରଧା ଠାକୁରଙ୍କ ସାନଭାଇ ଠାକୁର କଶ୍ୟାଣି ସିଂହ ଜଏପୁର ରାଜ୍ୟର ଉତ୍ତରାଧିକାରୀ ନିଯୁକ୍ତ ହୋଇ ଅଛନ୍ତି ଏବଂ ରାଜପରିବାରର ସମସ୍ତେ ଏହାଙ୍କୁ ଗ୍ରହଣ କରି ଅଛନ୍ତି । ସମ୍ପ୍ରତି ମୃତ ମହାରାଜାଙ୍କର ବିଧବାଣି ରାଜ୍ୟର ରକ୍ଷକ ନିଯୁକ୍ତ ହୋଇ ଅଛନ୍ତି ।

ସିମଲାରେ ଗବର୍ଣ୍ଣର ଜେନରଲଙ୍କ ରହିବା କାରଣ ଗୋଟିଏ ନୂତନ ଅଟ୍ଟାଳିକା ନିର୍ମାଣ କରିବା ନିମିତ୍ତ ବିଲାତର ସେକ୍ରେଟେରି ମଞ୍ଜୁର କରି ଅଛନ୍ତି ଏଥିରେ ୧୦ ଲକ୍ଷ ଟଙ୍କା ବ୍ୟୟ ହେବ । ଦୁଃଖୀ ଭାରତବାସିଙ୍କ ଧନ ଏହିପରି ବାଟରେ ବାହାରି ଯାଏ ।

ମହାମାନ୍ୟ ଗବର୍ଣ୍ଣର ଜେନରଲ ଗତମାସ ତା ୨୮ ରିଖରେ ସିମଲାରୁ ଯାତ୍ରା କ ଅଛନ୍ତି । ଲାହୋରରେ ଚଳିତ ମାସ ତା ୧୫ ରିଖରେ ଦରବାର ଶେଷ କରି କସତ ବାଟେ କମ୍ବେଲପୁର ଯିବେ ଓ ସେଠାରେ ପାଞ୍ଚଦିନ ରହିବା ଉତ୍ତାରୁ କଲିକତାଭିମୁଖେ ଯାତ୍ରା କରି ନଭେମ୍ବର ମାସ ତା ୭ ରିଖ ଅପରାହ୍ନ ୫ ଘଣ୍ଟା ସମୟରେ ରାଜଧାନୀରେ ପ୍ରବେଶ ହେବେ । ଏଥିଉତ୍ତାରୁ ଦୁଇ ତିନି ମାସ କଲିକତାରେ ମହୋତ୍ସବ ଲାଗିବ ।

କଲିକତା ସ୍କୁଲବୁକ୍ ସୋସାଇଟି ଉଠି ଯିବାର କଥା ଥିଲା ସମ୍ପ୍ରତି ତାହା ରହିତ ହୋଇଅଛି । କମିଟୀଙ୍କ ପରାମର୍ଶରେ ଏ ବର୍ଷ ଶେଷ ଅର୍ଥାତ୍ ଆଗାମୀ ମାର୍ଚ୍ଚ ପର୍ଯ୍ୟନ୍ତ ରହିଲା । ତହିଁଉତ୍ତାରୁ ଫଳ ଦେଖି ବିବେଚନା କରିବାକୁ ହେବ ।

ନୂତନ ଖଜଣାଆଇନ ଜାରି କରିବାକୁ ଗବର୍ଣ୍ଣମେଣ୍ଟ ଏଣେ ତତ୍ପର ହେଉଅଛନ୍ତି ଏବଂ ଚଳିତ ମାସ ମଧ୍ୟରେ ଜିଲ୍ଲା ହାକିମଙ୍କଠାରୁ କୈଫିୟତ ଚାହିଁ ଅଛନ୍ତି ତେଣେ ଆଇନର ପାଣ୍ଡୁଲିପି ଦେଶୀୟଭାଷାରେ ଅନୁବାଦ ହୋଇ ନ ଥିବାରୁ ଭାରତସଭାର ଅନୁରୋଧକ୍ରମେ ଅନୁବାଦ କରିବାର ଆଜ୍ଞା ଗବର୍ଣ୍ଣମେଣ୍ଟ ଦେଇ ଅଛନ୍ତି । ଅନୁବାଦ ହୋଇ ଛପା ହେବାକୁ କେତେଦିନ ଲାଗିବ ତହିଁଉତ୍ତାରୁ ଲୋକେ ତହିଁର ମର୍ମ ବୁଝି ଆପତ୍ତି କରିବେ ସୁତରାଂ ଏ ଆଇନ ଶୀଘ୍ର ଜାରି ହେବାର ଆଶା ନାହିଁ ସୁଖର ବିଷୟ ଅଟଇ ।

ଇଂଲିସମାନ ଲେଖି ଅଛନ୍ତି କି ସର୍ ଜନ୍ ଷ୍ଟ୍ରାଚି ଯେବେ ଇସ୍ତଫା ନ ଦେବେ ତେବେ ତାହାଙ୍କୁ ବିଦାୟ ଦିଆଯିବ । ଏଥିକୁ ପେଟ୍ରିଅଟ ବୋଲନ୍ତି କି ଏ ଠିକ ପଥ ନୁହେ କାରଣ ସର୍ ଜନ୍ ଆପେ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛନ୍ତି ଆଉ ଯେବେ ଲର୍ଡ ଲିଟନଙ୍କ ପ୍ରସ୍ତାବିତ ପାରିତୋଷିକ ପାଇଥାନ୍ତି ତେବେ ତାହାଙ୍କର ଦୁଃଖ କଣ ?

ବର୍ତ୍ତମାନର କଏଣ୍ଟ ମାଜିଷ୍ଟ୍ରେଟ ପିଲ୍ସ୍ ସାହେବ କି ଯେ ଏଥିପୂର୍ବ ଗୋରଖପୁରରେ ଥିଲେ ଏକ ମୋକଦ୍ଦମା ସମ୍ପର୍କରେ ଜଣେ ବାରିଷ୍ଟରଙ୍କୁ ଅଦାଲତକୁ ଅବମାନନା କରିବା ଅପରାଧରେ ୫୦ ଟଙ୍କା ଜରିମାନା କରିଥିଲେ । ବାରିଷ୍ଟର ହାଇକୋର୍ଟରେ ଅପିଲ କରି ସାହେବଙ୍କୁ ଅପ୍ରସ୍ତୁତ କଲେ ଏବଂ ଜରିମାନା ଟଙ୍କା ଫେରି ପାଇଲେ ।

ଉତ୍ତର ଅରକଟ ଜିଲ୍ଲା ଅନ୍ତର୍ଗତ କାରବେଟ ନଗରର ମହାରାଜା ବମ୍ବେଇର ଏକ ସାହୁଠାରୁ କେତେ ଲକ୍ଷ ଟଙ୍କା ଅଳ୍ପ ସୁଧରେ ଋଣ ଗ୍ରହଣ କରି ଅଛନ୍ତି । ଅନ୍ୟାନ୍ୟ ମହାଜନମାନଙ୍କ ଦେଣ ପରିଶୋଧ କରିବା ଏଥିର ଉଦ୍ଦେଶ୍ୟ ଅଟଇ । ଅନେକ ମାନେ ମନେ କରିଥିଲେ ଯେ କେବଳ ଓଡିଶାର ରାଜାମାନେ ଅତ୍ୟନ୍ତ ଋଣଗ୍ରସ୍ତ କିନ୍ତୁ ଏହାଙ୍କ ବଳକରି ଲୋକ ଅଛନ୍ତି ଯାହା ହେଉ ଯେବେ ମହାରାଜା ଏହି ଉପାୟଦ୍ୱାରା ଋଣ ପରିଶୋଧ କରି ଆପଣା ସମ୍ପତ୍ତି ରକ୍ଷା କରି ପାରନ୍ତି ତାହା ହେଲେ ଏକ ପ୍ରକାର ସୁଖ୍ୟାତିର କଥା ହେବ ।

ମାନ୍ୟବର ଇଡନ ସାହେବ ମୋଫସଲ ଭ୍ରମଣରୁ କଲିକତା ନଗରକୁ ଫେରି ଆସି ପୀଡିତ ହୋଇଥିଲେ ସମ୍ପ୍ରତି ଆରୋଗ୍ୟ ଲାଭ କରିଅଛନ୍ତି । ବୃଷ୍ଟିକାଳରେ ପାଟନା ଗୟା ଆଦି ପ୍ରଭୃତି ସ୍ଥାନରେ ବୁଲିବାରୁ ଏପ୍ରକାର ହୋଇଅଛି । ଏହି ହେତୁ ବର୍ଷା କାଳରେ ମୋଫସଲ ଭ୍ରମଣ କରିବା ହାକିମଙ୍କ ପକ୍ଷରେ ଭଲ ଉଚିତ ତାହା ହେଲେ ମୋଫସଲର ଅବସ୍ଥାର କଥା ସେମାନେ ଉତ୍ତମରୂପେ ବୁଝିପାରି ତହିଁର ପ୍ରତୀକାର କରି ପାରିବେ ।

କାବୁଲର ପଦଚ୍ୟୁତ ଅମିର ୟାକୁବ ଖାନଙ୍କ ପରିବାର ବର୍ଗ ମରିଠାରେ ପ୍ରବେଶ ହୋଇ ଅଛନ୍ତି । ପରିବାରଟି ବୃହତ ନୁହଇ କେବଳ ଆଠୋଟି ଭାର୍ଯ୍ୟା ଏବଂ ଦଶୋଟି ପୁତ୍ର ଅଟନ୍ତି । ଗୋଟିଏ ପୁତ୍ରର ବୟସ କି ୯ ବର୍ଷ ଓ ଅନ୍ୟଟିର କି ୨ ବର୍ଷ ଅଟଇ । ଅଳ୍ପଦିନ ଅମିରଙ୍କରେତ ଆଠୋଟି ଭାର୍ଯ୍ୟା ଅଧିକ ଦିନ ରହି ଥିଲେ ଓଡିଶା ରାଜାଙ୍କୁ ବଳିଯାନ୍ତେ ପରା ।

କାନ୍ଦାହାର ଅହାରୀୟ ଦ୍ରବ୍ୟମାନ ସମ୍ପ୍ରତି ଦୁର୍ଭିକ୍ଷର ମୂଲ୍ୟରେ ବିକ୍ରୟ ହେଉଅଛି । ଏତେକ ମଙ୍ଗଳ ଯେ ଅପ୍ରାପ୍ୟ ହୋଇ ନାହିଁ । ବହୁ ସଂଖ୍ୟକ ସେନା ସେଠାରେ ପଡିଥିବାରୁ ଏପରି ହୋଇଅଛି ।

କାସିକର ନିକଟବର୍ତ୍ତୀ କାଏନ ନାମକ ଏକ ପାହାଡରେ କେତେଦିନ ଦେଲା ଦୋହଲିବାରୁ ଏବଂ ଶବ୍ଦ କରିବାକୁ ଆରମ୍ଭ କରିଅଛି । ଏକ ୨ ସମୟରେ ଏମନ୍ତ ଭୟଙ୍କର ହୁଏ ୨ ହୁଅଇ ଯେ ଚତୁର୍ପାର୍ଶ୍ୱର ଲୋକମାନେ ଡରି ଘର ଛାଡି ପଳାୟନ କରନ୍ତି । ବୋଧ ହୁଅଇ ଏ ପାହାଡ ଆଗ୍ନେୟଗିରିରେ ପରିଣତ ହେବ ।

ରମାବାଇ ଅବଧି ବଙ୍ଗ ବିଭାଗରୁ ପରିତ୍ୟାଗ କରିଛନ୍ତି ବର୍ତ୍ତମାନ ସେ ଦାନାପୁର ଅଞ୍ଚଳରେ ପରିଭ୍ରମଣ କରୁ ଅଛନ୍ତି ।

ଡେଲିନ୍ୟୁସ ଅବଗତ ହୋଇ ଅଛନ୍ତି କି ନଦୀୟାର ଜଣେ ଯୁବା ଜମିଦାର କେତେ ମାସ ହେଲା ବିଲାତକୁ ଯାଇ ଏକ କଳର କାରଖାନାରେ ଇଞ୍ଜିନିଅରି କର୍ମ ଶିକ୍ଷା କରୁ ଅଛନ୍ତି । ଧନୀ ଜମିଦାର ହୋଇ ମିସ୍ତ୍ରୀର କର୍ମ ଶିକ୍ଷା କରିବାକୁ ଏଠାରେ ଲୋକ ହସି ପାରନ୍ତି ମାତ୍ର ଏହି ପ୍ରକାର ଶିକ୍ଷାର ଆଦର ଯେତେ ବଢିବ ତେତେ ଆମ୍ଭମାନଙ୍କର ଅବସ୍ଥା ଭଲ ହେବାର ସମ୍ଭବ ।

## ପ୍ରେରିତ ପତ୍ର ।

ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ମଞ୍ଜୁଷା ଦେଉଡ଼ଦେଓ୍ୱାନ ଶ୍ରୀ ନାରାୟଣ ସାମନ୍ତ ବଡ଼ଯେନା ଏହି ଢେଙ୍କାନାଳଗଡରେ ଏତେଦିନ ପର୍ଯ୍ୟନ୍ତ ଅବସ୍ଥିତ କରି ଅତ୍ରସ୍ଥ ଔଷଧାଳୟ ଓ ବିଦ୍ୟାଳୟାଦି କାର୍ଯ୍ୟର ପ୍ରଣାଳୀମାନ ପରିଦର୍ଶନ କରି ଆନନ୍ଦଲାଭ କରିଥିବାର ଦର୍ଶକାଭିପ୍ରାୟ ବହିମାନଙ୍କରେ ଆପଣାର ମନ୍ତବ୍ୟ ପ୍ରକାଶ କରି ଅଛନ୍ତି । ମଧ୍ୟ ଯୁବରାଜସ୍କୁଲରେ କେତେକଗୋଟି ବାଳିକା ପଢୁଥିବାର ଦେଖି ବିଶେଷ ପ୍ରୀତ ହେଲେ ଏବଂ ଏ ଦେଶମାନଙ୍କର କୁସଂସ୍କାରବଶତଃ ବାଳିକା ଶିକ୍ଷାର ସମ୍ପୂର୍ଣ୍ଣ ଅଭାବ ଥିବାରୁ ଦେଶର କିମିକି ଉନ୍ନତିର ପ୍ରତି ନାନାଦି ଅନିଷ୍ଟ ଓ ପ୍ରତିବନ୍ଧକମାନ ଘଟୁଥିବା ବିଷୟରେ କେତେକ ସମୟ ପର୍ଯ୍ୟନ୍ତ ଉପଦେଶବାକ୍ୟମାନ ପ୍ରଦାନ କରିବାଦ୍ୱାରା ଏଠାର କେତେକ ଭଦ୍ରବ୍ୟକ୍ତିମାନଙ୍କୁ ଆପ୍ୟାୟିତ କରିଅଛନ୍ତି । ମଧ୍ୟ ବାଳକମାନଙ୍କର ଉତ୍ସାହ ବର୍ଦ୍ଧନାର୍ଥ ଟ ୧୫ ଙ୍କା ଏବଂ କେତେକ ଖଣ୍ଡ ପୁସ୍ତକ ପ୍ରଦାନ କରିଅଛନ୍ତି । ଦେଓ୍ୱାନ ମହାଶୟ ଆମ୍ଭମାନଙ୍କ ସହିତ ମିଷ୍ଟାଳାପ ଓ ଉତ୍ତମ କାର୍ଯ୍ୟମାନ ଦର୍ଶାଇ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏ ମହାତ୍ମାଙ୍କ ସହିତ ପୁନଶ୍ଚ ଆମ୍ଭମାନଙ୍କର କି ପ୍ରକାର ସାକ୍ଷାତ ହେବ ଏହି କେବଳ ଈଶ୍ୱରଙ୍କଠାରେ ଏକାନ୍ତ ପ୍ରାର୍ଥନା । ଇତି ।

୪-୮-୮୦ ନ । ଶ୍ରୀବ୍ରଜବିହାରୀ ଦାସ
ଢେଙ୍କାନାଳ ହିତୈଷିଣୀ ସଭାର ସମ୍ପାଦକ

## ବିଜ୍ଞାପନ ।

ଜଲେ ମୌଲମିନର ଶ୍ରୀଯୁତ ଜଜ ସାହେବଙ୍କ ଅଦାଲତରୁ ଯେହେତୁ ଜସ କଟକ ମୌଜେ କଣକା ନିବାସୀ ସନାତନ ସାମନ୍ତ ପୁତ୍ର ମଧୁନାୟକ ମୌଲମିନରେ ଲାଓ୍ୱାରିଶ ହୋଇ ମରିଯାଇ ଅଛି ଅତଏବ ଏଥିଦ୍ୱାରା ପ୍ରକାଶ କରା ଯାଉଅଛି କି ଯଦି କୌଣସି ବ୍ୟକ୍ତି ମୃତ ବ୍ୟକ୍ତିର ତ୍ୟାଗୀୟ ମାଲ ପ୍ରତି କିଛି ଦାବି ରଖୁଥାଏ କିମ୍ବା ତାହାର ଓ୍ୱାରିସ ଓ ହକଦାର ଥିବ ତେବେ ସେ ବ୍ୟକ୍ତି ବିଜ୍ଞାପନ ଜାରି ତାରିଖରୁ ମା୧୨ସ ମିଆଦ ମଧ୍ୟରେ ଆପଣା ଦାବି ଜସ ମୌଲମିନର ଶ୍ରୀଯୁତ ଜଜସାହେବଙ୍କ ଅଦାଲତରେ ଅଗତ କରି ପ୍ରମାଣ କରାଇଲେ ଉକ୍ତ ମାଲ ତାକୁ ମିଳିବା ପ୍ରତି ବିହିତ ହୁକୁମ ହେବ ଉକ୍ତ ମିଆଦ ମଧ୍ୟରେ ଦାବି ଅଗତ ନ ହେଲେ ପଶ୍ଚାତ କାହାରି ଆପତ୍ତି ଗ୍ରାହ୍ୟ ହେବ ନାହିଁ ତା ୨୫ ଶ ଜନ ୧୮୮୦ ମସିହା ।

By order of the Court
J. Douglas Bayly
*Chief Clerk.*

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳି ପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସର ଟ ୭ ଙ୍କା । ୮ ଅଉନ୍ସର ଟ ୧୧ ଙ୍କା । ୧୬ ଅଉନ୍ସକୁ ୨୦ । ମୂଲ୍ୟ ନଗଦ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

GISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ
ସ ୪୧ ଖ୍ୟା

ତା ୯ ରିଖ ମାହେ ଅକ୍ଟୁବର ସନ ୧୮୮୦ ମସିହା । ମୁ । ଆଶ୍ୱିନ ଦ ୨୭ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୭୯
ମଫସଲପାଇଁ ଡାକମାସୁଲ ଟ ୧୯୵

ବାଙ୍କୀ ତହସିଲଦାରଙ୍କ ମୋକଦ୍ଦମା ଗତ ମଙ୍ଗଳବାର ନିଷ୍ପତ୍ତି ହେଲା । ଏକଟିଂ କମିଶ୍ନର ମେଟ୍‌କାଫ୍ ସାହେବ ସେହିଦିନ କଟକରୁ ଯାତ୍ରା କରିଥାନ୍ତେ କିନ୍ତୁ କାର୍ଯ୍ୟର ଭିଡ ଥିବାରୁ ସେଦିନ ଅଟକି ଯାଇ ତହସିଲଦାରଙ୍କୁ ମାଜୁଲ କରି ତହିଁ ଆରଦିନ ପ୍ରାତଃକାଳରେ କଲିକତାକୁ ଯାତ୍ରା କଲେ । ତହସିଲଦାରଙ୍କ ବରଖାସ୍ତୀ ସମ୍ବାଦ ଶୁଣି ବସ୍ତିର ଲୋକ ବିଶେଷରେ ବାଙ୍କୀବାସିମାନେ ଆନନ୍ଦିତ ହେବାର ଦେଖାଯାଏ । ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ରାୟ ଦେଖି ନ ଥିବାରୁ ତହିଁର ସାରାଂଶ ବର୍ତ୍ତମାନ ଦେଇ ନ ପାରୁଁ । ବୋଧ ହୁଅଇ ଘୁଷ ନେବାର ଅପବାଦମାନ ପ୍ରମାଣ ହେଲା ନାହିଁ ନୋହିଲେ ଫଉଜଦାରୀ ବିଚାରାଧୀନରେ ଆସିଥାନ୍ତେ କେବଳ ସନ୍ଦେହ ହେତୁ ମାଜୁଲ ହେଲେ ।

---

ଜୟପୁରର ଗଦିରେ ଠାକୁର କାଏମସିଂହ ଗତମାସ ତା ୩୦ ଦିନରେ ଆସୀନ ହେଲେ । ରାଜପୁତାନାର ପଲିଟିକଲ୍ ଏଜେଣ୍ଟ କର୍ଣ୍ଣେଲ ବ୍ରାଡ୍‌ଫୋର୍ଡ ସାହେବ ଏକ ଦରବାର କରି ମୃତ ମହାରାଜାଙ୍କ ଇଚ୍ଛାନୁସାରେ ଏବଂ କର୍ମଚାରୀବର୍ଗଙ୍କ ସମ୍ମତି ସହିତ କାଏମସିଂହ ମହାରାଜା ହେଲେ ବୋଲି ଘୋଷଣା ଦେଲେ । ଏଥି ସଙ୍ଗେ ତୋପ ସଲାମି ହେଲା ଓ ଉପସ୍ଥିତ ସରଦାରମାନେ ନଜର ଦେଲେ । ଏହାଙ୍କର ନାମ ମହାରାଜା ସୱାଇ ମାଧୋସିଂହ ହେଲା ଏବଂ ଭାରତବର୍ଷୀୟ ନକ୍ଷତ୍ର ଉପାଧିର ଜି, ସି, ପଦ ପାଇଲେ । ନୂତନ ମହାରାଜା ସିଂହାସନରେ ବସି ହିନ୍ଦୁମାନଙ୍କୁ ଭୋଜ ଦେବାରେ ଚାରିଲକ୍ଷ ଟଙ୍କା ଏବଂ ମୁସଲମାନମାନଙ୍କୁ ଭୋଜି ଦେବାରେ ଏକଲକ୍ଷ ଟଙ୍କା ବ୍ୟୟ କଲେ ।

ଠାକୁର କାଏମସିଂହଙ୍କ ବୟସ ବ ୨୦ ର୍ଷ ଅଟଇ । ମହାରାଜାଙ୍କ ମୃତ୍ୟୁ ସମୟରେ ସେ ଆପଣା ଘରେ ନ ଥାଇ ଆପଣା ଭାଇ ସଙ୍ଗେ କଜିୟା କରି ଟଙ୍କକୁ ପଳାଇ ଯାଇଥିଲେ । ଜୟପୁର ରାଜ୍ୟମଧ୍ୟରେ ଏପରି ଏକ ପ୍ରାଚୀନ ରୀତି ଅଛି କି କେହି ସାମନ୍ତ ଶ୍ରେଣୀର ଲୋକ ଆପଣା ଘରୁ କୌଣସି କାରଣରୁ ପଳାଇ ଗଲେ ସେ ଯେଉଁ ସରଦାରର ଏଲାକାରେ ରହିବ ସେ ତାହାକୁ ପ୍ରତିପାଳନ କରିବ ତଦନୁସାରେ ଟଙ୍କର ନବାବ ଏହାଙ୍କୁ ଦୈନିକ ଟ ୧୩୯ ଙ୍କା ଲେଖାଁଏ ଖୋରାକୀ ଦେଉଥିଲେ ।

---

## ଯାତ୍ରା ।

ରାତ୍ରି ପାହିଲେ ସପ୍ତମୀ ପୂଜା । ଦୁର୍ଗୋତ୍ସବ ତିନିରାତ୍ରି ଆମୋଦ ପ୍ରମୋଦରେ କଟାଇବା କାରଣ ଲୋକେ ନାନାପ୍ରକାର ସଙ୍ଗୀତ ବ୍ୟବସାୟିଙ୍କର ମଜୁରି କରି ରୁଚି ଅନୁସାରେ ଦୁଇ ଏକଦଳ ନିଯୁକ୍ତ କରୁଅଛନ୍ତି । ବାଇ କମା ଗୋଟିପୁଅ ନାଚରେ ଗୋଟାପାକ ରକ୍ଷ କାର୍ଯ୍ୟ ନିର୍ବାହ ହେବା କଠିନ ଏଣୁ ଯାତ୍ରାବାଲାଙ୍କ ପ୍ରୟୋଜନ ଅଧିକ ହୋଇଅଛି । ବାସ୍ତବରେ ସଙ୍ଗୀତର ସୁଖ ଯାତ୍ରାରେ ଯେତେ ଅନୁଭବ ହୁଅଇ ଅନ୍ୟ ପ୍ରକାରରେ ତେତେ ହୁଅଇ ନାହିଁ । କାରଣ ଅନ୍ୟ ସଙ୍ଗୀତକାରମାନେ କେବଳ ଶୁଦ୍ଧ ସଙ୍ଗୀତର ନିୟମକୁ ଅବଲମ୍ବନ କରି କାର୍ଯ୍ୟ କରନ୍ତି କିନ୍ତୁ ଯାତ୍ରାରେ ତାରିତ୍ର ସଙ୍ଗେ ସଙ୍ଗୀତ ଜଡିତ ଥିବାରୁ ତହିଁର ଭାବଭଙ୍ଗୀ ଅତିସୁନ୍ଦରରୂପେ ପ୍ରତ୍ୟକ୍ଷ ହୁଅଇ ଏବଂ ଅବସରକ୍ରମେ ନାନାପ୍ରକାର ସୁଆଙ୍ଗ ବାହାରି ହାସ୍ୟ କୌତୁକରେ ଶ୍ରୋତାଙ୍କ ମନକୁ ମୋହିତ କରଇ । ଏହି ହେତୁ ଯାତ୍ରାର ଆଦର ବିଶେଷ, ମାତ୍ର ଦୁଃଖର ବିଷୟ ଯେ ଓଡିଶାର ଯାତ୍ରା କେବଳ ଚରିତ୍ର ଓ ସୁଆଙ୍ଗକୁ ଅବଲମ୍ବନ କରି ରହିଅଛି ସଙ୍ଗୀତର ଗୌରବ କିଛିମାତ୍ର ତହିଁରେ ରକ୍ଷା ପାଇ ନାହିଁ । ଯେଉଁମାନେ ବଙ୍ଗଳା ଏବଂ ପଶ୍ଚିମର ଯାତ୍ରା ଦେଖିଅଛନ୍ତି ସେମାନେ ମୁକ୍ତକଣ୍ଠରେ ଆମ୍ଭମାନଙ୍କ ସହିତ ଐକ୍ୟ ହେବେ । ବଙ୍ଗଳା ଓ ପଶ୍ଚିମର ଯାତ୍ରା କେବଳ ଶୁଦ୍ଧ ସଙ୍ଗୀତରେ ପରିପୂର୍ଣ୍ଣ କିନ୍ତୁ ଓଡିୟା ଯାତ୍ରାରେ ସଙ୍ଗୀତର ଲେଶମାତ୍ର ନାହିଁ । ମୂଳ ଚରିତ୍ର ଏକା ବୃତ୍ତିର ଖଣ୍ଡିଏ ପୁସ୍ତକ ସାହାଯ୍ୟରେ ପଠିତ ହୁଅଇ ଏବଂ ସୁଆଙ୍ଗମାନଙ୍କର କଥାବାର୍ତ୍ତା ଓ କୌତୁକରେ ତହିଁର ଦୃଶ୍ୟ କ୍ରିୟା ସମ୍ପନ୍ନ ହୁଅଇ । ଓଡିୟା ଯାତ୍ରାର ଏ ପ୍ରକାର ଅବସ୍ଥା ହେବାରୁ ତାହା କେବଳ ଇତରଲୋକଙ୍କ ମନକୁ ଆକର୍ଷଣ

Digitized by srujanika@gmail.com

Split by PDF Splitter



କରଇ ଜନ୍ମ ସଭ୍ୟସମାଜରେ ତହିଁର କଣ୍ଟମାତ୍ର ଆଦର ନାହିଁ ।

ଏଥର ପ୍ରଶ୍ନ ଏହି ହେଉଅଛି କି ଓଡ଼ିଆ ଯାତ୍ରା ସଭ୍ୟରୁଚିର ଅନୁରୂପ କିପରି ହୋଇ ପାରିବ ? ଆମ୍ଭେମାନେ ଦେଖୁଁ ଯେ ବଙ୍ଗଳା-ଯାତ୍ରା ଉତ୍କୃଷ୍ଟ ଅବସ୍ଥାକୁ ଲଭିବାର କାରଣ ଏହି କି ଯୋଗ୍ୟଲୋକମାନେ ଯାତ୍ରାକୁ ବ୍ୟବସାୟସ୍ୱରୂପ ଗ୍ରହଣ କରିବାରୁ ତହିଁର ପୁଷ୍ଟିସାଧନ ହେଲା । ଦାସ ରାୟ ଗୋବିନ୍ଦ ଅଧିକାରୀ ଗୋପାଳ ଓଡ଼ିଆ ପ୍ରଭୃତି କବି ସୁଗାୟକ ଏବଂ ଗୁଣୀମାନେ ଏକ୨ ପ୍ରକାର ଯାତ୍ରାକୁ ଏତେଦୂର ଉନ୍ନତ କରିଅଛନ୍ତି ଯେ ତାହାଙ୍କ ନାମ ଚତୁର୍ଦ୍ଦିଗକୁ ବ୍ୟାପିଯାଇଅଛି ଓ ତାହାଙ୍କ ଯାତ୍ରାର ଗୀତ ଗାଇଲା ମାତ୍ରକେ ମନରେ ଏକପ୍ରକାର ଅନିର୍ବଚନୀୟ ଆନନ୍ଦଭାବ ସଞ୍ଚାରିତ ହୁଅଇ ଓ ସର୍ବଦା ସେ ସମସ୍ତ ନୂତନ ପରି ବୋଧ ହେଉଥାଏ । ଓଡ଼ିଶାରେ ପୂର୍ବେ ଗାୟକ ଓ କବି ଥିଲେ ସତ୍ୟ ମାତ୍ର ବର୍ତ୍ତମାନ ସେପରି ଲୋକ ଦେଖିବାରେ ଆସୁ ନାହାନ୍ତି । ଆଜିକାଲି ଓଡ଼ିଶାରେ ସଙ୍ଗୀତ ଏକାବେଳକେ ଲୋପ ପାଇଅଛି ବୋଲିବାକୁ ହେବ କାରଣ ସଙ୍ଗୀତରେ ଯଥାର୍ଥ ବ୍ୟୁତ୍ପତ୍ତି ଲାଭ କରିଥିବା ଜଣେ ହେଲେ ଲୋକ ଦେଖା ଯାଉ ନାହାନ୍ତି । କବିଙ୍କର ମଧ୍ୟ ସେହି ପରି ଅଭାବ ଓ ଯଦ୍ୟପି ଏକ୨ ପାଲବାଲା ପଞ୍ଚାରେ ଜଣେ ଅଧେ ଉପସ୍ଥିତ କବି କଦାଚ ଭେଟ ପଡନ୍ତି ଓ ଲଢ଼ାଇପାଲା ସମୟରେ ଏହାଙ୍କର ଗୁଣ ଦେଖା ଯାଏ ମାତ୍ର ତାହାଙ୍କୁ ଉଚ୍ଚଶ୍ରେଣୀର କବି ବୋଲି ଯାଇ ନ ପାରେ । ସେମାନଙ୍କର ଛନ୍ଦଭାବ କେବଳ ଇତରଶ୍ରେଣୀର ମୂର୍ଖଲୋକଙ୍କୁ ସୁଖକର ବୋଧ ହୁଅଇ । ତଥାଚ କେହି୨ ପାଲିବାଲାଦ୍ୱାରା ଓଡ଼ିଶାରେ ସଙ୍ଗୀତର କିଛି କାର୍ଯ୍ୟ ହୋଇଅଛି । ଗୌରହରି ଜଣେ ପାଲବାଲା ଥିଲେ ମାତ୍ର ସେ କେତେଗୁଡ଼ାଏ ନୂତନ ରାଗ ରାଗିଣୀରେ ଓଡ଼ିଆଗୀତ ପ୍ରସ୍ତୁତ କରି ଯାଇଅଛନ୍ତି ଏବଂ ଅଦ୍ୟାପି ସେ ସମସ୍ତ ଲୋକେ ଆଦରପୂର୍ବକ ଗାଉଅଛନ୍ତି । ଫଳ କଥା ଏହି ଯେ ସୁଗାୟକ ଏବଂ କବିଙ୍କ ପରିଶ୍ରମ ବିନା ଓଡ଼ିଆ ଯାତ୍ରାର ଉନ୍ନତି ହୋଇ ନ ପାରେ ଏବଂ ସଙ୍ଗତିପନ୍ନ ଲୋକଙ୍କ ସାହାଯ୍ୟ ବିନା ସେ ପ୍ରକାର ଲୋକ ପ୍ରସ୍ତୁତ ହେବା ଅସମ୍ଭବ । ବର୍ତ୍ତମାନ ଯେଉଁମାନେ ଯାତ୍ରା କରୁଅଛନ୍ତି ସେମାନେ ସମାନ୍ୟଶ୍ରେଣୀର ଲୋକ ଏବଂ ତାହାଙ୍କର ଉତ୍ସାହଦାତା ଓ ଦର୍ଶକମାନେ ମଧ୍ୟ ସାମାନ୍ୟଶ୍ରେଣୀର ଲୋକ ଅଟନ୍ତି ସୁତରାଂ ଯାହାର ଯେପରି ଉନ୍ନତ ହେବା ବାଞ୍ଛନୀୟ ତାହା ହୋଇ ପାରୁ ନାହିଁ । ଉଚ୍ଚଶ୍ରେଣୀର ଲୋକମାନେ ଏଥିର ଉତ୍ସାହଦାତା ହେଲେ କାଳେ ଏହା ଅବଶ୍ୟ ଉତ୍କୃଷ୍ଟ ହୋଇ ପାରିବ ଏବଂ ସେ ପକ୍ଷରେ ତାହାଙ୍କ ମନୋଯୋଗ ନ ହେବା ବଡ଼ ଦୁଃଖର ବିଷୟ ଅଟଇ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଏ ଜିଲ୍ଲାର କେହି୨ ବଡଲୋକ ଏକ୨ ପଞ୍ଚା ଗୋଷ୍ଟିପୋ ପ୍ରସ୍ତୁତ କରିବାରେ ଅନେକ ଧନ ଏବଂ ସମୟ ନଷ୍ଟ କରୁଅଛନ୍ତି ମାତ୍ର ଯେଉଁ ଉପାୟରେ ତାହା ସୁସମ୍ପନ୍ନ ହେବ ତହିଁ ପ୍ରତି ଯଥୋଚିତ ଦୃଷ୍ଟି ରଖୁ ନାହାନ୍ତି । ଯେବେ ସେମାନେ ସଙ୍ଗୀତ ଶିକ୍ଷାର ପ୍ରକୃତ ଉପାୟ ଅବଲମ୍ବନ କରନ୍ତେ ଏବଂ ଯେଉଁମାନେ ଯଥାର୍ଥ ସଙ୍ଗୀତ ଜାଣନ୍ତି ସେମାନଙ୍କୁ ଖୋଜି ଲୋଡ଼ି ଆଣି ପାଖରେ ରଖି ତାହାଙ୍କର ଉଚିତ ସମ୍ମାନ କରନ୍ତେ ତେବେ ଅବଶ୍ୟ ସେମାନଙ୍କ ଅର୍ଥବ୍ୟୟ ଓ ପରିଶ୍ରମଦ୍ୱାରା ଗୋଟିଏ ମହତ କାର୍ଯ୍ୟ ସାଧିତ ହୁଅନ୍ତା ଏବଂ ପ୍ରକୃତ ସଙ୍ଗୀତର ସ୍ୱାଦୁ ଅଧିକ ଲୋକଙ୍କ ଜିହ୍ୱାରେ ଲାଗିଲେ କ୍ରମେ ଯାତ୍ରା ମଧ୍ୟରେ ତାହା ପ୍ରବେଶ କରନ୍ତା । ଆମ୍ଭେମାନେ ଆଶା କରୁଁ ଯେ ସଙ୍ଗୀତର ଉତ୍ସାହଦାତାମାନେ ଆମ୍ଭମାନଙ୍କ କଥାକୁ ଭଲ କରି ବିଚାର କରିବେ । ଆମ୍ଭେମାନେ ସେମାନଙ୍କର ଦୋଷ ଦେଖାଇ ଦେଲୁଁ ବୋଲି ବିରକ୍ତ ନ ହୋଇ ସେ ସମସ୍ତ ସଂଶୋଧନ କରିବା ନିମିତ୍ତ ଦୃଢ଼ଯତ୍ନ କରିବେ କି ଯେମନ୍ତ ଏ ଉତ୍ତାରୁ ସେମାନଙ୍କର ସୁଖ୍ୟାତି ଲେଖିବାକୁ ଅତ୍ୟନ୍ତ ସୁଖକର ଓ କର୍ତ୍ତବ୍ୟକାର୍ଯ୍ୟବୋଲି ଜ୍ଞାନ କରିବୁଁ ।

## ରହସ୍ୟ ।

ଜଣେ ମଫସଲ ସହରିର ଲୋକ କୌଣସି ନଗରରେ ମିଉନିସିପଲ କମିଟୀଙ୍କର ଅଧିବେଶନ ଦେଖି ଆଉ ଜଣେ ବ୍ୟକ୍ତିକୁ ପଚାରିଲା, “ଏ କଣ ?” ସେ ଉତ୍ତର ଦେଲା, “ଏ ରାଶିଚକ୍ର” ସେ କହିଲା, “ଏ କିପ୍ରକାର କାହିଁକି ? ରାଶିଚକ୍ର ପଞ୍ଜିକା ମଧ୍ୟରେ ଅବସ୍ଥିତ କରଇ ଏବଂ ସେ ରାଶିଚକ୍ର ନିଶ୍ଚଳ ଅଟେ ।” ଉତ୍ତରଦାତା କହିଲା “ସେ ସତ୍ୟକଥା ଅଟଇ ମାତ୍ର ପଞ୍ଜିକା ମଧ୍ୟରେ ଅଚଳନ୍ତ ରାଶିଚକ୍ର, ଏ ଚଳନ୍ତ ରାଶିଚକ୍ର” ପ୍ରଶ୍ନକାରୀ ପୁଣି ପଚାରିଲେ “ଯେବେ ରାଶିଚକ୍ର ହେବ, ତାହା ହେଲେ ମେଷ, ବୃଷ, ମିଥୁନ, କର୍କଟ ଇତ୍ୟାଦି କେଉଁଠି ?” ଉତ୍ତରଦାତା କହିଲା, “ବର୍ତ୍ତମାନ ସଭ୍ୟତାର ବୃଦ୍ଧି ହେବାରୁ ଏହି ଚଳନ୍ତ ରାଶିଚକ୍ରର ବାହ୍ୟଶୋଭା ରୂପାନ୍ତର ହୋଇଅଛି । ଯାହା ହେଉ ତୁମ୍ଭଙ୍କୁ ରାଶିମାନଙ୍କ ଚିହ୍ନାଇ ଦେଉଅଛୁଁ (ଅଧିବେଶନ ସ୍ଥଳକୁ ଦେଖାଇ) କହିଲା ‘ସେହି ପ୍ରସ୍ତାବକାରୀହିଁ ମେଷ ସେ ମେଷ ଜାହିଁକି ? ମେଷ ଯେପରି ଦୁଇ ଏକଥର ଡାକ ମୌନାବଲମ୍ବନ କରି ତୁନି ହୋଇ ରହଇ’ ଏହି ଚଳନ୍ତ ରାଶିଚକ୍ରର ପ୍ରସ୍ତାବକାରୀ ମେଷ, ସେହି ପରି କେବଳମାତ୍ର ପ୍ରସ୍ତାବ ପକାଇ ତୁନି ହୋଇ ରହେ । ଏହି ଚକ୍ରରେ ବୃଷ;— ଚେୟାରମ୍ୟାନ ଅଟଇ, କାରଣ ସେ ବୃଷଙ୍କ ପରି ଆପଣାର ଗୁମରରେ ରହେ, ଏବଂ ଏକଗୁଇଁୟା ହୋଇ ଅପର ରାଶିମାନଙ୍କର କୌଣସି କଥାରେ ଦୃକ୍‌ପାତ କରେ ନାହିଁ ।

ଏହି ଚଳନ୍ତ ରାଶିଚକ୍ରର ମିଥୁନ;—ଭାଇସଚେୟାରମ୍ୟାନ, ଆଉ ହେଡ଼ମାଷ୍ଟର ଅଟଇ, କାରଣ ମିଥୁନ ଯେଉଁପରି ଯୋଡ଼ା ମିଳି କାର୍ଯ୍ୟ କରନ୍ତି, ଏମାନେ ମଧ୍ୟ ସେହି ପରି ଦୁଇଜଣ ମିଳି କାର୍ଯ୍ୟ କରନ୍ତି, ମିଥୁନର ମଧ୍ୟରେ ଯେଉଁପରି ଜଣେ ସବଳ, ଜଣେ ଦୁର୍ବଳ, ଏମାନଙ୍କ ମଧ୍ୟରେ ହେଡ଼ମାଷ୍ଟର ସେହି ପରି ହୁକୁମବରଦାର, ସ୍ତ୍ରୀ ସ୍ୱଭାବା ଦୁର୍ବଳା, ଆଉ ଭାଇସଚେୟାରମ୍ୟାନ ସେହି ପରି ହଟ୍ଟହଟ୍ଟିଆ ମେଜାଜ ଲୋକ ଅଟଇ । କର୍କଟ; ଏହି ରାଶିଚକ୍ରର ନାମ, ଚଳନ୍ତିକର୍କଟ ସମ୍ବାଦପତ୍ରର ସମ୍ପାଦକ, ଅଥଚ, ଏହି ଚକ୍ରର ମେମ୍ବର; କାରଣ କର୍କଟ ଯେପରି ଅଧାରର ମସ୍ତକ କର୍ତ୍ତନ କରଇ, ଏହି ମେମ୍ବର ସେହିପରି ସକଳ ପ୍ରସ୍ତାବର ମସ୍ତକ କର୍ତ୍ତନ କରଥାଏ ଏବଂ କର୍କଟ ଯେପରି ବଡ଼ଶୀ ଖେଳିବାର ଅଧାର କାଟି ନିଜ ଗର୍ତ୍ତକୁ ପେଳି ଯାଏ, ଏହି ଚଳନ୍ତି ରାଶିଚକ୍ରସ୍ଥିତ ସମ୍ବାଦପତ୍ରର ସମ୍ପାଦକ-ମେମ୍ବର ସେହି ପରି ସକଳ ସମ୍ବାଦର ମଥା କାଟି ନେଇ ଆପଣାର ପତ୍ରିକାର ଖୋରାକ କରିବା ପାଇଁ ସ୍ୱ ବିବରକୁ ପ୍ରସ୍ଥାନ କରନ୍ତି; ଏବଂ ସିଂହ;—ଏହି ଚକ୍ରର ସିଂହ, (ଯେଉଁ ବ୍ୟକ୍ତି ବକ୍ତୃତା କାଳରେ ସିଂହ ଯେପରି ଲାଙ୍ଗୁଳ ହଲାଇ ନଖ ଫୁଲାଇ ଲମ୍ଫ ଝମ୍ପ ପ୍ରଦାନ ଏବଂ ଚିତ୍କାର କରେ) ଏହି ସଭାରେ ଯେଉଁ ବ୍ୟକ୍ତି ଖୋଦ୍ଧାରୂପ ଲାଙ୍ଗୁଳ ହୋହଲାଇ ନଖ ଫୁଲାଇ ଦମ୍ଭ ରବରେ ବକ୍ତୃତାର ଆଇଲୋଡ଼ନ କରେ, ସେହି ଲୋକ ଏ ଚକ୍ରର ସିଂହ ଅଟଇ । କନ୍ୟା;—ଯେଉଁ ମେମ୍ବର, ଚେୟାରମ୍ୟାନଙ୍କର ଭୟରେ କେବଳ-

Digitized by srujanika@gmail.com

ମାନ୍ତ୍ର ସକଳ କଥାରେ ସନ୍ତକ କାଟନ୍ତି ସେହି ମେମ୍ବରହିଁ ପୁରୁଷର ବସ୍ତ୍ର ପିନ୍ଧିଥିଲେହେଁ କନ୍ୟାରାଶି ମଧ୍ୟରେ ପରିଗଣିତ । ତୁଳା;—ଯେଉଁ ମେମ୍ବର ସକଳ କଥାର ସାମଞ୍ଜସ୍ୟ କରି ଦୁଇଦିଗ ରକ୍ଷାର ପ୍ରସ୍ତାବ କରିଥାଏ, ସେହି ଏ ଚଳନ୍ତି ଚକ୍ରର ତୁଳାରାଶି ବୋଲି ଅଭିହିତ ହୋଇଥାଏ । ବୃଶ୍ଚିକ;—ଏହି ଚକ୍ରର ବୃଶ୍ଚିକ ଯେଉଁ ମେମ୍ବର ଭାଇସଚାନ୍ସେଲରମାନଙ୍କର ଭୟରେ ସ୍ୱୟଂ କିଛି ପାଟି ଫିଟାଇ ନ ପାରି କେବଳମାତ୍ର ଦୁଇପାର୍ଶ୍ୱସ୍ଥିତ ମେମ୍ବରମାନଙ୍କ ଗାତ୍ରରେ ବିଛାର ଲାଙ୍ଗୁଡ଼ ପ୍ରବେଶ ସଦୃଶ ଅଙ୍ଗୁଳିର ଆଘାତ କରେ, ଅବା ଟେକ୍ସ ବୃଦ୍ଧି ନିମନ୍ତେ ପ୍ରସ୍ତାବ କରେ ସେହି ମେମ୍ବରହିଁ ବୃଶ୍ଚିକ ମଧ୍ୟରେ ପରିଗଣିତ ଅଟଇ । ଧନୁ;—ଏହି ଚକ୍ରର ଧନୁ ଯେଉଁ ଦୁଷ୍ଟ ଜମିଦାର ମେମ୍ବର ଚାନ୍ସେଲରମାନଙ୍କର ଭୟରେ ଚକ୍ର ମଧ୍ୟରେ ନତ ମସ୍ତକ କରି ବସି ରହନ୍ତି, ସେହି ମେମ୍ବରହିଁ ଧନୁ ନାମରେ ଗଣ୍ୟ । ମକର;—ଏହି ଚକ୍ରର ଯେଉଁ ମେମ୍ବର ନଗରବାସିମାନଙ୍କୁ ଟେକ୍ସରେ ଅବ୍ୟାହତି ଦେବେ ବୋଲି ଗୁପ୍ତଭାବରେ ନାନାରୂପ ଡାଲି ଗ୍ରହଣ କରି ଡୁବି ପାଣି ଖାଉଥାଏ ଏ ଚକ୍ରର ସେହି ମେମ୍ବର ମକର ନାମରେ ଗଣ୍ୟ ହୋଇଥାଏ । କୁମ୍ଭ;—ଯେଉଁ ମୂର୍ଖ ଜମିଦାର କେବଳମାତ୍ର କମିଟୀଚକ୍ରରେ ବସିଥାଏ, ସେହି କୁମ୍ଭ ଅର୍ଥାତ୍ ଘଟ ନାମରେ ଅଭିହିତ ହୋଇଥାଏ । ମୀନ;—ଏହି ଚକ୍ରରେ ଯେଉଁ ବ୍ୟକ୍ତି ଯେଉଁ ସ୍ଥଠାରୁ ବାବୁ ନାନାରଙ୍ଗର ପୋଷାକ ପିନ୍ଧି ସଭା ସ୍ଥଳରେ ଘୂରିପାକ ଖେଳୁଥାଏ ସେହି ମେମ୍ବରହିଁ ମୀନ ନାମରେ ଅଭିହିତ ହୋଇଥାଏ । ଏହି ଚଳନ୍ତି ରାଶିଚକ୍ର ମଧ୍ୟରେ ବଞ୍ଚନା ଅଭିମାନରୂପ ରାହୁ । ରାଗରୂପ କେତୁ । ପକ୍ଷପାତରୂପ ଶନି । ଅବିବେଚନାରୂପ ବୃହସ୍ପତି । ନିର୍ଦ୍ଦୟତାରୂପ ଶୁକ୍ର । ଗର୍ବରୂପ ମଙ୍ଗଳ । ଅଦୂରଦର୍ଶିତାରୂପ ରବି । ଅପଯଶରୂପ ଚନ୍ଦ୍ର । ଏହି ନବଗ୍ରହ ଏହି ଚଳନ୍ତି ରାଶିଚକ୍ରରେ ଅହର୍ନିଶ ଭ୍ରମଣ କରୁଥାନ୍ତି । ନରଗବାସିମାନଙ୍କୁ ଏହି ଚକ୍ରର ଫଳାଫଳ ଭୋଗ କରିବାକୁ ହୋଇଥାଏ ।

ପ୍ରଶ୍ନକାରୀ ପଶ୍ଚିମର ପଞ୍ଜିକା ଲେଖିତ ଗ୍ରହମାନେ ମାନବମାନଙ୍କଠାରୁ ନାନାପ୍ରକାର ପୂଜା ଗ୍ରହଣ କରନ୍ତି, ଏମାନଙ୍କର ପୂଜାର ଦ୍ରବ୍ୟ କଣ ? ଶାନ୍ତିର ଉପାୟ କଣ ? ଉତ୍ତରଦାତା ବହଳ ପାଉଁଶର ନୈବେଦ୍ୟ ପ୍ରଦାନହିଁ ଏ ଗ୍ରହ ଶାନ୍ତିର ଏକମାତ୍ର ଉପାୟ ଅଟଇ ।

—*—

# ସାପ୍ତାହିକ ସଂବାଦ ।

ପଥଦର୍ଶକ ନାମରେ ଖଣ୍ଡିଏ ସାପ୍ତାହିକ ବଙ୍ଗଳା ସମ୍ବାଦପତ୍ର ଅଣ୍ଡମପ୍ରଦେଶ ଶ୍ରୀହଟ୍ଟନଗରରୁ ବାହାରୁଅଛି । ଅମ୍ଭେମାନେ ତହିଁର ପ୍ରଥମ ଓ ଦ୍ୱିତୀୟଖଣ୍ଡ ପାଇଅଛୁଁ ଏହାର ଛପା ଓ କାଗଜ ଅତି ଉତ୍ତମ ଅଟଇ ଏବଂ ରଚନା ମନ୍ଦ ନୁହଇ ।

ଏ ସପ୍ତାହରେ କେବଳ ଏକଦିନ ଏକଘଣ୍ଟା ଘୋର ବୃଷ୍ଟି ହୋଇଥିଲା ତଦୁତ୍ତାରୁ ଆକାଶ ନିର୍ମଳ ଅଛି ବୃଷ୍ଟି ସଙ୍ଗେ ଭେଟ ନାହିଁ । କିନ୍ତୁ ଖରା ବଡ଼ ଟାଣ ଅଛି । ଦଶହରା ଉତ୍ତାରୁ ଦୁଇ ଏକଥର ବୃଷ୍ଟି ହେଲେ ସବୁ ଉତ୍ତମ ।

ଗୋଟାଏ ଛେଳିକି ଏଠା ଦୁଇ ଜଣ ବାଳକ ଅସ୍ୱାଭାବିକ କ୍ରିୟା ଯୋଗୁଁ ଗୋପାଳବାବୁ ଦୌରା ସୁପୋର୍ଦ କରିଥିଲେ କିନ୍ତୁ ଦୌରାରେ ଅସେସରମାନେ ମୂଦାଲେଙ୍କୁ ନିର୍ଦ୍ଦୋଷୀ ବୋଲି ମତ ପ୍ରକାଶ କରି ଥିଲେହେଁ ଜଜ ସାହେବ ପ୍ରତ୍ୟେକଙ୍କୁ ଦେଢ଼ ବର୍ଷ ଲେଖାଏ କାରାବାସର ଦଣ୍ଡାଜ୍ଞା ଦେଇ ଅଛନ୍ତି । ବାଳକମାନଙ୍କର ବୟସ ୧୧ । ୧୨ ବର୍ଷରୁ ବେଶୀ ନୁହେ ।　　ଭି, ଦ,

କାବୁଲର ଆମିର ଅବଦୁରରହମାନ ଖାନ୍ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଅଛନ୍ତି କି ସେ ଅନାୟାସରେ ଖଜଣା ତହସିଲ କରୁଅଛନ୍ତି ଏବଂ ପ୍ରଜାମାନେ ଶାନ୍ତଭାବରେ ଅଛନ୍ତି ।

କାଶ୍ମୀରର ଖରିଫ ଫସଲ ଏ ବର୍ଷ ପ୍ରଚୁର ପରିମାଣରେ ହସ୍ତଗତ ହୋଇଅଛି । ଆଉ ଦୁର୍ଭିକ୍ଷର ଚିହ୍ନ ନାହିଁ । କଙ୍ଗାଳମାନେ ଭିକ୍ଷୁକାଶ୍ରମ ଛାଡ଼ି ଗଲେଣି ଏବଂ ଖଜଣା ନଗଦ ଟଙ୍କାହାରେ ଉସୁଲ ହେଉଅଛି । ମହାରାଜାଙ୍କର ଦ୍ୱିତୀୟ ପୁତ୍ରଙ୍କର ସମ୍ବନ୍ଧ କାଙ୍ଗରାରାଜାର ଦୁହିତାଙ୍କ ସହିତ ସ୍ଥିର ହୋଇ ବୃହତ୍ ପରିମାଣରେ ଆୟୋଜନମାନ ଲାଗିଅଛି । ଆଗାମୀ ନବେମ୍ବର ମାସ ଶେଷରେ ବିବାହ ହେବ ।

କାଠର କୋଇଲା ଗୋଟି ଭୂତପଦାର୍ଥ ମାତ୍ର ଏହାର କାର୍ଯ୍ୟକାରିତା ବହୁତ ଅଟଇ । ମାନ୍ଦ୍ରାଜମେଲରେ କୋଇଲାର କେତେ ଗୁଣ ଲେଖା ଅଛି । ଯଥା ପୋଡ଼ା ଘା ଉପରେ କୋଇଲା ରଖି ଦେଲେ ବେଦନା ଉଣା ହୁଅଇ । ପଚା ମାଂସ କୋଇଲା ପାଖରେ ରଖିଦେଲେ ସ୍ୱାଦ ଜାତ କରଇ । ମୃତଦେହ ଉପରେ ପକାଇଦେଲେ ଦୁର୍ଗନ୍ଧ ନିବାରଣ କରଇ ଏବଂ ଚଟକା ପାତ୍ରରେ ଘରେ ରଖିଦେଲେ ଦୁର୍ଗନ୍ଧବାୟୁକୁ ସଂସ୍କାର କରିଥାଏ । ମଇଳା ଏହାଦ୍ୱାରା ପରିଷ୍କାର ହୁଏ ଏବଂ କଠିନ ଘାଆ ପ୍ରତି ଏହା ଉତ୍ତମ ପୁଲଟିସ ଅଟଇ । ବାସ୍ତବରେ ଏହା ଗୋଟିଏ ଅତି ସହଜ ଓ ଶସ୍ତା ପରିଷ୍କାରକ ଅଟଇ ।

ଗତମାସରେ ଗଙ୍ଗାନଦୀରେ ବଡ଼ବଢ଼ି ଆସିଥିଲା । ହରିଦ୍ୱାରଠାରୁ ସମ୍ବାଦ ଆସିଅଛି କି ସେଠାରେ ନଦୀ ଉଚ୍ଛୁଳି ଗ୍ରାମ ଧୋଇ ହୋଇଅଛି ଏବଂ ଅନେକ ମନୁଷ୍ୟ ଓ ଗୃହପାଳିତ ପଶୁ ନଷ୍ଟହୋଇଅଛନ୍ତି ! ସରକାରୀ ନାଳରେ ପ୍ରାୟ ତିନିଲକ୍ଷ ଟଙ୍କା କ୍ଷତି ହୋଇଅଛି ।

ନାଇନିତାଲର ଦୁର୍ଘଟଣାର ଗୋଟିଏ କାରଣ ଏହିରୂପ କଥିତ ହୁଅଇ ଯେ ପାହାଡ଼ର କରରୁ ବହୁତ ଦିନରୁ କ୍ରମାଗତ ଗଛ କଟାହୋଇଥିବାରୁ ପର୍ବତର ବଳ ଭାଙ୍ଗିଯାଇ ଏପ୍ରକାର ଅଘଟଣା ପଡ଼ିଅଛି ।

ଡେଲିନ୍ୟୁସରୁ ଅବଗତହେଲୁଁ ଯେ ଏହିମାସ ତା ୨୦ ରିଖରେ ବାବୁ କେଶବଚନ୍ଦ୍ର ସେନଙ୍କ ଦୁହିତାଙ୍କ ସହିତ କୁଚବେହାରର ମହାରାଜାଙ୍କର ବିବାହ ହେବ । ଆଉ ଥରେ କି ବିବାହ ? ଏକଥରତ କେତେଦିନ ହେଲା ଏହାଙ୍କର ବିବାହ ହୋଇଥିଲା ।

ମସୂରରେ ପ୍ରାୟ ୪୮ ଘଣ୍ଟା ଘୋର ବର୍ଷା ହୋଇଥିଲା । ସେହି ସମୟରେ ନଇନିତାଲରେ ଭୟାନକ ଦୁର୍ଘଟଣା ହୋଇଥିଲା କିନ୍ତୁ ମସୂରରେ କେବଳ ପ୍ରବଳବତାସରେ ଅଳ୍ପ କ୍ଷତି ହୋଇଅଛି ।

ଦକ୍ଷିଣର ନୀଳଗିରି ପ୍ରଦେଶରେ ୭୯ ଗୋଟା ଚା ମାହାଲ ଅଛି ଏଥିର ଭୂମିପରିମାଣ ପ୍ରାୟ ଚାରିହଜାର ମାଣ ହେବ ଏବଂ ପ୍ରତିବର୍ଷ ଏଥିରେ ୭୪୫୧୨୭ ପାଉଣ୍ଡ ଚା ଉତ୍ପନ୍ନ ହୁଅଇ ।

ଯୁଦ୍ଧରେ ଯେମନ୍ତ ଏକ ଦିଗରେ ମୁଣ୍ଡ ଯିବାର କଥା ତେମନ୍ତ ଅନ୍ୟଦିଗରେ ପେଟପୂରିବାର ଲକ୍ଷଣ ଥିବା ଅଛି । ଜେନରଲ ଷ୍ଟୁଅର୍ଟ ଦୁଇ ପଲଟନର ଅଧିନାୟକ ଥିବାରୁ ଦୁଇଥର ଅଫଗାନ ଯୁଦ୍ଧରେ ଯେଉଁ ଭତ୍ତା ପାଇବେ ତହିଁର ମୋଟ ଟ ୪୭୨୦୦ ୧ ଙ୍କା ଅଟଇ । ଏପରି ଉତ୍ସାହ ନ ଥିଲେ କି ପ୍ରାଣ ଦେବାକୁ କାହାର ସତ ବଳନ୍ତା ।

ରେଲୱେ ପୁଲିସର ଜଣେ କର୍ମଚାରୀ ଏକ ସ୍ତ୍ରୀଲୋକର ଦୁଇ ହାତର ରୁପାଚୂଡ଼ି ଚୋରି କରିଥିଲା । ଧରା ପଡ଼ିବାରୁ ତାହାଁ ଉପରେ ମା ୬ ସ କାରାବାସ ଏବଂ ଟ ୩୦୧ ଙ୍କା ଜରିମାନା ଦଣ୍ଡ ହୋଇଅଛି ନ ହେଲେ କି ପୁଲିସ କର୍ମଚାରୀ ।

ଏକାଉଣ୍ଟାଣ୍ଟ ଜେନରଲଙ୍କ ଅଫିସରେ ତାଇଦନବିଶ ହେବା ନିମନ୍ତେ ଜ ୩୦୦ ଣ ଦରଖାସ୍ତକାରୀ ଉପସ୍ଥିତ ଥିଲେ । ଏଥି ମଧ୍ୟରେ ଜ ୧୪ ଣ ଫାର୍ଷ୍ଟ ଆର୍ଟସ ପରୀକ୍ଷୋତ୍ତୀର୍ଣ୍ଣ ଏବଂ ବହୁସଂଖ୍ୟକ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତି ଥିଲେ କେବଳ ପ୍ରଥମ ଲିଖିତ ଜ ୧୪ ଣ ମଧ୍ୟରୁ ଜ ୧୨ ଣ ଗୃହୀତ ହେଲେ । ଚାକିରୀର ଟଣାଟଣି ସର୍ବତ୍ରରେ ସମାନ ଦେଖା ଯାଏ ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଆମ୍ଭେ ଶୁଣିଲୁଁ କି "ଟ୍ରିଗନୋମେଟ୍ରି" "କ୍ଷେତ୍ରତତ୍ତ୍ୱ" "ବୀଜଗଣିତ" "ଉଦ୍ଭିଦ୍‌ତତ୍ତ୍ୱ" ଇତ୍ୟାଦି ପୁସ୍ତକମାନ ଓଡ଼ିଆଭାଷାରେ ଅନୁବାଦିତ ହେବା ନିମନ୍ତେ ଗବର୍ଣ୍ଣମେଣ୍ଟ ଟ୩୦୦୦ଙ୍କା ପୁରସ୍କାର ଦେବାର ଆଦେଶ ପ୍ରଦାନ କରିଅଛନ୍ତି ଏ ସମ୍ବାଦଟି ଏ ଉତ୍କଳବାସିମାନଙ୍କର ପକ୍ଷରେ ଶୁଭସମ୍ବାଦ ଅଟଇ, ମାତ୍ର ଆମ୍ଭେ ଶୁଣି ଦୁଃଖିତ ହେଲୁଁ କି ଉଲ୍ଲିଖିତ ପୁସ୍ତକମାନ ଅନୁବାଦ କରିବା ନିମନ୍ତେ ସାଧାରଣଙ୍କୁ ଆହ୍ୱାନ କରାଯିବ ନାହିଁ, କେବଳମାତ୍ର ଗୋଟିଏ କମିଟି ନିଯୁକ୍ତ ହେବ, ସେହି କମିଟିଙ୍କର ମେମ୍ବରମାନେ ଗୋଟିଏ ପରଗଠିତ ବିଜ୍ଞାପନ ବାହାର କରିବେ ଏବଂ ସେହି କମିଟିର ମେମ୍ବରମାନଙ୍କଠାରେ ପୁସ୍ତକ ଅନୁବାଦ ପ୍ରାର୍ଥିମାନଙ୍କୁ ଦରଖାସ୍ତ ବା ଆବେଦନପତ୍ର ଦାଖିଲ କରିବାକୁ ହେବ । ତହିଁଉତ୍ତାରୁ ମେମ୍ବରମାନେ ଯାହାଙ୍କପ୍ରତି କୃପାଦୃଷ୍ଟି ନିକ୍ଷେପ କରି ହୁକୁମସାଦର କରିବେ କେବଳମାତ୍ର ସେହି ସେହି ଲୋକମାନେ ପୁସ୍ତକ ଅନୁବାଦ କରି ପାରିବେ, ଅପର କେହି ଅନ-

Split by PDF Splitter

182



ବାଦ କଲେ ତାହା ଗୃହୀତ ହେବ ନାହିଁ, ଇତ୍ୟାଦ ଗୋଡ଼ାବନ୍ଧ ହେଉଅଛି ।

ଯାହା ହେଉ ଏପର ନୟମକୁ ଅମ୍ଭେମାନେ ଉଦାରତା ବା ସରଳତାର ବପ୍ରେଧୀ ବୋଲ ବୋଲବାକୁ ବାଧ ହେଲୁଁ । କପାଁଇ ? ଏପର ସାଧାରଣଙ୍କର ଉତ୍ସାହପ୍ରଦାନ କାର୍ଯ୍ୟରେ ସାଧାରଣଙ୍କୁ ଆହ୍ୱାନ ନ କର କେତେକଗୋଟି ବାଲ୍ମୀକିଙ୍କୁ ଅର୍ଥାତ ଯେଉଁମାନେ ସ୍ୱମ ନ ହେବା ପୂର୍ବରୁ ଗ୍ରାମାୟଣ ରଚନା କର ରଖିଅଛନ୍ତି କେବଳମାତ୍ର ସେହିମାନଙ୍କ ଚେଷ୍ଟା ପୂର୍ତ୍ତିକର ହେଲେ ତାହାକୁ ଉଦାରତା ଅବା ସରଳ ବ୍ୟବହାରର କାର୍ଯ୍ୟ ବୋଲ ବୋଲ ଯାଇ ନ ପାରେ ଏପର ଅନୁଷ୍ଠାନରେ ଆଉ ଗୋଟିଏ ଦୋଷ ଦେଖିବାକୁ ପାଉଁ କ ଏପର ନୟମରେ କୌଣସି ସଂଭ୍ରାନ୍ତ ଭଦ୍ରଲୋକ କମିଟିଙ୍କର ସମୀପରେ ଉପସ୍ଥିତ ହେବେ ନାହିଁ ତହିଁର ଉଦାହରଣ ସ୍ଥଳରେ ଗୋଟିଏ ବିଷୟ କହୁଅଛୁଁ ।—ବୁଝାନିକ ପୁସ୍ତକ ଅନୁବାଦ ହେବ ଏହି କଟକରେ ଓଡିଆମାନଙ୍କର ମଧ୍ୟରେ ଏପର ଲୋକ କେହି ନାହିଁ ଯେ ବୁଝାନିକ ପୁସ୍ତକ ଅନୁବାଦ କରବାକୁ ସକ୍ଷମ ହେବ । ଆମ୍ଭମାନଙ୍କ ସୁଯୋଗ୍ୟ ଡାକ୍ତର ଡବଲଉ, ଡ, ଷ୍ଟିଓଆର୍ଟ ସାହେବ ଅବା ପୁରୀର ସିବିଲସର୍ଜନ ବା ଆମ୍ଭମାନଙ୍କ ଲବ୍ଧପ୍ରତିଷ୍ଠିତ ସୁଯୋଗ୍ୟ ଏସିଷ୍ଟାଣ୍ଟସର୍ଜନ ବାବୁ ପ୍ରଭୂତୋଷ ହାଲଦାର ବା ବାବୁ ଚୂନିଲାଲ ଦାସ ପ୍ରଭୃତ କେତେକଜଣ ଭିନ୍ନ ଆଉ କେହି ଯୋଗ୍ୟଲୋକ ନାହାନ୍ତି ଏକଥା ବୋଲ୍ଲ ଅସଙ୍ଗତ ହେବ ନାହିଁ । ମାତ୍ର ଏହି ଭଦ୍ରଲୋକ ଏବଂ ସଂଭ୍ରାନ୍ତ ଲୋକମାନେ ବାରଶତଟଙ୍କା ପୁରସ୍କାର ନମନ୍ତେ କମିଟିଙ୍କର ଦରବାରରେ ଉପସ୍ଥିତ ଅବା ଦରଖାସ୍ତକାରୀ ହାଜରହଏ ?୨ ବା ଅବେଦନକାରୀ ହାଜର ହଏ ।— ଶୁଣିବାକୁ ଉପସ୍ଥିତ ହେବେ କ ? କମ୍ବା ସେମାନଙ୍କଠାରୁ ଯେଉଁ ମେମ୍ବରମାନେ ନିତାନ୍ତ ବିଦ୍ୟା ବୁଦ୍ଧି ବିହୀନ ସେମାନଙ୍କ ସମୀପରେ ବୁଝାନିକର ପରୀକ୍ଷା ଦେବା ନମନ୍ତେ ପ୍ରସ୍ତୁତ ହେବେ କ ? କେବେହେଁ ନାହିଁ କେବଳମାତ୍ର କ୍ଷୁଦ୍ର ବାଲ୍ମୀକିମାନେହିଁ ଉପସ୍ଥିତ ହେବାର ସମ୍ଭାବନା ଏଥିରେ ବ୍ୟକ୍ତିଗତ ଉପକାର ଭିନ୍ନ ସମଗ୍ର ଉତ୍କଳଦେଶୀୟମାନଙ୍କର ଉତ୍ସାହ ପ୍ରଦାନ ହେବ ନାହିଁ ଷ୍ଟିଓ୍ୟାର୍ଟସାହେବପ୍ରଭୃତ ସୁଯୋଗ୍ୟ ଡାକ୍ତରମାନେ ଏପର ବ୍ୟବହାରରେ ତରକ୍ତ ନ ହେବାର କାରଣ ଦେଖାଯାଏ ନାହିଁ । ଅଯୋଗ୍ୟପାତ୍ରରେ ଖୟରାତ କରବା ସକାଶେ ଗବର୍ଣ୍ଣମେଣ୍ଟର ଏତେଟଙ୍କା ଦାନ କରବା ହୋଇ ନାହିଁ ଅବା ବଙ୍ଗଳାଭାଷାରୁ ଗ୍ରାମାୟଣ ରଚନା ନମନ୍ତେ ଏ ଟଙ୍କା ସରକାର ପ୍ରଦାନ କର ନାହାନ୍ତି ଏ ଟଙ୍କା ଉତ୍କଳବାସିମାନଙ୍କୁ ଉତ୍ସାହପ୍ରଦାନ ହେବା ସକାଶେହିଁ ଗବର୍ଣ୍ଣମେଣ୍ଟ ମଞ୍ଜୁର କରଅଛନ୍ତି ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କର ପ୍ରଦତ୍ତ ଟଙ୍କା ଗୁଡକର ଶ୍ରାଦ୍ଧ ନ ହୋଇପରେ ଏହା କ ପ୍ରାର୍ଥନୀୟ ନୁହେ ?

କେହି୨ ଆପତ୍ତି କରବାକୁ ପାରନ୍ତି କ ଟଙ୍କାର ଶ୍ରାଦ୍ଧ କପାଁଇ ହେବ ? ସେମାନଙ୍କପ୍ରତ ଆମ୍ଭର ଏହିମାତ୍ର ନିବେଦନ ଯେ "ପ୍ରବନ୍ଧମାଳା ନାମକ ନୂଆ ପୁସ୍ତକଖଣ୍ଡି ଦେଖିଲେ ଆମ୍ଭର ଆଶଙ୍କା ସଂଘଟିତ ହେବାର ବିଚିତ୍ରତା ନାହିଁ ତାହା ପ୍ରମାଣିତ ହେବ । "ଶିଶୁପାଠ, ସୀତାବନବାସ, କାଦମ୍ବରୀ, ରାମବିଳାସ" ଇତ୍ୟାଦ ସାହିତ୍ୟ ଉତ୍କଳଭାଷାରେ ଥିବା ପ୍ରତ୍ୟକ୍ଷେହେଁ ପ୍ରବନ୍ଧମାଳା ନମନ୍ତେ ପୁରସ୍କାର ଦେବାର ପ୍ରୟୋଜନ ଥିଲା କ ? ଉଲ୍ଲିଖିତ ପୁସ୍ତକମାନ ଅପେକ୍ଷା ପ୍ରବନ୍ଧମାଳା କୌଣସିପ୍ରକାରରେ ଉତ୍କୃଷ୍ଟପୁସ୍ତକ ନୁହେ ଏବଂ ପ୍ରବନ୍ଧମାଳା ସଦୃଶ ପୁସ୍ତକ ଅନୁବାଦ କରବାକୁ ହେଲେ ଏକଜଣ ଶିକ୍ଷକରଚାବ୍ୟକ୍ତି ଆପଣା କାର୍ଯ୍ୟ ଅନ୍ତେ ବିଶ୍ରାମ କର ତଂଶତଦନ ୨।୩ ଘଣ୍ଟା ଅନୁବାଦ କଲେହିଁ ପ୍ରବନ୍ଧମାଳା ସଦୃଶ ପୁସ୍ତକ ଅନୁବାଦ ହୋଇ ପାରଇ ଏପର ପୁସ୍ତକ କ ଯାହାର ଅଭାବ ନ ଥିଲା ତାହାର ପୁରସ୍କାର ଦେବା ଯେପର ସରକାରଙ୍କ ଟଙ୍କାର ଶ୍ରାଦ୍ଧ ହୋଇଅଛ ବୁଝାନିକ ପୁସ୍ତକାଦର ନମନ୍ତେ ସରକାରଙ୍କ ପ୍ରଦତ୍ତ ଟଙ୍କାର ସେହିପର ଏକୋଦିଷ୍ଟ ନ ହେବ ତହିଁର ପ୍ରମାଣ କଣ ? ଯେବେ କେହି କହିବେ ଯେ କମିଟି ବସିବ, ଏତେ୨ ପଣ୍ଡିତମାନେ ବସି ବିଚାର କରବେ ତେବେ ପୁରସ୍କାର ଦେବା ନ୍ୟାୟସାଦର ହେବ; ସେମାନଙ୍କୁ ଆମ୍ଭେ ବିନୀତ ଭାବରେ କହୁଁ କ ପ୍ରବନ୍ଧମାଳା ପ୍ରଭୃତ ପୁସ୍ତକମାନତ କମିଟିଙ୍କର ଏତେ୨ ପଣ୍ଡିତମାନେ ଦେଖି ପାସ କର ଅଛନ୍ତି, ଅମ୍ଭେ ସର୍ବର ସେହି ପଣ୍ଡିତ ମେମ୍ବରମାନଙ୍କ ବିଚକ୍ଷଣତା ଏବଂ ପୁସ୍ତକ ନିର୍ବାଚନ କ୍ଷମତା ସାଧାରଣଙ୍କୁ ଉପହାର ପ୍ରଦାନ କରୁଁ ତାହା ଦେଲେ ସାଧାରଣଙ୍କର କମିଟି ପ୍ରତ ଭ୍ରମ ଆଉ ଥିବ ନାହିଁ ଯାହା ହେଉ ଅମ୍ଭେମାନେ ଶିକ୍ଷାବିଭାଗର କର୍ତ୍ତୃପକ୍ଷୀୟମାନଙ୍କୁ ନିବେଦନ କରୁଅଛୁଁ କ ଉଲ୍ଲିଖିତ ପୁସ୍ତକମାନଙ୍କ ଅନୁବାଦ ପ୍ରବନ୍ଧମାଳାପର ନ ହୋଇ ପାରେ ପୂର୍ବାହ୍ନେ ସେ ନମନ୍ତେ ସାଧାରଣଙ୍କୁ ବିଜ୍ଞାପନଦ୍ୱାରା ଅହ୍ୱାନ କରନ୍ତୁ ନ ହେଲେ ସାଧାରଣଙ୍କ ପ୍ରତ ନିତାନ୍ତ ଅନ୍ୟାୟ ବ୍ୟବହାର କରା ହେବ ।

୨୯।୯।୮୦ } ବଶମ୍ବଦ
କଟକ } ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ

---

## NOTICE.

Wanted a Head master for the Middle Class English school at Bentkar on a salary of Rs. 25 per mensem, all applications will be received by the undersigned at Jobra up to 15th. of November 1880 None need apply who has not passed the University Entrance Examination.

Suddanund Mahanty,
JOBRA Secretary.
The 5th. October 1880.

---

## ବିଜ୍ଞାପନ ।

ଛରେ ମୌଲବିଜନ ଶ୍ରୀଯୁତ ଜଜ ସାହେବଙ୍କ ଅଦାଲତରୁ ଯେହେତୁ ଜଣ କଟକ ମୌଜେ କଳକା ନବାସୀ ସନବନ୍ଧ ସାମନ୍ତ ପୁତ୍ର ମଧୁନାୟକ ମୌଲମିଜରେ ସର୍ଟୋକଷ ହୋଇ ମରଯାଇ ଅଛ ଘତଏବ ଏଶ୍ତହାର ପ୍ରକାଶ କର ଯାଉଅଛ କ ଯଦ କୌଣସି ବ୍ୟକ୍ତି ମୃତବ୍ୟକ୍ତିର ତ୍ୟାଗୀୟ ମଲ ପ୍ରତ କଛ ଦାବି ରଖୁଥାଏ କମ୍ବା ତାହାର ଓ୍ୱାରସ ଓ ହକଦାର ଥିବ ତେବେ ସେ ବ୍ୟକ୍ତି ବିଜ୍ଞାପନ ଜାର ତାରଖରୁ ମା୧୨ର ମିଆଦ ମଧ୍ୟରେ ଅପଣା ଦାବି ଜର ମୌଲମିଜର ଶ୍ରୀଯୁତ ଜଜସାହେବଙ୍କ ଅଦାଲତରେ ଅଇଦ କର ପ୍ରମାଣ କରାଇଲେ ଉକ୍ତ ମାଲ ତାକୁ ଦେଇବା ପ୍ରତ ବହୁତ ହୁକୁମ ହେବ ଉକ୍ତ ମିଆଦ ମଧ୍ୟରେ ଦାବୀ ଅଇତ ନ ହେଲେ ପଶ୍ଚାତ ତାହାର ଅପତ୍ତି ଗ୍ରାହ୍ୟ ହେବ ନାହିଁ ତା ୨୫ ଶ ଜୁନ ୧୮୮୦ ମସିହା ।

By order of the Court
J. DOUGLAS BAYLY
*Chief Clerk.*

---

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲ ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ଜନେୟ ରୁପର କଲିକତା ବୋଟାନିକଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ତଲଲିଖିତ ଦରରେ ମିଳ ପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍‌ସର ଟ୧୬୲ ୮ ଅଉନ୍‌ସର ଟ୧୧୲ । ୧୬ ଅଉନ୍‌ସର ୨୦୲ । ମୂଲ୍ୟ ନଗଦ ।

---

## ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ବାବୁ ସକେନ୍ଦ୍ର ମିଶ୍ର | କଟକ | କଲସା | ଟ ୨ ୧ |
| „ ରାମଚନ୍ଦ୍ର ମିଶ୍ର | „ | „ | ଟ ୩/ |
| „ ଜଗବନ୍ଧୁ ପାଣିଗ୍ରାହୀ ଅନୁକୂଳ ପଞ୍ଜୀନ | | | ଟ ୩/ |

---

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1




# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୭ ଗ } ତା ୨୩ରିଖ ମାହେ ଅକ୍ଟୁବର ସନ ୧୮୮୦ ମସିହା । ମୂ । କାର୍ତ୍ତିକ ଦି ୧ ନ ସନ ୧୨୮୮ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୬୷
ସଂ ୪୨ ଖ୍ୟା } ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୭୷
ମଫସଲପାଇଁ ଡାକମାସୁଲ ଟ ୧୷/


ବାର୍ଷିକ ଅବସର ଉତ୍ତାରୁ ପୁନର୍ବାର କାର୍ଯ୍ୟ କ୍ଷେତ୍ରରେ ପ୍ରବେଶକରି ଅଦ୍ୟ ଅମ୍ଭେମାନେ ପାଠକମାନଙ୍କୁ ଆନନ୍ଦ ଓ ସ୍ନେହ ସହିତ ଭେଟୁଅଛୁଁ । ଏବର୍ଷ ଦୁର୍ଗୋତ୍ସବପର୍ବ ଯଥାବିହିତରୂପେ ନିର୍ବାହ ହୋଇଥିଲା । କେବଳ ଶେଷ ଦୁଇଦିନ ବୃଷ୍ଟି ହେବାରୁ ଆମୋଦପ୍ରମୋଦ ପକ୍ଷରେ କିଛି ବାଧା ହୋଇଥିଲା । ଫସଲ ରକ୍ଷାନିମିତ୍ତ ବୃଷ୍ଟିର ଆବଶ୍ୟକ ନିତାନ୍ତ ହୋଇଥିବାରୁ ଉକ୍ତ ବାଧାକୁ ଲୋକେ ସାମାନ୍ୟ ଜ୍ଞାନକରି ମହାମାୟୀଙ୍କ ଆଗମନରେ ଦ୍ୱିଗୁଣ ଆନନ୍ଦଲାଭ କରିଥିଲେ । ତଦୁତ୍ତାରୁ କୌମାରପୂର୍ଣ୍ଣିମା ପର୍ଯ୍ୟନ୍ତ କ୍ରମାଗତ ଅତ୍ୟନ୍ତ ବୃଷ୍ଟି ହେବାରୁ ଫସଲ ପ୍ରତି କିଛି ଅନିଷ୍ଟ କରିଅଛି ଯାହାହେଉ ଏବର୍ଷ ଫସଲର ଆଶା ଉତ୍ତମ ଦେଖ ଯାଏ ଏବଂ ବଜାର ଭାଉ ସେଥିର ପ୍ରତ୍ୟକ୍ଷ ପ୍ରମାଣ ଦେଉଅଛି ।

---

ହାଇକୋର୍ଟର ଉକିଲ ଏବଂ ମୋଫସଲ ଅଦାଲତର ସମସ୍ତ ଶ୍ରେଣୀର ଉକିଲ ଓ ମୁକ୍ତିୟାରମାନେ କି୨ ପ୍ରକାର ମୋକଦମାରେ କେଉଁ ଦରରେ ଫିସ୍ ପାଇବେ ତହିଁର ଗୋଟିଏ ତାଲିକା ହାଇକୋର୍ଟର ଜଜମାନେ ପ୍ରସ୍ତୁତ କରି ତହିଁରେ ହାଇକୋର୍ଟଉକିଲଙ୍କ ମତାମତ ଜାଣିବା ସକାଶେ ସେମାନଙ୍କୁ ଦେଇଅଛନ୍ତି । ତଦନୁସାରେ ଉକିଲମାନେ ଗୋଟିଏ କମିଟୀ ନିଯୁକ୍ତ କରିଅଛନ୍ତି । ଏପରି ଖଣ୍ଡିଏ ଫିସର ଲିଷ୍ଟ ଅତ୍ୟନ୍ତ ପ୍ରୟୋଜନୀୟ ଅଟଇ । ତହିଁରେ ମୋଫସଲ ମାମଲତକାରଙ୍କର ବଡ ଉପକାର ହେବ ଏବଂ ଅଦାଲତର ପଣ୍ତାମାନେ ମୌକଲଙ୍କୁ ଠକାଠକି କରି ପାରିବେ ନାହିଁ ।

---

ଓଡିଶାର ବନ୍ଦରମାନଙ୍କର କ୍ରମଶଃ ଉନ୍ନତି ହେଉଅଛି । ସନ ୧୮୭୮ । ୭୯ ସାଲରେ ୬୮୪ ଖଣ୍ଡ ଜାହାଜ ଆସିଥିଲା ଏଥିରେ ବୋଝାଇ ପ୍ରାୟ ଦୁଇଲକ୍ଷ ଟନ୍ ହେବ ଏବଂ ସନ ୧୮୭୯ । ୮୦ ସାଲରେ ଖ ୬୨୭ ଣ୍ଡ ଜାହାଜ ଆସିଥିଲା ଯେ ତହିଁର ବୋଝାଇ ପ୍ରାୟ ଅତେଇ ଲକ୍ଷ ଟନ୍ ଅଟଇ । ସୁତରାଂ ଜାହାଜ ସଂଖ୍ୟା ପୂର୍ବବର୍ଷଠାରୁ ଊଣା ହେଲେହେଁ ବଡ଼୨ ଜାହାଜ ଥିବାରୁ ବୋଝାଇରେ ଅଧିକ ହୋଇଅଛି । ପୂର୍ବ ବର୍ଷରେ ମାନ୍ଦ୍ରାଜ ଦୁର୍ଭିକ୍ଷ ହେତୁ ଦେଶୀୟ କାରବାର ଅଧିକ ଥିଲା କିନ୍ତୁ ଗତବର୍ଷ ତାହା ଯେମନ୍ତ ଊଣା ପଡିଲା ତେମନ୍ତ ବିଦେଶକୁ ଅନେକ ଦ୍ରବ୍ୟ ରପ୍ତାନି ହେଲା । ଏକା ବଲେସର ବାଟେ ୧୮ ଲକ୍ଷ ଟଙ୍କାର ଦ୍ରବ୍ୟ ରପ୍ତାନି ହୋଇ ଥିଲା । ବଲେସରର କାରବାର ଓଡିଶା ମଧ୍ୟରେ ସର୍ବାପେକ୍ଷା ଅଧିକ ଅଟଇ ।

---

ପ୍ରବନ୍ଧମାଳାର ଏକ ଦୀର୍ଘ ସମାଲୋଚନା ଗତ ବାଲେଶ୍ୱର ସଂବାଦବାହିକାରେ ଅତିରିକ୍ତସ୍ୱରୂପ ବାହାରି ଅଛି । ସମାଲୋଚନାଟି ଉକ୍ତ ପତ୍ରିକାର ପୂର୍ଣ୍ଣ ଦୁଇ ପୃଷ୍ଠା । ସମ୍ପାଦକ ଏତେ ଦୀର୍ଘ ସମାଲୋଚନା ଆଉ କେବେ ଲେଖିବାର ଆମ୍ଭେମାନେ ଦେଖି ନାହୁଁ । ବୋଧ ହୁଅଇ ପୁସ୍ତକର ଗୁରୁତ୍ୱ ତୁଲନାରେ ତାହା ହୋଇଅଛି ଏବଂ ଏହିପରି ତୁଲ୍ୟତା ରକ୍ଷା କରିବା ନିମିତ୍ତ ସମ୍ପାଦକ ଆପଣା ସ୍ୱାଭାବିକ ଭାଷାକୁ ଲୁଚାଇ ରଖି ଯଥାସାଧ୍ୟ ଦୀର୍ଘ ଏବଂ ଦୁର୍ବୋଧ ପଦମାନ ପ୍ରୟୋଗ କରିଅଛନ୍ତି । ବାସ୍ତବରେ ଆମ୍ଭେମାନେ ସମାଲୋଚନାର ଶବ୍ଦ ତରଙ୍ଗରେ ପଡି ତାହି୨ ଡାକିଲୁଁ ଏବଂ ଖଣ୍ଡିଏ ଉତ୍କୃଷ୍ଟ ଅଭିଧାନ ବାହାର କରାଇବା ପୂର୍ବେ ସାହିତ୍ୟ ପୁସ୍ତକ ପଛରେ ତିନିଶତ ଟଙ୍କା ବ୍ୟୟ କରିଥିବାରୁ ଶିକ୍ଷା ବିଭାଗକୁ ଅନେକ ନିନ୍ଦା କଲୁଁ । ଫଳତଃ ସମାଲୋଚନାର ସମାଲୋଚନା କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହଇ ମାତ୍ର ତହିଁରେ ଯେ ଗୋଟିଏ ଭାରି ଭ୍ରମ ଅଛି ତାହା ସଂଶୋଧନ କରିବା ନିତାନ୍ତ ଆବଶ୍ୟକ ଏହିହେତୁରୁ ଆମ୍ଭେମାନେ ଦୁଇ ଏକ କଥା କହିବାକୁ ବାଧ୍ୟ ହେଲୁଁ । ସମ୍ପାଦକ ବୋଲନ୍ତି କି ଶିଶୁପାଠର ସମସ୍ତ ଭାଗ ସମ୍ପ୍ରତି ଦୁଷ୍ପ୍ରାପ୍ୟ ମାତ୍ର ଏ କଥ ପ୍ରକୃତ ନୁହେ । ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଗାରରେ ପ୍ରଥମ ଓ ତୃତୀୟ ଭାଗ ଶିଶୁପାଠ ବହୁକାଳରୁ ପଡିରହି ନଷ୍ଟ ହେଉଅଛି ଓ ବିକ୍ରୀ ପୁସ୍ତକର ତାଲିକାରେ ତାହା ଲେଖାଅଛି । ଶିକ୍ଷା ବିଭାଗର ଏକ ସମୟରେ ଆଦର ଦେଖି ପ୍ରଥମ ଭାଗ ଶିଶୁପାଠର ଏକ ନୂତନ ସଂସ୍କରଣ ବାହାରିଥିଲା ମାତ୍ର ଉକ୍ତ ପୁସ୍ତକ ବିଦ୍ୟାଳୟରୁ ଉଠିଯିବାରୁ ଅଦ୍ୟାବଧି ବିକ୍ରୟ ନ ହେଲା ସୁତରାଂ

Digitized by srujanika@gmail.com

Split by PDF Splitter
184


ଦ୍ୱୀପସ୍ଥ ଭାଗ ପୁର୍ନମୁଦ୍ରାଙ୍କନ କରିବା ନିମିତ୍ତ କମ୍ପାନିଙ୍କର ସାହସ ହେଲା ନାହିଁ ।

---

ଦସ୍ତାବିଜ ରେଜିଷ୍ଟ୍ରୀ କାର୍ଯ୍ୟ ବଙ୍ଗପ୍ରଦେଶରେ ବିସ୍ତର ବୃଦ୍ଧି ହୋଇଅଛି ଏବଂ ତଦ୍ଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ବିଲକ୍ଷଣ ଲାଭ ହେଉଅଛି । ସନ ୧୮୭୫ । ୭୬ ରେ ସର୍ବସୁଦ୍ଧା ୯୮୧୮୩ ଖଣ୍ଡ ଦସ୍ତାବିଜ ରେଜିଷ୍ଟ୍ରୀ ହୋଇଥିଲା ଓ ସେହି ବର୍ଷରୁ କ୍ରମଶଃ ବୃଦ୍ଧି ହୋଇ ଗତବର୍ଷ ଅର୍ଥାତ ସନ ୧୮୭୯ । ୮୦ ରେ ଦସ୍ତାବିଜର ସଂଖ୍ୟା ୭୦୯୧୦୯ ହେଲା । ଏହିପରି ସନ ୧୮୭୫ । ୭୬ ରେ ଆୟ ଭିତରୁ ବ୍ୟୟ ଯାଇ ପ୍ରାୟ ଏକ ଲକ୍ଷ ଟଙ୍କା ଲାଭ ହୋଇଥିଲା ଗତବର୍ଷ ଅର୍ଥାତ ସନ ୧୮୭୯ । ୮୦ ରେ ଟ୪୧୩୦୯୫୮ ଙ୍କା ଲାଭ ହେଲା ଯଥା ଆୟ ଟ ୯୧୧୦୫୭୮ ଙ୍କା ବ୍ୟୟ ଟ୪୯୭୯୬୨୦ ଙ୍କା । ଅମ୍ଭେମାନେ ଅନୁମାନ କରୁଁ କି ରେଜିଷ୍ଟ୍ରୀ ମହକୁମାର ଲାଭକୁ ରାଜସ୍ୱ ସ୍ୱରୂପ ଗ୍ରହଣ କରିବା ଗବର୍ଣ୍ଣମେଣ୍ଟଙ୍କର ଉଚିତ ନୁହଇ ରେଜିଷ୍ଟ୍ରୀ ଫିସ୍ ଊଣା କରିଦେଲେ ଲୋକଙ୍କର ରେଜିଷ୍ଟ୍ରୀ ପ୍ରତି ଆହୁରି ଅଧିକ ପ୍ରବୃତ୍ତି ବଢିବ ଏବଂ ତଦ୍ଦ୍ୱାରା ରେଜିଷ୍ଟ୍ରୀ ନିୟମ କରିବାର ଅଧିକ ସାର୍ଥକତା ହେବ । ଏବେ ପଟ୍ଟା କବୁଲିୟତ ରେଜିଷ୍ଟ୍ରୀ କାର୍ଯ୍ୟ ଅଧିକ ହୋଇଅଛି ଅର୍ଥାତ ଗତବର୍ଷ ଖ ୬୪୯୫୭୪ ଖଣ୍ଡ ରେଜିଷ୍ଟ୍ରୀ ହୋଇଥିଲା । ଏଥିମଧ୍ୟରେ କେବଳ ଚିରସ୍ଥାୟୀ ପଟ୍ଟା ଅଟେ ଏବଂ ଅନ୍ୟାନ୍ୟ ପ୍ରକାର ପଟ୍ଟା ଅବଶିଷ୍ଟ ଅଟେ ଅଟଇ କିନ୍ତୁ ଏଥିମଧ୍ୟରେ ଗୋଟିଏ କୌତୁକଜନକ ବ୍ୟାପାର ଏହି ଯେ ପଟ୍ଟା କବୁଲିୟତ ସମାନ ସଂଖ୍ୟାରେ କୌଣସିଠାରେ ରେଜିଷ୍ଟ୍ରୀ ହୋଇ ନାହିଁ । ବେହାର ଓ ହିନ୍ଦୋସ୍ଥାନରେ କବୁଲିୟତଠାରୁ ପଟ୍ଟା ଅଧିକ ଏବଂ ବଙ୍ଗଳା ଏବଂ ଓଡିଶାରେ ପଟ୍ଟାଠାରୁ କବୁଲିୟତ ଅଧିକ ରେଜିଷ୍ଟ୍ରୀ ହୋଇଅଛି । ଓଡିଶାରେ କବୁଲିୟତଠାରୁ ପଟ୍ଟାର ଭାଗ ଏତେ ଊଣା ଯେ ପ୍ରତି ୭୬ କବୁଲିୟତରେ କେବଳ ଖ ୬୮ ଖଣ୍ଡ ପଟ୍ଟା ରେଜିଷ୍ଟ୍ରୀ ହୋଇଅଛି । ଏପରି କ୍ଷୁଦ୍ର ସମ୍ପତ୍ତିର ବନ୍ଧକନାମା ବୃଦ୍ଧି ହେବାର ଦେଖାଯାଏ । ଏ ଘଟଣାଟି ଭଲ ନୁହଇ ବନ୍ଧକ ଦେଇ ଟଙ୍କା ନେବାର ପ୍ରବୃତ୍ତି ଯେତେ ବଢିବ ସେତେ ଲୋକଙ୍କର ପରିମିତାଚାର ନଷ୍ଟ ହେବ । ବରଂ ଏକ କାଳରେ ବିକ୍ରୟ ଭଲ ବନ୍ଧକଦ୍ୱାରା ଅକାରଣ ସୁଧ ଦେଇ ସର୍ବନାଶ ଘଟାଇବାର ଭଲ ନୁହଇ ।

---

## ମୟୂରଭଞ୍ଜର ଶାସନପ୍ରଣାଳୀ ।

ଏ ବିଷୟରେ ଅମ୍ଭେମାନେ ପୂର୍ବେ ଯାହା ଲେଖିଥିଲୁଁ ତହିଁର ଉତ୍ତରରେ ଗତ ମୟୂରଭଞ୍ଜ ପତ୍ରିକାରେ ଏକ ଦୀର୍ଘପତ୍ର ପ୍ରକାଶିତ ହୋଇଅଛି । ପତ୍ରଲେଖକ ଶ୍ରୀ ଦାମୋଦର ପଟ୍ଟନାୟକ ଅନୁମାନ କରୁଁ ମହାରାଜାଙ୍କ କଚେରିର କେହି କର୍ମଚାରୀ ହେବେ ତେଣୁ କଚେରୀ କଥା ତାହାଙ୍କୁ ଅଧିକ ଜଣାଥିବା ସମ୍ଭବ ସମ୍ପାଦକ ଭଲ କରି ନ ବୁଝି କେବଳ ଅଧିକ ନିଲାମ ଦେଖି ତମକି ଉଠିବାରୁ ସେ ଦୁଃଖିତ ହୋଇଅଛନ୍ତି । ସେ ବୋଲନ୍ତି କି ଅଧିକ ନିଲାମ ହେବାର ପ୍ରକୃତ କାରଣ ଏହି କି ମୟୂରଭଞ୍ଜ ରାଜ୍ୟର ଆୟତନ ୪୨୪୩ ବର୍ଗମାଇଲ ଲୋକସଂଖ୍ୟା ପ୍ରାୟ ଅଢ଼ଇଲକ୍ଷ ସବୁ କଚେରୀ ଏକସ୍ଥାନରେ ସୁତରାଂ ଦେଓ୍ୱାନୀ ହେନା ଓ ଫଉଜଦାରୀ ଜରିମାନା ନିମନ୍ତେ ଖାତକ ଓ ଆସାମିଙ୍କର ମାଲ ନାଓାରସୀ ଓ କାଞ୍ଜିହାଉସ ବାବତ ମାଲ ଏବଂ କଲେକ୍ଟରୀ ଏଲାକାରେ ବାକିଦାର ପ୍ରଜା ପ୍ରଧାନ ଓ ସରଦାରଙ୍କ ମାଲ ଏପରି ଅବକାରୀ ମହୁଦୟୀ ଫେରଫାଟ ତେଜାରତ ମାହାଲ ଇତ୍ୟାଦି ନିଲାମ ଯେ ପ୍ରତିଦିନ ଲାଗିଥିବ ଏଥିରେ ସନ୍ଦେହ କି ? ଅତଏବ ଅଧିକ ନିଲାମରୁ ପ୍ରଜାଙ୍କ ଉପରେ ଟାଣ ଜମା ବସିଥିବାର ଅନୁମାନ ଅସଙ୍ଗତ ଅଟଇ । ବାସ୍ତବରେ ନୂତନ ବନ୍ଦୋବସ୍ତରେ ବସିଥିବା ଜମା କୌଣସି ସ୍ଥାନରେ ମାଣପ୍ରତି ଟ ୬। ରୁ ଅଧିକ କମ୍ବା ସର୍ବ ମାରଦର ଟ୦ ୷/୧୦ ରୁ ଊଣା ନାହିଁ ।

ଉପରଲିଖିତ କୈଫିୟତଟି ପାଠ କଲା ମାତ୍ରକେ ବୋଧ ହେଉଅଛି ଯେ ଲେଖକ ରାଜ ସରକାରଙ୍କର ପକ୍ଷ ସମର୍ଥନ କରୁଅଛନ୍ତି କିନ୍ତୁ ଖଜଣା ସମ୍ପର୍କୀୟ ମୋକଦ୍ଦମାରେ ଏକ ପ୍ରକାର କାହିଁକି ପଧାନ ଓ ସରଦାରମାନଙ୍କର ମାଲ ମଧ୍ୟ ନିଲାମ ହେବାର ସ୍ୱୀକାର କରୁଅଛନ୍ତି ଏବଂ ଏକ୨ ସ୍ଥାନର ପଧାନ ଓ ସରଦାର ଦୁଷ୍ଟଲୋକ ଥିବା ଏବଂ ପ୍ରଜାଙ୍କଠାରୁ ଖଜଣା ଅସୁଲ କରି ଆତ୍ମସାତ କରୁଥିବାର ମଧ୍ୟ କହିଅଛନ୍ତି, ତେବେ ବାର୍ଷିକ ମୋଟ ନିଲାମ ମଧ୍ୟରେ ରାଜସ୍ୱସମ୍ପର୍କୀୟ ନିଲାମ କେତେ ଏହା କହି ଦେବାର ଉଚିତ ଥିଲା ତାହା ହେଲେ ତାହାଙ୍କ କଥାରେ କିଛି ମାତ୍ର ସନ୍ଦେହ ରହନ୍ତା ନାହିଁ । ସେରୂପ ନ ହେବାରୁ ଅମ୍ଭେମାନେ ପୂର୍ବ ଅନୁମାନକୁ ସମ୍ପୂର୍ଣ୍ଣରୂପେ ତ୍ୟାଗ କରି ପାରୁ ନାହୁଁ । ଅମ୍ଭେମାନେ ଅନେକ ଗଡଜାତର କଥା ଜାଣୁ । ପଧାନ ବା ସରବରାହକାର ପାଇବା ସକାଶେ ଗଡ଼ଜାତ ଲୋକେ ଏପରି ବ୍ୟସ୍ତ ଯେ ତହିଁପାଇଁ ଅନେକ ଟଙ୍କା ବ୍ୟୟ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ ଏବଂ ଏହି ସୂତ୍ରରେ କେତେ ରାଜା ଅନ୍ୟାୟରୂପେ ଅନେକ ଟଙ୍କା ରୋଜଗାର କରିବାର ଦେଖା ଯାଏ । ଖଜଣା ବାକି ପଡଲେ ପଧାନ ବା ସରବରାହକାର ଆପଣା ପଦରୁ ବହିଷ୍କୃତ ହେବ ଏବଂ ଅନ୍ୟ ଲୋକ ସେ ପଦରେ ନିଯୁକ୍ତ ହେବ ଏହି ଗଡଜାତର ନିୟମ ଏବଂ ଏ ପଦ ପାଇବାକୁ ଲୋକଙ୍କର ଏମନ୍ତ ଆଗ୍ରହ ଯେ ବାକିଦାରର ଟଙ୍କା ଉପରେ ରାଜାଙ୍କୁ ସଲାମୀ ଦେଇ ସେ ପଦ ଲାଭ କରନ୍ତି । ପ୍ରଜାମାନଙ୍କ ମଧ୍ୟରେ ମଧ୍ୟ ଏହି ପଣ ଦେଖାଯାଏ ଏକ ପ୍ରଜା ଅନ୍ୟ ପ୍ରଜାର ବାକି ଦେଇ ତାହାର ଜମି ନେବାକୁ ସର୍ବଦା ପ୍ରସ୍ତୁତ । ମୟୂରଭଞ୍ଜର ପ୍ରଜା ପଧାନ ପ୍ରଭୃତିଙ୍କର ଉଦ୍ଭବ ହେବାର କାରଣ କି ? ଖଜଣା କରଜ ଅଥବା ଖଜଣାସମ୍ପର୍କୀୟ କାର୍ଯ୍ୟପ୍ରଣାଳୀ ଯେବେ କଠିନ ନୁହେ ତେବେ ପ୍ରଜାଙ୍କର ଜମିପ୍ରତି କମ୍ବା ପଧାନ ପ୍ରଭୃତିଙ୍କର ଆପଣା୨ ପଦପ୍ରତି ଆସ୍ଥା କିଆଁ ନାହିଁ କାହିଁକି ? ଏମନ୍ତ ହୋଇ ପାରେ ଯେ ଏଠାରେ ବାକିଦାର ହେଲେ ମଧ୍ୟ ପ୍ରଜା ବା ପଧାନ ଇତ୍ୟାଦିଙ୍କୁ ଆପଣା ସ୍ୱତ୍ୱରୁ ନୈରାଶ୍ୟ କରିବାର ବିଧି ନାହି ସୁତରାଂ ସେମାନଙ୍କ ମାଲ ନିଲାମ କରିବା ଭିନ୍ନ ରାଜସ୍ୱ ଆଦାୟର ଉପାୟ ନାହିଁ । କିନ୍ତୁ ଅମ୍ଭମାନଙ୍କ ବିବେଚନାରେ ଏ ନିୟମ ଭଲ ନୁହଇ କାରଣ ଏଥିରେ ଦୁଷ୍ଟଲୋକମାନେ ଅସ୍ତ୍ର ହେବାର ଉପାୟ ନାହିଁ ଓ ମହାରାଜାଙ୍କର ସମୟ୨ରେ ଅଧିକ କ୍ଷତି ହେବାର ସମ୍ଭାବନା ଏହାକୁ ଶୀଘ୍ର ଉଠାଇ ଦେଇ ବର୍ତ୍ତମାନ ମୋଗଲବନ୍ଦୀ ପ୍ରଜା ଓ ଜମିଦାରଙ୍କ ପକ୍ଷରେ ଯେ ସମସ୍ତ ବିଧି ଅଛି ସେମାନ ଯଥାସମ୍ଭବ ମହାରାଜା ଆପଣା ରାଜ୍ୟରେ ପ୍ରଚଳିତ କଲେ ଏତେ ନାଲିଶ ବା ନିଲାମର ପ୍ରୟୋଜନ ହେବ ନାହିଁ ଏବଂ ପ୍ରଜାଙ୍କର ସୁଖସ୍ୱଚ୍ଛନ୍ଦତା ବୃଦ୍ଧି ହେବ ।

---

# ସାପ୍ତାହିକ ସଂବାଦ ।

ରଣ୍ଡବଦ୍ରୋହ ଅପୋ ଲେପ ପାଇସ । ବର୍ତ୍ତମାନ ତହିଁର କୌଣସି ତତ୍ତ୍ୱ ନାହିଁ ।

ଆମେରିକାବାସିମାନେ ଅଲୌକିକ କାର୍ଯ୍ୟମାନ ଦେଖାଉଅଛନ୍ତି । ସମ୍ପ୍ରତି ଫିଲାଡେଲଫିଆ ନଗରର ଏକ ରେଲ ବାଟରେ କୋଟିଏ ନୂତନ କଳଦ୍ୱାରା ୧ ରେଲ ଘଣ୍ଟେ ୯୦

Digitized by srujanika@gmail.com

Split by PDF Splitter



ମାଇଲ ବାଟ ଘ ୧ ଣ୍ଟା ମଧ୍ୟରେ ଗମନ ହୋଇ ଥିଲା। ଏତେ ଦ୍ରୁତବେଗରେ ରେଲଶକଟ ଚାଲିବାର ଆଉ କେବେ ଦେଖା ଯାଇ ନାହିଁ।

ତମ୍ବକଦର ଏକ ସଂବାଦପତ୍ରରେ ଲେଖା ଅଛି ଗତ ଇପ୍ରେଲମାସ ତା ୫ ରିଖରେ ସମରକନ୍ଦ ନଗରରେ ଭୟାନକ ଭୂମିକମ୍ପ ହୋଇ ଥିଲା। ପ୍ରାତଃକାଳ ପାଞ୍ଚଘଣ୍ଟା ସମୟରେ ଅକସ୍ମାତ ମାଟିତଳରୁ ଘୋରଗର୍ଜନ ଶୁଣି ଲୋକମାନେ ଚମକି ଉଠିଲେ। ଗର୍ଜନଟା ଚାରି ପଞ୍ଚମିନିଟ ଯାଏ ରହିଲା ତହିଁ ଉତ୍ତାରୁ ଅତ୍ୟନ୍ତ ବଳରେ ପୃଥିବୀ ଦୋହୋଲିଉଠିଲା। ଉତ୍ତର ଦକ୍ଷିଣକୁଗରେ ଏହାର ଗତି ହୋଇଥିଲା ଓ ଏଥିର ବଳରେ ବଡ଼ ବଡ଼ ଅଟ୍ଟାଳିକାମାନ ଧରାଶାୟୀ ହେଲା। ବଦଖାନମ ନାମକ ଉତ୍କୃଷ୍ଟ ମଦ୍ରସାର ଏକ ପାର୍ଶ୍ୱ ଭାଙ୍ଗିଯାଇ ତହିଁର ମାଲମସଲାରେ ଅର୍ଦ୍ଧେ ବଜାର ପୋତିପଡିଲା। ଏତକ ଭଲହେଲା ଯେ ସକାଳବେଳେ ଏ ଦୁର୍ଘଟନା ହେବାରୁ ଛାତ୍ରବାସିଙ୍କ ମଧ୍ୟରୁ କେହି ମରିପଡି ନାହାନ୍ତି। ବଦଖାନମ ମଦ୍ରସାକୁ ତୈମୂରଲେନ ପାଦଶା ନିର୍ମାଣ କରାଇ ଥିଲେ।

କାବୁଲର ନୂତନ ଅମିର ଅବଦୁର ରହମାନଙ୍କ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗୋ ୪୦ ଟା ତୋପ ଉପଢୌକନ ଦେଇ ଅଛନ୍ତି ତହିଁ ମଧ୍ୟରେ ଗୋ ୨୨ ଟା ପଦାତିସ୍ଥ ତୋପ ଅଛି। ଏହି ପଦାତିସ୍ଥ ତୋପ ସବୁ କାବୁଲ ଯୁଦ୍ଧରେ ଗାଜିକାର୍ଯ୍ୟରେ ଅସିଥିଲା। ଏଥିରୁ ଡେଇଲନ୍ୟୁସ ବୋଲନ୍ତି କ ଗୋ ୪୦ ଟା ମଧ୍ୟରେ ଗୋ ୨୨ ଟା ଏହିପରି ତୋପ ଦାନ କରିବା ଘୋର ସାହସୀକାର୍ଯ୍ୟ ଅଟଇ।

ଅମେରିକାର ଯେ ସମସ୍ତ ଖଣ୍ଡରେ କପାଚାଷ ହୁଅଇ ସେଠା ଲୋକମାନେ କପମଞ୍ଜିକୁ ଅତି ଯତ୍ନରେ ରଖି ତହିଁରୁ ତେଲ ବାହାର କରନ୍ତି। ପ୍ରତ୍ୟେକ ଟନ ଅର୍ଥାତ ମ ୨୭ ଚଣ ମଞ୍ଜିରୁ ୩୫ ଗାଲନ ଅର୍ଥାତ ମ ୨୪ ଚଣ ତେଲ ବାହାର ହୁଏ ଏବ ୭୫୦ ପାଉଣ୍ଡ ଉତ୍ତମପିଡିଆ ମିଳଇ। ଏ ପିଡିଆ ପଶୁଙ୍କର ଉତ୍ତମଖାଦ୍ୟ ଅଟଇ।

ମାନ୍ଦ୍ରାଜରେ ଜଣେ ଇଂରାଜ କୃଷକ ଏକ କୁଲିକୁ ମାରୁ ମାରୁ ପ୍ରାଣରେ ବଧକରି ପକାଇବାରୁ ଦୌରା ସୁପୋର୍ଦ୍ଦ ହୋଇଅଛି ହାଇକୋର୍ଟରେ ତାହାର ବିଚାର ହେବ। ଡାକ୍ତର ପରୀକ୍ଷାକରି ଦେଖି ଅଛନ୍ତି କି ଅତ୍ୟନ୍ତ ଅଧିକ ଅଘାତଦ୍ୱାରା ତାହାର ମୃତ୍ୟୁ ହୋଇଅଛି। ଉକ୍ତ କୁଲିର ପ୍ଲିହ ନ ଥିଲା।

୧। ସୁଲଭସମାଚାରରୁ ଅବଗତ ହେଲୁଁ ଅସ୍ମାନଙ୍କ ମୁଙ୍ଗେରର ସମ୍ବାଦଦାତା କହନ୍ତି ଯେ ସେଠାର ପାରହେବା ଘାଟର ପାରକରିବାଳଙ୍କର ଭାରି ଅତ୍ୟାଚାର। ସମ୍ପ୍ରତି ଅରପାରି ଘାଟଠାରୁ ନଦୀ ଡଙ୍ଗା ନୌକାରେ ପାର କରିବାରୁ ହଠାତ ଦିନେ ଗଙ୍ଗା ମଝିରେ ତାହା ବୁଡି ଗଲା ସେଥିରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ ସମସ୍ତେ ଜଳମଗ୍ନ ହେଲେ କେବଳ ଜଣେ ଭଦ୍ର ବଙ୍ଗାଳୀ ଈଶ୍ୱରଙ୍କ କୃପାରେ ବଞ୍ଚି ଯାଇଛନ୍ତି ସେହି ଘାଟବାଳ ବିଷୟରେ ଅନେକ କଥା ଶୁଣା ଯାଏ, ମନୁଷ୍ୟମାନଙ୍କ ନିକଟରୁ ଅନେକ ପଇସା ନିଏ। ଅସ୍ମାନଙ୍କର ଅନୁରୋଧ ଏହି ଯେ ମୁଙ୍ଗେରର ମାଜିଷ୍ଟ୍ରେଟ ଏ ବିଷୟର ତଦନ୍ତ କରିବେ।

୨। ଫରାସିଦେଶର କେତେଗୁଡିଏ ଲୋକ ସେଠାରୁ ଇଂଲଣ୍ଡକୁ ଯିବାପାଇଁ ସମୁଦ୍ରର ତଳେ ସୁଡ଼ଙ୍ଗ ପ୍ରସ୍ତୁତ କରିବାର ଚେଷ୍ଟା କରୁ ଅଛନ୍ତି।

୩। ଓରେଞ୍ଜ ବର୍ଷରେ ଗୋଟିଏ ହିନ୍ଦୁ ଦେବତାର ପ୍ରତିମୂର୍ତ୍ତି ବାହାର ହୋଇଅଛି। ତାହାର ଗୁରୁହାତ, ଓ ତେତିଶଟି ଶ୍ଳୋକ ସଦୃଶ। ଏରୂପ ଅନୁମାନ ହୁଏ ମୋଗଲମାନେ ଭାରତବର୍ଷକୁ ଆକ୍ରମଣ କରି ଏକ ସମୟରେ ସେହି ମୂର୍ତ୍ତି ସେଠାକୁ ନେଇ ଯାଇଥିଲେ।

୪। ବଲତର ସିହାର ପ୍ରଦେଶରେ କୋଇଲା ଖଣିରେ ଭୟାନକ ଅଗ୍ନି ଲାଗିବାରୁ ପ୍ରାୟ ୧୦୦ ଶ ମନୁଷ୍ୟ ମରିଯାଇ ଅଛନ୍ତି।

୫। କେତେକ ସପ୍ତାହ ହେଲା ହାବଡ ଜେଲରୁ ତିନଜଣ କଏଦୀ ସିନ୍ଦୀକରି ପଳାୟନ କରି ଅଛନ୍ତି। ସେମାନେ ପ୍ରାୟ ସେହି ରାତ୍ରୀରେ କୌଣସି ଗୃହସ୍ଥର ଗୃହରେ ପୁଣି ସିନ୍ଦୀକରି ଚୋରି କଲେ। ଇନ୍‌ସ୍ପେକ୍ଟର କାଳୀବାବୁଙ୍କ ଯତ୍ନରେ ଦୁଇଜଣ ଧରାପଡି ଅଛନ୍ତି, ସେମାନଙ୍କର ୧୨ ବର୍ଷ ଲେଖାଁଏ ମିଆଦ ହୋଇଅଛି।

୬। ଢାକାର ଗୋଣ୍ଡ୍ରମିଟ ସାହେବ ଡାକ୍ତର ଟ୍ୟାନର ସାହେବଙ୍କୁ ଚରଇ ଦେଇ ଅଛନ୍ତି। ସେ ଉତ୍ତମ ଗାୟକ ଅଟନ୍ତି ଏବ ଖୁବ ପହିଁରି ପାରନ୍ତି ଅମିଷ ଖାନ୍ତି ନାହିଁ ସେହି ସାହେବ କ୍ରମାଗତ ଦ ୨୫ ନ ଜଳସୁଦ୍ଧା ନ ଖାଇ ଉପବାସରେ ରହି ପାରନ୍ତି। ଏ ସବୁ ହଠଯୋଗର କାର୍ଯ୍ୟ।

୭। ଆମେରିକାର ଷୋଲସାହେବ ଏକ ଅଦ୍ଭୁତ କଳ ତୟାର କରିଅଛନ୍ତି। ପାଣିଉପରେ ଗମନାଗମନ ଚାଲିଯିବାର ଏକ କଳ ତୟାର ହୋଇଅଛି। ଜାହାର ଏକପ୍ରକାର ସୁତାମଧ୍ୟରେ ପବନ ଓ ପାଣି ଭରତି କଲେ ତାହା ଚଢ଼ିଯାଏ ମନୁଷ୍ୟ ବୁଡ଼ନ୍ତି ନାହିଁ। ସେହି ସୁତା ଖ ୨ ଣ୍ଡ ୫ ଫୁଟ ଲମ୍ବା ୧୦ ଇଞ୍ଚ ଚୌଡ଼ା ଓ ପାଞ୍ଚଇଞ୍ଚ ଗଭୀର।

୮। ସମ୍ରାଟ ବ୍ରହ୍ମରାଜ ଥିବା ତାହାଙ୍କର ମନ୍ତ୍ରିମାନଙ୍କୁ ପ୍ରଶ୍ନ କରିଥିଲେ ଯେ, ସାଧୁଲୋକଠାରୁ ଅସାଧୁ ମନୁଷ୍ୟକୁ କି ବାହ୍ୟ ବୈଲକ୍ଷଣ୍ୟଦ୍ୱାରା ଚହ୍ନାଯାଇ ପାରେ? ମନ୍ତ୍ରିମାନେ ଉତ୍ତରକଲେ ଅସାଧୁମାନଙ୍କରତ ଶୃଙ୍ଗାଦ ନାହିଁ ଯେ ତାହା ଦେଖି ସାଧୁମାନଙ୍କଠାରୁ ପୃଥକ୍ ବୋଲି ଜଣାଯିବ। ରାଜା ଆଜ୍ଞା କଲେ ଅତଃପର ଅସାଧୁମାନଙ୍କୁ ଚହ୍ନିତ କରିବାର ଉଚିତ। ତଦନୁସାରେ ସମ୍ପ୍ରତି ଦୁଇଜଣ ଚୋରଙ୍କୁ ସଜା ଦେଇ ସେମାନଙ୍କ କପାଳରେ ଶୃଙ୍ଗ ଅଙ୍କିତ କରି ଛାଡ ଦିଆ ଯାଇଅଛି।

୯। କିଏ କହେ ବଙ୍ଗାଳୀ ଲଢାଇ କରିବାକୁ ଭୟ କରନ୍ତି? ବେଲୁଚିସ୍ଥାନର ରେଲଓଏ କର୍ମଚାରୀ ବାବୁ କୃଷ୍ଣଚନ୍ଦ୍ରବସୁ, ଅସଭ୍ୟ ପାହାଡୀଲୋକମାନେ ହଠାତ ଅଫିସରେ ଅସି ପଡ଼ିବାରୁ ସେମାନଙ୍କ ସଙ୍ଗରେ ଲଢ଼ାଇ କରିଥିଲେ ସେ ଓ ତାହାଙ୍କରଭାଇ ଶତ୍ରୁମାନଙ୍କର ଆକ୍ରମଣ ଦେଖି କିଛିମାତ୍ର ଭୟ ନ ପାଇଲେ ଓ ପଳାୟନ ମଧ୍ୟ ନ କଲେ। ଖୁବ ସାହାସ ଓ ବିକ୍ରମରସହିତ ସେମାନଙ୍କୁ ତଡି ଦେବାକୁ ଚେଷ୍ଟା କରିଥିଲେ କିନ୍ତୁ ଶତ୍ରୁଦଳ ପ୍ରବଳ ବୋଲି ଶେଷରେ ସେମାନଙ୍କ ହାତରେ ହଣାଗଲେ। ଏ ମାନେ ବହୁତ ଦିନରୁ ଉତ୍ତର ପଶ୍ଚିମାଞ୍ଚଳବାସୀ ହେବାର ହେତୁ ହିନ୍ଦୁସ୍ଥାନିମାନଙ୍କ ନିକଟରେ ଥିଲେ ସାହାସ ବଢ଼େ।

୧୦। ଲୁଣ୍ଡି ଓ କୋହାଟରେ ଇଂରାଜମାନଙ୍କ ଛାଉଣିରେ ପାଞ୍ଚଲକ୍ଷ ଟଙ୍କା ପ୍ରାପ୍ତ ହୋଇଅଛି। ତାହା ପ୍ରାୟ କାବୁଲୀ ସୈନ୍ୟମାନଙ୍କୁ ବିତରଣ କରା ଯାଇଅଛି ବାସ୍ତବିକ ଅଫଗାନ ଯୁଦ୍ଧରେ ଇଂରାଜମାନେ ମୁକ୍ତହସ୍ତ ହୋଇ ଟଙ୍କା ଖରଚ କରିଅଛନ୍ତି।

୧୧। ଏହାକୁହିଁ କହନ୍ତି ରାଜଭକ୍ତି। ଜୟପୁରର ସମୁଦାୟ ହିନ୍ଦୁ, ରାଜାଙ୍କ ମୃତ୍ୟୁରେ ଶୋକାର୍ତ୍ତ ହୋଇ ଦାଢି ମୋଛ ପକାଇ ଶୋକଚିହ୍ନ ଧାରଣ କରିଥିଲେ। ଶୁଣିଲୁଁ ବ୍ୟବସାୟ ଉପଲକ୍ଷରେ କଲିକତାରେ ଯେଉଁ ସବୁ ମାରୁଆଡିମାନେ ବାସ କରନ୍ତି ସେମାନେ ମଧ୍ୟ କ୍ଷୌର କରିଅଛନ୍ତି। ବାସ୍ତବିକ ଜୟପୁରର ରାଜା ସର୍ବସାଧାରଣଙ୍କର ପ୍ରିୟ ଥିଲେ।

## ପ୍ରେରିତ ପତ୍ର।

ଶ୍ରୀମଦୁତ୍କଳଦୀପିକା ଅଡିଟର ମାନ୍ୟବରେଷୁ

ମହାଶୟ!

ଆପଣଙ୍କ ଜଗଦ୍‌ବ୍ୟାପକ ପତ୍ରରହର ଏକ ପାର୍ଶ୍ୱରେ ଏତନ୍ନିମ୍ନଲିଖିତ ବାକ୍ୟାବଳୀ ପାଠକଙ୍କ ସନ୍ତୋଷଜନକ ଓ ଆଶ୍ଚର୍ଯ୍ୟ ନିମିତ୍ତ ସ୍ଥାନଦାନ କରିବେ।

କଲିକତା ମେଲ ପତ୍ରିକାରୁ ଅବଗତ ହେଲୁଁ କିମିତ।—

ଉକ୍ତ ନଗରରେ ଅନାଜ ଅଶିଏବରଷ ବ୍ରାହ୍ମଣ ଜଣେ କହିଲେ କି 'ଆମ୍ଭେ କାଲି ମରିବୁଁ ଆମ୍ଭ ଦେହକୁ ୬ ମାସ ପର୍ଯ୍ୟନ୍ତ ଦାହ କିମ୍ବା ଭୂପତନ ନ କରି, ଏକ ପଲ୍ୟଙ୍କ ଉପରେ ରଖିଥିବ ବୋଲି' କହି ପ୍ରାଣତ୍ୟାଗ କଲେ, ଉକ୍ତ ବ୍ୟକ୍ତି ପଞ୍ଚତ୍ୱକୁ ଲଭିଲେ କି ନାହିଁ ଜାଣିବାନିମିତ୍ତ ତାଙ୍କ ପୁତ୍ର ଦାୟାଦମାନେ ନେଟିବଡାକ୍ତର ଓ ଅଙ୍ଗ୍ଲେୟ ଡାକ୍ତରମାନଙ୍କୁ ଡକାଇ ନାଡି ପରୀକ୍ଷା କରାଇବାରେ ସେମାନେ ଏ ବ୍ୟକ୍ତିର କଳେବର ଓ ଚେଷ୍ଟା ଦେଖିବାରେ ପଞ୍ଚତ୍ୱକୁ ପ୍ରାପ୍ତ ହୋଇଥିବାପ୍ରାୟେ ସର୍ବରୂପରେ ଜଣାଯାଉଅଛି ନାଡିକା ଉତ୍ତମରୂପେ ଚଳନ ହେଉଅଛି ଜାଣି ନ ପାରି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲେ ସର୍ଜନ୍ ଟେମ୍ପଲସାହେବ ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ମଣି ଧମନିଠାରେ କାଠ ନାଡିପରୀକ୍ଷା କରିବାରେ ଅଶ୍ଚର୍ଯ୍ୟ ଶବ୍ଦ ଓ ଆଶ୍ଚର୍ଯ୍ୟ ତେଜ ଦେଖିବାରୁ କଣ୍ଠ ହେବା ନାଡିରେ ଦୂରବୀକ୍ଷଣ ଯନ୍ତ୍ର ସଂଯୋଗ କରି ଦେଖିବାରୁ ନାଡିଦ୍ୱାରରେ ଏକ ବୈଷ୍ଣବ ପଦ୍ମାସନ ହୋଇ ହସ୍ତଦ୍ୱୟ ସ୍ୱସ୍ତିକାରୋପଣ କରି ମସ୍ତକ ଚାଳନ କରି ବହିଅଛନ୍ତି ଆଉରି ଏକଯନ୍ତ୍ର ତାଙ୍କ ସମ୍ମୁଖରେ ଅର୍ଥାତ କଣ୍ଠହେବା ନାଡିଦ୍ୱାରରେ ଆରୋପଣ କରି ଟେମ୍ପଲସାହେବ ମହାଶୟ କର୍ଣ୍ଣପାଖରେ ଦେଇ ଶୁଣିବାରେ ହରି୨ ବୋଲି ନାଡିଦ୍ୱାରରେ ବସିବା ବୈଷ୍ଣବ ଉଚ୍ଚାରଣ କରୁଛନ୍ତି ତାହା ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ମଣି କଣ୍ଠ ହେବା ସ୍ଥାନ ସିଲଦେଇଁ ସେଥିରେ ଔଷଧ ଦେଇ ଯାଇଅଛନ୍ତି ସମସ୍ତ ହିନ୍ଦୁମାନେ ଏ ବ୍ୟକ୍ତି ଯୋଗାଭ୍ୟାସ କରି ପ୍ରାଣ ପବନ ଓ ମନ ସମାଧି କରିଅଛନ୍ତି ବୋଲି କହୁଅଛନ୍ତି ସେ ମୃତକଳେବରକୁ ଅଦ୍ୟାବଧି ପଲ୍ୟଙ୍କ ଉପରେ ରଖିଅଛନ୍ତି ଆଜି ପର୍ଯ୍ୟନ୍ତ କଳେବର ପୋଡକାଦି କିମ୍ବା ମକ୍ଷିକାଦି ଗ୍ରସ୍ତ ହୋଇ ନାହିଁ ଅହୋ! ଈଶ୍ୱରଙ୍କ ଅନୁଗ୍ରହ

Digitized by srujanika@gmail.com

Split by PDF Splitter



ଓ ଯୋଗସମ୍ପ୍ରଦାୟର ଆଶ୍ଚର୍ଯ୍ୟ କହିବାକୁ ଅଶକ୍ୟ ।

୮-୯-୮୦ ଶ୍ରୀ ନାରାୟଣ ବଡ଼ଜେନା ସାମନ୍ତ ।

---

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ ।

ଇରମନବାସୀ ଶ୍ରୀଯୁକ୍ତ ବାବୁ ମଥୁରାମୋହନ ପାଢ଼ୀ ଓ ଶ୍ରୀଯୁକ୍ତ ବାବୁ ବ୍ରଜବଲ୍ଲଭ ପାଢ଼ୀ ମହୋଦୟଦ୍ୱୟ ମାସିକ ଟ ୩୦୯ ସାହାଯ୍ୟ ଦେଇ ଆଜକୁ ପ୍ରାୟ ବ ୪ ର୍ଷ ହେବ ଗୋଟିଏ ମଧ୍ୟମଶ୍ରେଣୀ ଇଂରାଜୀବିଦ୍ୟାଳୟ ସ୍ଥାପନ କରାଇ ସେଥିରେ ଉତ୍ତମ୨ ଶିକ୍ଷକ ନିଯୁକ୍ତ କରିଅଛନ୍ତି ସ୍କୁଲ ଫିସ ମଧ୍ୟ ବାଳକମାନଙ୍କୁ ଲାଗେ ନାହିଁ । ଏଥି ପୂର୍ବ୍ବେ ଏ ସ୍କୁଲଟି ମଧ୍ୟମଶ୍ରେଣୀ ଭିନ୍ନ ଥିଲା । ବଡ଼ ଦୁଃଖର ବିଷୟ ଏହି ଯେ ଏଥିରେ ଛାତ୍ରର ଅଭାବ । ଉକ୍ତ ଅଭାବ ମୋଚନ ନିମନ୍ତେ କିଛି ଦିନ ହେଲା ସେମାନେ ଗୋଟିଏ ଛାତ୍ରାବାସ କରାଇ ସେଥିରେ ଜଣେ ଉତ୍ତମ ବ୍ରାହ୍ମଣ ପାଚକ ଓ ଜଣେ ଭୃତ୍ୟ ଓ ଶିକ୍ଷକମାନଙ୍କ ମଧ୍ୟରୁ ଏକ ଜଣକୁ ଘରେ ଶିକ୍ଷା ଦେବା ସକାଶ ନିଯୁକ୍ତ କରିଅଛନ୍ତି, ତଥାଚ ଉକ୍ତ ଅଭାବ ଦୂର ହେଲା ନାହିଁ । ଅପ ତତଃ ଶ୍ରୀଯୁକ୍ତ ଡେପୁଟୀ ଇନ୍‌ସ୍ପେକ୍ଟର ମହାଶୟଙ୍କୁ ଅନୁରୋଧ କରିଅଛନ୍ତି ଯେ ଗବର୍ଣ୍ଣମେଣ୍ଟରୁ ଆଉ କିଛି ଗ୍ରାଣ୍ଟ ମିଳିଲେ ସେମାନେ ମଧ୍ୟ ଆଉ କିଛି ଦେଇ ଗୋଟିକେତେ ଛାତ୍ରବୃତ୍ତି ନିରୂପଣ କରିବେ । ଗବର୍ଣ୍ଣମେଣ୍ଟରୁ ଯଦି ଆଉ କିଛି ସାହାଯ୍ୟ ମିଳେ ତାହା ହେଲେ ବୋଧ ହୁଏ ବାବୁମାନେ କୃତକାର୍ଯ୍ୟ ହୋଇ ପାରିବେ ଓ ଛାତ୍ରସଂଖ୍ୟା ମଧ୍ୟ ବୃଦ୍ଧି ହୋଇ ପାରିବ ଏତେ ଉଦ୍‌ଯୋଗରେ ଯେଉଁ ଓଡିଶାର ଲୋକମାନଙ୍କର ବିଦ୍ୟାଶିକ୍ଷା ପ୍ରତି ନିଦ୍ରାଭଙ୍ଗ ହେଉ ନାହିଁ, ତାହା କପାଳରେ କି ଅଛି ବୋଲି ଯାଇ ନ ପାରେ । ଅଦ୍ୟାବଧି ଜଣେ ମଧ୍ୟ ବି, ଏଲ, ହୋଇ ପାରିଲା ନାହିଁ । ଯାହା ହେଉ ଉକ୍ତ ବାବୁମାନଙ୍କପରି ସମସ୍ତ ଧନୀଲୋକେ ଉଦ୍‌ଯୋଗ କଲେ ଅବଶ୍ୟ ଫଳ ଲାଭ ହୋଇ ପାରେ ।

ଆପଣଙ୍କ ବଶମ୍ବଦ
ପୂର୍ଣ୍ଣ ପରିଚିତ ।

ଆମ୍ଭେମାନେ ବୋଧ କରୁଁ କି ଯେଉଁଠାରେ ଛାତ୍ରଙ୍କର ଅଭାବ ସେଠାରେ ବିଦ୍ୟାଳୟ ରଖି ଏତେ ବ୍ୟୟ କରିବା ଅପେକ୍ଷା ସେହି ବ୍ୟୟରେ କୌଣସି ସ୍କୁଲ ବା କଲେଜର ସ୍ୱଂସଚ୍ଛଳ ଛାତ୍ରଙ୍କୁ ବୃତ୍ତି ଦିଆଗଲେ ସେମାନେ ଚ ଏ, ଏବଂ ତ, ଏଲ ପରୀକ୍ଷା ନିମିତ୍ତ ପ୍ରସ୍ତୁତ ହେବାକୁ ସକ୍ଷମ ହେବେ । କଟକ କଲେଜର ଅଭାବରେ ଅଧ୍ୟାପକ ନିଯୁକ୍ତ ହୋଇଅଛନ୍ତି ଏହି ଶ୍ରେଣୀରେ ପଢ଼ିବା କାରଣ ଛାତ୍ରଙ୍କ ଉତ୍ସାହ ଦେବା ସର୍ବ୍ବାଗ୍ରେ ଉଚିତ ଅଟଇ । ସମ୍ପାଦକ

---

ଶ୍ରୀଯୁତ ପରମମାନ୍ୟାସ୍ପଦ ଉତ୍କଳଦୀପିକା ସମ୍ପାଦକ ମହାଶୟେଷୁ ।

ସବିନୟ ନିବେଦନ ଏହି ଯେ ନିମ୍ନଲିଖିତ ବିଷୟସମୂହକୁ ବିବେଚନାଦ୍ୱାରା ଗ୍ରହଣପୂର୍ବ୍ବକ ଆପଣଙ୍କ ଦେଶହିତୈଷିଣୀ ପତ୍ରିକାରେ ସ୍ଥାନ ଦାନକରି ଚିରାନୁଗୃହୀତ କରିବା ହେବେ ।

ମହାଶୟ ! ବର୍ତ୍ତମାନରେ ନିବେଦନ ଏହି ଯେ ଆମ୍ଭ ଉତ୍କଳୀୟ ବ୍ରାହ୍ମଣାଦି ଜାତିମାନଙ୍କ ମଧ୍ୟରେ ଅନେକ ବ୍ୟକ୍ତି ବିଶେଷରୂପେ ଧର୍ମ୍ମ ଓ ମାନ୍ୟ ଏବଂ ଦାତୃତାଦି ସକଳ ଗୁଣରେ ପରିପୂରିତ ଏହିପରି ଅଭିମାନ କଲାଇ ଲୋକ ସାଧାରଣରେ ଦିଗ୍‌ଦିଗନ୍ତରରେ ପ୍ରକାଶିତ ହେବାପାଇଁ ଯତ୍ନ କରିବାରେ ଅଣୁମାତ୍ର ତ୍ରୁଟି କରନ୍ତି ନାହିଁ । କିନ୍ତୁ କାହାରି ଦ୍ୱାରେ ପ୍ରତିଦିନ ଜ ୫ ଣ କି ଜ ୭ ଣ ଅଭ୍ୟାଗତଙ୍କୁ ସଦାବର୍ତ୍ତ ଦିଆଯିବାର ଦେଖିବା ଅତ୍ୟନ୍ତ ବିରଳ । କେତେକ ଦିନ ହେଲା ମୁଁ କୌଣସି କାର୍ଯ୍ୟ ବିଷୟରେ ଖୋର୍ଦ୍ଧା ମୁକାମକୁ ଯାଇଥିଲି ଯେ ସେଠାରେ ଦେଖିଲି ଶ୍ରୀ ବାସୁଦେବନନ୍ଦ ନାମରେ ଜଣେ ସ୍ମାର୍ତ୍ତ ଉତ୍କଳୀୟ ବ୍ରାହ୍ମଣ ( ଅର୍ଥାତ ଯେଉଁ ବ୍ୟକ୍ତି ଉକ୍ତ ମୁକାମ କଚେରୀରେ ଅନେକ ଦିନ ହେଲା ମୁକ୍ତାର କର୍ମ କରି ଆସୁଅଛନ୍ତି, ଆଉ ମଧ୍ୟ ଯାହାଙ୍କର ପୁତ୍ର ଶ୍ରୀ ବାବୁ ଭଗବତନନ୍ଦ ମହାଶୟ ଯେ କି ଏହି କଲେଜର ଏଲ୍, ଏ, କ୍ଲାସରେ ପଢ଼ୁଥିଲେ ଏବଂ ବର୍ତ୍ତମାନରେ ଉକ୍ତ କଚେରୀର ସିରସ୍ତାଦାର ହୋଇ ଅଛନ୍ତି ) ଏବ୍ୟକ୍ତିର କିଛି ଜାତୀୟ ପୈତୃକ ସମ୍ପତ୍ତି ନ ଥିଲା, କେବଳ ଏ ନିଜେ ଆପଣା ଯୋଗ୍ୟତାଦ୍ୱାରା ଯାହାକିଛି ଉପାର୍ଜ୍ଜନ କରି ଅଛନ୍ତି ସେହି ସମ୍ପତ୍ତିରୁ ପ୍ରତିଦିନ ସକାଳଠାରୁ ଘ ୮ ଘଟାଠାରୁ ଘ ୧୦ ଘଟା ଯାଏ ଏବଂ ଉପରବେଳ ଘ ୪ ଘଟାଠାରୁ ୭ କି ୮ ଘଣ୍ଟା ପର୍ଯ୍ୟନ୍ତ ଯେତେ ଯାଚକ ଉପସ୍ଥିତ ହୁଅନ୍ତି ସେମାନଙ୍କ ଜଣ୨କରି ଖୋରାକକୁ ଗହମ ଚାଉଳ, ଡାଲି ବା ପରିବା ଯାହାଥାଏ, ଲୁଣ ଆଉ ଦୁଇ ପଇସା ବା ପଇସାଏ ଲେଖାଏ ବାଳକେ ଖର୍ଚ୍ଚ ଦେଇ ବିଦାୟ କରି ଦିଅନ୍ତି । ଏପରି ଅନ୍ୟ ସମୟରେ କେହି କିଛି ପ୍ରାର୍ଥନା କଲେ ଦୁଇ ପଇସା ବା ଚାରି ପଇସା ଦେଇ ବିଦାୟ କରି ଦିଅନ୍ତି । ଏପରି ମୁଁ ଦେଖି ସେହି ନିକଟବାସିମାନଙ୍କୁ ପଚାରିବାରେ ସେମାନେ କହିଲେକି ପ୍ରାୟ ନବାଙ୍କ ମନ୍ୱନ୍ତରଠାରୁ କ୍ରମରେ ଏହାଙ୍କର କିଛି ଦେବାର ଆରମ୍ଭ ହୋଇ ବର୍ତ୍ତମାନକୁ ଅନେକ ଦିନ ହେଲା ସଦାବର୍ତ୍ତ ହୋଇ ଉଠିଲାଣି । ଏପରି ମୁଁ ଦେଖି ସେହି ବ୍ୟକ୍ତିଙ୍କ ସାକ୍ଷାତରେ ବସି କଥୋପକଥନ ହେବାରେ ମୋହର ବିବେଚନାରେ ଦେଖି ପାରିଲି ଯେ ଉକ୍ତ ଦାନ ବିଷୟରେ କିଛିମାତ୍ର ବିରକ୍ତି କି ଅଭିମାନ ଦେଖାଗଲା ନାହିଁ । ଆଉ ମଧ୍ୟ ବିଶ୍ୱାସସୂତ୍ରେ ଶୁଣିଲି ଯେ ଏହି ଦାନ ବିଷୟରେ ପୁତ୍ର ଓ ଭାର୍ଯ୍ୟା କାହାରି ଅସନ୍ତୋଷ ନାହିଁ । ଅତଏବ ଏପରି ଦାନ ଯେ କେତେଦୂର କର୍ତ୍ତବ୍ୟ ତାହା ମହାଶୟ ବିବେଚନା କରି ପାଠକମାନଙ୍କୁ ଅନୁରୋଧ କରିବା ହେଉନ୍ତୁ କି ବୃଥା ସାଂସାରିକ କୁତର୍କରେ ଦୃଢବଦ୍ଧ ସୀ ନ ହୋଇ ସମ୍ପତ୍ତି ଉପାର୍ଜ୍ଜନର ଯଥାର୍ଥ ପ୍ରୟୋଗ କରି ଉଭୟ ଲୋକରେ ପ୍ରଶଂସିତ ହେଉନ୍ତୁ । ଇତି ।

। ନ । କେହି ଭ୍ରମଣକାରୀ ।

୮ । ୯ । ୮୦ ।

---

ବିଜ୍ଞାପନ ।

ଜିଲେ ମେଦିନିପୁରର ଶ୍ରୀଯୁତ ଜଜ ସାହେବଙ୍କ ଅଦାଲତରୁ ଯେହେତୁ ତଥ କଟକ ମୌଜେ ଜଗତା ନିବାସୀ ସନାତନ ସାମନ୍ତ ପୁତ୍ର ମଥୁରାପ୍ରସାଦ ମେଦିନିପୁରରେ ପର୍ଲୋକ ହୋଇ ମରଣର ପରେ ପତ୍ରକ ଏହାଙ୍କ ପ୍ରକାଶ କରି ଯାଉଅଛି କି ଯଦି କୌଣସି ବ୍ୟକ୍ତି ମୃତବ୍ୟକ୍ତିର ତ୍ୟାଗୀୟ ମାଲ ପ୍ରତି କିଛି ଦାବି ରଖିଥାଏ ତେବେ ତାହାର ଓୟାରିଶ ଓ ହକଦାର ଥିବ ତେବେ ସେ ବ୍ୟକ୍ତି ଏଇପତ୍ର ଜାରି ତାରିଖରୁ ମାସ୧୨ର ମିଆଦ ମଧ୍ୟରେ ଆପଣା ଦାବୀ ଦାଖଲ ମେଦିନିପୁରର ଶ୍ରୀଯୁତ ଜଜସାହେବଙ୍କ ଅଦାଲତରେ ଆସି କରି ପ୍ରମାଣ କରାଇବେ ଉକ୍ତ ମାଲ ତାକୁ ଦିଆଯିବା ପ୍ରତି ଯେପରି ହୁକୁମ ହେବ ଉକ୍ତ ମିଆଦ ମଧ୍ୟରେ ଦାବୀ ଅଭାବ ନ ହେଲେ ପଶ୍ଚାତ କାହାରି ଅପତ୍ତି-ଗ୍ରାହ୍ୟ ହେବ ନାହିଁ ତା ୨୪ ଇ ଜୁନ ୧୮୮୦ ମସିହା ।

By order of the Court
J. DOUGLAS BAYLY
*Chief Clerk.*

---

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରବେଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଡାକ୍ତରୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ କଲିକତା ବୋଟାନିକଲ୍ ଗାର୍ଡ଼େନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳି ପାରେ ଯଥା;—

ତାକମାସୁଲ ସହିତ ୪ ଅଉନ୍‌ସର ୫ଟଙ୍କା । ୮ଅଉନ୍‌ସର ୫୯୲୦ଟଙ୍କା । ୧୬ ଅଉନ୍‌ସରୁ ୨୦୲ । ମୂଲ୍ୟ ନଗଦ ।

---

☞ ଏହି ଉତ୍କଳଦୀପିକା ସହର କଟକ ଉତ୍କଳସାବଳାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୫ ଶ | ସଂଖ୍ୟା ୪୩ | ତା ୩୦ରିଖ ମାହେ ଅକ୍ଟୁବର ସନ ୧୮୮୦ ମସିହା । ମୂ । କାର୍ତ୍ତିକ ଦ ୧୭ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୨।
ମଫସଲପାଇଁ ଡାକମାସୁଲ ଟ ୧୲୰

ଏଠା କଲେଜର ନ ୧୧ ଣ ଛାତ୍ର ଏଲ୍ ଏ ପରୀକ୍ଷାର ପରୀକ୍ଷାର୍ଥୀ ହୋଇଅଛନ୍ତି । ପରୀକ୍ଷାର ଫଳ ଯାହା ହେଉ ଏତେ ଛାତ୍ର ପରୀକ୍ଷାର୍ଥୀ ହେବା ପ୍ରଶଂସନୀୟ । ମାତ୍ର ପ୍ରବେଶିକା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅତ୍ୟଳ୍ପ ଅର୍ଥାତ୍ ଦଶ ଜଣ ଅଟଇ । କଲେଜ ଏଟ୍ ସ୍କୁଲର ପ୍ରଥମ ଶ୍ରେଣୀରେ ପ୍ରାୟ ନ ୩୦ ଣ ଛାତ୍ର ଅଛନ୍ତି ସେଥିମଧ୍ୟରୁ ନ ୧୦ ଣ ଛାତ୍ର ପରୀକ୍ଷାର୍ଥୀ ହେବା ସନ୍ତୋଷଜନକ ନୁହେ । ଗତ ଦୁଇବର୍ଷ ମଧ୍ୟ ଏହିପ୍ରକାର ହୋଇଥିଲା । ସେ ଶ୍ରେଣୀରେ ଅନେକ ଛାତ୍ର ଥିବାରୁ କଣ ଶିକ୍ଷା ଭଲ ହେଉନାହିଁ ? ଅନେକ ଛାତ୍ର ସେ ଶ୍ରେଣୀରେ ଦୁଇ ତିନିବର୍ଷ ପଡ଼ିରହି ଶେଷ ପଳାନ୍ତି । ଏ ବିଷୟରେ ଆମ୍ଭେମାନେ ପୁନଃପୁନ ଲେଖିଅଛୁଁ ମାତ୍ର କିଛି ଫଳ ଦେଖୁନାହିଁ । କଲେଜର ପ୍ରିନ୍ସପଲ ମହୋଦୟ ଓ ହେଡ୍‌ମାଷ୍ଟର ଏ ବିଷୟରେ ମନୋଯୋଗୀ ହୋଇ କିଛି ସୁବ୍ୟବସ୍ଥା କରନ୍ତୁ । ଶୁଣାଯାଏ ଯେ ବାଲେଶ୍ୱର ସ୍କୁଲର ନ ୧୦ ଣ ଛାତ୍ର ପରୀକ୍ଷାର୍ଥୀ ହୋଇଅଛନ୍ତି । ଉତ୍ତମ ।

—*—

ଉତ୍କଳ ଭାଷାରେ କେତେକ ଉଚିତ ଅଙ୍କପୁସ୍ତକ ଓ ବୃଟାନି ଅନୁବାଦ ସକାଶେ ଗବର୍ଣ୍ଣମେଣ୍ଟ ଯଥେଷ୍ଟ ପୁରସ୍କାର ଯାଚିବାର ଶୁଣାଯାଏ । ଏ ବିଷୟରେ ବାବୁ ଦୀନନାଥ ବନ୍ଦ୍ୟୋପାଧ୍ୟାୟଙ୍କର ଖଣ୍ଡିଏ ପତ୍ର ଏଥିପୂର୍ବେ ଏ ପତ୍ରିକାରେ ପ୍ରକାଶିତ ହୋଇଥିଲା ବର୍ତ୍ତମାନ ତାଙ୍କର ଆଉ ଖଣ୍ଡିଏ ପତ୍ର ସ୍ଥାନାନ୍ତରେ ପ୍ରକାଶ କରୁଅଛୁଁ । ପତ୍ରପ୍ରେରକ ମହୋଦୟ ଅନେକ ବିଷୟ ଲେଖିଅଛନ୍ତି ତାହାର କେତେକ ଆପତ୍ତି ଗ୍ରହଣର ଯୋଗ୍ୟ ଅଟଇ । ଗୁରୁତର ବିଷୟର ପୁସ୍ତକ ସକାଶେ ଏକବର୍ଷରୁ ଊର୍ଦ୍ଧ୍ୱକାଳ ମିଆଦରେ ବିଜ୍ଞାପନ ଦେବାର ଅତି ଆବଶ୍ୟକ । କାରଣ ଅନେକ ଗ୍ରନ୍ଥକାର ପୁସ୍ତକ ଲେଖିବାକୁ ପାରଗ ହେବେ ଓ ଯାହାଙ୍କର ପୁସ୍ତକ ସର୍ବୋତ୍କୃଷ୍ଟ ହେବ ତାହାହିଁ ଗୃହୀତ ହେବ । ଏଥିରେ କି ଦୋଷ ? ଯଦି ଏପରି ପୁସ୍ତକ ଅନେକ ଲୋକ ଲେଖିବାର ସମ୍ଭବ ନୁହେ ତଥାପି ଦୀର୍ଘ ସମୟ ଦେଇ ସର୍ବସାଧାରଣଙ୍କୁ ଏ କାର୍ଯ୍ୟରେ ଆହ୍ୱାନ କରିବାର ଉଚିତ । ଏପରି ହେଲେ ପକ୍ଷପାତିତା ବା ବ୍ୟକ୍ତି ବିଶେଷପ୍ରତି ଅନୁଗ୍ରହର ଯେ ଆଶଙ୍କା କରନ୍ତି ତହିଁର କିଛି କାରଣ ନ ରହିବ । ଅତଏବ କମିଶ୍ନର ସାହେବ ପତ୍ରପ୍ରେରକଙ୍କ ଆପତ୍ତିମାନଙ୍କପ୍ରତି ବିବେଚନା କରି ପ୍ରବନ୍ଧମଳା ସଂକ୍ରାନ୍ତ ଉଲ୍ଲିଖିତ ଦୋଷ ଅନ୍ୟ କୌଣସି ପୁସ୍ତକ ପାଇଁ ପାରିତୋଷିକ ପ୍ରଦାନରେ ନ ଘଟିବା ପକ୍ଷରେ ଶିକ୍ଷାବିଭାଗର କର୍ମଚାରୀଙ୍କୁ ସତର୍କ କରି ଦେଉନ୍ତୁ ।

———

ସୁବିଖ୍ୟାତ ପଣ୍ଡିତାମଣି ରମାବାଈଙ୍କ ବିବାହ ବିଷୟରେ ଅନେକ କଥା ପୂର୍ବେ ଶୁଣା ଯାଉଥିଲା ବର୍ତ୍ତମାନ ତାହା ସମ୍ପନ୍ନ ହୋଇଅଛି । ସିଲହଟ ନିବାସୀ ବାବୁ ବିପିନବିହାରୀ ଦାସ ଏମ୍ ଏ, ଓ ବି ଏଲ ସହିତ ତାଙ୍କର ଶୁଭବିବାହ ଏ ମାସ ତା ୧୫ ରିଖରେ ବାଙ୍କିପୁରଠାରେ ହୋଇଅଛି । ରମାବାଈ ଜାତିରେ ମହାରାଷ୍ଟ୍ରୀୟ ବ୍ରାହ୍ମଣୀ ଓ ବର ଜାତିରେ ବଙ୍ଗାଳ ଯାତ୍ ( ଶୂଦ୍ର ) ସୁତରାଂ ଏମାନଙ୍କର ବିବାହ ହିନ୍ଦୁଶାସ୍ତ୍ରାନୁସାରେ ହୋଇ ନ ପାରେ । ଏଣୁକରି ସନ ୧୮୭୨ ସାଲର ଆ ୩ ଆଇନାନୁସାରେ ସେମାନଙ୍କର ବିବାହ କିମ୍ବା ରେଜିଷ୍ଟରଙ୍କ କଚେରୀରେ ହେଲା । ପାଟଣାର ଜଜସାହେବ ଓ କଲେକ୍ଟର ସାହେବ ଓ ଅନ୍ୟାନ୍ୟ ଭଦ୍ରଇଂରେଜ ଓ ମେମ ଏବଂ ଅନେକ ବଙ୍ଗାଳୀ ବାବୁ ବିବାହସ୍ଥଳରେ ଉପସ୍ଥିତ ଥିଲେ । ସଂସ୍କୃତରେ ରମାବାଈଙ୍କର ବିଶେଷ ବ୍ୟୁତ୍ପତ୍ତି ଓ ଭାଗବତରେ ବିଶେଷ ଅନୁରାଗ । ତାଙ୍କର ଏପରି ବିବାହରୁ ବୋଧହୁଏ ଯେ ଜାତିଭେଦ ଇତ୍ୟାଦିରେ ତାଙ୍କର ବିଶ୍ୱାସ ନାହିଁ । ଏପରି ଅନେକ ଦେଖାଯାଇ ଅଛି ଯେ ଯାହାଙ୍କର ବେଦ ଇତ୍ୟାଦି ଉଚ୍ଚ ହିନ୍ଦୁଶାସ୍ତ୍ରରେ ବ୍ୟୁତ୍ପତ୍ତି ହୁଅଇ ତାହାଙ୍କର ପୌରାଣିକ ଓ ବ୍ୟବହାରିକ ମତରୁ ମତି ଟଳି ଯାଏ । ଆପଣାର ଯେପରି ବିଶ୍ୱାସ ସେହିପରି ପ୍ରକାଶ୍ୟରେ ଚଳିବାର ଉଚିତ । ଅତଏବ ରମାବାଈଙ୍କର ଏପରି ବିବାହରେ ବିରକ୍ତି ପ୍ରକାଶର କିଛି କାରଣ ନାହିଁ । ନବଦମ୍ପତି ସୁଖରେ ସଂସାରଯାତ୍ରା ନିର୍ବାହ କରନ୍ତୁ ।

———

Digitized by srujanika@gmail.com

Split by PDF Splitter



## ଗୁନ୍ଦବାଲ୍ ସଡ଼କ ।

କଟକରୁ ଗୁନ୍ଦବାଲ ପର୍ଯ୍ୟନ୍ତ ସଡ଼କର ଅବସ୍ଥା ସୁଧରାଇବା ବିଷୟରେ ଆମ୍ଭେମାନେ ଏଥି ପୂର୍ବେ ଲେଖିଥିଲୁଁ । ଆମ୍ଭେମାନେ ସ୍ୱୟଂ ଦେଖିଲୁଁ ଯେ ସ୍ଥାନେ୨ ସେ ରାସ୍ତାର ଅବସ୍ଥା ଅତି ମନ୍ଦ ଅଟେ । ଗତ ଦୁର୍ଗ ପୂଜା ସମୟରେ ନାଇଅ ମୁଁହ ଅଞ୍ଚଳରେ ସେ ସଡ଼କ ଦୁଇ ତିନି କୋଶ ଏପରି କାଦୁଅ ହୋଇ ଥିଲା ଯେ ତହିଁରେ ଗତାୟତର ଭାରି କଷ୍ଟ ହୋଇ ଥିଲା । ସଡ଼କ ଛାଡ଼ି ତହିଁ ପାର୍ଶ୍ୱସ୍ଥ ନାଳ ବନ୍ଧ ଉପରେ ପଥିକମାନେ ଗତାୟାତ କରୁଥିଲେ । ଗାଡ଼ି ନାଳ ବନ୍ଧ ଉପରେ ଯାଇ ନ ପାରେ ଏଣୁକରି ସଡ଼କରେ ବଡ଼ କଷ୍ଟରେ ଗାଡ଼ି ଚଳୁଥିଲା । ଖରାଦିନେ ସବୁ ରାସ୍ତା ଭଲ ଥାଏ ବର୍ଷାଦିନେ ଯିବା ଆସିବାର ସୁବିଧାପାଇଁ ସଡ଼କର ଅଧିକ ପ୍ରୟୋଜନ । ଯଦି ବର୍ଷା ସମୟରେ ସଡ଼କର ଏପରି ଅବସ୍ଥା ହେବେ ଆଉ ତହିଁର କି ତାତ୍ପର୍ଯ୍ୟ । ଉକ୍ତ ସଡ଼କରେ ଗାଡ଼ି ଘୋଡ଼ା ପାଲିକି ଓ ଲୋକମାନଙ୍କର ବିଶେଷ ଗତାୟାତ ଏହେତୁ ସେ ସଡ଼କଟିକୁ ପକ୍କା କରିବାର ଅତି ଆବଶ୍ୟକ । ଅନେକ ଗୁଡ଼ିଏ ଏପରି ସଡ଼କ ଅପେକ୍ଷା ଗୋଟିଏ୨ ସଡ଼କ ଉତ୍ତମରୂପେ କରିବାର ଭଲ । ଅତଏବ ରୋଡ଼ସେସ କମିଟି ଏ ସଡ଼କ ପକ୍କା କରିବା ପକ୍ଷରେ ଯତ୍ନବାନ୍ ହେଉନ୍ତୁ । ଯାଏବ ପର୍ଯ୍ୟନ୍ତ କଙ୍କର ଦିଆ ହୋଇ ଅଛି ବାକି ରାସ୍ତାର କଙ୍କର ଦିଆଇ ଏକ ବର୍ଷରେ ହୋଇ ନ ପାରିଲେ ପ୍ରତିବର୍ଷ କିଛି୨ କଲେ ତିନି ଚାରି ବର୍ଷରେ ସମୁଦାୟ ସଡ଼କ ପକ୍କା ହୋଇ ଯିବ । ନିତାନ୍ତ ପକ୍ଷରେ ଯେଉଁ୨ ସ୍ଥାନରେ ଅଧିକ କାଦୁଅ ହୁଏ ସେ ସ୍ଥାନମାନଙ୍କରେ ବାଲି ପକାଇବାର ଆବଶ୍ୟକ ତାହା ହେଲେ କଥଞ୍ଚିତ ପରିମାଣରେ ରାସ୍ତାର ଅବସ୍ଥା ସୁଧରି ଯିବ ।

---

## ବାଙ୍କୀ ତହସିଲଦାର ।

ବାଙ୍କୀ ତହସିଲଦାର କର୍ମଚ୍ୟୁତ ହେବାର ସମ୍ବାଦ ଏଥି ପୂର୍ବେ ପାଠକମାନଙ୍କୁ ଜଣାଇ ଅଛୁଁ । ସମସ୍ତେ ମନେ କରିଥିବେ ଓ ଆମ୍ଭେମାନେ ମଧ୍ୟ ଲେଖି ଥିଲୁଁ ଶ୍ରୀ ଗୋବିନ୍ଦ ରଥ ପ୍ରଭୃତି ବାଙ୍କିବାସିମାନେ ତାଙ୍କପ୍ରତି ଉତ୍କୋଚ ନେବା ଓ ଅତ୍ୟାଚାର କରିବାର ଯେ ଦୋଷାରୋପ କରିଥିଲେ ସେହି ମୋକଦ୍ଦମାରେ ସେ କର୍ମଚ୍ୟୁତ ହୋଇଅଛନ୍ତି କିନ୍ତୁ ତାହା ନୁହଇ । ଆମ୍ଭେମାନେ ଶୁଣିଲୁଁ ଗଡ଼ଜାତର ଅସିଷ୍ଟାଣ୍ଟ ଶ୍ରୀ ବାବୁ ନନ୍ଦକିଶୋର ଦାସ ଗୋଟିଏ ମୋକଦ୍ଦମାରେ ତହସିଲଦାରଙ୍କର ଗୁରୁତର ଦୋଷ ଧରି କମିଶ୍ନର ସାହେବଙ୍କୁ ଜଣାଇ ଥିଲେ ଯେହି ଦୋଷରେ ସାହେବ ତାଙ୍କୁ କର୍ମଚ୍ୟୁତ କରି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିଅଛନ୍ତି । ତହିଁର ବୃତ୍ତାନ୍ତ ନିମ୍ନେ ଲେଖୁ ଅଛୁଁ ଯଥା;—

ତହସିଲଦାରଙ୍କଠାରେ ଗୋଟିଏ କଲେକ୍ଟରୀ ମୋକଦ୍ଦମାରେ ବାଦୀ ନାଲିଶ କରିଥିଲା ଯେ ତାହାର ରୟତ ପ୍ରତିବାଦୀ ଯେତେ ଜମିର ଖଜଣା ତାକୁ ଦିଏ ଜରିପ କରିବାରେ ତହିଁରୁ ଅଧିକ ଜମି ବାହାରିଲା ଅତଏବ ସେ ଅଧିକା ଜମିର ଦଖଲ ପାଇବାର ପ୍ରାର୍ଥନା କଲା । ରୟତ ପ୍ରତିବାଦ କଲା ଯେ ସେ ଅଧିକା ଜମି ବହୁ କାଳରୁ ତାହାର ଦଖଲରେ ଥିବାରୁ ବାଦୀ ତହିଁର ଦଖଲ ପାଇ ନ ପାରେ । ବାଦୀ ଦୁଇଜଣ ସାକ୍ଷୀ ଦେଲା ତହସିଲଦାର ସେ ଦୁଇ ସାକ୍ଷୀର ଏହି ପରି ଜୁବାନବନ୍ଦୀ ଲେଖି ଥିଲେ ଯେ ରୟତ ଏ ଜମିରେ ବହୁକାଳରୁ ଦଖଲକାର ନାହିଁ ବାଦୀ ଦଖଲକାର ଥିଲା ରୟତ ବର୍ଷେ ହେଲା ବାଦୀକୁ ବେଦଖଲ କରି ଅଛି । ଏହି ପ୍ରମାଣରେ ତହସିଲଦାର ବାଦୀକୁ ସେ ଜମିର ଦଖଲ ଦେଲେ । ରୟତ ଅପିଲ କରିବାରୁ ନନ୍ଦକିଶୋର ବାବୁ ବିଚାର କଲେ ଯେ ବାଦୀ ଜମି ଜରିପ କରିବାରେ ଅଧିକା ଜମି ବାହାରିବା ସ୍ଥଳେ ସେ କଦାପି ତହିଁରେ ଦଖଲକାର ନ ଥିଲା ଓ ଦଖଲ ପାଇ ନ ପାରେ ସେ ତହିଁର ଅଧିକା ଖଜଣା ପାଇ ପାରେ । ତାହାର ସାକ୍ଷିମାନେ ମିଥ୍ୟା ସାକ୍ଷ ଦେବାର ଜଣା ଯାଏ । ଏହି ମନ୍ତବ୍ୟରେ ସେ ତହସିଲଦାରଙ୍କ ଆଜ୍ଞା ରହିତ କରି ସାକ୍ଷମାନେ ମିଥ୍ୟା ସାକ୍ଷ ଦେଇଥିବା ଦୋଷର ତଦନ୍ତ ନିମନ୍ତେ ତହସିଲଦାରଙ୍କ ପ୍ରତି ଆଦେଶ କଲେ । ତହସିଲଦାର ସ୍ୱେ ସାକ୍ଷିମାନଙ୍କୁ ମିଥ୍ୟା ସାକ୍ଷ ଦେବା ଦୋଷରେ ବିଚାରାର୍ଥେ ପ୍ରେରିତ କରିବାରୁ ମୋକଦ୍ଦମା ନନ୍ଦକିଶୋର ବାବୁଙ୍କ ହାତରେ ପଡ଼ିଲା । ଏ ମୋକଦ୍ଦମାରେ ସାକ୍ଷୀ ମୁଦାଲାମାନେ ଜବାବ ଦେଲେ ଯେ ତହସିଲଦାର ସେମାନଙ୍କ ଜୁବାନବନ୍ଦୀ ଯେପରି ଲେଖିଅଛନ୍ତି ସେପରି ଜୁବାନବନ୍ଦୀ ସେମାନେ ଦେଇ ନାହାନ୍ତି ତହସିଲଦାର ମିଥ୍ୟା ଲେଖିଅଛନ୍ତି ସେମାନେ ଯଥାର୍ଥ କଥା କହିଥିଲେ । ସେ ମୋକଦ୍ଦମାର ବାଦୀ ପ୍ରତିବାଦୀ ଓ ଅନ୍ୟ କେତେକ ଲୋକ ସାକ୍ଷ ଦେଲେ ଯେ ସାକ୍ଷୀ ମୁଦାଲାମାନେ ଯେପରି ଜବାନବନ୍ଦୀ ଦେଇ ନାହାନ୍ତି ଅଧିକନ୍ତୁ ବାଦୀ କହିଲା ଯେ ତହସିଲଦାରଙ୍କୁ ଟ ୬୦୯ ଙ୍କା ଦେଇ ଜମିର ଦଖଲ ପାଇ ଥିଲି ଅପିଲରେ ଆପଣଙ୍କ ତାହା ମାରି ଦେଲ ମୋର ସବୁ ଗଇଲା । ସୁତରାଂ ନନ୍ଦକିଶୋର ବାବୁ ସାକ୍ଷୀ ମୁଦାଲାମାନଙ୍କୁ ଖଲାସ ଦେଇ ନଥି କମିଶ୍ନର ସାହେବଙ୍କ ନିକଟକୁ ଗୋଚରାର୍ଥେ ପଠାଇଲେ । ଏହି ସମୟରେ ତହସିଲଦାରଙ୍କ ବିରୁଦ୍ଧରେ ବାଙ୍କିବାସିଙ୍କର ଦରଖାସ୍ତମାନ ଅନୁସନ୍ଧାନ ମଧ୍ୟ ହେଉଥିଲା ।

ଶ୍ରୀଯୁତ ସ୍ମିଥ ସାହେବ ବିଲାତକୁ ଯିବାରୁ ଏଥିର ବିଚାର କରି ନ ପାରି ମେଟକାଫ ସାହେବଙ୍କୁ ଅର୍ପଣ କଲେ । ସେ ଏଥିର ଉତ୍ତମରୂପେ ତଦନ୍ତ କରିବାରେ ତହସିଲଦାର ମିଥ୍ୟା ଜୁବାନବନ୍ଦୀ ଲେଖି ଥିବାର ପ୍ରମାଣ ହେବାରୁ ତାଙ୍କପ୍ରତି କର୍ମଚ୍ୟୁତିର ଦଣ୍ଡାଜ୍ଞା ଦେଲେ । ତହସିଲଦାର ମିଥ୍ୟା ସାକ୍ଷ ଲେଖିବାର କାରଣ କଣ ? ସେ ଉତ୍କୋଚ ନେବାର ଯେତେ ଦରଖାସ୍ତ ପଡ଼ିଅଛି ଓ ଯେତେ ଲୋକ ସାକ୍ଷ ଦେଇ ଅଛନ୍ତି ତହିଁ ଦୃଷ୍ଟିରେ ଅନୁମାନ ହୁଏ ଯେ ବାଦୀର କଥିତ ଟ ୬୦୯ ଙ୍କା ପାଇବାରୁ ତାକୁ ଅଧିକା ଜମିର ଦଖଲ ଦେବା ଅଭିପ୍ରାୟରେ ଏପରି ଘୃଣିତ କାର୍ଯ୍ୟ କରିଥିବେ । କାରଣ ସେ ମନେ କରିଥିବେ ଯେ ବାଦୀର ପୂର୍ବ ଦଖଲ ପ୍ରମାଣ ନ ହେଲେ ସେ କି ପରି ଦଖଲ ପାଇବ ମାତ୍ର ବାଦୀର ଆରଜିରେ ଯେ ତାହାର ପୂର୍ବ ଦଖଲ ପ୍ରକାଶ ନାହିଁ ତହିଁପ୍ରତି ଦୃଷ୍ଟି ରଖି ନ ପାରିଲେ । ଅତଏବ ଏ ମାମଲାରେ "ଅକଲ ଔର କିମନ" ହୃଦୟର ମୂର୍ତ୍ତି ଦେଖା ଯାଏ । ଯେଉଁ କର୍ମଚାରୀ ହସ୍ତେ ଦେବାନୀ, କଲେକ୍ଟରୀ ଓ ଫଉଜଦାରୀର ଭାର ଅର୍ପିତ ତାଙ୍କର ଏପରି ବ୍ୟବହାର କି ଚମତ୍କାର ! ଏଥିରେ ଆଉ ଦୁଃଖୀ ପ୍ରଜାଙ୍କର କି ପରି ରକ୍ଷା ହେବ । ଅତଏବ ଆମ୍ଭମାନଙ୍କ ବିବେଚନାରେ ତହସିଲଦାରଙ୍କ ପ୍ରତି କର୍ମଚ୍ୟୁତିର ଦଣ୍ଡ ଯଥାର୍ଥ ଅଟଇ ।

ଆମ୍ଭେମାନେ ଶୁଣିଲୁଁ ବାଙ୍କୀବାସିମାନେ ତହସିଲଦାର ଉତ୍କୋଚ ନେବା ଇତ୍ୟାଦିର ଯେ ଦରଖାସ୍ତମାନ ଦେଇ ଥିଲେ ତହିଁରେ ମେଟକାଫ ସାହେବ ଅନେକ ସାକ୍ଷ୍ୟ ନେଇ ଥିଲେହେଁ ତହିଁର କିଛି ବିଚାର କରି ନାହାନ୍ତି । ଏଥିର କାରଣ କଣ ? ଏକ ମକଦ୍ଦମାରେ ସେ ତହସିଲଦାରଙ୍କୁ କର୍ମଚ୍ୟୁତିକର ସେହି ଦଣ୍ଡକୁ ସବୁ

Digitized by srujanika@gmail.com

Split by PDF Splitter



ମୋକଦ୍ଦମା ପକ୍ଷରେ ଯତ୍ନ ଅଧିକ ମନେ କଲେ କି ? ସେ ସବୁ ସତ୍ୟ କି ମିଥ୍ୟା ଏହା ନିଷ୍ପତ୍ତି କରିବାର ଆବଶ୍ୟକ ଥିଲା । ଷ୍ଟିଅର୍ସ ସାହେବ କିଣ ଏହା କରିବେ ? ମେଟକାଫ ସାହେବ ସ୍ୱୟଂ ଅନେକ ଯେ ବାଜବନ୍ଦୀ ନେଇ ତାହାଙ୍କ ପକ୍ଷରେ ଯେ ଉତ୍ତର ଆଜ୍ଞା ନ ଦେଲେ ଏହା ଅନୁଚିତ ହୋଇଅଛି ।

---

ଆମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖି ଅଛନ୍ତି,—

ପ୍ରତିବର୍ଷ ଶ୍ରୀ ରାଷ୍ଟମୀଦିନଠାରୁ ଶ୍ରୀ ବିରଜାଠାକୁରାଣୀଙ୍କର ଦୁର୍ଗୋତ୍ସବ ପୂଜା ଆରମ୍ଭ ହୁଏ ଓ ଅମାବାସ୍ୟାଦିନଠାରୁ ଠାକୁରାଣୀଙ୍କର ବିଜେ ପ୍ରତିମା ଏକ ରଥ ଆରୋହଣ କରି ମହାନବମୀ ପର୍ଯ୍ୟନ୍ତ ପ୍ରତିଦିନ ଠାକୁରାଣୀଙ୍କ ବେଢା ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରନ୍ତି ମଧ୍ୟ ରଥଟଣା ହେବା ସମୟେ ବିଶେଷ ଯାତ୍ରୀ ସେଠାରେ ଉପସ୍ଥିତ ହୁଅନ୍ତି ଉକ୍ତବର୍ଷ ମହାଷ୍ଟମୀ ଦିନ ରଥଟଣା ସମୟରେ ହଠାତ୍ କେତେକ ମନୁଷ୍ୟ ରଥ ସମ୍ମୁଖେ କଣ୍ଠ ପଡ଼ି ଯିବାରୁ ରଥଚକ୍ରମାନଙ୍କର ଧକ୍କା ସେମାନଙ୍କଠାରେ ଲାଗି ବିଶେଷ ଆଘାତ ପ୍ରାପ୍ତ ହୋଇଅଛନ୍ତି ଦୁଇଜଣ ମନୁଷ୍ୟ ନିତାନ୍ତ କଠିନ ଆଘାତ ପ୍ରାପ୍ତ ହୋଇଥିଲେ ତହିଁ ମଧ୍ୟରୁ ଏକଜଣ ମରି ଯାଇଅଛି ।

ଦର୍ପଣ ଏ ଫନ୍ଦାନ୍ତରେ ପୁଲିସ ଓ ଅସିଷ୍ଟାଣ୍ଟ ମେଜିଷ୍ଟ୍ରେଟଙ୍କ ପ୍ରତି ଅସାବଧାନତାର ଦୋଷାରୋପ କରିଅଛନ୍ତି ଆମ୍ଭମାନଙ୍କୁ ତାହାହିଁ ବୋଧ ହେଉଅଛି । ଏପରି ଯାତ୍ରାରେ କେବଳ ୪।୫ ଜଣ କନଷ୍ଟେବଲ ଉପସ୍ଥିତ ଥିଲେ ଜଣେ ଉଚ୍ଚ ପୁଲିସକର୍ମଚାରୀ ଅନେକ କନଷ୍ଟେବଲ ଘେନି ସତର୍କ ହୋଇଥିଲେ ଏପରି ଦୁର୍ଘଟନା ହୋଇ ନ ଥାନ୍ତା । ରଥର ଜୀର୍ଣ୍ଣାବସ୍ଥା ତହିଁର ଆଉ ଗୋଟିଏ କାରଣ ଅଟେ । ଏପରି ରଥ ଚଳାଇବାର ଉଚିତ ନ ଥିଲା । ଏ ଦୁଇ ବିଷୟରେ ତଦନ୍ତ ହେବାର ଆବଶ୍ୟକ ।

---

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ଏ ନଗରରେ ଦୁଇତିନିଥର ବର୍ଷା ହୋଇଥିଲା ମୋଫସଲରେ ମଧ୍ୟ ବର୍ଷା ହେବାର ସମ୍ବାଦ ମିଳିଅଛି । ଗତ ଦଶହରା ସମୟରେ ଜାଜପୁରରେ ବିଶେଷ ବର୍ଷା ଯୋଗୁଁ ଚାଉଳ ମହର୍ଘ ହୋଇଅଛି । ପୂର୍ବେ ଟଙ୍କାରେ ସେ ୨୫ ର ଥିଲା ବର୍ତ୍ତମାନ ସେ ୧୮ ର ହୋଇଅଛି । ଏ ବର୍ଷ ଚତୁର୍ଦ୍ଦିଗରେ ବିଶେଷ ବର୍ଷା ଓ ନଦୀମାନ ସର୍ବଦା ଯେପରି ଜଳ ପୂର୍ଣ୍ଣ ଦେଖା ଯାଉଅଛି ସେପରି କେବେ ଦେଖା ନ ଥିଲା ।

ଶ୍ରୀଯୁକ୍ତ କମିଶନର ସ୍ମିଥ୍ ସାହେବ ଏ ମାସ ତା ୨୨ ରିଖ ସହରରେ ଏଠାରେ ପ୍ରବେଶ ହେଲେ ।

ମାହାଙ୍ଗା କାନୁନଗୋଇ ଉପରେ ଆମ୍ଭମାନଙ୍କ ଦସ୍ତାବଜ କଲେକ୍ଟର ପଲି ସାହେବ ଅତି ଦୟା ପ୍ରକାଶ କରିଥିବାର ବୃତ୍ତାନ୍ତ ଏଥିପୂର୍ବେ ଲେଖିଥିଲୁଁ ମାତ୍ର କାନୁଗୋଇ ଦସ୍ତାବଜ ନୁହେ ତାହାର ଅନ୍ତର ସରକାରୀ ଟଙ୍କା ଅତ୍ୟସାତ୍ କରିବାର ଦୋଷ ଧରା ପଡିବାରୁ ସାହେବ ତାକୁ କର୍ମରୁ ବରଖାସ୍ତ କରିଅଛନ୍ତି ଓ ପୁଲିସରେ ତାହା ନାମରେ ଇଜାହାର ଦିଆ ହୋଇ ଦଣ୍ଡବିଧିର ଧା ୪୦୯ ଅନୁସାରେ ତଦନ୍ତ ହେଉଅଛି ।

ଏଠାର ଜଣେ ଡାକ ପିଅନ କଲେକ୍ଟରୀ କଚେରୀରୁ ଇଚ୍ଛାକୃତ ପୂର୍ବକ ଅଧିକ ଡାକ ମାସୁଲ ନେବା ଦୋଷରେ ଧରା ପଡିଅଛି । କାନୁନଗୋଇ ଇତ୍ୟାଦିଙ୍କଠାରୁ ଯେ ବେରଙ୍ଗ ଲଫାଫାମାନ ଆସଇ ତହିଁର ମାସୁଲ ଲଫାଫା ଉପରେ ଯେତେ ଲେଖା ହୋଇଥାଏ ତଦନୁସାରେ ଦିଆଯାଏ । ଉକ୍ତ ପିଅନ କେତେଗୁଡିଏ ଲଫାଫା ଦେଇ ସେ ସବୁର ଯେତେ ମାସୁଲ ଗୃହୀଲା ତାହା ନାଜରଙ୍କୁ ଅଧିକ ବୋଧ ହେଲା । ତହିଁ ସେ ପରୀକ୍ଷା କରି ଦେଖିଲେ ଯେ ଏକ୨ ଲଫାଫା ଉପରେ ପ୍ରଥମ ଲେଖା ଏକ ଅଣା ଦୁଇ ଅଣା ହୋଇଅଛି ଲଫାଫା ଓଜନ କରିବାରେ ପ୍ରଥମ ଲେଖା ଅନୁସାରେ ଏକ ଅଣା ମାସୁଲ ଠିକ ହେଲା ଓ ପୁନର କେତେକ ଲଫାଫରେ ମଧ୍ୟ ପିଅନ ଏହିପରି କରିବାର ଦେଖାଗଲା । ଏଥିର ସମ୍ବାଦ ପୋଷ୍ଟମାଷ୍ଟରଙ୍କୁ ଦିଆଗଲା ସେ ତଦନ୍ତ କରି ପିଅନକୁ ଫଉଜଦାରୀ ସୁପର୍ଦ କରିବା କାରଣ ପୋଷ୍ଟ ମାଷ୍ଟର ଜେନେରାଲଙ୍କଠାରୁ ରିପୋର୍ଟ କରି ଅଛନ୍ତି ।

ଏ ମାସ ତା ୯ ରିଖରେ ପଶ୍ଚିମ ପ୍ରଦେଶ ଅମ୍ବାରଠାରେ ମେଳା ହୋଇଥିଲା । ୨।୩ ଲକ୍ଷ ଲୋକ ଉପସ୍ଥିତ ହୋଇଥିଲେ ଜୟପୁରର ଅନେକ ସ୍ତ୍ରୀ ସେଠାରେ ପ୍ରବେଶ ହୋଇ ଗୀତ ଗାନ କରନ୍ତି ମାତ୍ର ଜୟପୁରର ମହାରାଜା ରାମସିଂହ ବାହାଦୁରଙ୍କ ମୃତ୍ୟୁ ଜନିତ ଶୋକ ହେତୁ ଗାନ ହୋଇ ନାହିଁ । ଏଥିରୁ ମୃତ ମହାରାଜାଙ୍କ ପ୍ରତି ଅନୁରାଗ ପ୍ରକାଶ ପାଏ ।

ଏବେ ବ୍ୟାଘ୍ରଙ୍କର ବଡ଼ ବିଦ୍ୟା ବୃଦ୍ଧି ହେଲାଣି । କଲିକତା ବଡ଼ ବଜାରରେ ଏକ ମହାଜନର ଦୋକାନ ପିଣ୍ଡାରେ ଜଣେ ବ୍ୟାଘ୍ର ବିଛଣା କରି ଓ ମଶାରି ଟାଙ୍ଗି ପହରୀ ଓ୍ୱାଲା ସାକ୍ଷାତରେ ଶୋଇଲା । ପହରା ଓ୍ୱାଲା ଅନ୍ୟ ଦିଗକୁ ଗଲାବେଳେ ଦୋକାନର ତାଲା ଭାଙ୍ଗି ସାଟିନ ଥାନମାନ ନେଇ ବୋକଚ୍ଛ ହୋଇ କରି ରଖିଲା ପ୍ରଭାତ ସମୟରେ ଜଣେ କୁଲି ଆସିଲା ଓ ବ୍ୟାଘ୍ର ତାହା ମୁଣ୍ଡରେ ବୋକଚ୍ଛ ଓ ହାତରେ ଗଜ ଦେଇ ବିଛଣା ଓ ମଶାରି ମଧ୍ୟରେ ତକିଆ ଉପରେ ଏପରି ଭାବରେ ଗୁଦରିଟିଏ ଘୋଡାଇ ଦେଲା ଯେମନ୍ତ ଦେଖିଲେ ଜଣେ ମନୁଷ୍ୟ ଶୋଇଥିବାର ଜଣାଯିବ । ଏହା କରି ସେ ପହରା ଓ୍ୱାଲା ସମ୍ମୁଖରେ ଚାଲିଗଲା । ପହରା ଓ୍ୱାଲା ବଡ଼ ସ୍ୟାଣା !

ପଶ୍ଚିମରେ ଦଶହରାକୁ ରାମଲୀଳା ବଡ଼ ଧୂମଧାମରେ ହୁଅଇ । ଏଠା ପରି ଲୀଳା ଅତ୍ୟନ୍ତ ହୁଏ ନାହିଁ । କେବଳ ରାମ ରାବଣର ଯୁଦ୍ଧ ଓ ରାବଣର ପରାଜୟ ପ୍ରଦର୍ଶିତ ହୁଅଇ । ଏବର୍ଷ ଲାହୋରରେ ଏ ଯାତ୍ରା ଅତି ସମାରୋହରେ ହୋଇ ଥିଲା । ପଚିଶ ସହସ୍ର ଦର୍ଶକ ହୋଇଥିଲେ ।

ବମ୍ବାଇର ବିଖ୍ୟାତ ଡକାଇତ ବାସୁଦେବ ବଳବନ୍ତ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ପାଇ ଏଡନ ନଗରସ୍ଥ ଜେଲରେ ଥିଲା । ଏ ମାସ ତା ୩୦ ରିଖ ରାତ୍ରିରୁ ତାହା କୋଠରୀର କବାଟ କବଜା ହୁଗଲାଇ ଦେଇ ବାହାରକୁ ଆସି ପ୍ରାଚୀର ଡେଇଁ ପଳାଇ ଗଲା ମାତ୍ର ଅବିଳମ୍ବେ ଧରା ପଡିଲା । ବିଖ୍ୟାତ ବୀର

ବର୍ମାର ରାଜା ଥିବାଙ୍କର ଶେଷଦଶା ଉପସ୍ଥିତ ହେଲା ପ୍ରାୟ ଜଣା ପଡୁଅଛି । ଥିବାଙ୍କ ବ୍ରିଟିଶ ବର୍ମାର ସୀମା ନିକଟକୁ ପ୍ରାୟ ପାଞ୍ଚହଜାର ସେନା ପଠାଇ ଦେଇଅଛନ୍ତି । ଏହା ଶୁଣି ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ସେଠାକୁ କେତେକ ରେଜିମେଣ୍ଟ ସେନା ପଠାଇ ଅଛନ୍ତି ।

ବିଖ୍ୟାତ ବୀର ରବର୍ଟ ସାହେବ କାବୁଲରୁ ଫେରି ଆସିବା ସମୟରେ ସ୍ଥାନେ୨ ତାଙ୍କର ଭାରି ସମ୍ମାନ ହେଉଅଛି । ସେ ଯେପରି ସୁଦ୍ଧରେ ଜୟ ଲାଭ କରି ଇଂରେଜଙ୍କର ମାନ ଓ ନାମ ରକ୍ଷା କରି ଅଛନ୍ତି ତାଙ୍କର ସମ୍ମାନ ହେବାର ଉଚିତ ।

ଢାକାର କମିଶନର ଆପଣା କର୍ମରେ ଉପସ୍ଥିତ ହେବାରୁ ଦମସ ସାହେବ ହୁଗଳି କଲେକ୍ଟରୀ ପଦକୁ ଫେରି ଆସି ଅଛନ୍ତି ।

ସିନ୍ଧୁ ପ୍ରଦେଶ ସୀମାନ୍ତରେ ବାଗଡ଼ୀ ଓ ମରିମାନଙ୍କ ଗଣ୍ଡଗୋଳ ରହିତ ହୋଇ ନାହିଁ । ଏ ମାସ ତା ୧୨ ରିଖରେ ସେମାନେ ଆକ୍ରମଣ କରି ଗୋ ୭୦ ଟା ଉଟ ଘେନି ଗଲେ । ସାମାନ୍ୟ ଯୁଦ୍ଧ ହୋଇଥିଲା ସେଥିରେ କେବଳ ଗ୍ରାମବାସୀ ଓ ୨ ଘୋଡାସୱାର ମରି ପଡିଲେ ।

ମହାମାନ୍ୟ ଲାଟସାହେବ ପୁନାରୁ ଏ ମାସ ତା ୧୮ ରିଖରେ ପ୍ରସ୍ଥାନ କରି ଅଛନ୍ତି । ଆଉ କେତେକ ସ୍ଥାନ ଭ୍ରମଣ କରି କଲିକତାକୁ ଆସିବେ ।

ରଣ୍ଡା ବିଦ୍ରୋହ ନିବାରଣ ହେଲେହେଁ ଗଣ୍ଡଗୋଳ ରହିତ ହୋଇ ନାହିଁ । ସରକାର ଯେଉଁ ଜଣେସ୍ୱାକୁ ଧରି ଦେବା ପାଇଁ ଟ ୨୦୦୦ ଙ୍କା ପୁରସ୍କାର ଯାଚିଥିଲେ ସେ କେତେକ ଅନୁଚର ସହିତ ଏ ମାସ ତା ୭ ରିଖରେ ଏକ ଗ୍ରାମରେ ଡକାଇତି କରି ଲୁଟି ନେଲା ତାକୁ ଧରିବାପାଇଁ ଜ ୫୦ ଣ ସେନା ପ୍ରେରିତ ହୋଇ ଯାଇଛନ୍ତି ।

ଗାଜିପୁର୍ବାଦରେ ଷ୍ଟୀରେଲର ଏକ ସାହେବ ତାଙ୍କର ଭଗିନୀର ଏକ ଆୟାକୁ ପଥର ଫୋପାଡ ହତ୍ୟା କରି ଅଛନ୍ତି ଅପରାଧ ମଧ୍ୟରେ ସେହି ଆୟା ତାଙ୍କ ଭଗିନୀ ସହିତ ସମାନ ଉତ୍ତର କରିଥିଲା । ପ୍ରଥମେ ତାହା ଗାଲରେ ବିଧାମାରି ଅତ୍ୟନ୍ତ ରାଗରେ ଏପରି କାର୍ଯ୍ୟ କରି ଅଛନ୍ତି । ଘଟଣାଟି ରେଲଓ୍ୱେ ପେଲାଟ ଫରମରେହିଁ ଘଟିଥିଲା । ବର୍ତ୍ତମାନ ଏଲାହାବାଦ ହାଇକୋର୍ଟରେ ଏଥିର ବିଚାର ହେଉଅଛି । ରେଲଓ୍ୱେର ସାହେବମାନେ କାଳାନ୍ତକ ଯମ ସଦୃଶ ଅଟନ୍ତି

ସୁ ; ସ;

ଅସ୍ତ୍ରଲିଆର କେତେକ ପ୍ରଜା ବିଦ୍ରୋହୀ ହେବାରୁ ସେମାନଙ୍କୁ ଦମନ କରିବା ନିମନ୍ତେ ଥୋକାଏ ସେନା ପ୍ରେରିତ ହୋଇଅଛନ୍ତି ।

ଚୀନ ଓ ରୁଷିଆର ଯେଉଁ ସନ୍ଧି ହେବାର ସ୍ଥିର ହୋଇଥିଲା ତାହା ହେବାର ଦେଖାଯାଉ ନାହିଁ । କୁଲଜାରେ ରୁଷ ସେନା ୧୨ ହଜାର ଜମି ଯାଇଛନ୍ତି; ଚୀନ ସେନା ମଧ୍ୟ ସୁସଜ୍ଜିତ ହେଉଅଛନ୍ତି । ଯୁଦ୍ଧର ଭାରି ଆୟୋଜନ ଲାଗିଅଛି ।

ଗତବର୍ଷ ଚୀନ ମହାରାଜାଙ୍କ ସକାଶେ ଯେଉଁ ୫୨ ଜଣ ନେପାଳୀ ଓ ଏକଜଣ ସରଦାର ଉପଢୌକନ ନେଇ ଯାଇ ଥିଲେ ସେମାନେ ଦୁଇଲକ୍ଷ ଟଙ୍କା ଓ ମୂଲ୍ୟବାନ ପୋଷାକ ସହିତ ପୁରସ୍କାର ନେଇ ନିରାପଦରେ ଫେରି ଆସି ଅଛନ୍ତି ।

ପୃଥିବୀ ମଧ୍ୟରେ ୨୭୨୩ ପ୍ରକାର ଭାଷା ଅଛି; ତହିଁ ମଧ୍ୟରୁ ଇଉରୋପ ଖଣ୍ଡରେ ୫୮୭ ପ୍ରକାର, ଏସିଆରେ ୩୯୭ ପ୍ରକାର, ଏମେରିକାରେ ୧୬୨୪ ପ୍ରକାର, ଏଫ୍ରିକାରେ ୩୭୬ ପ୍ରକାର ଅଟେ ।

---

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଓଡ଼ିଆଭାଷାରେ ଖଣ୍ଡିଏ ସାହିତ୍ୟ ଲେଖିବା ପାଇଁ ଟ ୩୦୦ ଙ୍କା ପୁରସ୍କାର ଦେବା ଓ ଉକ୍ତ

Digitized by srujanika@gmail.com

Split by PDF Splitter

ପୃ-୧୨୧
ଚନ୍ଦ୍ରପତ୍ର
ଓଡ଼ିଆ ଭାଷାରେ ଅଶ୍ଳୀଳ ସାହିତ୍ୟ ଚଳାଇବା



ପୁସ୍ତକ ଛମାସ ମଧ୍ୟରେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ନିକଟରେ ଦେବା ନିମନ୍ତେ ଗୋଟିଏ ବିଜ୍ଞାପନ ବାହାର ହୋଇଥିଲା, ସେହି ବିଜ୍ଞାପନ ପାଠ କରି ଅନେକଙ୍କ ମନରେ ବୋଧ ହୋଇଥିଲା ଯେ ଉତ୍କଳଭାଷାରେ ଶକୁନ୍ତଳା, ଚାରୁପାଠ, ସୀତାବନବାସ, କାଦମ୍ବରୀ ପ୍ରଭୃତି ଉତ୍କୃଷ୍ଟ ସାହିତ୍ୟମାନ ପ୍ରଚଳିତ ଥିବା ପ୍ରତ୍ୟକ୍ଷେ ଯଦି ଅନ୍ୟ ପୁସ୍ତକର ପ୍ରୟୋଜନ ହୋଇଅଛି, ତେବେ ଖଣ୍ଡିଏ ନୂଆ ଅର୍ଥାତ୍ ତରଜମା ନୁହେ ଏପରି ଉତ୍କୃଷ୍ଟ ସାହିତ୍ୟ ଆବଶ୍ୟକ, କିନ୍ତୁ ଛମାସ ମଧ୍ୟରେ ଖଣ୍ଡିଏ ଉତ୍କୃଷ୍ଟ ସାହିତ୍ୟ ପ୍ରସ୍ତୁତ ହେବା କୌଣସି ପ୍ରକାରରେ ସମ୍ଭବ ନୁହେ ଏବଂ ଡିଏକ୍ଟ ଇନ୍‌ସ୍ପେକ୍ଟର ବାବୁ ରାଧାନାଥ ରାୟଙ୍କର ହୃଦୟବନ୍ଧୁ ବାବୁ ମଧୁସୂଦନ ରାଓ ବିଜ୍ଞାପନ ବାହାରିବା ପୂର୍ବରୁ ପୁସ୍ତକ ଲେଖୁଅଛନ୍ତି ଏହି ଅନୁମାନରେ ଓଡ଼ିଆମାନଙ୍କ ମଧ୍ୟରେ ଅନେକେହେଁ (କମ୍ପିଟିସନ) ହୋଇ ସାହିତ୍ୟ ଲେଖିବାକୁ ଅଗ୍ରସର ହୋଇ ନ ଥିଲେ। ସୁତରାଂ ମଧୁସୂଦନ ବାବୁ ଅସପତ୍ନ ପୁରସ୍କାର ପ୍ରାପ୍ତ ହେଲେ; ଯାହା ହେଉ ସେ ଗତ ସୂଚନାରେ ବାଗ୍ବିତଣ୍ଡା ନିଷ୍ପ୍ରୟୋଜନ। ବର୍ତ୍ତମାନ ଯେଉଁ ଅଙ୍କପୁସ୍ତକମାନ ଏବଂ ବୈଜ୍ଞାନିକ ପୁସ୍ତକ ଓଡ଼ିଆଭାଷାରେ ଅନୁବାଦ ହେବା ନିମନ୍ତେ ସରକାରରୁ ପୁରସ୍କାର ଦେବା ଆଦେଶ ହୋଇଅଛି ଯଦ୍ୟପି ସେ ପୁସ୍ତକମାନ ପ୍ରସ୍ତୁତ ହେବା ନିମିତ୍ତ ଉତ୍କଳବାସୀ ସାଧାରଣଙ୍କୁ ଆହ୍ଵାନ କରି ହୁଏ, ତାହା ହେଲେ କେଉଁ କେଉଁ ଅଙ୍କପୁସ୍ତକର କେଉଁ କେଉଁ ଅଂଶ, କେତେଦୂର ପର୍ଯ୍ୟନ୍ତ ଅନୁବାଦର ଆବଶ୍ୟକ ହେବ, ଅବା ଇଂରାଜୀ କେଉଁ କେଉଁ ପୁସ୍ତକର କେତେଦୂର ପର୍ଯ୍ୟନ୍ତ ଅନୁବାଦର ଆବଶ୍ୟକ ହେବ ତାହା ବିଜ୍ଞାପନ ମଧ୍ୟରେ ପ୍ରକାଶ କରିବା ଉଚିତ ଅଟଇ। ଦ୍ଵିତୀୟତଃ ଅନ୍ତତଃ ଏକବର୍ଷ କାଳ ସମୟ ଦେବା ଉଚିତ, ତାହାର କାରଣ ଏହିକି କେତେକ ଜଣ ବଙ୍ଗାଳୀ ଡିଏକ୍ଟ ଇନ୍‌ସ୍ପେକ୍ଟରଙ୍କ ଅଫିସରୁ ସମ୍ବାଦ ପାଇ ପୁସ୍ତକ ଅନୁବାଦ କରି ଆସୁଅଛନ୍ତି ଅଳ୍ପକାଳ ମଧ୍ୟରେ ପୁସ୍ତକ ଦେବାକୁ ହେବ ଏପରି ବିଜ୍ଞାପନ ପ୍ରଦାନ କଲେ କେବଳ ମାତ୍ର ସେହିମାନଙ୍କର ହସ୍ତରେ ପୁରସ୍କାର ଟଙ୍କା ପତିତ ହେବ, ଉତ୍କଳବାସିମାନେ ନିତାନ୍ତ ବଞ୍ଚିତ ହେବେ, ପ୍ରକାରାନ୍ତରରେ ଓଡ଼ିଆମାନଙ୍କୁ ବଞ୍ଚିତ କରାଯିବ, ସାହିତ୍ୟ ଲିଖନ ସମୟରେ ଯେଉଁପରି ଘଟଣା ହୋଇଅଛି ଏଥର ପୁଣି ସେହିପରି ଅବିଶୁଦ୍ଧ କାର୍ଯ୍ୟର ଅନୁଷ୍ଠାନ କରାଯିବ। ଆମ୍ଭେମାନେ ଶ୍ରୀଯୁକ୍ତ କମିଶନର ସାହେବ ମହୋଦୟଙ୍କୁ ନିବେଦନ କରୁଅଛୁଁ ଏଥର ବିଜ୍ଞାପନର ବିଶେଷତା ଏବଂ ସାଧାରଣଭାବରେ (କମ୍ପିଟିସନ) ନିୟମରେ ଅଧିକ ବେଶୀ ସମୟ ଦେବାର ନିୟମ ପ୍ରଚାର କରନ୍ତୁ।

ବର୍ତ୍ତମାନ ଓଡ଼ିଆଭାଷାରେ କ୍ଷେତ୍ରତତ୍ତ୍ଵ ଚତୁର୍ଥ ବୁକ୍ ପର୍ଯ୍ୟନ୍ତ ଛପା ଥିଲା, ପୁଣି ବାବୁ ରାଧାନାଥ ରାୟ ଡିଏକ୍ଟ ଇନ୍‌ସ୍ପେକ୍ଟର ସ୍ଵୟଂ ପ୍ରଥମବୁକ୍ ଛପାଇ ନର୍ମାଲସ୍କୁଲରେ ଚଲାଇଅଛନ୍ତି ବାକି ତିନିବୁକ୍ ନଷ୍ଟ ହୋଇ ଯାଉଅଛି ତଥାପି କ୍ଷେତ୍ରତତ୍ତ୍ଵର ଆବଶ୍ୟକତା ବର୍ତ୍ତମାନ କି ଥିଲା? ବୈଜ୍ଞାନିକ ଇଷ୍ଟୁଓ୍ୟାର୍ଡ ସାହେବ ଯେପରିମାଣରେ ପାଠ ଦେଇଅଛନ୍ତି ସେହିପରି ହେଲେ କି ହୋଇ ନ ଥାନ୍ତା? ଓଡ଼ିଆ ଭାଷାରେ ଯେତେ ଭଲ ଭଲ ପୁସ୍ତକ ଅନୁବାଦ ହୁଏ ତେତେ ଆହ୍ଲାଦର ବିଷୟ ଅଟଇ କିନ୍ତୁ ଯେ ସମସ୍ତ ଓଡ଼ିଆ ପୁସ୍ତକ ରଚୟିତାମାନଙ୍କ ଭଲ ପୁସ୍ତକ ଉପସ୍ଥିତ ଥିବା ସ୍ଥଳେ ଡିଏକ୍ଟଇନସ୍ପେକ୍ଟର ଆପଣାର ପୁସ୍ତକ ଏବଂ ନିଜ କୃତ ପୁସ୍ତକ କି ଯାହା ତାଙ୍କ ହୃଦୟବନ୍ଧୁ ବାବୁ ବୈକୁଣ୍ଠନାଥ ଦେଙ୍କର ନାମରେ କପିରାଇଟ ପ୍ରଦାନ କରିଅଛନ୍ତି ସେ ସବୁ ପୁସ୍ତକର ଅଧିକାଂଶ ଚଳାଇବାର କାରଣ କଣ? *ପୁସ୍ତକ ଲେଖି ବିକ୍ରୟ କରିବା କି ଏକପ୍ରକାର ବ୍ୟବସାୟ ନୁହେ? ଗବର୍ଣ୍ଣମେଣ୍ଟ କର୍ମ୍ମଚାରୀଙ୍କ ପ୍ରତି ଆପଣା ଆପଣା ଏଲାକା ମଧ୍ୟରେ ବ୍ୟବସାୟ କରିବା କୁଆଡ଼େ କୁଆଡ଼େ ନିଷେଧ ଅଛି, କିନ୍ତୁ ପୁସ୍ତକ ବିକ୍ରୟ କି ସେ ନିୟମର ଅଧୀନ ନୁହେ? (ଦୁଇଜଣ ଏକ ସଙ୍ଗରେ ପୁସ୍ତକ ରଚନା କରିବାକୁ ଅବା ତାହାର ସତ୍ତ୍ଵରେ ଭୋଗଦଖଲ ହେବାକୁ ଡିଏକ୍ଟଇଣ୍ଡିଆ କୋମ୍ପାନି ବା ଲିମିଟେଡ କୋମ୍ପାନି ବୋଲି ଯିବ?) ଶିକ୍ଷାବିଭାଗରୁ ଏପରି ବ୍ୟବସାୟ ମଧ୍ୟରେ ସତ୍ଵର ବହିଷ୍କୃତ ହୁଏ ଆମ୍ଭମାନଙ୍କ ସୁବିଜ୍ଞ ଗବର୍ଣ୍ଣମେଣ୍ଟଙ୍କର ତାହାଁ ପକ୍ଷରେ ବିଶେଷ ଦୃଷ୍ଟିପାତ କରିବା ଉଚିତ। ପୁସ୍ତକ ବିକ୍ରୟ ବଡ଼ ସାଧାରଣ ବ୍ୟବସାୟ ନୁହେ, ଶିକ୍ଷାବିଭାଗ ମଧ୍ୟରେ ଏହି ନିନ୍ଦନୀୟ ରୀତି ପ୍ରଚଳିତ ଥିବା ହେତୁ ଅନେକଙ୍କର ସ୍ଵାର୍ଥ ନଷ୍ଟ ହୋଇଥାଏ। ଅନେକ ସମୟରେ ପକ୍ଷପାତରୂପ ମହାପାପ ଆକ୍ରମଣ କରିବାର ବାକି ରହେ ନାହିଁ। ଆମ୍ଭେମାନେ ଏହି ରୂପଲାଭର ବ୍ୟାପାରକୁ ଘୃଣା କରୁଁ ଏହାଦ୍ୱାରା ଅନେକ ସମୟରେ ପବିତ୍ର ଶିକ୍ଷାବିଭାଗ କଳଙ୍କିତ ହୋଇଥାଏ। ଏମନ୍ତ କି ଭୂମିକାର ହୋଇ ପ୍ରତିମା ଗଠନ କରିବା, ପୂଜକ ହୋଇ ପୂଜା କରିବା, ଛେଦକ ହୋଇ ବଳି ଛେଦନ କରିବା, ପୁରୋହିତ ହୋଇ ଯାତ୍ରା ମଧ୍ୟରେ ନୈବେଦ୍ୟ ପ୍ରଦାନ ଓ ସ୍ଵହସ୍ତରେ ଦେବତାଙ୍କର ଦକ୍ଷିଣାନ୍ତ କରିବା ଏହା କି ସାଧାରଣ ଦୁଃଖର ବିଷୟ? ଶିକ୍ଷାବିଭାଗର ଏହି କଳଙ୍କ କେବେ ବିଦୂରିତ ହେବ?।

ଏଥି ପକ୍ଷରେ ଆଉରି କିଛି ବୋଲିବାର ଅଛି ଏହି ନୂଆ ପ୍ରବନ୍ଧମାଳା ବୋଲି ଡିଏକ୍ଟଇନସ୍ପେକ୍ଟର ବାବୁ ଯାହାର ଟ ୩୦୦୲ ଙ୍କା ପୁରସ୍କାର ପ୍ରଦାନ କରିଅଛନ୍ତି, ହେଉ, ରାଧାନାଥ ବାବୁଙ୍କୁ ଜିଜ୍ଞାସା କରୁଁ ପ୍ରାୟ ୫।୬ ବର୍ଷ ଅତୀତ ହେବ ଯେତେବେଳେ ଉତ୍କଳଦର୍ପଣ ମାସିକ ପତ୍ରିକା ଥିଲା, ତେତେବେଳେ ଖୋଦ ବାବୁ ରାଧାନାଥ ରାୟ ମହାଶୟ ଏବଂ ବାବୁ ମଧୁସୂଦନ ରାଓ ପରସ୍ପର ଯେଉଁ ସବୁ କ୍ଷୁଦ୍ର କ୍ଷୁଦ୍ର ପ୍ରବନ୍ଧ ସେହି ପତ୍ରିକାରେ ବାହାର କରିଥିଲେ ପ୍ରବନ୍ଧମାଳାର ନୂଆ ନାମଧେୟ ଦ୍ଵିତୀୟ ଅଧ୍ୟାୟର ଅଧିକାଂଶ ପ୍ରବନ୍ଧ ସେହି ପତ୍ରିକାରୁ ଉଦ୍ଧୃତ କରାହୋଇଅଛି କି ନୁହେ? ଯେତେବେଳେ ଓଡ଼ିଆ ଭାଷାରେ ସାହିତ୍ୟର ଅଭାବ ନ ଥିବା ସ୍ଥଳେ ଖଣ୍ଡିଏ ସମ୍ବାଦପତ୍ରର ସଂଗ୍ରହ ସାହିତ୍ୟ ସ୍କୁଲରେ ପ୍ରଚଳିତ କରିବା ନିତାନ୍ତ ଆବଶ୍ୟକ ଥିଲା ତେତେବେଳେ ଗବର୍ଣ୍ଣମେଣ୍ଟଙ୍କର ଟଙ୍କାର ଶ୍ରାଦ୍ଧ ନ କରି କେବଳ ମାସିକ ପୁସ୍ତକ ସ୍କୁଲରେ ପ୍ରଚଳିତ ହେବ ବୋଲି ହୋଇଥିଲେ ପ୍ରବନ୍ଧମାଳାର ସୃଷ୍ଟି ହେବାର କି ବାଧା ହୋଇଥାନ୍ତା? ପାରିତୋଷିକ ପୁସ୍ତକ ସମ୍ବାଦପତ୍ରରୁ ଉଦ୍ଧୃତ କରିବା ଏହା ନୂତନ ରୀତି। ଯାହା ହେଉ ଆମ୍ଭେମାନେ ଯେତେବେଳେ ଏପରି ନ୍ୟାୟବାନ୍ ଏବଂ ନିରପେକ୍ଷ, ତେତେବେଳେ କେଉଁ ବକ୍ତୃରରେ ଅନ୍ୟମାନଙ୍କୁ ସ୍ଵଜାତୀୟ ପକ୍ଷପାତୀ ବୋଲି ପାରିବା? ଧିକ୍ ଆମ୍ଭମାନଙ୍କ ସୁଦୀର୍ଘ କଳ୍ପନାରେ! ଧିକ୍ ଆମ୍ଭମାନଙ୍କ ନ୍ୟାୟପରତାରେ!

ଉପସଂହାରରେ ଗବର୍ଣ୍ଣମେଣ୍ଟଙ୍କ ସମୀପରେ ନିବେଦନ ଏହି କି ଯେ ଶିକ୍ଷାବିଭାଗର କର୍ତ୍ତୃପକ୍ଷୀୟମାନଙ୍କ ସ୍କୁଲର ପୁସ୍ତକସମୂହର ବ୍ୟବସାୟ ନ କରିବା ବିଷୟରେ ବିଶେଷ ଆଦେଶ ପ୍ରଦାନ କରନ୍ତୁ।

୨୬।୧୦।୮୦ } ବଶମ୍ବଦ
କଟକ } ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ॥

* ଡାଇରେକ୍ଟର କିମ୍ବା ଇନ୍‌ସ୍ପେକ୍ଟର ଅର୍ଥାତ୍ ଯାହାଙ୍କ ହସ୍ତରେ ବହୁତ ସ୍କୁଲ କର୍ତ୍ତୃତ୍ଵ କରନ୍ତି।

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

ଅତିରିକ୍ତ ଉତ୍କଳଦୀପିକା ତା ୩୦ ରିଖ ଅକ୍ଟୋବର ସନ ୧୮୮୦ ମସିହା ।

## ବିଜ୍ଞାପନ ।

କଟକ ମିଉନିସିପାଲିଟୀ ।

ଏହି ମିଉନିସିପାଲିଟୀରେ ଜାରିଥିବା ଉପବିଧିର ଦ ୨ ଦଫା ଅନୁସାରେ ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯଦି କାହାରି ଘର ମଧ୍ୟରେ କୌଣସି ପଶୁ ମରେ ତେବେ ଦିନବେଳେ ମଲେ ମରିବା ସମୟରୁ ୨ ଘଣ୍ଟା ମଧ୍ୟରେ ଓ ରାତ୍ରରେ ମଲେ ସୂର୍ଯ୍ୟୋଦୟ ପର ଦୁଇ ଘଣ୍ଟା ମଧ୍ୟରେ ପଶୁସ୍ୱାମୀ ଆପଣା ଖର୍ଚ୍ଚରେ ମୃତ ପଶୁକୁ ନିମ୍ନଲିଖିତ ନିରୂପିତ ସ୍ଥାନମାନଙ୍କରେ ପୋତି ଆସିବେ ।

୧ ଯୋବ୍ରା ନିକଟସ୍ଥ କାଲିଅସାଇ ।
୨ ଖାନନଗର ମଏଦାନ ।
୩ ସତିଚଉରା ।
୪ ଜୁଲିସିପୁର ନିକଟ ପଳସାହଟୋଳା ।

ଏହି ଛଡା ଗ୍ରୀଷ୍ମ ଓ ଶୀତକାଳମାନଙ୍କରେ ମିଉନିସିପାଲିଟୀ ସୀମା ବାହାରେ ମହାନଦୀ ଓ କାଠଯୋଡ଼ିନଦୀ ବାଲିରେ ମଧ୍ୟ ପୋତି ପାରିବେ ।

ଯଦି କେହି ଉପରଲେଖିତ ସମୟ ମଧ୍ୟରେ ଆପଣା ଖର୍ଚ୍ଚରେ ଉକ୍ତ ସ୍ଥାନମାନଙ୍କୁ ମୃତ ପଶୁ ପଠାଇ ନ ପାରିବେ ତେବେ ସେ ଆପଣା ନିକଟବର୍ତ୍ତୀ କନ୍‌ସରଭେନ୍‌ସି ଓଭରସିଅର କି ଜମାଦାରକୁ ନିରୂପିତ ସମୟ ମଧ୍ୟରେ ଜଣାଇବେ ଯେ ସେମାନେ ତତ୍‌କ୍ଷଣାତ୍ ଆପଣା ମଏଲା ସଫାଇ ଗାଡି ବା ଅନ୍ୟ ଉପାୟଦ୍ୱାରା ଉକ୍ତ ମଲା ପଶୁକୁ ନିରୂପିତ ସ୍ଥାନକୁ ପଠାଇ ଦେବେ ଏରୂପ ସ୍ଥଳେ ନିମ୍ନଲିଖିତ ମତେ ଖର୍ଚ୍ଚା ଅଦାୟ କରାଯିବ ଯଥା

| | |
|---|---|
| ପ୍ରତ୍ୟେକ ହସ୍ତୀ ନିମନ୍ତେ | ଟ ୫୲ |
| ଉଟ | ଟ ୩୲ |
| ଘୋଟକ ( ଦ ୫୨ ହାତରୁ ବେଶି ଉଚ୍ଚ ) | ଟ ୨୲ |
| ମହିଷୀ | ଟ ୧ ୳ |
| ଟଟ୍ଟୁ ( ଦ ୫୪ ହାତରୁ ବେଶି ଉଚ୍ଚ ) | ଟ ୧୲ |
| ଟଟ୍ଟୁ ( ଦ ୫୪ ହାତରୁ କମି ଉଚ୍ଚ ) | ଟ ୦ ୳ |
| ଗଧ ଓ ଖଚର ଓ ଷଣ୍ଢ | ଟ ୦ ୳ |
| ବଳଦ ଓ ଗାଇ | ଟ ୦ । |
| ବାଛୁରି ମେଣ୍ଢା ଓ ଛେଳି | ଟ ୦ ୵ |
| ବୃଷଭ | ଟ ୦ ୵ |
| ବଗ୍ଡ଼ୀ ଓ ଅନ୍ୟାନ୍ୟ ପଶୁ | ଟ ୦ / |

ଏ ସମସ୍ତ ବିଧି ଲଙ୍ଘନରେ ଟ ୧୦୲ ଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ହୋଇ ପାରିବ ।

ତା ୨୨ ରିଖ ମହେ ଅକ୍ଟୋବର ସନ ୮୦ ମସିହା } By order of the Vice Chairman
KHETTRA MOHUN ROY
*Town Overseer*

---

ଜିଲେ ମୌଲମିନର ଶ୍ରୀଯୁତ ଜଜ ସାହେବଙ୍କ ଅଦାଲତରୁ ଯେହେତୁ ଜିଲା କଟକ ମୌଜେ କନକା ନିବାସୀ ସାନବନ୍ଧୁ ସାମନ୍ତ ପୁତ୍ର ମଧୁନାୟକ ମୌଲମିନରେ ଲାୱାରିସ ହୋଇ ମରିଯାଇ ଅଛି ଅତଏବ ଏଥିଦ୍ୱାରା ପ୍ରକାଶ କରା ଯାଉଅଛି କି ଯଦି କୌଣସି ବ୍ୟକ୍ତି ମୃତବ୍ୟକ୍ତିର ତ୍ୟାଗୀୟ ମାଲ ପ୍ରତି କିଛି ଦାବି ରଖୁଥାଏ କିମ୍ବା ତାହାର ଓ୍ୱାରିସ ଓ ହକଦାର ଥିବ ତେବେ ସେ ବ୍ୟକ୍ତି ବିଜ୍ଞାପନ ଜାରି ତାରିଖରୁ ମାଂ୧୨ ସ ମିଆଦ ମଧ୍ୟରେ ଆପଣା ଦାବି ଜିଲା ମୌଲମିନର ଶ୍ରୀଯୁକ୍ତ ଜଜସାହେବଙ୍କ ଅଦାଲତରେ ଅଗତ କରି ପ୍ରମାଣ କରାଇଲେ ଉକ୍ତ ମାଲ ତାକୁ ଦିଆଯିବା ପ୍ରତି ବହୁତ ହୁକୁମ ହେବ ଉକ୍ତ ମିଆଦ ମଧ୍ୟରେ ଦାବି ଅଗତ ନ ହେଲେ ପଶ୍ଚାତ୍ କାହାରି ଆପତ୍ତି ଗ୍ରାହ୍ୟ ହେବ ନାହିଁ ତା ୨୫ ଶ ଜୁନ ୧୮୮୦ ମସିହା ।

By order of the Court
J. DOUGLAS BAYLY
*Chief Clerk.*

---

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍।

ଏହା ଜ୍ୱରବେଗରେ କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ କଲିକତା ବୋଟାନିକାଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳି ପାରେ ଯଥା;—

ଡାକମାସୁଲ ସହିତ ୪ ଆଉନ୍ସର ଟ ୨୲ ଙ୍କା । ୮ ଆଉନ୍ସର ଟ ୧୨୲ ଙ୍କା । ୧୬ ଆଉନ୍ସର ୨୦୳ । ମୂଲ୍ୟ ନଗଦ ।

☞ ମୂଲପତ୍ର ଦେଖ ।

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୫ ଗ
ସଂ ୪୪ ଖ୍ୟା

ତା ୭ ଋଷ ମାହେ ନବମ୍ବର ସନ ୧୮୮୦ ମସିହା । ମୂ । କାର୍ତ୍ତିକ ଓ ୨୩ ଜ ସନ ୧୨୮୮ ସାଲ ଶନବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୲୵

ଏ ନଗରରେ ଦୀପାବଳୀ ଅମାବସ୍ୟା ପର୍ବ ସାମାନ୍ୟରେ ନିର୍ବାହ ହେଲା । ମହାର୍ଘ ହେତୁ ଗତ ଦୁଇ ତିନ ବର୍ଷ ଅନ୍ୟ ପର୍ବପରି ଏ ପର୍ବର ହ୍ରାସ ଦେଖା ଯାଇଥିଲା ମାତ୍ର ଏବର୍ଷ ତେଲ ତଣ୍ଡୁଳ ଶସ୍ତାଥିବା ଯୋଗୁଁ ଏ ପର୍ବର ପୂର୍ବ ସମାରୋହ ଦେଖିବାର ଆଶା ହୋଇଥିଲା କିନ୍ତୁ ବର୍ଷାଯୋଗେ ତାହା ବିଫଳ ହେଲା । ଅମାବସ୍ୟା ପୂର୍ବଦିନ ସନ୍ଧ୍ୟାସମୟରେ ଅଳ୍ପ ବର୍ଷା ହୋଇଥିଲା ଅମାବସ୍ୟାଦିନ ଅପରାହ୍ଣରେ ଭାରି ବୃଷ୍ଟି ହେଲା ଓ ରାତ୍ରରେ ମଧ୍ୟ ଝଡି ଲଗାଇଲା । କେବଳ ସନ୍ଧ୍ୟାବେଳେ ଦୁଇ ଏକ ଘଣ୍ଟା ବୃଷ୍ଟି ଅବସର ହେବାରୁ କିଛି ରୋଷଣୀ ହୋଇଥିଲା । ବାବୁ ସୀତାକାନ୍ତ ମୁଖୁର୍ଯ୍ୟା ଡେପୁଟୀ କଲେକ୍ଟର ସମାରୋହରେ କାଳୀପୂଜା କରିଥିଲେ । ମାତ୍ର ବର୍ଷାଯୋଗୁଁ ବଡ଼ ଅସୁଖ ହେଲା ଯାହା ହେଉ ତହିଁ ଆରଦିନ ଭୋଜକର୍ମ ନିର୍ବିଘ୍ନେ ନିର୍ବାହ ହେଲା । ଏ ବର୍ଷ ବର୍ଷା ବିଯୋଗ୍ଯ ପର୍ବର ସୁଖ ଭଙ୍ଗି ଦେଲା ସେଥିପାଇଁ ତେତେ ଚିନ୍ତା ନାହିଁ । ଏ ପରି ବର୍ଷାରେ କିଛି କ୍ଷତି ହେବାର ସମ୍ଭାବନା । ଅତଏବ ଇନ୍ଦ୍ରଦେବତା କ୍ଷାନ୍ତ ହେଉନ୍ତୁ ।

---

ସନ ୧୮୭୯ ସାଲରେ ବଙ୍ଗପ୍ରଦେଶର ଯେ ସମସ୍ତ ଲୋକ ସାଧାରଣ ହିତକର କାର୍ଯ୍ୟମାନ କରିଥିଲେ ତାହାଙ୍କର ନାମ ଓ କାର୍ଯ୍ୟର ବିବରଣ ବଙ୍ଗଳା ଗଜେଟରେ ଛାପା ହୋଇଅଛି । ତହିଁରୁ ଓଡିଶାର ବିବରଣ ଏଠାରେ ଉଦ୍ଧୃତ କଲୁଁ । ଯଥା;—

କଟକ ଜିଲାରେ ନାରାୟଣ ସାହୁ ଅଙ୍ଗଦା ମୌଜାରେ ଗୋଟିଏ ପୁଷ୍କରଣୀ ଖୋଳାଇବାରେ ଟ ୨୦୦ ୲ ଏବଂ ନଟବରମ ଦାସ ବଣ୍ଟା ମୌଜା ସାମିଲ ସରଗଡାରେ ଉକ୍ତ ପ୍ରକାର କାର୍ଯ୍ୟରେ ଟ ୩୦୦ ୲ ବ୍ୟୟ କରିଅଛନ୍ତି । ଦୁଇଶତ ଟଙ୍କାର ନ୍ୟୂନ କେତେଗୁଡିଏ କାର୍ଯ୍ୟ ହୋଇଅଛି ତହିଁର ମୋଟ ବ୍ୟୟ ଟ ୧୬୫ ୲ ଙ୍କା ।

ପୁରୀ ଜିଲାରେ କେହି ଦୁଇଶତ ଟଙ୍କା କିମ୍ବା ତହିଁ ଅଧିକ ମୂଲ୍ୟର କାର୍ଯ୍ୟ କରି ନାହିଁ ଦୁଇ ଶତ ଟଙ୍କାର ନ୍ୟୂନ ମୂଲ୍ୟର କେତେଗୁଡିଏ କାର୍ଯ୍ୟ ହୋଇଅଛି ତହିଁର ସମୁଦାୟ ବ୍ୟୟ ଟ ୪୦୦ ୲

ବାଲେଶ୍ୱର ଜିଲାରେ ଗଙ୍ଗା ବେଓ୍ୟା ଜଲେଶ୍ୱର ସାମିଲ ବଳରାମପୁରରେ ଏକ ପୁଷ୍କରଣୀ ଖୋଳାଇବାରେ ଟ ୩୦୦ ୲ ଏବଂ ଦାମଦାସ ତାଲପଦା । ପ୍ର । ପଞ୍ଚମଲଙ୍ଗରେ ସେହିପରି କାର୍ଯ୍ୟରେ ଟ ୩୦୦ ୲ ବ୍ୟୟ କରିଅଛନ୍ତି । ଦୁଇ ଶତ ଟଙ୍କାର ନ୍ୟୂନ କେତେଗୁଡିଏ କାର୍ଯ୍ୟ ହୋଇଅଛି ତହିଁର ସମୁଦାୟ ମୂଲ୍ୟ ଟ ୧୯୦ ୲

---

ବାଲେଶ୍ୱରର କୁମାର ବୈକୁଣ୍ଠନାଥଦେଙ୍କ ପ୍ରତି ସେଠା ମେଜଷ୍ଟର କୁକ୍‌ସାହେବ ଅକାରଣ ଅପ୍ରସନ୍ନ ହୋଇଥିବା ବିଷୟ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ । ବର୍ତ୍ତମାନ ଏ ପ୍ରସଙ୍ଗ ହିନ୍ଦୁପେଟ୍ରିଅଟ ପତ୍ରିକାରେ ଉଲ୍ଲେଖ ହୋଇଅଛି ଓ କୁମାର ମହୋଦୟ ରୋଡ଼ସେସ କମିଟୀ ଓ ମିଉନିସିପାଲିଟିର ସହକାରୀ ସଭାପତି ପଦମାନଙ୍କରେ ଯେ ଇସ୍ତଫାମାନ ଦେଇ ଅଛନ୍ତି ସେ ସବୁ ପ୍ରକାଶ ହୋଇଅଛି । ଉକ୍ତ ପତ୍ରିକା ବୋଲନ୍ତି ବୈକୁଣ୍ଠବାବୁ ଗତ ଦଶବର୍ଷରୁ ସର୍ବସାଧାରଣଙ୍କ କାର୍ଯ୍ୟରେ ସର୍ବଦା ରତ ସେ ଦାନଶୀଳ ଏବଂ ତାଙ୍କ ଶ୍ରମ ଓ ଯତ୍ନରେ ବାଲେଶ୍ୱରର କେତେକ ଉନ୍ନତି ହୋଇଅଛି । କମିଶନରସାହେବ ଜଜ ସାହେବ ଓ ପୂର୍ବର ମେଜଷ୍ଟରମାନେ ତାଙ୍କର ପ୍ରଶଂସା କରି ଅଛନ୍ତି ମାତ୍ର ବର୍ତ୍ତମାନର ମେଜଷ୍ଟର କୁକ୍‌ସାହେବ "ଗରମ ମିଜାଜର" ଯୁବକ ଥିବାରୁ ବାବୁଙ୍କୁ ଅପମାନ କରୁଅଛନ୍ତି ଓ ନାନାବିଧ କର୍ମ ସକାଶେ ସେ ଯେ ଜଣେ କରମୀ ପାଇଥିଲେ ତାହା ତାଙ୍କୁ ଦେଉ ନାହାନ୍ତି । ଏ ହେତୁ ବ ବୁ ମହୋଦୟ ବାଧ୍ୟ ହୋଇ ଉପର୍ଯ୍ୟୁକ୍ତ କର୍ମମାନଙ୍କରେ ଇସ୍ତଫା ଦେଇଅଛନ୍ତି । ଇସ୍ତଫା ଇତ୍ୟାଦିରୁ ପ୍ରକାଶ ଯେ କୁକ୍‌ସାହେବ ବାବୁଙ୍କପ୍ରତି ଅକାରଣ ଅତି ଅନ୍ୟାୟ ବ୍ୟବହାର କରି ଅଛନ୍ତି ଓ ବାବୁଙ୍କର କିଛିହିଁ ଦୋଷ ଦେଖା ନ ଯାଏ । ଅତଏବ ଆମ୍ଭେମାନେ ହିନ୍ଦୁପେଟ୍ରିଅଟ ସହିତ ଐକ୍ୟହୋଇ କହୁଅଛୁଁ ଯେ ଗବର୍ଣ୍ଣମେଣ୍ଟ ବାବୁଙ୍କର ଇସ୍ତଫା ଗ୍ରହଣ ପୂର୍ବେ ଏ ବିଷୟର ତଦନ୍ତ କରି ବାବୁଙ୍କପ୍ରତି ନ୍ୟାଯ୍ୟ ବ୍ୟବହାର କରନ୍ତୁ । ବାବୁ ମହୋଦୟ ମଧ୍ୟ ଜଣେ ଅବୈତନିକ ମେଜଷ୍ଟର ଅଟନ୍ତି ଓ ଯଦି ଜିଲାର

Digitized by srujanika@gmail.com

Split by PDF Splitter



ମେଜଷ୍ଟର ଏପର ଅନ୍ୟାୟ୍ କରିବେ ତେବେ ଆଉ କଏ କାହିଁକି ଅବେତନରେ ସରକାରୀ କର୍ମରେ ପ୍ରବୃତ୍ତ ହେବ । ଏ ବିଷୟ ଉତ୍ତମ ରୂପେ ବୁଝିବାର ଆବଶ୍ୟକ ।

———

ଉତ୍କଳୀୟ କରଣମାନଙ୍କର କେତେଗୁଡ଼ିଏ ସାମାଜିକ ରୀତି ସଂଶୋଧନ କରିବା ଏବଂ ଉତ୍କଳୀୟ କରଣ ବଙ୍ଗୀୟ କାୟସ୍ଥ ଏବଂ ହିନ୍ଦୋସ୍ଥାନୀ ଲାଲଙ୍କ ମଧ୍ୟରେ ସମତା ସପ୍ରମାଣ କରିବା ଓ ତଦ୍ୱାରା ପରସ୍ପର ମଧ୍ୟରେ ଆହାର ବ୍ୟବହାରରେ ବର୍ତ୍ତମାନ ଯେତେ ଅନ୍ତର ଦେଖା ଯାଏ ତାହା ଯଥୋଚିତ ରୂପେ ଊଣା କରିବା ପକ୍ଷରେ ମୃତ ବାବୁ ବିଚନ୍ଦ୍ରାନନ୍ଦ ଦାସ ଅନେକ ଚେଷ୍ଟା କରିଥିଲେ ଏବଂ ଏହି ସମସ୍ତ ଉଦ୍ଦେଶ୍ୟ ସଫଳ କରିବା ଆଶାରେ ସେ ଅନେକ ପରିଶ୍ରମ ଓ ବ୍ୟୟ ସ୍ୱୀକାର କରି ଖଣ୍ଡେ ପୁସ୍ତକ ରଚନା କରିଥିଲେ । ଦୁର୍ଭାଗ୍ୟବଶତଃ ସେ ପୁସ୍ତକ ଅଦ୍ୟାପି ମୁଦ୍ରିତ ନ ହେବାରୁ ସର୍ବସାଧାରଣଙ୍କ ନିକଟରେ ଉପସ୍ଥିତ ହୋଇ ପାରି ନାହିଁ ଏବଂ ବାବୁଙ୍କ ଉତ୍ତାରୁ ଅନ୍ୟ କେହି ଉତ୍କଳବାସୀ ସେଥି ପକ୍ଷରେ ଯତ୍ନବାନ୍ ହେବାର ଦେଖା ଯାଇ ନାହିଁ । କିନ୍ତୁ କାଳର କି ଚମତ୍କାର ଶକ୍ତି । ଏକ ସମୟରେ ଯାହା ବହୁ ଯତ୍ନରେ ସାଧିତ ହେବା ଦୁସ୍ତର ଅନ୍ୟ ସମୟରେ ତାହା ଆପଣା ସୁଦ୍ଧେ ସଂଘଟିତ ହୁଅଇ । ବହୁକାଳ ପୂର୍ବେ ଉତ୍କଳୀୟ ଏବଂ ବଙ୍ଗୀୟ କରଣମାନେ ପରସ୍ପରଙ୍କ ଘରେ ସାମାଜିକ ପଦ୍ଧତିରେ ମହାପ୍ରସାଦ ଭିନ୍ନ କିଛି ଭୋଜନ କରୁ ନ ଥିଲେ । କ୍ରମେ ନିଷ୍କୃତ ଦ୍ରବ୍ୟ ଭୋଜନର ପ୍ରଥା ପ୍ରଚଳିତ ହେଲା, ମାତ୍ର ବ୍ୟଞ୍ଜନ ବିନା ଘୃତ ଇତ୍ୟାଦି ମିଷ୍ଟାନ୍ନ ସେବା ତୃପ୍ତିକର ନୁହେ ଓ ତାହା ଚଳାଇବା ପକ୍ଷରେ ଯତ୍ନ ହେବାରୁ ଏହି ସିଦ୍ଧାନ୍ତ ହେଲା ଯେ ଉତ୍କଳୀୟ ବ୍ରାହ୍ମଣ ପାକ କରିଥିବା ବ୍ୟଞ୍ଜନ ପ୍ରଚଳିତ ହୋଇ ପାରେ । ଏହି ନିୟମ କେତେ ବର୍ଷ ହେଲା ପ୍ରତିପାଳିତ ହୋଇ ଆସୁଥିଲା ଏବଂ କେବଳ ବଙ୍ଗୀୟ ବ୍ରାହ୍ମଣ ପାକ କରିଥିବା ଦ୍ରବ୍ୟ ପ୍ରତି ଉତ୍କଳୀୟ କରଣମାନଙ୍କର ଆପତ୍ତି ଥିଲା । ସମ୍ପ୍ରତି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଦେଖିଲୁଁ ଯେ ଉତ୍କଳୀୟମାନେ ଏ ଆପତ୍ତିକୁ ପରିତ୍ୟାଗ କରିଅଛନ୍ତି । ଗତ ଅମାବାସ୍ୟାର ପରଦିବସ କାଳୀପୂଜା ଉପଲକ୍ଷରେ ଶ୍ରୀ ବାବୁ ସୀତାକାନ୍ତ ମୁଖୁର୍ଯ୍ୟାଙ୍କ ଘରଠାରେ ତାହାଙ୍କ ଆମନ୍ତ୍ରଣ ମତେ ଅନ୍ୟାନ୍ୟ ଜାତୀୟ ଭଦ୍ରଲୋକ ମଧ୍ୟରେ ଅନେକ କରଣ ସମବେତ ହୋଇଥିଲେ ଏବଂ ସେମାନେ କୌଣସି ପ୍ରକାର ଦ୍ୱିଧା ନ କରି ଆହ୍ଲାଦ ସହିତ ବଙ୍ଗୀୟ ବ୍ରାହ୍ମଣଙ୍କ ହସ୍ତରେ ପ୍ରସ୍ତୁତ ହୋଇଥିବା ଡାଲି ଏବଂ ସକଳପ୍ରକାର ବ୍ୟଞ୍ଜନ ଗ୍ରହଣ କଲେ ଏଥର କେବଳ ଅନ୍ନର ବ୍ୟବଧାନ ରହିଲା ଏବଂ ମାକାଳୀଙ୍କର ପ୍ରସାଦରୁ ଅଳ୍ପକାଳ ମଧ୍ୟରେ ଏହା ଅନ୍ତର୍ଦ୍ଧାନ ହେବ ଏମନ୍ତ ଆମ୍ଭମାନଙ୍କର ଦୃଢ ଆଶା ଅଛଇ । ବାସ୍ତବରେ ଉତ୍କଳୀୟ ଏବଂ ବଙ୍ଗୀୟ ବ୍ରାହ୍ମଣଙ୍କ ମଧ୍ୟରେ ପ୍ରଭେଦ ଜ୍ଞାନ କରିବା କରଣଙ୍କ ପକ୍ଷରେ ଶୋଭନୀୟ ନୁହଇ । ବଙ୍ଗୀୟ କାୟସ୍ଥମାନେ ଉତ୍କଳୀୟ ବ୍ରାହ୍ମଣଙ୍କ ହସ୍ତରେ ଭୋଜନକରିବାର ରୀତି ଅନେକ ଦିନରୁ ପ୍ରଚଳିତ କରିଅଛନ୍ତି । ହିନ୍ଦୁସ୍ଥାନୀ ଲାଲମାନେ ଉତ୍କଳୀୟ ବ୍ରାହ୍ମଣଙ୍କୁ ପୁରୋହିତ ସୁଦ୍ଧା କରିସାରିଲେଣି । ଏଥର ଉତ୍କଳୀୟ କରଣମାନେ ବଙ୍ଗୀୟ ବ୍ରାହ୍ମଣଙ୍କୁ ଅଙ୍ଗୀକାର କଲେ ବଡ଼ ସୁଖର ବିଷୟ ଅଟଇ । ଏ ଉତ୍ତାରୁ କାୟସ୍ଥ କରଣ ଓ ଲାଲଙ୍କ ମଧ୍ୟରେ ସକଳପ୍ରକାର ଖାଦ୍ୟଦ୍ରବ୍ୟ ଭୋଜନ ବିଷୟରେ ଆଉ କୌଣସି ସଂଶୟ ରହିବା ଉଚିତ ନୁହଇ; ପଶ୍ଚିମ ପ୍ରଦେଶରେ କେବଳ ଅନ୍ନ ରୁଟି ଓ ଡାଲିକୁ ସକୃଡ଼ି ବୋଲନ୍ତି ଏ ଦ୍ରବ୍ୟମାନ ସ୍ୱଜାତୀୟ ଛଡ଼ା ଅନ୍ୟ କାହାରି ସଙ୍ଗେ କେହି ଭୋଜନ କରନ୍ତି ନାହିଁ ମାତ୍ର ପୁରି ଓ ମାଂସ ପ୍ରଭୃତି ସକଳପ୍ରକାର ବ୍ୟଞ୍ଜନ ଏକ ଆସନରେ ବସି ସମଶ୍ରେଣୀର ଭିନ୍ନ ଭିନ୍ନ ଜାତୀୟ ଲୋକମାନେ ଭୋଜନ କରନ୍ତି ଓ ବଜାରରୁ ରନ୍ଧା ବ୍ୟଞ୍ଜନ କ୍ରୟକରି ସମସ୍ତେ ଭୋଜନ କରନ୍ତି । ଏ ନିୟମ ସର୍ବତ୍ରରେ ପ୍ରଚଳିତ ହେବା ବାଞ୍ଛନୀୟ ଅଟଇ ।

———

## ସରକାରୀ କର୍ମଚାରୀଙ୍କ ପରିବାର ପାଇଁ ଅର୍ଥ ସଞ୍ଚୟ ।

ଆମ୍ଭମାନଙ୍କ ଦୟାଳୁ ଗବର୍ଣ୍ଣମେଣ୍ଟ ଆପଣା କର୍ମଚାରୀମାନଙ୍କ ପରିବାରପାଇଁ ଅର୍ଥ ସଞ୍ଚୟର ଗୋଟିଏ ଉପାୟ କଳ୍ପନା କରିଅଛନ୍ତି । ଏଥିର ଉତ୍ପତ୍ତି ରେଲଗାଡ଼ି କର୍ମଚାରୀଙ୍କ ସଂକ୍ରାନ୍ତରେ ଅଟଇ । ସେ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଅଧିକାଂଶ ଫିରିଙ୍ଗୀ ଅଟନ୍ତି । ସେମାନେ ଆପଣା ଭୋଜନ ବସନ ଓ ମଦ୍ୟ ପାନରେ ସମୁଦାୟ ଅର୍ଜ୍ଜନ ଉଡ଼ାଇ ଦିଅନ୍ତି ପରିବାରଙ୍କପାଇଁ କିଛିହେଁ ସଞ୍ଚୟ କରନ୍ତି ନାହିଁ । ସୁତରାଂ ସେମାନଙ୍କ ଅନ୍ତେ ବା କର୍ମଚ୍ୟୁତ ସ୍ଥଳେ ସେମାନଙ୍କ ପରିବାର ବଡ଼କଷ୍ଟ ଭୋଗ କରନ୍ତି । ଏ କଷ୍ଟ ନିବାରଣ ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟ ସେମାନଙ୍କ ପାଇଁ ଗୋଟିଏ ସେଭିଙ୍ଗ ବାଙ୍କ ସ୍ଥାପି ଏହି ବିଧି କରିଅଛନ୍ତି ଯେ ସେମାନଙ୍କ ବେତନରୁ ପ୍ରତିମାସ କିଛି କର୍ତ୍ତନ ହୋଇ ସେ ବାଙ୍କରେ ସଞ୍ଚିତ ହେବ ଓ ବର୍ଷ ଶେଷରେ ଗବର୍ଣ୍ଣମେଣ୍ଟ ରେଲଗାଡ଼ି ଲାଭରୁ କିୟଦଂଶ ସେମାନଙ୍କୁ ଦାନ କରି ବାଙ୍କରେ ଜମା କରିବେ । ଏଥିର ନିୟମାବଳୀ ଗଜେଟରେ ପ୍ରକାଶିତ ଓ ଏହା ଗତ ଜାନୁଏରୀ ମାସରୁ ପ୍ରଚଳିତ ହୋଇଅଛି । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ସମସ୍ତ ବିଭାଗର କର୍ମଚାରୀଙ୍କ ପକ୍ଷରେ ଉକ୍ତ ବିଧାନ ଖଟାଇବାର ପ୍ରସ୍ତାବ କରି କଳା କର୍ମଚାରୀଙ୍କ ମତାମତ ବୁଝିବାରୁ ସେମାନେ ଅମଲାମାନଙ୍କର ମତ ଗ୍ରହଣ କରୁଅଛନ୍ତି ।

ଗବର୍ଣ୍ଣମେଣ୍ଟଙ୍କର ବର୍ତ୍ତମାନ ପ୍ରସ୍ତାବ ଏହି ଯେ ଯେଉଁ କର୍ମଚାରୀଙ୍କର ବେତନ ମାସିକ ଟ ୧୦୲ ଙ୍କାରୁ ଅଧିକ ଏବଂ ଟ ୪୦୦୲ ଙ୍କାରୁ ଊଣା ସେମାନଙ୍କ ବେତନରୁ ପ୍ରତି ଟଙ୍କାରେ ଏକଅଣା ଲେଖାଏ ପ୍ରତି ମାସରେ କର୍ତ୍ତନ ହୋଇ ସେଭିଙ୍ଗ ବାଙ୍କରେ ଜମା ହେବ ଓ ବର୍ଷକରେ ଯେତେ ଜମା ହେବ ତହିଁର ପଞ୍ଚମାଂଶ ଗବର୍ଣ୍ଣମେଣ୍ଟ ଦାନ କରି ତହିଁରେ ସଂଯୁକ୍ତ କରିବେ ଅର୍ଥାତ୍ କୌଣସି ଅମଲାର ବେତନରୁ ବର୍ଷରେ ଟ ୧୦୦୲ ଙ୍କା ଜମା ହେଲେ ସରକାର ତହିଁରେ ଆଉ ଟ ୨୦୲ ଙ୍କା ଦେବେ ଏପରି ଟ ୧୨୦୲ ଙ୍କା ସେ ଅମଲାର ପାଣ୍ଠି ହେବ ଏହି ପରି ପ୍ରତିବର୍ଷ କର୍ମଚାରୀର କାର୍ଯ୍ୟକାଳ ପର୍ଯ୍ୟନ୍ତ ଜମା ହେଉଥିବ । ତାଙ୍କ ଅନ୍ତେ ସଞ୍ଚିତ ଟଙ୍କା ଯେ ପାଇବ ତାହା ସେ ଲେଖି ଦେଇ ଥିବେ । ଯଦ୍ୟପି କୌଣସି କର୍ମଚାରୀ ଦୋଷ ପ୍ରଯୁକ୍ତ କର୍ମଚ୍ୟୁତ ହେବ ତେବେ ସେ ତାହାର ବେତନରୁ କର୍ତ୍ତନ ଟଙ୍କା ଫେରି ପାଇବ ସରକାରୀ ଦତ୍ତ ଟଙ୍କା ପାଇ ନ ପାରିବ । ଯଦି କେହି କର୍ମରେ ଥିବା ସମୟରେ କିଛି ବିଶେଷ କାରଣ ବଶତଃ ସଞ୍ଚିତ ଟଙ୍କା ଫେରି ନେବ ତେବେ ସେ ସରକାରଙ୍କର ଦତ୍ତ ଟଙ୍କା ଛଡ଼ା ଫେରି ପାଇବ ଓ ପଶ୍ଚାତ୍ ତାହାର ବେତନରୁ କ୍ରମେ କର୍ତ୍ତନ ହୋଇ ତାହା ପୂରଣ କରା ଯିବ ।

ଆମ୍ଭମାନଙ୍କ ବିବେଚନାରେ ଏ ନିୟମ ଅତି ଉତ୍ତମ ଓ ଉପକାର ସାଧକ ଅଟଇ ଓ ଏଥିରୁ ସରକାରଙ୍କର ଆପଣା କର୍ମଚାରୀଙ୍କପ୍ରତି ବିଶେଷ ଦୟା ଓ ସହାନୁଭୂତି ପ୍ରକାଶ ପାଏ । ଶହେଟଙ୍କା ଜମା ହେଲେ ସରକାରରୁ ଟ ୨୦୲ ଙ୍କା ମିଳିବ

Digitized by srujanika@gmail.com

Split by PDF Splitter



ଘରେ ରଖିଲେ କିଛି ମିଳିବ ନାହିଁ ଓ ଚୋରି ଇତ୍ୟାଦିର ଆଶଙ୍କା । ସରକାରରେ ରହିଲେ ଲେଶ ମାତ୍ର ଆଶଙ୍କା ବା ଶ୍ରମ ନାହିଁ । ଏପରି ଲାଭକର ଉପାୟ ସମସ୍ତଙ୍କର ବାଞ୍ଛନୀୟ ହେବ ବା ହେବାର ଉଚିତ । ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଯେ ଫିରଙ୍ଗିଙ୍କ ପରି ବାସ୍ତୁରୀ ନାହାନ୍ତି ଏମନ୍ତ ନୁହେ ବରଂ ବର୍ତ୍ତମାନ ସଭ୍ୟତା ପ୍ରଭାବରୁ ଅନେକ ବାସ୍ତୁରୀ ଦେଖା ଯାନ୍ତି । ଅତଏବ ସକଳ ବିଭାଗର ସକଳ ଜାତୀୟ କର୍ମଚାରୀଙ୍କ ପକ୍ଷରେ ଏ ନିୟମ ହେବାର ଉଚିତ । ଯେବେ ଏପରି ବିଧି ଥିବ ଯେ ଯଦି କେହି ଏଥିରେ ନିତାନ୍ତ ଅସମ୍ମତ ହେବ ଯେବେ ତାହା ପ୍ରତି ଏ ନିୟମ ଖଟିବ ନାହିଁ । ଏହା ହେଲେ କିଛି ଦୋଷ ନ ରହିବ । ଆମ୍ଭେମାନେ ଶୁଣିଲୁଁ ଅନେକ ଅମଲା ଏଥିର ସପକ୍ଷରେ ମତ ଦେଇ ଅଛନ୍ତି ।

—*—

## କୌତୁକ ଗଳ୍ପ ।

ଜଣେ ରାଜାଙ୍କ ନଅରରେ ତାଙ୍କର ଗୁରୁଦେବ ଅନେକ ଦିନ ଉତ୍ତାରେ ପ୍ରବେଶ ହେଲେ ସୁତରାଂ ଗୁରୁଙ୍କର ସମାଦରର ସୀମା ନ ରହିଲା ଏମନ୍ତ କି ରାଣୀ ମଧ୍ୟ ଗୋସାଇଁଙ୍କର ବସା କୋଠରୀକୁ ରାତ୍ରରେ ଯାଇ ତାଙ୍କର ପାଦ ମର୍ଦ୍ଦନ କଲେ । ରାଣୀଙ୍କର ସର୍ବାଙ୍ଗ ବହୁମୂଲ୍ୟ ଅଳଙ୍କାରରେ ଭୂଷିତ । ଏତେ ଅଳଙ୍କାର ଦେଖି ଗୋସାଇଁଙ୍କର ଲୋଭ ସମ୍ଭାଳ ହେଲା ନାହିଁ । ସେ ରାଣୀଙ୍କୁ ବଧ କରି ଅଳଙ୍କାରଗୁଡ଼ିକ ଗଣ୍ଠିରି କଲେ ମାତ୍ର ଚତୁର୍ଦ୍ଦିଗରେ ପ୍ରହରୀ ଥିବାରୁ ପଳାଇ ଯାଇ ନ ପାରିଲେ । ଗୋସାଇଁ ବଡ଼ ଅସ୍ତବ୍ୟସ୍ତ ହୋଇ କବାଟ କିଳି ଗୋଟିଏ କୋଣରେ ଗାଲରେ ହାତ ଦେଇ ବସି ରହିଲେ । ତହିଁ ଆରଦିନ ଅନେକକ୍ଷଣ ପର୍ଯ୍ୟନ୍ତ କବାଟ ନ ଫିଟିବାରୁ ରାଜା ଶଙ୍କାଯୁକ୍ତ ହୋଇ କବାଟ ଭଙ୍ଗାଇ ଏହି କାଣ୍ଡ ଦେଖି ଗୋସାଇଁଙ୍କୁ କହିଲେ ବୋଧହୁଏ ରାଣୀ ଆପଣଙ୍କଠାରେ କିଛି ଅପରାଧ କରିଥିବାରୁ ତାଙ୍କୁ ଏ ଦଣ୍ଡ ଦେଇ ଅଛନ୍ତି ସେଥିପାଇଁ କିଛି ଚିନ୍ତା ନାହିଁ । ଆପଣ ଟିକିଏ ପାଦୁକ (ପାଦୋଦକ) ଦେଉନ୍ତୁ ଭଲ ଦେଖି କଣ ହୁଏ । ଏହା କହି ଗୋସାଇଁଙ୍କର ପାଦୁକ ନେଇ ଶବ ଉପରେ ଛିଞ୍ଚିଦେବାରୁ ରାଣୀ ବଞ୍ଚି ଉଠିଲେ । ଗୋସାଇଁ ଦେଖି ମନେ କଲେ ବାଃ ମୋର ଏଡ଼େ ମହିମା ମୁଁ ତ ଏପର୍ଯ୍ୟନ୍ତ ଜାଣି ନ ଥିଲି ମୁଁ ତ ଦେବତା, ଆଉ ଆନନ୍ଦର ସୀମା ରହିଲା ନାହିଁ । କିଛିଦିନ ଉତ୍ତାରେ ସେ ରାଣୀଙ୍କର ଅଳଙ୍କାର ଓ ଦକ୍ଷିଣା ନେଇ ଘରେ ପହୁଞ୍ଚିଲେ ଗୋସାଇଁଙ୍କର ଠକବୃତ୍ତି ତାଙ୍କ ପତ୍ନୀଙ୍କୁ ଜଣାଥିଲା ସେ ଏତେ ଅଳଙ୍କାର ଦେଖି କହିଲେ ପ୍ରାୟ କାହାର ସର୍ବନାଶ କରି ଏ ସବୁ ଆଣିଅଛ । ଗୋସାଇଁ ଉତ୍ତର କଲେ ନା, ନା, ସେପରି ନୁହେ ମୋର ମହିମାବଳେ ଏ ସବୁ ଆଣିଅଛି । ମୋର ଏପରି ମହିମା ଯେ ମୋର ପାଦୁକରେ ମଲାମନୁଷ୍ୟ ବଞ୍ଚି ଉଠେ । ଘରଣୀ ଏକଥା ହସରେ ଉଡ଼ାଇ ଦେଲେ । ତହୁଁ ଗୋସାଇଁ ମନେ କଲେ ଯେବେ ମୋର ମହିମା ପ୍ରତ୍ୟକ୍ଷ ଦେଖାଇବାର ଆବଶ୍ୟକ । ଏହା ଭାବି ଘରଣୀଙ୍କୁ ହାଣି ପକାଇଲେ ଓ ପ୍ରତିବାସିମାନଙ୍କୁ ଡାକିଆଣି କହିଲେ ମୋର ପାଦୁକରେ ଏହାକୁ ମୁଁ ଜିଆଇ ଦେବି । ଏହା କହି ଯେତେ ପାଦୁକ ଶବ ଉପରେ ଛିଞ୍ଚିଲେ ଆଉ ଘରଣୀ ଜିଇ ଉଠିଲେ ନାହିଁ । ତହୁଁ ଗୋସାଇଁ ମୁଣ୍ଡପିଟି ଘରଣୀର ଗୁଣ ବାଖିନି କାନ୍ଦିବାରେ ରହିଲେ ଓ କିୟତ୍‍ଦଣ୍ଡରେ ପୁଲିସ ପ୍ରବେଶ ହୋଇ ଗୋସାଇଁଙ୍କୁ ବାନ୍ଧି ନେଇ ଗଲେ । ଗୁରୁଦେବଙ୍କର କରାମତି ବାହାରି ପଡ଼ିଲା !

———

# ସାପ୍ତାହିକ ସଂବାଦ ।

ଏଠାରେ ଗତ ସପ୍ତାହ ଶେଷରେ ଦୁଇଦିନ କିଛି ଶୀତ ହୋଇଥିଲା ମାତ୍ର ଗତ ରବିବାର ଦିନୁ ପୂନର୍ବାର ବର୍ଷାଋତୁ ପ୍ରକାଶ ହୋଇଅଛି । ଏ ପର୍ଯ୍ୟନ୍ତ ମେଘାଚ୍ଛନ୍ନ ଛଡ଼ି ନାହିଁ ଓ ମଧ୍ୟେ ମଧ୍ୟେ ଅଳ୍ପ ବୃଷ୍ଟି ହେଉଅଛି ।

ବାବୁ ଶ୍ରୀନାଥ ଭଦ୍ର ଡିପୋଟୀ କଲେକ୍ଟରଙ୍କର ଏକପିଲା ଓ ଉଦାଲତ ନାଜରଙ୍କର ଏକପିଲା ଏ ଦୁହିଙ୍କ ମଧ୍ୟରେ ଗାଳି ଦିଆଦେଇ ହେବାରୁ ଏଥିର ଦୁଇନମ୍ବର ମକଦ୍ଦମା ଡେପୁଟିମେଜିଷ୍ଟ୍ରିରେ ଦାଏର ହୋଇଅଛି । ପିଲା କଳିରେ ମକଦ୍ଦମା କି ଆଶ୍ଚର୍ଯ୍ୟ ! ଅଧିକ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଶ୍ରୀନାଥ ବାବୁଙ୍କ ପକ୍ଷରୁ ଆଗେ ନାଲିଶ ହେଲା ।

ଏଠା କାଠଯୋଡ଼ୀ ନଦୀ ଘାଟର ମାଝି କୌଣସି ଯାତ୍ରିଠାରୁ ଅଧିକା ମାସୁଲ ନେବା ଓ ଅନ୍ୟପ୍ରକାର ଅତ୍ୟାଚାର କରିବା ଦୋଷରୁ ବାବୁ ବରଦାକାନ୍ତ ମଜୁମଦାର ଡିପୋଟୀ ମେଜଷ୍ଟର ମାଝି ଉପରେ ଟ ୩୦୯ ଙ୍କା ଓ ଇଜରଦାର ଉପରେ ଟ ୫୦୯ ଙ୍କା ଅର୍ଥଦଣ୍ଡ କରିଅଛନ୍ତି ।

ଏଠା କଲେକ୍ଟରୀରେ ନୋକସାନୀ ଦରଖାସ୍ତ ପଡ଼ିବାର ଏପର୍ଯ୍ୟନ୍ତ ଛଡ଼ି ନାହିଁ । ପଟ୍ଟାମୁଣ୍ଡାଇ ନାଳଯୋଗେ ସୁଙ୍ଗଡ଼ା ମାତକଦଳଗରର ଅନେକ ମଉଜାର ଫସଲ ନଷ୍ଟ ହେବା କଥା ଏଥି ପୂର୍ବେ ଆମ୍ଭେମାନେ ଲେଖିଥିଲୁଁ ବର୍ତ୍ତମାନ ଅବଗତ ହେଲୁଁ ଯେ ଅଳଙ୍ଗନଦୀର ପେଣ୍ଟୁଅସାଇ ବନ୍ଧ ଭାଙ୍ଗି ସେ ଅଞ୍ଚଳର ଫସଲ ନଷ୍ଟ କରିଅଛି । ଏ ଦୁଇସ୍ଥାନର ପ୍ରଜାମାନେ ନୋକସାନୀ ଦରଖାସ୍ତ ଦେଇଅଛନ୍ତି । ପୂର୍ବୋକ୍ତ ସ୍ଥାନରେ ସରକାରୀ ନାଳଯୋଗେ ଫସଲ ନଷ୍ଟ ହୋଇଥିବାରୁ ନୋକସାନୀ ଛଡ଼ ବା ଖେସାରି ଦେବାର ଉଚିତ ।

ବଣ୍ୟାଳ ମୃତ ବାବୁ ନବୀନ ଷଡଙ୍ଗିଙ୍କ ଭ୍ରାତୃସ୍ପୁତ୍ର ଜାନସ୍ଵୀଲ ଷଡଙ୍ଗୀ ଏ ଜିଲ୍ଲାରେ ସବ୍ ଇନ୍‌ସ୍ପେକ୍ଟର ଥିଲେ । କିଛି ଦିନ ହେଲା ବାଲେଶ୍ଵର ଜିଲ୍ଲାକୁ ବଦଳି ହୋଇ ସୋରୋ ଥାନାରେ ଥିଲେ ବର୍ତ୍ତମାନ ସେ ମିଥ୍ୟା ରିପୋର୍ଟ ଇତ୍ୟାଦି ଦୋଷରେ କର୍ମଚ୍ୟୁତ ହୋଇ ଅଛନ୍ତି ମଦ୍ୟପାନ ମଧ୍ୟ ତାଙ୍କର ଏ ଦୁର୍ଦ୍ଦଶାର ଗୋଟିଏ କାରଣ ଅଟଇ । ସମ୍ବାଦବାହିକା ଓବାଲନ୍ତି କଟକରେ ଷଡଙ୍ଗିଙ୍କ ବଂଶ ପ୍ରଧାନ ଥିଲେ ସମସ୍ତେ ପାନଦୋଷରେ ନାଶକୁ ପ୍ରାପ୍ତ ହେଲେ ଯଥାର୍ଥ କଥା । ସୁରାପାନରେ ଅନେକ ଲୋକ ଉଚ୍ଛନ୍ନ ହେଉଥିଲେହେଁ ଶିକ୍ଷିତ ଲୋକେ ତହିଁରୁ ବିରତ ହେଉ ନାହାନ୍ତି କି ଆଶ୍ଚର୍ଯ୍ୟ !!

ଆମ୍ଭମାନଙ୍କର ଲେଟ ଲାଟ ମାନ୍ୟବର ଇଡ଼ନ ସାହେବ ଶାରୀରିକ ଅସୁସ୍ଥତା ପ୍ରଯୁକ୍ତ କର୍ମତ୍ୟାଗ କରି ବିଲାତକୁ ଯିବାର ଯେ ଜନରବ ଉଠିଥିଲା ତାହା ମିଥ୍ୟା ଅଟଇ । ଲାଟ ସାହେବ ତାଙ୍କ କର୍ମର ମିଆଦ ଶେଷ ପର୍ଯ୍ୟନ୍ତ ରହିବେ ।

ବମ୍ବାଇ ଅଞ୍ଚଳରେ ଛୋଟ ଉଦୟପୁରର ରାଜା ଆପଣାର ସାନରାଣୀଙ୍କୁ ବଧ କରିଅଛନ୍ତି । ଏଥିର କାରଣ ଏହି ଯେ ନଅରରେ ଥିବା ଜଣେ ସିପାହି ସଙ୍ଗେ ରାଣୀଙ୍କର ପ୍ରଣୟ ହେବାରୁ ସେ ବଉଡର ସିଡ଼ି କରି ଦୋମହଲାର ଝରକାରେ ଲଗାଇ ତଳକୁ ଓହ୍ଲାଇ ସିପାହି ସଙ୍ଗେ ଆଳାପ କରୁଥିଲେ । ଏହା ଦୁଇଜଣ ଦାସୀ ଦେଖି ରାଜାଙ୍କ ତତ୍‌କ୍ଷଣାତ୍ ଜଣାଇବାରେ ରାଜା ଆସି ରାଣୀଙ୍କୁ ଧରି ନେଇ ଯାଇ ଘର ମାଡ଼ ମାଇଲେ । ମାଡ଼ ପ୍ରକୋପରେ ଦୁଇ ଏକଦିନେ ରାଣୀଙ୍କର କାଳ ହେଲା । ମୃତ ରାଣୀର ଭାଇ ପୋଲିଟିକ ଏଜେଣ୍ଟ ସାହେବଙ୍କଠାରେ ଏଥିର ସମ୍ବାଦ ଦେବାରୁ ସେ ମକଦ୍ଦମା ସାବ୍ୟସ୍ତ କରି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିଅଛନ୍ତି । ଉଦୟପୁର କ୍ଷୁଦ୍ର ରାଜଧାନୀ ହେଲେହେଁ ତାହା ଗବର୍ଣ୍ଣମେଣ୍ଟଙ୍କ ଅଧୀନ ନୁହେ । ଏ ସ୍ଥଳେ ଗବର୍ଣ୍ଣମେଣ୍ଟ କପରି ଏ ବିଷୟରେ ହସ୍ତକ୍ଷେପଣ କରିବେ ତହିଁର ତର୍କ ବିତର୍କ ଲାଗିଅଛି । ରାଜାଙ୍କର ଉକିଲ ଆପତ୍ତି କରିଅଛନ୍ତି ଯେ ଏ ମାମଲାରେ ହସ୍ତକ୍ଷେପଣ କରିବାର ଗବର୍ଣ୍ଣମେଣ୍ଟଙ୍କର ଅଧିକାର ନାହିଁ । ଏ ବିଷୟଟି ସୁବିଚାରପୂର୍ବକ ମୀମାଂସା କରିବାର ଉଚିତ ।

କଲିକତା ବ୍ରାହ୍ମସମାଜର ଶାରଦୀୟ ଉତ୍ସବ ଉପଲକ୍ଷେ ଶହେ ଜଣ ବ୍ରାହ୍ମ ଗୋଟିଏ ଜାହାଜରେ ବସି ସଙ୍କୀର୍ତ୍ତନ କରି ଗଙ୍ଗା ନଦୀରେ ଅନେକ ଦୂର ପର୍ଯ୍ୟନ୍ତ ଗଲେ । ଜାହାଜଟି ପୁଷ୍ପ ପଲ୍ଲବ ଓ ପତାକାରେ ସୁଶୋଭିତ ହୋଇଥିଲା । ସଙ୍କୀର୍ତ୍ତନ ଏପରି ଉତ୍ତମ ହୋଇଥିଲା ଯେ ତାହା ଶୁଣିବା ପାଇଁ ଗଙ୍ଗା ତୀରରେ ଅନେକ ଲୋକ ସମାଗତ ହୋଇଥିଲେ । ସ୍ତ୍ରୀ ଲୋକମାନେ ମଧ୍ୟ ଆସିଥିଲେ ।

କଲିକତାରେ ଖ୍ରୀଷ୍ଟିୟାନମାନେ ମଧ୍ୟ ଏବର୍ଷ ନଗର କୀର୍ତ୍ତନ କରିଥିଲେ ।

କଲିକତା ନିବାସୀ ବାବୁ ତାରକନାଥ ପରାମାଣିକ ଦୁର୍ଗା ପୂଜା ଉପଲକ୍ଷରେ ପନ୍ଦର ସହସ୍ର ଭିକ୍ଷୁକଙ୍କୁ ଆହାରାଦି ଦାନ କରିଥିଲେ । ଧନ୍ୟ ତାଙ୍କର ପୂଜା ! କଲିକତାରେ ମଧ୍ୟ ନବମୀ ଦିନ ଭାରି ବୃଷ୍ଟି ହୋଇଥିଲା ।

କାଗଜ ନଳରେ ସୂତା ଡୋର ଲଗାଇ କଥାବାର୍ତ୍ତା ହେବାର ଯେ ଗୋଟିଏ ଖେଳ କେତେଦିନ ପୂର୍ବେ ଏଠାରେ ହୋଇଥିଲା ତାହା ବର୍ତ୍ତମାନ ବଡ଼ କାର୍ଯ୍ୟକର ବ୍ୟବସାୟ ହୋଇଅଛି । ତହିଁର ନାମ ଟେଲିଫନ୍ । ଏଥିରେ ଅନେକ

Digitized by srujanika@gmail.com

Split by PDF Splitter

196



ଦୂର ପର୍ଯ୍ୟନ୍ତ କଥାବାର୍ତ୍ତା ଚଳୁଅଛି । ସମ୍ପ୍ରତି କଲିକତାରେ ଟେଲିଫନ କମ୍ପାନି ସ୍ଥାପନ ହେବାର ପ୍ରସ୍ତାବ ହୋଇଅଛି ।

କୃଷ୍ଣନଗରରେ ସଂକ୍ରାମକ ଜ୍ୱରର ପ୍ରାଦୁର୍ଭାବ ହୋଇଅଛି । ଅନେକ ଲୋକ କଷ୍ଟ ଭୋଗ କରୁଅଛନ୍ତି ଓ କେହି୨ ମରି ପଡ଼ୁଅଛନ୍ତି ।

ଲାହୋର ଦରବାର ଆଗାମୀ ତା ୭ ରିଖରେ ଓ ତା ୧୨ ରିଖରେ କୃତ୍ରିମ ଯୁଦ୍ଧ ହେବ ।

ଅଯୋଧ୍ୟାରେ ଜଣେ ପୁରୁଷ ସମସ୍ତଙ୍କ ଅଗୋଚରରେ ନିଜେ ଚିତା ସଜାଡି ସେହି ଯୁଇରେ ଆତ୍ମବିସର୍ଜନ କରି ଅଛି । ଏ ଗୋଟିଏ ନୂଆ ଘଟନା ।

ଗତବର୍ଷ ସମସ୍ତ ଇଯୁରୋପରେ ୭୦ ହଜାର ଲୋକ ଆତ୍ମ-ହତ୍ୟା କରିଅଛନ୍ତି । ଆମ୍ଭମାନଙ୍କ ଦେଶରେ ପ୍ରାୟ ସ୍ତ୍ରୀଲୋକ-ମାନେ ଆତ୍ମହତ୍ୟା କରନ୍ତି । ଇଯୁରୋପରେ ଅଧିକାଂଶ ପୁରୁଷ ଆତ୍ମହତ୍ୟା କରନ୍ତି ପରକାଳର ଅବିଶ୍ୱାସ ଓ ନାସ୍ତିକତା ଏଥିର ମୂଳ କାରଣ ଅଟେ ।

ଗତବର୍ଷ ବିଲାତରୁ ଭାରତବର୍ଷକୁ ୨୮ଲକ୍ଷ ଛତା ଆସିଥିଲା, ସେଥିର ମୂଲ୍ୟ ୨୫୦୦୦୦୦ ଲକ୍ଷ ଟଙ୍କା । ଭାରତବାସିମାନେ ଯେବେ ଏହି ମୋଟାବୁଦ୍ଧିର ଶିଳ୍ପକାର୍ଯ୍ୟଟି ଶିଖିଥାନ୍ତେ ତେବେ ପଚଶ ଲକ୍ଷ ଟଙ୍କା ସେହିମାନେ ପାଇଥାନ୍ତେ ।

୧ । ଷ୍ଟାଣ୍ଡାର୍ଡ ସମାଗ୍ରରୁ ଅବଗତ ହେଲୁଁ ବିଲାତର ଏକ ନବ ୨ବର୍ଷ ମଧ୍ୟରେ ସାତୋଟି ସନ୍ତାନ ପ୍ରସବ କରିଅଛି । ସତେ ! ଏତ ବଡ଼ଭାରୀ ଲୁଣ୍ଟ ଦିଲୁ ବଳିଗଲା ।

୨ । ପାରସ୍ୟ ଦେଶରେ ବିଲକ୍ଷଣ ଗୋଳମାଳ ଆରମ୍ଭ ହୋଇଅଛି । ପ୍ରାନ୍ତ ଦେଶର ଦୁଇ ପାର୍ଶ୍ୱରୁ କୁର୍ଦ୍ଦମାନଙ୍କର କାକାକାତର ପ୍ରାୟ ୧୫୦୦୦ ଲୋକ ଏକଦଳ ହୋଇ ମାକବାଲୁକ ଛେଲି ଏବଂ ନଗର ବଳପୂର୍ବକ ଦଖଲ କରି ନେଇ ଅଛନ୍ତି ଏବଂ ପାରସ୍ୟର କର୍ତ୍ତୃପକ୍ଷଗଣ ସେଠାରୁ ପଳା-ୟନ କରିଅଛନ୍ତି । କୁର୍ଦ୍ଦଗଣ ବର୍ତ୍ତମାନ ମାସ୍କାଜାମକ ନଗ-ରର ନିକଟବର୍ତ୍ତୀ ସ୍ଥାନରେ ପହୁଞ୍ଚି ଅଛନ୍ତି ଏବଂ ସେଠାର କେତେକ ଖଣ୍ଡ ଗ୍ରାମ ଲୁଟ କରିଅଛନ୍ତି ।

୩ । ବମ୍ବେର ଗବର୍ଣ୍ଣର ଫରଗୁସନ ସାହେବ ଗୋଟିଏ ବଡ଼ମଜାର କଥା ବାହାର କରିଅଛନ୍ତି । ସେ ଯେତେବେଳେ ଗାଡିରେ କି ଘୋଡ଼ାରେ ଚଢ଼ି ବାଟକୁ ବାହାର ହେବେ, ସେତେବେଳେ କେହି ଗଲି ପାଇବେ ନାହିଁ । ଗାଡି ଘୋଡ଼ା ସବୁ ବନ୍ଦ ରହିବ । ସେ କୌଣସି ଦିଗରେ ରାଜପଥ ବାଟେ ଯିବେ ସେଠାପାଇଁ ଏପରି ନିୟମ ହୋଇଅଛି । ଆମ୍ଭମାନ-ଙ୍କର ବଡ଼ ଲାଟ କଲିକତାରେ ଏ ନିୟମ କରନ୍ତି ନାହିଁ । ସାହେବଙ୍କର ନବାବୀ ଚଳନ ମନ୍ଦ ନୁହେ ।

୪ । ନାଇନିତାଲର ଦୁର୍ଘଟନା ହେବାରୁ ଉତ୍ତର ପଶ୍ଚିମା-ଞ୍ଚଳର ଲେଟ ଲାଟ ବଡ଼ ବିପଦରେ ପଡିଅଛନ୍ତି । ତାଙ୍କର କଡ଼ି ସାଧର ଘରଟି ଦୁଇଲକ୍ଷ ଟଙ୍କାରେ ସମ୍ପ୍ରତି ତିଆର ହୋଇଥିଲା ତାହା ଯାଇଅଛି ଅଗାମୀ ବର୍ଷରୁ ମସୁରି ପାହାଡ଼ରେ ବିହାର କରିବାକୁ ସଂକଳ୍ପ କରିଅଛନ୍ତି । ସାହେ-ବମାନଙ୍କର କି ସୁଖ !

ପୂର୍ବେ ଶୁଣା ଯାଇଥିଲା ଯେ ନେପାଳର ମହାରାଜା ତୀର୍ଥପର୍ଯ୍ୟଟନ ସକାଶେ ଆସିବେ ବର୍ତ୍ତମାନ ଜଣାଗଲା କି ତା-ଙ୍କର ମନ୍ତ୍ରୀ ସର ରଣଜିତସିଂହ ତୀର୍ଥପର୍ଯ୍ୟଟନ ସକାଶ ପୁରୀ ରାମେଶ୍ୱର, ଦ୍ୱାରକା ପ୍ରଭୃତି ସ୍ଥାନମାନ ଦର୍ଶନ କରିବେ । ତା ୧୦ ରିଖ ଡିସେମ୍ବରରେ କଲିକତାରେ ପହୁଞ୍ଚି ଗବର୍ଣ୍ଣର-ଜେନେରେଲଙ୍କ ସହିତ ସାକ୍ଷାତ କରିବେ ସେଠାରୁ ଷ୍ଟିମର ଯୋଗେ ପୁରୀ ଯିବେ ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଗତ ତା ୯ ରିଖ ଅକ୍ଟୋବର ଓ ଗତ ତା ୩୦ ରିଖ ଅକ୍ଟୋବରର ଉତ୍କଳଦୀପିକା ମଧ୍ୟରେ ଆ-ମ୍ଭର ଯେଉଁ ଦୁଇଖଣ୍ଡି ପ୍ରେରିତପତ୍ର ବାହାର ହୋଇଅଛି ତନ୍ମଧ୍ୟରେ ନିମ୍ନଲିଖିତ କେତେ-ଗୋଟି କଥା ଆମ୍ଭର ଜାଣିବାରେ ଭୁଲ ସଂଶୋ-ଧନ କରି ଦେଉଅଛୁଁ । ଅନୁଗ୍ରହପୂର୍ବକ ପ୍ରକାଶ କଲେ ବାଧିତ ହେବୁଁ ।

ଯଥା; (୧) ଡାକ୍ତର ଷ୍ଟିୱାର୍ଟ ସାହେବ ବୁଟାନିକ ପୁସ୍ତକ ଇତ୍ୟାଦି ସ୍ଥାନରେ, କେମିଷ୍ଟ୍ରି ପ୍ରଭୃତି ପାଠ ଦେଇଥାନ୍ତି ହେବ । (୨) ବାବୁ ରାଧାନାଥ ରାୟଙ୍କର ପ୍ରଥମ ବୁକ୍ କ୍ଷେତ୍ରତତ୍ତ୍ୱ ନର୍ମ୍ୟାଲ ସ୍କୁଲରେ ନୁହେ, ସମସ୍ତ କ୍ଷୁଦ୍ର୨ ସ୍କୁଲ-ରେ ପ୍ରଚଳିତ ହେବ; (୩) ଚତୁର୍ଥ ବୁକ୍ ପର୍ଯ୍ୟନ୍ତ କ୍ଷେତ୍ରତତ୍ତ୍ୱ ନୁହେ, ତୃତୀୟ ବୁକ୍ ପର୍ଯ୍ୟନ୍ତ ହେବ; (୪) ରାମବିଳାସ ସମ୍ବନ୍ଧରେ ଆମ୍ଭର ଭିନ୍ନରୂପ ମତ, ସାହିତ୍ୟ ମଧ୍ୟରେ ପରିଗଣିତ ଥିଲା ବୋଲି ଆମ୍ଭେ ଉଲ୍ଲେଖ କରିଅଛୁଁ ।

୫।୧୧।୮୦ } ବଶମ୍ବଦ
କଟକ } ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ।

## ବିଜ୍ଞାପନ ।

### କଟକ ମିଉନିସିପାଲିଟୀ ।

ଅତ୍ର ମିଉନିସିପାଲିଟୀରେ ଜାରିଥିବା ଉପବିଧିର ଦ ୭ ଧା ଅନୁସାରେ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯଦି କାହାର ଘର ମଧ୍ୟରେ କୌଣସି ପଶୁ ମରେ ତେବେ ଦିନବେଳେ ମଲେ ମରିବା ସମୟରୁ ସ ୭ ଘା ମଧ୍ୟରେ ଓ ରାତିରେ ମଲେ ସୂର୍ଯ୍ୟୋଦୟ ପର ଦୁଇ ଘଣ୍ଟା ମଧ୍ୟରେ ପଶୁ ସ୍ୱାମୀ ଆପଣା ଖର୍ଚ୍ଚରେ ମୃତ ପଶୁକୁ ତଳଲେଖିତ ନିରୂପିତ ସ୍ଥାନମାନଙ୍କରେ ପୋତି ଆସିବେ ।

୧ ଯୋବ୍ରା ନିକଟସ୍ଥ କାଉଖାଇ ।
୨ ଖାନନଗର ମଇଦାନ ।
୩ ସତିଚଉରା ।
୪ ଫୁଲସିଂହ ନିକଟ ସନସାହିତୋଟା ।

ଏତଦ୍ଭିନ୍ନ ଗ୍ରୀଷ୍ମ ଓ ଶୀତକାଳମାନଙ୍କରେ ମିଉନିସିପା-ଲିଟୀ ସୀମା ବାହାରେ ମହାନଦୀ ଓ କାଠଯୋଡ଼ିନଦୀ କା-ନ୍ଦରେ ମଧ୍ୟ ପୋତି ପାରିବେ ।

ଯଦି କେହି ଉପରଲେଖିତ ସମୟ ମଧ୍ୟରେ ଆପଣା ଖର୍ଚ୍ଚରେ ଉକ୍ତ ସ୍ଥାନମାନଙ୍କୁ ମୃତ ପଶୁ ପଠାଇ ନ ପାରିବେ ତେବେ ସେ ଆପଣା ନିକଟବର୍ତ୍ତୀ କନ୍‌ସର୍ଭେନ୍‌ସି ସବ ଓଭରସିୟର କି ଜମାଦାରଙ୍କୁ ଉକ୍ତ ସମୟ ମଧ୍ୟରେ ଜଣାଇବେ ଯେ ସେମାନେ ତତ୍‌କ୍ଷଣାତ୍ ଆପଣା ନଫର ଗାଡି ବା ଅନ୍ୟ ଉପାୟଦ୍ୱାରା ଉକ୍ତ ମୃତ ପଶୁକୁ ନିରୂପିତ ସ୍ଥାନକୁ ଉଠାଇ ନେବେ ଏରୂପ ସ୍ଥଳେ ତଳଲେଖିତ ମତେ ଖର୍ଚ୍ଚା ଆଦାୟ କରିଯିବ ଯଥା

| | |
|---|---|
| ପ୍ରତ୍ୟେକ ହସ୍ତୀ ନିମନ୍ତେ | ଟ ୫୧ |
| ଓଟ | ଟ ୩୧ |
| ଘୋଟକ ( ଉ ୫୨ ଇଞ୍ଚରୁ ବେଶି ଉଚ୍ଚ ) | ଟ ୨୧ |
| ମହିଷୀ | ଟ ୧ ୯ |
| ଟାଟୁ ( ଉ ୪୪ ଇଞ୍ଚରୁ ବେଶି ଉଚ୍ଚ ) | ଟ ୧୧ |
| ଟାଟୁ ( ଉ ୪୪ ଇଞ୍ଚରୁ କମି ଉଚ୍ଚ ) | ଟ ୦ ୩ |
| ଗାଈ ଓ ଷଣ୍ଢ ଓ ବଳଦ | ଟ ୦ ୩ |
| ବଳଦ ଓ ଗାଈ | ଟ ୦ । |
| ବାଛୁରି ମେଣ୍ଢା ଓ ଛେଳି | ଟ ୦ ⌡ |
| କୁକୁର | ଟ ⌡ ୦ |
| ବଘଡ଼ୀ ଓ ଅନ୍ୟାନ୍ୟ ପଶୁ | ଟ ୦ / |

ଏ ସମସ୍ତ ବିଷ ଲଙ୍ଘନରେ ଟ ୧୦୧ କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ହୋଇ ପାରିବ ।

ତା ୨୨ ରିଖ ମାହେ } By order of the Vice Chairman
ଅକ୍ଟୋବର ସନ ୮୮୦ } KHETTRA MOHUN ROY
ମସିହା } *Town Overseer*

ଜଲେ ମୌଲମିନର ଶ୍ରୀଯୁତ ଜଜ ସାହେବଙ୍କ ଅଦାଲତରୁ ଯେହେତୁ ଜିଲା କଟକ ମୌଜେ କଣକା ନିବାସୀ ରାଜବନ୍ଧୁ ସାମନ୍ତ ପୁତ୍ର ମଧୁନାୟକ ମୌଲମିନରେ ଇନ୍ତିକାଲ ହୋଇ ମରିଯାଇ ଅଛି ଅତଏବ ଏଥିଦ୍ୱାରା ପ୍ରକାଶ କରି ଯାଉଅଛି କି ଯଦି କୌଣସି ବ୍ୟକ୍ତି ମୃତବ୍ୟକ୍ତିର ତ୍ୟାଗୀୟ ମାଲ ପ୍ରତି କିଛି ଦାବି ରଖୁଥାଏ କିମ୍ବା ତାହାର ଓୟାରିସ ଓ ହକଦାର ଥିବ ତେବେ ସେ ବ୍ୟକ୍ତି ବିଜ୍ଞାପନ ଜାରି ତାରିଖରୁ ମା୧୨ସ ମିଆଦ ମଧ୍ୟରେ ଆପଣା ଦାବି ଜିଲା ମୌଲମିନର ଶ୍ରୀଯୁକ୍ତ ଜଜସାହେବଙ୍କ ଅଦାଲତରେ ଅଗତ କରି ପ୍ରମାଣ କରିଦେଲେ ଉକ୍ତ ମାଲ ତାକୁ ଦିଆଯିବା ପ୍ରତି ବହିତ ହୁକୁମ ହେବ ଉକ୍ତ ମିଆଦ ମଧ୍ୟରେ ଦାବି ଅଗତ ନ ହେଲେ ପଶ୍ଚାତ୍ ତାହାର ଆପତ୍ତି ଗ୍ରାହ୍ୟ ହେବ ନାହିଁ ତା ୨୫ ଶ ଜୁନ ୧୮୮୦ ମସିହା ।

By order of the Court
J. DOUGLAS BAYLY
*Chief Clerk.*

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍!

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକ-ଟରେ ତଳଲିଖିତ ଦରରେ ମିଳି ପାରେ ଯଥା;—

ଛାକମାତ୍ରର ସହିତ ୪ ଆଉନ୍‌ସର ଟ୨୧୦ । ୮ଆଉନ୍‌ସର ଟ୧୯୦ । ୧୬ ଆଉନ୍‌ସର ୨୦୩ । ମୂଲ୍ୟ ନଗଦ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବ୍ରଜମୋହନ ପଣ୍ଡା | କଟକ | ବଲିଗ୍ରୁ | ଟ ୩୧ |
| ମୁନ୍‌ସି ଅଛନ ଖାନ୍ | „ | „ | ଟ ୧୧ |
| ବାବୁ ଗଜାଧର ଅଗ୍ରୱାଲ | ଅଷ୍ଟଅପଦା | ଅସ୍ଥିନ | ଟ ୧୧ |
| „ ଷ୍ଟ୍ୟୁ ସାହୁ | କଟକ | ବଲିଗ୍ରୁ | ଟ ୨୧ |

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୭ ରିଖ ମାହେ ନବମ୍ବର ସନ ୧୮୮୦ ମସିହା ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

କେତେକ ଦିନ ହେଲା ଦୀନବାବୁ ଦୀପିକାରେ ଆସି ନାଟ ଲଗାଇଅଛନ୍ତି । ଓଡିଶାର ଜଏଣ୍ଟ ଇନ୍‌ସ୍ପେକ୍ଟର ରାଧାନାଥ ବାବୁ ଓ ଦୀନହୀନ କୃପାଯୋଗ୍ୟ ଓଡ଼ିଆ ଗ୍ରନ୍ଥଚୟର ରଚୟିତା ଓ ଭାବୀ ରଚୟିତାମାନେ ତାଙ୍କ ଲେଖନୀର ପିତୁଳା ହୋଇଅଛନ୍ତି । ବିଶେଷତଃ ଓଡ଼ିଆଭାଷାର ନବଜାତ 'ପ୍ରବନ୍ଧମାଳା' ଓ ଗର୍ଭସ୍ଥିତ 'ହିନ୍‌କୋନ୍‌ମିଷ୍ଟ' ପ୍ରଭୃତି ସାଧାରଣ ବୁଦ୍ଧି ବିଦ୍ୟାର ଅଗମ୍ୟ ଶାସ୍ତ୍ରମାନଙ୍କୁ ଯେନ ବିଶେଷ ଓଟ୍‌ସ୍ୱଓଟର ଲଗାଇଅଛନ୍ତି । ତାଙ୍କ ବିବେଚନାରେ ପ୍ରବନ୍ଧମାଳା ପାଇଁ ଆଦୌ ପୁରସ୍କାର ଦେବାର ପ୍ରୟୋଜନ ନ ଥିଲା ଓ ପୁସ୍ତକ ପୁରସ୍କାର ପାଇବାର ମଧ୍ୟ ତାଦୃଶ ଉପଯୁକ୍ତ ନୁହେ ଏବଂ ବୈଜ୍ଞାନିକ ପୁସ୍ତକମାନଙ୍କୁ 'ଅନୁବାଦ' କରିବା ସକାଶେ ସାଧାରଣଙ୍କୁ ସୁବିଧା ଦେବାର ଉଚିତ ଓ ପୁସ୍ତକ ରଚନାର ସମୟ ଏକବର୍ଷରୁ ନ୍ୟୂନ ନ ହେବାର ଆବଶ୍ୟକ । ବର୍ତ୍ତମାନ ଦେଖାଯାଉ ଯେ ଉଲ୍ଲିଖିତ ବିଷୟମାନଙ୍କରେ ଦୀନବାବୁ ଯାହା୨ କହିଅଛନ୍ତି ସେ ସବୁ କେତେଦୂର ଯୁକ୍ତିଯୁକ୍ତ ।

ପ୍ରବନ୍ଧମାଳାପରି ଖଣ୍ଡେ ସାହିତ୍ୟପୁସ୍ତକ ସକାଶେ ଆଦୌ ପୁରସ୍କାର ଯାଚିବାର ଆବଶ୍ୟକତା ଥିଲା କି ନାହିଁ ଏ ବିଷୟର ବିଚାର କିୟତ୍କାଳ ସକାଶେ ସ୍ଥଗିତ ରଖି, ପ୍ରବନ୍ଧମାଳା ପୁସ୍ତକ ଖଣ୍ଡିକ ( ଯେପରି ବର୍ତ୍ତମାନ ମୁଦ୍ରିତ ହୋଇ ପ୍ରକାଶିତ ହୋଇଅଛି ) ପୁରସ୍କୃତ ହେବାର ଯୋଗ୍ୟ କି ନା ଏହା ବିଚାର କଲେ ଅପକ୍ଷପାତୀ ବିଚାରକ ମାତ୍ରକେ ମୁକ୍ତକଣ୍ଠରେ ସ୍ୱୀକାର କରିବେ ଯେ ସତ୍ପାତ୍ରରେ ପୁରସ୍କାର ପ୍ରଦତ୍ତ ହୋଇଅଛି । ପ୍ରବନ୍ଧମାଳାର ରଚୟିତା ପୁରସ୍କାର ପାଇବାର ଯୋଗ୍ୟତା ବିରୁଦ୍ଧରେ ଦୀନବାବୁ ଯେଉଁ ଯୁକ୍ତିମାନ ଦେଖାଇ ଅଛନ୍ତି ତାହା କାର୍ଯ୍ୟକର ନୁହେ ।

ଦୀନବାବୁଙ୍କର ଏକ ଯୁକ୍ତି ଏହି ଯେ ଉକ୍ତ ପୁସ୍ତକ ଏକ ଅନୁବାଦିତ ଗ୍ରନ୍ଥ ଅଟେ, ମାତ୍ର ଏହା ବାବୁ ମହାଶୟଙ୍କର ଭ୍ରମ ବୋଲିବାକୁ ହେବ, ଯେହେତୁ ଏଥିର ପ୍ରବନ୍ଧଚୟ କୌଣସି ପୁସ୍ତକବିଶେଷରୁ ଅବା ପୁସ୍ତକ ସମଷ୍ଟିରୁ ଅନୁବାଦିତ ହୋଇ ନାହିଁ । ଅବଶ୍ୟ ଗ୍ରନ୍ଥକାର ଭିନ୍ନ୨ ଇଂରାଜୀ ଗ୍ରନ୍ଥମାନଙ୍କରୁ ଭାବ ସଂଗ୍ରହ କରିଅଛନ୍ତି ଓ ସେ ଭାବମାନଙ୍କୁ ନିଜର ଭାବ ସଙ୍ଗେ ମିଶାଇ ନବପରିଚ୍ଛଦ ଦେଇ ଏକଗ୍ରନ୍ଥ ପ୍ରସ୍ତୁତ କରିଅଛନ୍ତି । ସେଥିସକାଶେ ମଧୁବାବୁଙ୍କ ଗ୍ରନ୍ଥକୁ ଅନୁବାଦିତ ଗ୍ରନ୍ଥ ବୋଲିଯାଇ ନ ପାରେ । ଦୀନବାବୁଙ୍କ ଅଭିଧାନରେ ଯଦି ଏପରି ଗ୍ରନ୍ଥକୁ ଅନୁବାଦିତ ଗ୍ରନ୍ଥ ବୋଲିଯିବ ତାହା ହେଲେ ମିଲ୍‌ଟନ ରଚିତ ପାରାଡାଇଜଲଷ୍ଟ, କାଳୀଦାସ ରଚିତ ଶକୁନ୍ତଳା, ଉପେନ୍ଦ୍ର ରଚିତ ବୈଦେହୀଶବିଳାସ, ଅକ୍ଷୟକୁମାର ରଚିତ ଚାରୁପାଠ, ଓ ସ୍ୱୟଂ ଦୀନବାବୁ ରଚିତ ତତ୍ତ୍ୱନିର୍ଣ୍ଣୟକୁ, ଅନୁବାଦିତ ଗ୍ରନ୍ଥ ବୋଲିବାରେ ଦୋଷ କି ଅଛି ? ଦୀନବାବୁଙ୍କର ଅନ୍ୟ ଯୁକ୍ତି ଏହି ଯେ ଚାରୁପାଠ, ଶକୁନ୍ତଳା, ସୀତାବନବାସ, କାଦମ୍ବରୀ, ରାମବିଳାସ ପ୍ରଭୃତି ପୁସ୍ତକମାନ ଅପେକ୍ଷା ପ୍ରବନ୍ଧମାଳା କୌଣସି ପ୍ରକାରରେ ଉତ୍କୃଷ୍ଟ ପୁସ୍ତକ ନୁହେ । ଆମ୍ଭେ ପ୍ରଶ୍ନ କରୁଁ ଦୀନବାବୁ ଉକ୍ତ ସମସ୍ତ ପୁସ୍ତକକୁ ସ୍ୱୟଂ ପଢ଼ି ଓ ପରସ୍ପରରେ ତୁଳନା କରି ନା କେବଳ ଅନ୍ୟ ମୁଖରୁ ଶୁଣି ଏହିପରି ଉପସଂହାରରେ ଉପସ୍ଥିତ ହୋଇଅଛନ୍ତି ? ଆମ୍ଭର ସନ୍ଦେହ ହୁଏ ଦୀନବାବୁ ସ୍ୱୟଂ ଉକ୍ତ ସମସ୍ତ ଓଡ଼ିଆ ପୁସ୍ତକକୁ ଭିନ୍ନ୨ କରି ପଢ଼ି ନାହାନ୍ତି । ଆମ୍ଭେ ଅସ୍ୱୀକାର କରୁ ନାହୁଁ, ଯେ ପ୍ରବନ୍ଧମାଳା ଦୋଷଶୂନ୍ୟ ପୁସ୍ତକ ହୋଇ ନାହିଁ ତଥାପି ଏଥିର ଲିଖନରୀତି ଓ ସଂକଳନ ଯେଉଁ ବିଷୟବୈଚିତ୍ର୍ୟ ଓ ସୁରୁଚି ଓ ତେଜସ୍ୱିତା ଓ ଉଚ୍ଚନୀତିପ୍ରବଣତାର ଅନୁଗାମୀ ହୋଇ ସମ୍ପାଦିତ ହୋଇଅଛି, ସେସବୁ ବିବେଚନା କଲେ ଚାରୁପାଠ ଛଡ଼ା କାଦମ୍ବରୀ ପ୍ରଭୃତି ଅନ୍ୟାନ୍ୟ ଗ୍ରନ୍ଥ ସଙ୍ଗେ ଏହାକୁ ତୁଳନା କରିବା ଅନ୍ୟାୟ । ପୁନଶ୍ଚ ଅନୁବାଦିତ ଚାରୁପାଠର ଓଡ଼ିଆ ଭାଷା, ପ୍ରବନ୍ଧମାଳାର ଭାଷା ଅପେକ୍ଷା, ଉତ୍କୃଷ୍ଟତର ନୁହେ । ସୁତରାଂ ବର୍ତ୍ତମାନ ପ୍ରବନ୍ଧମାଳାକୁ ସବୁଆଡୁ ବିଚାର କଲେ ଓଡ଼ିଆ ସାହିତ୍ୟରେ ସର୍ବୋତ୍କୃଷ୍ଟ ସାହିତ୍ୟ ଗ୍ରନ୍ଥ ବୋଲିବାକୁ ହେବ । ଉକ୍ତ ଦୁଇ ଯୁକ୍ତି ଛଡ଼ା ଦୀନବାବୁ ଅନ୍ୟ ଦୁଇ ଅପୂର୍ବ ଯୁକ୍ତି ଦର୍ଶାଇଅଛନ୍ତି । ତନ୍ମଧ୍ୟରୁ ପ୍ରଥମ ଏହି ଯେ ଓଡ଼ିଶାର ଉଚ୍ଚଶ୍ରେଣୀର ପାଠୋପଯୋଗୀ ସାହିତ୍ୟ ଗ୍ରନ୍ଥ ସକାଶେ ଯାଚିତ ପୁରସ୍କାର ପାଇବା ପାଇଁ ଅନ୍ୟ କେହି ବ୍ୟକ୍ତି ମଧୁବାବୁଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇ ନାହିଁ । ମାତ୍ର ଆମ୍ଭେ ପଚାରୁଁ ସେହିତା କି ମଧୁବାବୁଙ୍କର ଦୋଷ ? ଦୀନବାବୁ ତର୍କ କରନ୍ତି ଯେ ଖଣ୍ଡେ ଉତ୍କୃଷ୍ଟ ସାହିତ୍ୟଗ୍ରନ୍ଥ ଲେଖିବା ସକାଶେ ଛମାସ ସମୟ ସ୍ୱଳ୍ପସମୟ ଅଟେ ଓ ମଧୁବାବୁ ରାଧାନାଥ ବାବୁଙ୍କର ବନ୍ଧୁ ଥିବା ଯୋଗୁଁ କେହି ପ୍ରତିଯୋଗିତା କରିବାକୁ ଅଗ୍ରସର ହେଲେ ନାହିଁ । ଦୀନବାବୁଙ୍କର ଏପରି ତର୍କଦ୍ୱାରା ମଧୁବାବୁଙ୍କର ରଚିତ ପୁସ୍ତକ କୌଣସି ପ୍ରକାରେ କ୍ଷତିଗ୍ରସ୍ତ ହୋଇ ପାରୁନାହିଁ, ଯେହେତୁ ତଦ୍ଦ୍ୱାରା ଆଲୋଚିତ ଗ୍ରନ୍ଥ ଅକର୍ମଣ୍ୟ ଓ ଅନୁତ୍କୃଷ୍ଟ ହୋଇଅଛି ବୋଲି ପ୍ରକାଶ ପାଉ ନାହିଁ ମଧ୍ୟ ଛମାସ, ଆମ୍ଭ ବିବେଚନାରେ ଖଣ୍ଡେ ଓଡ଼ିଆ ସାହିତ୍ୟ ଗ୍ରନ୍ଥ ସକାଶେ ଯଥେଷ୍ଟ ସମୟ ଅଟେ । ପୁଣି ରାଧାନାଥ ବାବୁଙ୍କ ଡରରେ ମଧୁବାବୁଙ୍କର କେହି ପ୍ରତିଦ୍ୱନ୍ଦ୍ୱୀ ନ ହେଲେ ଏହା, ଆମ୍ଭେ ଯେତେଦୂର ଜାଣୁ ସମ୍ପୂର୍ଣ୍ଣ ଅଳୀକ ଘଟନା ! ଅଥବା ଦୀନବାବୁଙ୍କ ଲେଖିବା ଅନୁସାରେ ଏହା ଯଦି ସତ୍ୟ ହୁଏ ତହା ହେଲେ ଏଦେଶୀୟ ଲୋକଙ୍କୁ ଅତି ଭୀରୁ ଓ କାପୁରୁଷ ବୋଲିବାକୁ ହେବ । ପୁଣି ସେଥି ସକାଶେ ରାଧାନାଥବାବୁ କି ମଧୁବାବୁ କୌଣସି ପ୍ରକାରେ ଦୋଷୀ ହୋଇ ନ ପାରନ୍ତି ମାତ୍ର ବାସ୍ତବିକ କେହି ପ୍ରତିଦ୍ୱନ୍ଦ୍ୱୀ ନ ହେବାର ଆମ୍ଭଙ୍କୁ ଏହିପରି ବିଶ୍ୱାସ ହୁଏ ଯେ ମୂଳରୁ ଓଡ଼ିଶାରେ ଲେଖାପଢ଼ାର ଚର୍ଚ୍ଚା ଅତି ଅଳ୍ପ, ଗ୍ରନ୍ଥଲିଖନ ସ୍ପୃହା ତହୁଁ ଊଣା । ପୁଣି ମଧୁବାବୁ ଲେଖୁଥିବାରୁ ତାଙ୍କ ଯୋଗ୍ୟତାରେ ଓଡ଼ିଶା ସାହିତ୍ୟ ସମାଜର ଏପରି ବିଶ୍ୱାସ ଅଛି ଯେ ତାଙ୍କ ସଙ୍ଗେ

Digitized by srujanika@gmail.com

Split by PDF Splitter



ପ୍ରତିଯୋଗିତାଚରଣ କରିବା ଓଡ଼ିଆ ଗ୍ରନ୍ଥକାରମାନେ ଅନାବଶ୍ୟକ ବିବେଚନା କଲେ । ଅନ୍ୟତର ଯୁକ୍ତି ଶେଷୋକ୍ତ ଯୁକ୍ତି ଅପେକ୍ଷା ଅପୂର୍ବତର ଅଟେ ତାହା ଏହି ଯେ ମଧୁବାବୁ ରଚିତ ପ୍ରବନ୍ଧମାଳାରେ ତାଙ୍କ ନିଜ ରଚିତ ଓ ଇତିପୂର୍ବ ଦର୍ପଣରେ ପ୍ରକାଶିତ ଗୋଟିକେତେ ପ୍ରବନ୍ଧ ସେ ସନ୍ନିବେଶିତ କରିଅଛନ୍ତି ମଧୁବାବୁଙ୍କର ଏଥିଁ ବଳ ଗୁରୁତର ପାପ ଆଉ କି ଅଛି କୌଣସି ବିଷୟର ପୁସ୍ତକ ରଚନା ସକାଶେ ପୁରସ୍କାର ଯାଚିତ ହେଲେ କେହି ଯେବିଷୟର ଆପଣଦ୍ୱାରା ବିଂଶତି ବର୍ଷ ପୂର୍ବ ରଚିତ ଗ୍ରନ୍ଥକୁ ପୁରସ୍କାର ପାଇବା ଆକାଂକ୍ଷାରେ ଉପସ୍ଥିତ କଲେ ଓ ତାଙ୍କ ଗ୍ରନ୍ଥ ଉତ୍କୃଷ୍ଟ ହେଲେ ତାଙ୍କୁ ଯେ ପୁରସ୍କାର ଦିଆ ଯାଇ ନ ପାରେ ଏହା କେଉଁ ଆଇନର କେଉଁ ଦଫାରେ ବା କେଉଁ ନୀତିଶାସ୍ତ୍ରରେ ମନା ଅଛି ଜାଣିବାକୁ ଔତ୍ସୁକ୍ୟ ରହିଲା ପୁଣି ପାନବାବୁ ଯେ ଲେଖି ଅଛନ୍ତି ପ୍ରବନ୍ଧମାଳାର ଦ୍ୱିତୀୟ ଅଧ୍ୟାୟର ଅଧିକାଂଶ ଉତ୍କଳଦର୍ପଣରୁ ଗୃହୀତ, ଏହା ସମ୍ପୂର୍ଣ୍ଣ ଅଯଥାର୍ଥ । ସେ ଅଧ୍ୟାୟରେ ଆଠୋଟି ପ୍ରବନ୍ଧ ମଧ୍ୟରୁ ଗୋଟିଏ ମାତ୍ର ଦର୍ପଣରୁ ନୀତ ହୋଇଅଛି, ପ୍ରଥମ ଅଧ୍ୟାୟରେ ମଧ୍ୟ ଅଧିକାଂଶ ନୂତନ ରଚିତ । ସୁତରାଂ ପାନବାବୁଙ୍କ ଯୁକ୍ତି ସବୁକୁ ତନ୍ନ ତନ୍ନ ପରୀକ୍ଷା କରି ଦେଖିଲେ ସେମାନ ଛିଡ଼ା ହୋଇ ରହି ପାରୁ ନାହିଁ । ଆଶା କରେଁ ପାନବାବୁ ବର୍ତ୍ତମାନ ନିଜର ଭ୍ରମ ବୁଝି ପାରିବେ । ଏହି ସ୍ଥଳେ ମଧ୍ୟ ସ୍ୱୀକାର କରିବାର ଆବଶ୍ୟକ ଯେ ଖଣ୍ଡିଏ ଉତ୍କଳ ସାହିତ୍ୟ ଗ୍ରନ୍ଥ ସକାଶେ ପୁରସ୍କାର ଯାଚିବା ବିଷୟରେ ପାନବାବୁ ଯାହା ଲେଖି ଅଛନ୍ତି ତାହା ଖଣ୍ଡନର ବିଶେଷ ଯୁକ୍ତି ଦେଖୁ ନାହୁଁ । ପୁରସ୍କାର ନ ଯାଚି କେବଳ ଉଚ୍ଚ ଶ୍ରେଣୀରେ ପୁସ୍ତକ ଚଳାଇବାର ଆଶା ଦେଇଥିଲେ ପ୍ରବନ୍ଧମାଳା ପରି ପୁସ୍ତକ ଯେ ଶୀଘ୍ର ନ ହେଉ ବିଳମ୍ବରେ ବାହାରି ପାରିଥାନ୍ତା ଏହା ଆମ୍ଭେ ବର୍ତ୍ତମାନ ଅବିଶ୍ୱାସ କରି ନ ପାରୁଁ ।

ବୈଜ୍ଞାନିକଶାସ୍ତ୍ରମାନଙ୍କ ସମ୍ବନ୍ଧରେ ପାନବାବୁ ଯେଉଁ ଯୁକ୍ତିମାନ ଦେଖାଇ ଅଛନ୍ତି ତାହା ଅଯଥାର୍ଥ ବୋଲି ବୋଧ ହେଉନାହିଁ ଏବଂ ଆପଣ ମଧ୍ୟ ଉକ୍ତ ଯୁକ୍ତିଚୟର କାର୍ଯ୍ୟକାରିତା ବିଷୟକୁ ଅନୁମୋଦନ କରିଅଛନ୍ତି, ମାତ୍ର ପାନବାବୁ ମୂଳଦୋଷ ଉପରେ ବିଶେଷ ଯୁକ୍ତି ଦର୍ଶାଇ ନାହାନ୍ତି । ଆଶା କରେଁ ପାନବାବୁ ଓ ଆପଣ ଓ ସର୍ବସାଧାରଣ ଏହି ମତରେ ଏକମତ ହେବେ ଯେ ବୈଜ୍ଞାନିକ ଶାସ୍ତ୍ରମାନଙ୍କ ପାଇଁ ବର୍ତ୍ତମାନ ଦେଶର ଗୁଡ଼ିଏ ଟଙ୍କା ବ୍ୟୟ କରାଇବା ରାଧାନାଥ ବାବୁଙ୍କ ପକ୍ଷରେ ଶୋଭନୀୟ ହୋଇ ନାହିଁ ବର୍ତ୍ତମାନ ଓଡ଼ିଶାରେ ଏହି ସମସ୍ତ ଶାସ୍ତ୍ରମାନଙ୍କ ଅଭାବରୁ ଶିକ୍ଷାର ଅଣୁମାତ୍ର କ୍ଷତି ଘଟିବାର ଜଣା ଯାଉ ନାହିଁ । ତ୍ରିକୋଣମିତି ଓ ବୀଜଗଣିତ ଓ ଉଦ୍ଭିଦବିଦ୍ୟା ଓ କ୍ଷେତ୍ରତତ୍ତ୍ୱର ଶେଷ କେଇ ଅଧ୍ୟାୟ ( ଯେହେତୁ ପ୍ରଥମ ତିନି କି ଚାରିଅଧ୍ୟାୟ ଓଡ଼ିଆରେ ସଙ୍କଳିତ ହୋଇଅଛି ) ଏହି କେତେକଖଣ୍ଡ ପୁସ୍ତକ ଆମ୍ଭେ ପଚାରୁଁ ବର୍ତ୍ତମାନ ପ୍ରସ୍ତୁତ ହେଲେ କି ବିଶେଷ ଲାଭ ହେବ ? ଏ ସବୁ ପାଠକ ଓଡ଼ିଶାରେ ଆଜି କାଲି କେତେ ଜଣ ? ଯେଉଁ ଅଳ୍ପ ସଂଖ୍ୟକ ଲୋକଙ୍କର ସ୍ପୃହା ହୋଇଅଛି ଅବା ହେଉଅଛି ଅବା ହେବ ( ମାତ୍ର କାହାରିତ ଦେଖା ନ ଯାଏ ) ସେମାନେ ଅନାୟାସରେ ଇଂରାଜୀ ଓ ବଙ୍ଗଳାଗ୍ରନ୍ଥ ସାହାଯ୍ୟରେ ପଢ଼ି ଅଛନ୍ତି, ବା ପଢ଼ୁ ଅଛନ୍ତି ବା ପଢ଼ିବେ ଯଦି ବୋଲ ଯେ ନର୍ମାଲ ସ୍କୁଲରେ ପଣ୍ଡିତମାନେ ପଢ଼ି ପଣ୍ଡିତପଦ ଯୋଗ୍ୟ ହେବେ ତେବେ ପଚାରୁଁ ନର୍ମାଲସ୍କୁଲରେ ବା କେତେ ଜଣ ପଣ୍ଡିତ ଏହି ଶାସ୍ତ୍ରମାନ ପାଠ କରିବେ ? ବୋଧହୁଏ ୨୦।୨୫ ଜଣରୁ ଅଧିକ ନୁହେ । ଏହି କେତେକ ଜଣଙ୍କ ପାଇଁକି ଏତେଟଙ୍କା ବ୍ୟୟ କରାଇବାର ଉଚିତ । ସେଥିରେ ପୁଣି ଆବଶ୍ୟକୀୟ ପଣ୍ଡିତଙ୍କ ଅପେକ୍ଷା ଉତ୍ତୀର୍ଣ୍ଣ ପଣ୍ଡିତଙ୍କ ସଂଖ୍ୟା ଅଧିକ ହୋଇଅଛି । ନର୍ମାଲସ୍କୁଲ ରହେ କି ନ ରହେ ଏ ବିଷୟରେ ମଧ୍ୟ ଗବର୍ଣ୍ଣମେଣ୍ଟଙ୍କର ନାନାସମୟରେ ନାନାମତ ଦେଖାଯାଏ ସୁତରାଂ ଏହିଗ୍ରନ୍ଥମାନଙ୍କ ପାଇଁ ଅନର୍ଥକ ଟଙ୍କା ନଷ୍ଟ ନ କଲେ ରାଧାନାଥବାବୁ ପ୍ରଶଂସାର ଯୋଗ୍ୟ ହେବେ । ଏଣୁକରି ନିବେଦନ କରୁଁ ରାଧାନାଥ ବାବୁ ଉକ୍ତ ପୁସ୍ତକ ସବୁ ସକାଶେ ବୃଥା ବ୍ୟୟ କରାଇବାରୁ କ୍ଷାନ୍ତ ହେଉନ୍ତୁ ।

ଆପଣଙ୍କର ଅନୁଗତ
ହିତକଥା

☞ ମୂଳପତ୍ର ଦେଖ ।

Digitized by srujanika@gmail.com